

ଜୋକୋଭିକ୍‌ଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ | ୧୧

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଆଲିଆ ନାମ ବଦଳାଇଥିଲେ କିଆରା | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୭୮ | Vol. 20 No-78 | 9 JUNE 2023 FRIDAY BHUBANESWAR | ଶୁକ୍ରବାର, ୯ ଜୁନ୍ ୨୦୨୩ | ପୃଷ୍ଠା-୧୨ | ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଦୁର୍ଗ-ପୁରୀ ଏକ୍ସପ୍ରେସ୍‌ରେ ନିଆଁ

ନୂଆପଡ଼ା,୮।୬: ଦୁର୍ଗରୁ ପୁରୀ ଆସୁଥିବା ଏକ୍ସପ୍ରେସ୍ ଟ୍ରେନ୍‌ରେ ନିଆଁ ଲାଗିଥିବା ଖବର ମିଳିଛି। ଏସ୍‌ସି ବଗି ତଳେ ନିଆଁ ଦେଖି ଯାତ୍ରୀମାନେ ଘାବରେଇ ଯାଇଥିଲେ। ବ୍ରେକ୍ ବାଇଣ୍ଡିଂରେ ସ୍ପାର୍କିଂ ଯୋଗୁ ଏହି ନିଆଁ ଲାଗିଥିବା କୁହାଯାଉଛି। ତେବେ ଅଗ୍ନିଶମବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ସୂଚନା ମିଳିଛି।

### ୨୩ରୁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍, ଯାଞ୍ଚ କଡ଼ାକଡ଼ି

ଭୁବନେଶ୍ୱର,୮।୬(ଭାସ୍କର ନ୍ୟୁଜ): ଆସନ୍ତା ୨୩ ତାରିଖରୁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍‌ର କଡ଼ାକଡ଼ି ଯାଞ୍ଚ କରାଯିବ। ଏ ନେଇ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଯେଉଁମାନେ ପ୍ଲେଟ୍ ଲଗାଇ ନାହାନ୍ତି, ସେମାନେ ଧରା ପଡ଼ିଲେ ୫ହଜାରରୁ ୧୦ ହଜାର ପର୍ଯ୍ୟନ୍ତ ଜରିମାନା ଗଣିବେ। ଇ-ଚାଲାଣ ମାଧ୍ୟମରେ ଏହି ଜରିମାନା ଭରଣା କରିବେ ବୋଲି ସୂଚନା ଦିଆଯାଇଛି।

### ଅସୁସ୍ଥ ଦନ୍ତା ମୃତ

ଢେଙ୍କାନାଳ,୮।୬(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ଗୁଡ଼ିଲୋ କାଜୁ ଜଙ୍ଗଲରେ ଚିକିତ୍ସାଧୀନ ଥିବା ଦନ୍ତାର ମୃତ୍ୟୁ ଘଟିଛି। ଏହି ଦନ୍ତାଟି ଅସୁସ୍ଥ ହୋଇ ଦୀର୍ଘଦିନ ହେବ ଜଙ୍ଗଲରେ ପଡ଼ି ରହିଥିଲା।


### ଅଗ୍ନି ପ୍ରାଇମ୍ ମିସାଇଲର ସଫଳ ପରୀକ୍ଷଣ

ବାଲେଶ୍ୱର,୮।୬ (ଭାସ୍କର ନ୍ୟୁଜ): ଗୁରୁବାର ବାଲେଶ୍ୱରସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ଅତ୍ୟାଧୁନିକ ବାଲିଷ୍ଟିକ ମିସାଇଲ ଅଗ୍ନି ପ୍ରାଇମର ସଫଳ ପରୀକ୍ଷଣ କରାଯାଇଛି।

ସେନ୍‌ସେକ୍ସ: ୬୨,୮୪୮.୬୪
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୪୧.୬ ଡିଗ୍ରୀ
ସର୍ବନିମ୍ନ: ୨୮ ଡିଗ୍ରୀ

**୮।୬ର ମତାମତ**

ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟାକୁ ନେଇ ଉପୁଜୁଥିବା ଦ୍ୱନ୍ଦ୍ୱ ଦୂରହେବା ଉଚିତ୍ ନୁହେଁ କି?




**ଆଜିର ପ୍ରସଙ୍ଗ**

ଲଗାତାର ହାତୀ ମୃତ୍ୟୁ ଉପରେ ରୋକ୍ ଲଗାଯିବା ସମ୍ଭବପର କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ଯୁକ୍ତ ଦୁଇ କଳା, ଧନ୍ଦାମୂଳକ ଶିକ୍ଷା ରେଜଲ୍ଟ ପ୍ରକାଶିତ

# ବାଜି ମାରିଲେ ଛାତ୍ରୀ



ଭୁବନେଶ୍ୱର,୮।୬(ଭାସ୍କର ନ୍ୟୁଜ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଯୁକ୍ତ ଦୁଇ କଳା ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ ଗୁରୁବାର ଅପରାହ୍ନ ୪ଟାରେ ପ୍ରକାଶ ପାଇଛି। ଏଥିରେ ଛାତ୍ରୀମାନେ ଛାତ୍ରମାନଙ୍କୁ ପଛରେ ପକାଇ ବାଜି ମାରି ନେଇଛନ୍ତି। ଚଳିତ ବର୍ଷ କଳାରେ ପାସ ହାର ୭୮.୮୮ ପ୍ରତିଶତ ରହିଥିବା ବେଳେ ଧନ୍ଦାମୂଳକ ଶିକ୍ଷାରେ ପାସ ହାର ୬୭.୪୮ ପ୍ରତିଶତ ରହିଛି। ଯୁକ୍ତ ଦୁଇ କଳାରେ ଚଳିତ ବର୍ଷ ମୋଟ ୨ଲକ୍ଷ ୨୯ ହଜାର ୧୧୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୮୧ ହଜାର ୮୬୯ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୩୨,୭୮୨ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୩୨,୪୬୧ ଓ ତୃତୀୟ ଶ୍ରେଣୀରେ ୧,୧୬,୧୭୯ ଜଣ ପାସ କରିଛନ୍ତି। ଏହି ପରୀକ୍ଷାରେ ଛାତ୍ରଙ୍କ ପାସ ହାର ୭୦.୪୩ ପ୍ରତିଶତ ରହିଥିବା ବେଳେ ଛାତ୍ରୀଙ୍କ ପାସ ହାର ୮୫.୬୬ ପ୍ରତିଶତ ରହିଛି। ଅନ୍ୟପକ୍ଷରେ ଧନ୍ଦାମୂଳକ ଶିକ୍ଷାରେ ପାସ ହାର ୬୭.୪୮ ପ୍ରତିଶତ ରହିଛି। ଧନ୍ଦାମୂଳକ ଶିକ୍ଷାରେ ପ୍ରଥମ ଶ୍ରେଣୀରେ ୮୪୩, ଦ୍ୱିତୀୟ ଶ୍ରେଣୀରେ ୧୭୫୧ ଓ ତୃତୀୟ ଶ୍ରେଣୀରେ ୧୧୧୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରଙ୍କ ପାସ ହାର ୬୪.୨୩ ପ୍ରତିଶତ ରହିଥିବା ବେଳେ ଛାତ୍ରୀଙ୍କ ପାସ ହାର ୭୧.୧୦ ପ୍ରତିଶତ ରହିଛି। ଯୁକ୍ତ ଦୁଇ କଳାରେ ବାଲେଶ୍ୱରରେ ପାସ୍ ହାର ସର୍ବାଧିକ ୮୪.୯୭ ପ୍ରତିଶତ ରହିଥିବାବେଳେ ନବରଙ୍ଗପୁରରେ ସର୍ବନିମ୍ନ ପାସ୍ ହାର ୭୦.୭୪ ପ୍ରତିଶତ ରହିଛି। ସୂଚନାଯୋଗ୍ୟ ଯେ ଗତ ୩୧ ତାରିଖରେ ପରିଷଦ ପକ୍ଷରୁ ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ପରିଷଦ କାର୍ଯ୍ୟାଳୟରେ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହି ଫଳ ଘୋଷଣା କରିଥିଲେ। ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ ମଧ୍ୟ ଛାତ୍ରୀମାନେ ଛାତ୍ରଙ୍କ ଠାରୁ ଆଗରେ ରହିଥିଲେ। ସୂଚନାଯୋଗ୍ୟ ଯେ ଆସନ୍ତା ବର୍ଷ ଠାରୁ ଯୁକ୍ତ ଦୁଇ ପରୀକ୍ଷାରେ ବ୍ୟାପକ ସଂସ୍କାର ଆଣାଯିବା ସହ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ ଏକ ସଙ୍ଗରେ ପ୍ରକାଶ ନିମନ୍ତେ ନିଷ୍ପତ୍ତି ନିଆଯାଇଛି।

**ଯୁକ୍ତ ଦୁଇ କଳା**

| | | |
|---|---|---|
| ପାସ୍ ହାର | : | ୭୮.୮୮% |
| ମୋଟ କୃତକାର୍ଯ୍ୟ | : | ୧,୮୧,୮୬୯ଜଣ |
| ପ୍ରଥମ ଶ୍ରେଣୀ | : | ୩୨,୭୮୨ |
| ଦ୍ୱିତୀୟ ଶ୍ରେଣୀ | : | ୩୨,୪୬୧ |
| ତୃତୀୟ ଶ୍ରେଣୀ | : | ୧,୧୬,୧୭୯ |
| ଛାତ୍ରଙ୍କ ପାସ୍ ହାର | : | ୭୦.୪୩ % |
| ଛାତ୍ରୀଙ୍କ ପାସ୍ ହାର | : | ୮୫.୬୬ % |
| ବାଲେଶ୍ୱରରେ ସର୍ବାଧିକ ପାସ୍ ହାର | : | ୮୪.୯୭% |
| ନବରଙ୍ଗପୁରରେ ସର୍ବନିମ୍ନ ପାସ୍ ହାର | : | ୭୦.୭୪% |

**ଧନ୍ଦାମୂଳକ ଶିକ୍ଷା**

| | | |
|---|---|---|
| ପାସ୍ ହାର | : | ୬୭.୪୮% |
| ପ୍ରଥମ ଶ୍ରେଣୀ | : | ୮୪୩ଜଣ |
| ଦ୍ୱିତୀୟ ଶ୍ରେଣୀ | : | ୧୭୫୧ |
| ତୃତୀୟ ଶ୍ରେଣୀ | : | ୧୧୧୫ |
| ଛାତ୍ରଙ୍କ ପାସ୍ ହାର | : | ୬୪.୨୩% |
| ଛାତ୍ରୀଙ୍କ ପାସ୍‌ହାର | : | ୭୧.୧୦% |

# ଭୀଷଣ ବାତ୍ୟାର ରୂପ ନେଲା 'ବିପର୍ଯ୍ୟୟ'

ନୂଆଦିଲ୍ଲୀ,୮।୬: ଆରବସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ବିପର୍ଯ୍ୟୟ ଘନୀଭୂତ ହେବାରେ ଲାଗିଛି। ବର୍ତ୍ତମାନ ଏହା ଭୀଷଣ ବାତ୍ୟାର ରୂପ ନେଇ ସ୍ଥଳଭାଗ ଆଡ଼କୁ ମାଡ଼ିମାଡ଼ି ଚାଲିଛି। ଗୋଆଠାରୁ ୮୬୦ କି.ମି ଦୂର ପଶ୍ଚିମ ଦକ୍ଷିଣ ପଶ୍ଚିମ ଦିଗରେ ଏହା କେନ୍ଦ୍ରୀଭୂତ ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଅତି ଭୀଷଣ ବାତ୍ୟାର ରୂପ ନେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୧୩ ତାରିଖ ବେଳକୁ ଏହା ପାକିସ୍ତାନର କରାଚିରେ ସ୍ଥଳଭାଗ ଛୁଇଁବା ନେଇ ସମ୍ଭାବନା ରହିଛି। ତେବେ ଆଇଏମଡି ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇ ନାହିଁ। ଭାରତରେ ଏହି ବାତ୍ୟାର ପ୍ରଭାବ ଗୋଆ, କେରଳ, କର୍ଣ୍ଣାଟକ, ଗୁଜରାଟ ଓ ମହାରାଷ୍ଟ୍ରର କେତେକ ସ୍ଥାନରେ ପଡ଼ିବାର ସମ୍ଭାବନା ରହିଛି। ତେଣୁ ଏସବୁ ରାଜ୍ୟର ରାଜ୍ୟ ସରକାରମାନେ ବାତ୍ୟା ପାଇଁ ଆଗୁଆ ପଦକ୍ଷେପ ନେବା ଆରମ୍ଭ କରି ଦେଇଛନ୍ତି। ଆଇଏମଡିର ସୂଚନା ଅନୁଯାୟୀ ବାତ୍ୟା ବିପର୍ଯ୍ୟୟ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ରହିଛି। ଏହା ଉତ୍ତର ଉତ୍ତର ପଶ୍ଚିମ ଦିଗରେ ଗତି କରିବ। ଏହାର ପ୍ରଭାବରେ ଏବେ ● ପୃଷ୍ଠା ୮ ଦେଖନ୍ତୁ

## ଆଇଏମ୍‌ଡିର ସୂଚନା

# କେରଳ ଛୁଇଁଲା ମୌସୁମୀ ବାୟୁ



ନୂଆଦିଲ୍ଲୀ,୮।୬: ଶେଷରେ ଦୀର୍ଘ ପ୍ରତିକ୍ଷାର ଅନ୍ତ ଘଟିଛି। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁଛି। ଏନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରାୟ ସପ୍ତାହେ ବିଳମ୍ବରେ ମୌସୁମୀ ବାୟୁ କେରଳ ଉପକୂଳରେ ପ୍ରବେଶ କରିଛି। ତେବେ ଏହାର ପ୍ରଭାବରେ କେରଳରେ ପାଣିପାଗ କିପରି ରହିଛି ଓ ବର୍ଷା ହେଉଛି କି ନାହିଁ ସେନେଇ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ୨୦୨୨ ମେ ୨୯ ତାରିଖରେ ମୌସୁମୀ କେରଳ ଉପକୂଳ ଛୁଇଁଥିଲା। ୨୦୨୧ରେ ଏହା ଜୁନ ୩ ଓ ୨୦୨୦ରେ ଜୁନ ୧ରେ କେରଳ ଉପକୂଳରେ ଏହା ତାର ଉପସ୍ଥିତି ● ପୃଷ୍ଠା ୮ ଦେଖନ୍ତୁ

## ରାୟଗଡ଼ା ଗସ୍ତରେ ୫-ଟି ସଚିବ

# ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା



**କାଶୀପୁରରେ କଲେଜ ପ୍ରତିଷ୍ଠା ନିଷ୍ପତ୍ତି ଖୁବ୍‌ଶୀଘ୍ର**


**ବିଜୁ ଏକ୍ସପ୍ରେସ୍ ୱେରେ ଖର୍ଚ୍ଚ ହେବ ୧୫୦୦ କୋଟି**

**ବିଭିନ୍ନ ଧାର୍ମିକ ପୀଠ ପରିଦର୍ଶନ, ଲୋକଙ୍କ ସହ ଆଲୋଚନା**

ରାୟଗଡ଼ା,୮।୬(ଭାସ୍କର ନ୍ୟୁଜ): ରାୟଗଡ଼ା ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ୫-ଟି ସଚିବ ଭି.କେ.ପାଣ୍ଡିଆନ କାଶୀପୁର, ପଦ୍ମପୁର, ବିଷମକଟକ ଓ ଗୁଣୁପୁର ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ବିକାଶ କାମର ସମୀକ୍ଷା କରିବା ସହ ବିଭିନ୍ନ ଧାର୍ମିକ ପୀଠ ପରିଦର୍ଶନ କରିଥିଲେ ଓ ସ୍ଥାନୀୟ ଲୋକଙ୍କ ସହିତ ସେମାନଙ୍କ ସମସ୍ୟା ନେଇ ଆଲୋଚନା କରିଥିଲେ। କାଶୀପୁରଠାରେ ଶ୍ରୀ ପାଣ୍ଡିଆନ୍ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣର ● ପୃଷ୍ଠା ୮ ଦେଖନ୍ତୁ

## ରାଜଧାନୀରେ କାଳବୈଶାଖୀର କରାଳ ରୂପ

# ଧୂଳିଝଡ଼ରେ ସହରବାସୀ ବେହାଲ



ଭୁବନେଶ୍ୱର,୮।୬(ଭାସ୍କର ନ୍ୟୁଜ): ଗୁରୁବାର ସକାଳେ ଅସମ୍ଭାଳ ତାତି ପରେ ରାଜଧାନୀରେ ତାଣ୍ଡବ ରଚିଛି କାଳବୈଶାଖୀ। ଧୂଳିଝଡ଼ ହେବା ସହ ବର୍ଷା ଓ ପବନରେ ବେହାଲ ହୋଇପଡ଼ିଛନ୍ତି ସହରବାସୀ। ପଟିଆ ଓ ପ୍ରଶାନ୍ତିବିହାର ସମେତ ରାଜଧାନୀର ବିଭିନ୍ନ ଅଞ୍ଚଳରେ ପ୍ରଥମେ ପ୍ରବଳ ଧୂଳିଝଡ଼ ସୃଷ୍ଟି ହୋଇଥିଲା। ପୂର୍ବାହ୍ନରେ ରାଜଧାନୀରେ ଅସମ୍ଭାଳ ତାତି ଯୋଗୁ ଲୋକେ ଘରୁ ବାହାରିବା କାଠିକର ପାଠ ହୋଇପଡ଼ିଥିଲା। ସତେ ଯେପରି ବ୍ୟସ୍ତବହୁଳ ରାଜଧାନୀ ● ପୃଷ୍ଠା ୮ ଦେଖନ୍ତୁ


- ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ
- ଭାଙ୍ଗିଗଲା ଅଜନ୍ତା ସର୍କସର ଟେଣ୍ଟ
- ତଳି ଅଞ୍ଚଳରେ ଲହଡ଼ି ମାରିଲା ବର୍ଷାପାଣି

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ସର୍କସବାଲାଙ୍କୁ ସର୍କସ ଦେଖାଇ
ଚାଲିଗଲା କାଳବୈଶାଖୀ,
କେଇ ମିନିଟିରେ ତମ୍ବୁ ଫମ୍ବୁ ସବୁ
ଭାଙ୍ଗିଦେଲା ମୋଡିମାଡିକି ।
ଆଖପାଖ ଲୋକ ଝିଡିକି,
ଖୋଲିକି ଦେଖିଲେ ଅଦିନ ତାଣ୍ଡବ
ଖୁସି ମଜା ଗଲା ଫିଡିକି ।



ଧାମନଗର,(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲା ବାହାନଗା ଠାରେ ଶୁକ୍ରବାର ସନ୍ଧ୍ୟାରେ କରମଣ୍ଡଳ ରେଳ ଦୁର୍ଘଟଣାରେ ଧୁସୁରୀ ଥାନା ବାଲିପାଟଣା ଗ୍ରାମର ଅରୁଣ ନାୟକ ଙ୍କ ପୁଅ ଆଲୋକ ନାୟକଙ୍କର ମୃତ୍ୟୁ ହୋଇ ଥିଲା। ତେବେ ରେଳ ବିଭାଗ ପକ୍ଷରୁ ତାଙ୍କ ପରିବାରଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରା ଯାଇ ଥିବା ବେଳେ ଆଜି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରିଲିଫ ଫଣ୍ଡ ରୁ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଧାମନଗର ତହସିଲଦାର ସ୍ନିଗ୍ଧା ରାଣୀ ଦେବୀ, ଧୁଷୁରୀ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ମୃତ୍ୟୁ ବରଣ କରିଥିବା ଆଲୋକର ବାପା ଅରୁଣ ନାୟକଙ୍କୁ ଚେକ ପ୍ରଦାନ କରା ଯାଇ ଥିଲା। ଏହି ଅବସରରେ ଅତିରିକ୍ତ ତହସିଲଦାର ସାଇ ସିଲୋନି,ଅର୍ଜୁନପୁର ପଞ୍ଚାୟତର ସରପଞ୍ଚ ପ୍ରତିନିଧି ଉମେଶ ମହାନ୍ତି, ସାମ୍ବାଦିକ ପ୍ରଦୀପ ମହାପାତ୍ର, ସମାଜସେବୀ ଅକ୍ଷୟ ନାୟକ, ସନ୍ତୋଷ ରାୟ, ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଥାଉକି ଅରୁଣ ନାୟକଙ୍କ ଦୁଇ ପୁତ୍ର ଥିବା ବେଳେ ଆଲୋକ ସାନ ପୁଅ ସେ କଲକୋତାରେ ଟ୍ରାନ୍ସପୋର୍ଟ ରେ କାର୍ଯ୍ୟ କରନ୍ତି ତେବେ ତାଙ୍କର ଅକାଳ ବିୟୋଗରେ ଧାମନଗର ଅଞ୍ଚଳରେ ଶୋକ ଛାୟା ଖେଳଯାଇଛି।

### ପ୍ରଭାବଶାଳୀଙ୍କ ଅକ୍ତିଆରରେ ଗୋଚର ଜାଗା, ଗ୍ରାମବାସୀ ଘେରିଲେ ତହସିଲ୍

## ନ୍ୟାୟ ନ ମିଳିଲେ ଆମରଣ ଅନଶନ ବସିବେ ବୋଲି ଚେତାବନୀ




ଅସ୍ତରଙ୍ଗ,(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଈଗୁଆଁ ପଞ୍ଚାୟତ ଅଧିନସ୍ଥ ବିନାୟକପୁର ଗ୍ରାମର ଖାତା ନଂ ୧୦୦୫, ପ୍ଲଟ ନମ୍ବର ୩, ରେ ଗ୍ରାମବାସୀ ପିତୃପୁରୁଷ ଅମଳରୁ ଚଳାଚଳ କରିଆସୁଛନ୍ତି। ଅଞ୍ଚଳର ସମସ୍ତ ପଶୁଜନ୍ତୁ ମଧ୍ୟ ଖାଦ୍ୟ ଅନେଶ୍ୱଣ କରିଥାନ୍ତି। କିନ୍ତୁ ପଞ୍ଚାୟତର ଜଣେ ପ୍ରଭାବଶାଳୀ ରାଜନୈତିକ ଲୋକ ଜୋରଜବରଦସ୍ତ ଅକ୍ତିଆର କରିଛନ୍ତି। ଗ୍ରାମବାସୀମାନେ ବାରମ୍ବାର ତହସିଲିଦାରଙ୍କୁ କହିବା ସହ ଗ୍ରାମବାସୀ ତରଫରୁ ଅଭିଯୋଗ ଦେଇଥିଲେ। ଅଭିଯୋଗ ପରେ ତହସିଲିଦାର ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ୧୫ଦିନ ମଧ୍ୟରେ ସମାଧାନ କରିବେ ବୋଲି ପୁନର୍ବାର ତହସିଲିଦାର କହିବା ପରେ ସର୍ବସାଧାରଣ ନୋଟିସ ପରେ ତହସିଲିଦାର ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ ବେସରକାରୀ ଅମିନ ଆଣିବା ସହ ସରକାରୀ ଅଧିକାରୀ ପହଁଚିବେ କିନ୍ତୁ ତହସିଲିଦାର ସରକାରୀ ଅଧିକାରୀ ପଠାଇଲେ ନାହିଁ, ଯାହା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ସୁଦର୍ଶନ ସ୍ୱାଇଁ ଏ ନେଇ ପୁନର୍ବାର ଗୁରୁବାର ଦିନ ଶତାଧିକ ଗ୍ରାମବାସୀ ତହସିଲି କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେଇଥିଲେ। ତାହା ସହ ଗ୍ରାମବାସୀ କହିବା ମୁତାବକ ଅକ୍ତିଆର କରି ରଖିଥିବା ବ୍ୟକ୍ତି ଜଣକ ରାଜନୀତି ପ୍ରଭାବଶାଳୀ ହୋଇଥିବା ବେଳେ ରାଜନୀତି ଚାପରେ ପଡି କାର୍ଯ୍ୟକରୁଛନ୍ତି ସରକାରୀ ଅଧିକାରୀ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି। ଗ୍ରାମବାସୀଙ୍କ ଦାବି ଜାଗା ମାପ କରାଯାଇ ଚିହ୍ନଟ କରାଯାଇ ପ୍ରଭାବଶାଳୀ ଲୋକକୁ ପ୍ଲଟରୁ ଉଚ୍ଛେଦ କରିବା ସହ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମ ଅନଲାଇନରୁ କଟାଯାଉ। କିନ୍ତୁ ଏ ବିଷୟରେ ଅସ୍ତରଙ୍ଗ ତହସିଲିଦାର ରାଜଲକ୍ଷ୍ମୀ ନାୟକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇନାହିଁ। ଯଦି ଆଗାମୀ ଦିନରେ ସ୍ଥାନୀୟ ପ୍ରଶାସନ ନ ଶୁଣେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ସହ ତହସିଲିକାର୍ଯ୍ୟାଳୟ ସାମ୍ନାରେ ଆମରଣ ଅନଶନ କରିବେ ବୋଲି ଚେତାବନି ଦେଇଛନ୍ତି।

### କୁକୁଡ଼ା ଗାଡି ଦୁର୍ଘଟଣାରେ ଏଏନଏସି କର୍ମଚାରୀ ଗୁରୁତର

ଭଞ୍ଜନଗର(ଭାସ୍କର ନ୍ୟୁଜ୍): ଭଞ୍ଜନଗର ଥାନା ନିକଟ ଭେଜିପୁଟ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ କୁକୁଡ଼ା ଗାଡ଼ି ଓ ସାଇକେଲ ମୁହାଁମୁହିଁ ଦୁର୍ଘଟଣାରେ ସାଇକେଲ ଚାଳକ ତଥା ଏଏନଏସି କର୍ମଚାରୀ ବଂଶୀଧର ପ୍ରଧାନ ଗୁରୁତର। ଖବର ନେବାରେ ବଂଶୀଧର ଅପରାହ୍ନ ୪ଟା ସମୟରେ କୈଣସି କାମରେ ଘରକୁ ଯାଇ କାର୍ଯ୍ୟରେ ଯୋଗ ଦେବାକୁ ଫେରୁଥିବା ବେଳେ ଦୁର୍ଘଟଣାଘଟିଥିବା ବେଳେ ବଂଶୀଧରର ଦୁଇଟି ଗୋଡ ଭାଙ୍ଗି ଯାଇଛି । ବଂଶୀଧରକୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଭଞ୍ଜନଗର ପରେ ବ୍ରହ୍ମପୁର ବଡଡାକ୍ତରଖାନାକୁ ସ୍ଥାନନ୍ତର କରାଯାଇଛି । ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ପୋଲିସ ଜବତକରିବା ସହ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଥିବା ଥାନା ସୂତ୍ରରୁ ଜଣାପଡିଛି ।

### ତିହିଡ଼ି ଅଲେଖ ମହିମା ମଠରୁ ଚୋରି ଘଟଣାରେ ଆଉ ୪ ଅଭିଯୁକ୍ତ ଗିରଫ

## ୧ଲକ୍ଷ ୬୮ ହଜାର ସମେତ ୨ଲକ୍ଷ ୨୦ ହଜାର ଟଙ୍କାର ସୁନା ଅଳଙ୍କାର ଜବତ




ତିହିଡ଼ି,(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ମିର୍ଜାପୁର ଗ୍ରାମରେ ଥିବା ଅଲେଖ ମହିମା ମଠରୁ ଗତ ଫେବୃୟାରୀ ୫ତାରିଖ ରାତିରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଚୋରି ହୋଇ ଥିବା ଘଟଣାରେ ପୋଲିସ ଆଉ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛନ୍ତି। ଏଥି ସହିତ ଅଭିଯୁକ୍ତ ମାନଙ୍କ ଠାରୁ ନଗଦ ୧ଲକ୍ଷ ୬୮ ହଜାର ଟଙ୍କ ସମେତ ୨ଲକ୍ଷ ୨୦ ହଜାର ଟଙ୍କା ମୂଲ୍ୟର ସୁନା ଚେନ୍ ଓ କାନଫୁଲ ଜବତ କରାଯାଇଛି। ଏହା ପୁଲିସ ପାଇଁ ଏକ ବଡ଼ ସଫଳତା ବୋଲି ଆଲୋଚନା ହେଉଛି। ତିହିଡ଼ି ଥାନା ଏସଆଇ ତଥା ଘଟଣାର ତଦନ୍ତକାରୀ ଅଫିସର ଅରୁନ୍ଧତୀ ବେହେରା ଘଟଣାକୁ ଅତ୍ୟନ୍ତ ତୀକ୍ଷ୍ଣ ଦୃଷ୍ଟି ଦେଇ ଅନୁସନ୍ଧାନ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହିତ ଚୋରି ଟଙ୍କା ଜବତ କରିଛନ୍ତି। ଗିରଫ ହୋଇଥିବା ଅଭିଯୁକ୍ତ ହେଲେ ବାଂଶଡ଼ା ଥାନା ଅଧିନ ଖଦାଳପୋଖରୀ ଗ୍ରାମର ମିଳନ ଦାସ, ଶ୍ରବଣା ନାଥ, ସତ୍ୟଭାମା ନାଥ ଓ ଧାମରା ଅଞ୍ଚଳର ରଶ୍ମିତା ଦାସ ବୋଲି ଜଣାପଡ଼ିଛି। ତେବେ ଏହି ଘଟଣାରେ ଏବେ ସୁଦ୍ଧା ମୋଟ ୮ଜଣ ଅଭିଯୁକ୍ତ ଗିରଫ ହୋଇଥିବା ଜଣାଯାଇଛି। ସୂଚନା ଯୋଗ୍ୟ ଯେ, ଗତ ଫେବୃଆରୀ ୩ତାରିଖରେ ଢେଙ୍କାନାଳ ସ୍ଥିତ ଯୋରନ୍ଦା ଗାଦିକୁ ପୂର୍ଣ୍ଣମୀ ଉପଲକ୍ଷେ ମଠର ବାବାଜୀ ଗଣେଶ ଦାସ ଯାଇଥିଲେ। ସେ ଫେବୃଆରୀ ୬ତାରିଖ ସୋମବାର ମଧ୍ୟାହ୍ନ ୧ଘଟିକା ସମୟରେ ଯୋରନ୍ଦାରୁ ଫେରି ମିର୍ଜାପୁର ମଠରେ ପହଞ୍ଚିଥିଲେ। ମଠରେ ପହଞ୍ଚିବା ପରେ ଦେଖିଥିଲେ ଯେ ମଠର ଗ୍ରୀଲ କଟାଯାଇ ଘର ଓ ବାକ୍ସ ତାଲା ଭାଙ୍ଗି ବାକ୍ସରେ ଗଚ୍ଛିତ ଥିବା ଦାନ ଭିକ୍ଷା ଓ ମଠର ଘରଭଡ଼ା ମିଶି ପ୍ରାୟ ୧୦ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଛି। ପୂର୍ବରୁ ଏହି ମଠରେ ରହୁଥିବା ଜୟଦେବ ଦାସ ଟଙ୍କା ଚୋରି କରିଥିବା ନେଇ ମଠର ବାବାଜୀ ଶ୍ରୀ ଦାସ ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ କେଶ ନଂ ୬୫/୨୩ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ତଦନ୍ତ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଫିସର ଅରୁନ୍ଧତୀ ବେହେରା ପ୍ରକାଶ କରିଛନ୍ତି।

## ଧର୍ମପ୍ରାଣା ମହିଳା ଇନ୍ଦୁମତୀ ପାତ୍ରଙ୍କ ପରଲୋକ



କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ସହର ସନ୍ନିକଟ ବାରିମୂଳ ଗ୍ରାମର ବିଶିଷ୍ଟ ସମାଜସେବୀ ଶିକ୍ଷାବିତ ଶରତ ପାତ୍ରଙ୍କର ଜ୍ୟେଷ୍ଠମାତା ସ୍ୱର୍ଗତ ଦାମୋଦର ପାତ୍ରଙ୍କ ଧର୍ମପତ୍ନୀ ଇନ୍ଦୁମତୀ ପାତ୍ରଙ୍କର ୮୫ବର୍ଷ ବୟସରେ ତାଙ୍କ ବାରିମୂଳସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁତୁରା ଶରତ, ହେମନ୍ତ, ରମାକାନ୍ତ, ବସନ୍ତ, ପ୍ରସନ୍ନ, ମୁନୁ ପ୍ରମୁଖ ପରିବାର ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ବିୟୋଗ ଖବର ପାଇ ରଶ୍ମିରଞ୍ଜନ ରାଉତ, ବ୍ରଜକିଶୋର ରାଉତ, ପ୍ରଶାନ୍ତ ବିଶ୍ୱାଳ, ଦୀପକ ଧଳ, ସାମ୍ବାଦିକ ନରେନ୍ଦ୍ର ଧଳ, ସୁକାନ୍ତ ରାଉତ ପ୍ରମୁଖ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ତପନ ମୁଖାଗ୍ନି ଦେଇଥିଲେ।

## ଇଂରାଜୀ କବିତା ପୁସ୍ତକ 'ଥାର୍ଡ ଆଇ' ଗୋଲଡେନ ବୁକ ଅଫ ୱାର୍ଲଡ ରେକର୍ଡସରେ ସ୍ଥାନିତ




କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ୍): କବି ଡଃ. କଳ୍ପନା ମଲ୍ଲିକଙ୍କ ଦ୍ୱାରା ରଚିତ ଇଂରାଜୀ କବିତା ପୁସ୍ତକ 'ଥାର୍ଡ ଆଇ' ଗୋଲଡେନ ବୁକ ଅଫ ୱାର୍ଲଡ ରେକର୍ଡସରେ ସ୍ଥାନିତ ହୋଇଛି। ଏନେଇ କେନ୍ଦ୍ରାପଡାର ଗରାପୁରସ୍ଥିତ ସ୍ୱୟଂ ସିଧା ମଣ୍ଡପ ପରିସରରେ ଡଃ. ମଲ୍ଲିକଙ୍କ ରଚିତ ଇଂରାଜୀ ପୁସ୍ତକ 'ଥାର୍ଡ ଆଇ'ଉପରେ ଏକ ଆଲୋଚନାଚକ୍ର ପ୍ରାଧ୍ୟାପକ ନନ୍ଦ କିଶୋର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ସମାଲୋଚକ ପ୍ରାଧ୍ୟାପକ ଡଃ. ବୈଷ୍ଣବ ଚରଣ ସାମଲ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଇଂରାଜୀ ବିଭାଗ ଅଧ୍ୟାପକ ଡଃ. ସୁରେନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଧର୍ମଶାଳା ମହିଳା ମହାବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗ ଅଧ୍ୟାପକ ଡଃ. ସୁନାକର ଦାସ, ସମ୍ମାନିତ ବକ୍ତା ଭାବେ ଦାମନଜୋଡି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ. ଭାଗବତ ଶୁକ୍ଳ, କବି ଡଃ. ଶ୍ରୀଧର ସାମଲ, କବି ଡଃ. ବୃନ୍ଦାବନ ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ଦିଗରୁ ପୁସ୍ତକଟି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପୁସ୍ତକଟିରେ ସ୍ଥାନିତ ପ୍ରତିଟି କବିତା ପାଠକ ମନରେ ମାନବୀୟ ମୂଲ୍ୟବୋଧର ଏକ ଅନନ୍ୟ ଅନୁଭବ ସୃଷ୍ଟି କରିବାରେ ସମର୍ଥ ହେବ ବୋଲି ମୁଖ୍ୟ ଅତିଥି ଡଃ. ସାମଲ କହିଥିଲେ। ଏହି ଅବସରରେ ପୁସ୍ତକଟି ବିଶ୍ୱ ସ୍ତରୀୟ ରେକର୍ଡରେ ସ୍ଥାନିତ ହୋଇଥିବାରୁ ତା'ର ରଚୟିତା ଡଃ. କଳ୍ପନା ମଲ୍ଲିକଙ୍କୁ ଅଭିନନ୍ଦନ ଓ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାବ୍ୟିକ ସ୍ୱାଗତ ଉତ୍ସବରେ ଆଶିଷ ସେନାପତି, ପ୍ରେମାନନ୍ଦ ଖଣ୍ଡୁଆଳ, ଟିଟିକାନ୍ତ ଦାସ, ରଞ୍ଜନ ବାଇ, ସଞ୍ଜୟ ମଲ୍ଲିକ, ମେଜର ଭରତ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କବି ପ୍ରଦୀପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଚିକା ସହାୟିକାଙ୍କୁ ପ୍ରଶିକ୍ଷଣ ଶିବିର



ଅସ୍ତରଙ୍ଗ,(ଭାସ୍କର ନ୍ୟୁଜ୍): ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବ୍ଲକସ୍ତରୀୟ ପାଚିକା ଓ ସହାୟିକାଙ୍କୁ ନେଇ ଦୁଇଦିନିଆଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମଦିନ ଜନତା ହାଇସ୍କୁଲ ଓ ଐଶାନେଶ୍ୱର ବିଦ୍ୟାପୀଠରେ ଓ ଦ୍ୱିତୀୟ ଦିନ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଅସ୍ତରଙ୍ଗ ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଶିକ୍ଷାଧିକାରିଣୀ ମମତା ମଞ୍ଜରୀ ଦେଇ ଓ ସୁଧାଂଶୁବାଳା ଶତପଥୀ ଯୋଗ ଦେଇଥିଲେ। ପ୍ରଶିକ୍ଷଣରେ ୧୨୫ଟି ବିଦ୍ୟାଳୟ କାର୍ଯ୍ୟ କରୁଥିବା ୨୨୮ଜଣ ପାଚିକା ଓ ସହାୟିକା ଅଂଶଗ୍ରହଣ କରିଥିଲେ। ସାଧନ କର୍ମୀ ବିଷ୍ଣୁଚରଣ ଭୋଳ, ନାରାୟଣ ପରିଡା, କୁନୀଲତା ଖଟୋଇ ଓ ମାନସ ମଞ୍ଜରୀ ମିଶ୍ର ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ସମ୍ବନ୍ଧିତ ତାଲିମ୍ ପ୍ରଦାନ କରିଥିଲେ। ଶିବିର ଅଂଶଗ୍ରହଣ କରିଥିବା ସମସ୍ତ ପାଚିକାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## କବି ଦୁର୍ଯ୍ୟୋଧନ ସାହୁଙ୍କ ମୃତ୍ୟୁରେ ଶୋକସଭା



କଣିହାଁ,(ଭାସ୍କର ନ୍ୟୁଜ୍): ଅନଗୁଳ ଜିଲ୍ଲା କଣିହାଁ ବ୍ଲକ ଡେରେଙ୍ଗ ଗ୍ରାମର କବି ଦୁର୍ଯ୍ୟୋଧନ ସାହୁ ଙ୍କ ବିୟୋଗ ରେ କଣିହାଁ ସମ୍ବାଦ ସାହିତ୍ୟ ଘରର ସଭାପତି ନିର୍ଭୟ କୁମାର ପାଣିଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି ସମ୍ପାଦକ ସିଦ୍ଧି ପ୍ରସାଦ ସାହୁଙ୍କର ସଂଯୋଜନା ରେ ଅନୁଷ୍ଠିତ ଶୋକ ସଭାରେ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାଶରଥି ଜେନା ପୁଷ୍ପମାଲ୍ୟ ଦେଇ ଓ ପ୍ରାଧ୍ୟାପକ ଧନେଶ୍ୱର ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଫଟୋଚିତ୍ର ରେ ବିଦ୍ୟାଳୟର ଶିକ୍ଷକ ଦିଲ୍ଲୀପ କୁମାର ପ୍ରଧାନ, ଯସ୍ମିନ ପ୍ରଧାନ, ବଟକୃଷ୍ଣ ସାହୁ,କବି ଋଷଭ କୁମାର ବେହେରା, ଚନ୍ଦ୍ରମାର ସମ୍ପାଦକ ବୁଦ୍ଧଦେବ ସେଠୀ ଆବାହକ ଭୁପେନ ଗଡ଼ନାୟକ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ସ୍ୱର୍ଗତ ଆତ୍ମାର ସଦ୍ଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା ସହ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଇଥିଲା ସ୍ୱର୍ଗତ କବି ଙ୍କର ପ୍ରକାଶିତ ପୁସ୍ତକ ସରଗି ଫୁଲ ଓ ପାଣ୍ଡୁଲିପି ଝରା ବଉଳର ସମୀକ୍ଷା କରିଥିଲେ କବି ବୁଦ୍ଧଦେବ ସେଠୀ ସ୍ୱର୍ଗତ ସାହୁଙ୍କ ଉଦ୍ଦେଶ୍ୟରେ ସିଦ୍ଧି ପ୍ରସାଦ ସାହୁ ଏକ କବିତା ପାଠକରିଥିଲେ କଣିହାଁ ବ୍ଲକର ଡେରେଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଦୁର୍ଯ୍ୟୋଧନ ସାହୁ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟରୁ ପାସ କରିସାରି ନେତାଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ବିଲେଇନାଳି, କନଲୋଇ ଉଚ୍ଚ ବିଦ୍ୟାଳୟ ଓ କମ୍ପସଲା ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକତା କରି ୩୧/୦୩/୨୦୦୯ ରେ ଚାକିରୀରୁ ଅବସର ନେଇ ଦିବ୍ୟଜୀବନ ସଂଘ ତଥା ସମ୍ବାଦ ସାହିତ୍ୟ ଘର କଣିହାଁରେ ଜଣେ ସକ୍ରିୟ ସଭ୍ୟ ଭାବରେ ବିଭିନ୍ନ ଗଠନ ମୂଳକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ ଗତ ୦୬/୦୬/୨୦୨୩ ରିଖରେ ଅସୁସ୍ଥତା ଅନୁଭବ କରିବାରୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇ ସେହିଦିନ ରାତ୍ର ଦୁଇ ଘଟିକା ସମୟରେ ମୃତ୍ୟୁବରଣ କରିଥିଲେ ଗତ ୦୭/୦୬/୨୦୨୩ ରିଖରେ ସ୍ୱର୍ଗତ ସାହୁ ଙ୍କର ମରଶରୀରକୁ ପୈତୃକ ଗ୍ରାମ ଡେରେଙ୍ଗ ଅଣାଯାଇ ଶବଦାହ କରାଯାଇଥିଲା ବୋଲି ଶିକ୍ଷକ ଦିଲ୍ଲୀପ ସାହୁ ତାଙ୍କ ବକ୍ତବ୍ୟରେ ଅଭିହିତ କରିଥିଲେ।

## ପରିବେଶ ଦିବସରେ ସୁରକ୍ଷାର ବାର୍ତ୍ତା ଦେଲେ ପରିବେଶକର୍ମୀ



ଡେଲାଙ୍ଗ,(ଭାସ୍କର ନ୍ୟୁଜ୍): ପରିବେଶ ପ୍ରଦୂଷଣ, ଜଳବାୟୁର ଅଚାନକ ପରିବର୍ତ୍ତନ, ପ୍ରକୃତିର ଅସନ୍ତୁଳନ ଅବସ୍ଥା ସାରା ବିଶ୍ୱରେ ଚିନ୍ତାର ବିଷୟ ପାଲଟିଛି। ପରିବେଶ ସୁରକ୍ଷା ଓ ପରିବେଶ ପ୍ରଦୂଷଣର ବ୍ୟଥା ପ୍ରତିଟି ମଣିଷ ଏବେଠାରୁ ଉପଲବ୍ଧି ନ କଲେ ଆଗାମୀ ଭବିଷ୍ୟତରେ ପୃଥିବୀକୁ ଘୋର ବିପଦ ମାଡ଼ି ଆସିବା ସହ ମଣିଷ ଜୀବନ ଦୁର୍ବିସହ ହୋଇପଡିବ ବୋଲି ସବୁଜ ଡେଲାଙ୍ଗ ଟ୍ରଷ୍ଟର ଅଧକ୍ଷ, ପରିବେଶକର୍ମୀ ତଥା ଆଇନଜୀବୀ ହୃଷିକେଶ ପାଢ଼ୀ ଓ ପରିବେଶ ପ୍ରେମୀ ଶିକ୍ଷକ ଅଭୟ ଚରଣ ସାହୁ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଆୟୋଜିତ ଆଲୋଚନା ଚକ୍ରରେ ସମସ୍ତେ ସତର୍କ ଓ ସଚେତନ ରହିବାକୁ ନିବେଦନ କରିଛନ୍ତି। ଶ୍ରୀ ଶ୍ରୀ ରାଧାକାନ୍ତଦେବଙ୍କ ବିଜେସ୍ଥଳୀ, ପିଢ଼ପାଟଣା ମଠ ପରିସରରେ ଆୟୋଜିତ ପରିବେଶ ସଚେତନତା ଆଲୋଚନା ଚକ୍ରରେ ହୃଷିକେଶ ପାଢ଼ୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମଠର ମାତା ସୁମିତ୍ରା ଦାସୀ ଶ୍ରୀ ପାଢ଼ୀଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ହୃଷିକେଶ ପାଢ଼ୀଙ୍କ ରଚିତ ଉପାଦେୟ ପୁସ୍ତକ 'ଗଛ ହସିଲେ ଜଗତ ହସେ' ଲୋକାର୍ପିତ ହୋଇଥିଲା। ସମ୍ମାନୀତ ଅତିଥିଭାବେ ଶିକ୍ଷକ ଅଭୟ ଚରଣ ସାହୁ ଆଲୋଚନାରେ ଅଂଶଗ୍ରହଣ କରି ପୁସ୍ତକରେଥିବା ପରିବେଶ ଉପଯୋଗୀ ବିଷୟ ଓ କବିତାକୁ ସମୀକ୍ଷା କରି ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇ ସବୁଜ ବଳୟ ସୃଷ୍ଟି କରିବାକୁ ନିବେଦନ କରିଥିଲେ। ପ୍ଲାଷ୍ଟିକ୍, ପଲିଥିନ୍ ଓ ବିଭିନ୍ନ ଆବର୍ଜନାରୁ ପରିବେଶକୁ ମୁକ୍ତରଖି ସୁନ୍ଦର ପ୍ରାକୃତିକ ପରିବେଶରେ ନିଜେ ବଞ୍ଚି ଅନ୍ୟକୁ ସେହିପରି ବଞ୍ଚିବାର ସୁଯୋଗ ଦେବାକୁ ସମସ୍ତେ ବଦ୍ଧପରିକର ହେବା ବାଞ୍ଛନୀୟ ବୋଲି ଶିକ୍ଷକ ଶ୍ରୀ ସାହୁ ଓ ଆଇନଜୀବୀ ଶ୍ରୀ ପାଢ଼ୀ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଆଗାମୀ ବର୍ଷା ଦିନେ ବିଭିନ୍ନ ମଠ, ମନ୍ଦିର, ମସଜିଦ୍ ପାର୍ଶ୍ୱ ଓ ଖୋଲା ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟରେ ସହଯୋଗ କରିବାକୁ ଶିକ୍ଷକ ଅଭୟ ସାହୁ ପ୍ରସ୍ତାବ ଦେଇଥିଲେ। ପୂର୍ବାହ୍ନରେ ଡେଲାଙ୍ଗ ବିଇଓ କାର୍ଯ୍ୟାଳୟ ନିକଟରେ ଗଛରଖି ପରିବେଶ ପାଇଁ ଗଛଟିଏ ବ୍ୟାନରକୁ ପୂର୍ବତନ ବ୍ୟାଙ୍କ ମ୍ୟାନେଜର ନିତ୍ୟାନନ୍ଦ ସ୍ୱାଇଁ ଲୋକାର୍ପିତ କରି ଜନସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିବେଶ ପ୍ରେମୀ ଶିକ୍ଷକ ଦିଲିପ କୁମାର ନାୟକ, ଭଗବାନ ସାହୁ, ଅର୍ଜୁନ ପୃଷ୍ଟି, ଫକିର ଦାସ,ଶିକ୍ଷୟିତ୍ରୀ କାବେରୀ ପ୍ରଧାନ,ଅଜିତା ସଙ୍ଗଠନର ସଂଯୋଜିକା ଶାନ୍ତିଲତା ପାଢ଼ୀ, ସମାଜସେବୀ ଜିତେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଅନ୍ୟ ପରିବେଶ ପ୍ରେମୀମାନେ ଆଲୋଚନା ଓ ସଭାରେ ଉପସ୍ଥିତ ରହି ସହଯୋଗ କରିଥିଲେ।

### ତାଳଚେର ଜାତୀୟ ରାଜପଥ ଅବସ୍ଥା ସୁଧୁରିବ କେବେ ?

## ଯାନବାହାନ ଚଳାଚଳ ଉପରେ ରହୁନି ନିୟନ୍ତ୍ରଣ

ତାଳଚେର,(ଭାସ୍କର ନ୍ୟୁଜ୍): ତାଳଚେର ଗୋଡ଼ିବନ୍ଧ ଠାରୁ ସହରଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥ ଅବସ୍ଥା ସୁଧୁରିବ କେବେ । ଦୈନନ୍ଦିନ ଏହି ରାଜପଥ ଉପରେ ହଜାର ହଜାର ସଂଖ୍ୟକ ଟ୍ରକ ଚଳାଚଳ ଯୋଗୁଁ ଏହି ରାସ୍ତାରେ ମାତ୍ରାଧିକ ପ୍ରଦ୍ୟୁଷଣ ହେବା ସହ ଦୁର୍ଘଟଣା ଘଟୁଥିବା ଘଟଣା ଲୋକଙ୍କ ନିଦ ହଜାଇ ଦେଇଥିବା ବେଳେ ଏଠାରେ ପ୍ରଶାସନ ଓ ରାଜନେତା, କୁଜିନେତାଙ୍କର କୁମ୍ଭକର୍ଣ୍ଣନିଦ୍ରା ଭାଙ୍ଗିବ କେବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଜାତୀୟ ରାଜପଥ ଅଣଓସାରିଆ ସମେତ ଅହରହ ଦ୍ରୁତ ଗତିରେ ନିୟମକୁ ନମାନି ଭାରୀଯାନ ଚଳାଚଳ ଫଳରେ ଧୂଳିଧୂଆଁରେ ବାଟୋଇ ଦାଣ୍ଡୋଇ ଓ ରାସ୍ତାର ଉଭୟ ପାର୍ଶ୍ୱର୍ରେ ଥିବା ବସ୍ତିବାସୀନ୍ଦା, ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ପ୍ରଦ୍ୟୁଷଣରେ ଜର୍ଜରିତ ହେବା ସହିତ ବିଭିନ୍ନ ମାରାତ୍ମକ ରୋଗର ଶୀକାର ହୋଇଥାନ୍ତି । ପ୍ରଶାସନ ପକ୍ଷରୁ ଏହି ଭାରୀଯାନ ଦ୍ରୁତଗତି ଉପରେ ନିୟନ୍ତ୍ରଣ ରହୁନଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଥାଏ ବୋଲି ଅଭିଯୋଗ ହୋଇଥାଏ । ଏହା ଫଳରେ ସତେ ଯେପରି ଦୁର୍ଘଟଣାକୁ ହାତଠାରି ଡ଼ାକ ଦେଉଥିବା ଅବସ୍ଥା ସୃଷ୍ଟି କରିଥାଏ। ଦୀର୍ଘ ୪୦ବର୍ଷ ପୂର୍ବରୁ ଏହି ଜାତୀୟ ରାଜପଥଟି ଯେଉଁ ଅବସ୍ଥାରେ ଥିଲା ଆଜି ବି ମଧ୍ୟ ସେହି ଅବସ୍ଥାରେ ପଡ଼ି ରହିଛି। ଜନସଂଖ୍ୟା ବୃଦ୍ଧି ସହ ସେହି ଅନୁପାତରେ ଯାନବାହାନ ସଂଖ୍ୟା ଅହେତୁକ ବୃଦ୍ଧି ପାଇବାରେ ଲାଗିଛି । ଯେଉଁ ଜିଲ୍ଲାରେ ଗାଡ଼ିମଟର ଚଳାଚଳ ସଂଖ୍ୟା କମ ରହୁଥିବା ବେଳେ ସେଠାରେ ଜାତୀୟ ରାଜପଥ ୪ରୁ ୬ଥାକିଆ ହେଉଥିବା ବେଳେ ଶିଳ୍ପନଗରୀ ତାଳଚେର ଅଞ୍ଚଳରୁ ରାଜ୍ୟ ଓ କେନ୍ଦ୍ର ସରକାର ବିପୁଳ ରାଜସ୍ୱ ନେଉଥିଲେ ମଧ୍ୟ ଏଠାରେ କାହିଁକି ଯେ, ୪ଥାକିଆ ରାସ୍ତା ନିର୍ମାଣ କରାଯାଉ ନାହିଁ ତାକୁ ନେଇ ବିଭିନ୍ନ ମହଲରେ ଉଠିଛି ପ୍ରଶ୍ନ ? ତାଳଚେର ଅଞ୍ଚଳରେ ବ୍ୟାପକ କୋଇଲା ଖଣି ଏନଟିପିସି ଜିନ୍ଦଲ ଭଳି ରାଷ୍ଟ୍ର ଉଦ୍ୟୋଗ କମ୍ପାନୀ ରହିଛି । ତାଳଚେର ସମେତ ଏହାର ଆଖପାଖ ଅଞ୍ଚଳରେ ମୁଣ୍ଡଟେକିଥିବା ଶିଳ୍ପ ସଂସ୍ଥା ଗୁଡ଼ିକ କୋଇଲା ଖଣି ଗୁଡ଼ିକରୁ ପ୍ରଚୁର କୋଇଲା ନେଇ ବ୍ୟବହାର କରିବା ପରେ ଏଥିରୁ ନିର୍ଗତ ପାଉଁଶ ଗୁଡ଼ିକ ଟ୍ରକ, ହାଇୱା ଓ କଂଟେନୋର ବୋଝେଇ କରି ଏହି ପାଉଁଶକୁ ମନଇଚ୍ଛା ରାସ୍ତାର ଉଭୟ ପାର୍ଶ୍ୱରେ ଏଣେତେଣେ ପକାଇ ଦେଇଥାନ୍ତି । ସେହିଭଳି କୋଇଲା ଖଣି ଗୁଡ଼ିକରୁ ଦୈନନ୍ଦିନ ହଜାର ହଜାର ସଂଖ୍ୟକ କୋଇଲା ବୋଝେଇ ଟ୍ରକ କୋଲ କରିଡ଼ର ରାସ୍ତାରେ ଆସି ଏହି ଜାତୀୟ ରାଜପଥ ବାଙ୍କଧରା ଛକ ଠାରେ ବିହାରି ନିଜ ଗନ୍ତବ୍ୟ ପଥରେ ଯାଇଥାନ୍ତି । ଏବଂ ଅନ୍ୟାନ୍ୟ ଭାରିଯାନ ମଧ୍ୟ ଏହି ଜାତୀୟ ରାଜପଥଦେଇ ଚଳାଚଳ କରିଥାନ୍ତି। ଏହି ଅଣଓସାରିଆ ଜାତୀୟ ରାଜପଥରେ ଏତେଶୟ ଯାନବାହାନ ଚଳାଚଳ ଓ ଦ୍ରୁତଗତି ଉପରେ ପ୍ରଶାସନ ପକ୍ଷରୁ ନିୟନ୍ତ୍ରଣ ରହୁନଥିବାରୁ ବ୍ୟାପକ ପ୍ରଦ୍ୟୁଷଣ ହେବା ସହିତ ଦୁର୍ଘଟଣାର ପିଛା ଛାଡୁ ନାହିଁ ଓ ଟ୍ରାଫିକ ବ୍ୟବସ୍ଥା ସଦାବର୍ସଦା ଦେଖାଦେଇଥାଏ । ଏଥବନେଇ ଏନଏଚଆଇ, ଜିଲ୍ଲା ପ୍ରଶାସନ, ସ୍ଥାନୀୟ ପ୍ରଶାସନ, ଏମଏଲ, ଏମପି, ବିରୋଧି ଦଳ ନେତା, କୁଜିନେତାଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବ କେବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏନଏଚଆଇ ପକ୍ଷରୁ ଏହି ରାଜପଥକୁ ୪ଥାକିଆ ରାସ୍ତାରେ ପରିଣତ କରିବାକୁ ୨୯/୦୭/୨୦୨୨ରେ ଟେଣ୍ଡର ପ୍ରକ୍ରିୟା ସରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ସରିପାରି ନାହିଁ ବୋଲି ଜଣାପଡ଼ିଛି । ତେବେ ଏହି ଜାତୀୟ ରାଜପଥ ନିର୍ମାଣ ହେବ କେବେ ?

## ଏସ୍‌ୟୁସିଆଇ ପକ୍ଷରୁ ରେଳମନ୍ତ୍ରୀଙ୍କୁ ଦାବିପତ୍ର




ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଏ ସ ୟୁ ସି ଆଇ (କମ୍ୟୁନିଷ୍ଟ) ଯାଜପୁର ଜିଲ୍ଲା କମିଟି ପକ୍ଷରୁ ଯାଜପୁର କେନ୍ଦୁଝର ରୋଡ ରେଳଷ୍ଟେସନ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଥାଉକି ଗତ କାଲି ଅପରାହ୍ନ ୪.୨୦ ସମୟରେ ରେଳ ଧାରଣାରେ କୋରେଇ ଅଞ୍ଚଳର କେତେକ ଶ୍ରମିକ କାମ କରୁଥିବା ସମୟରେ ଘୂର୍ଣ୍ଣିଝଡ ଆରମ୍ଭ ହୋଇଥିଲା। ନିଜକୁ ବଞ୍ଚାଇବା ପାଇଁ ଦୀର୍ଘ ଦିନରୁ ରେଳ ଧାରଣାରେ ରହିଥିବା ଲକ୍ ବିହୀନ ରେଳଡବା ତଳେ ଆଶ୍ରୟ ନେଇଥିଲେ। ଇତି ମଧ୍ୟରେ ପ୍ରବଳବର୍ଷା ଓ ପବନ ଦେବାରୁ ରେଳ ଡବା ଗୁଡ଼ିକ ଶ୍ରମିକମାନଙ୍କ ଉପରେ ମାଡି ଯାଇଥିଲା। ଏହି ଦୁର୍ଘଟଣାରେ ୭ ଜଣ ଲୋକ ମୃତ୍ୟୁ ବରଣ କରିଛନ୍ତି ଓ ଦୁଇ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣାରେ ମୃତକଙ୍କୁ ୧୫ ଲକ୍ଷ ଓ ଆହତଙ୍କୁ ୫ ଲକ୍ଷ ଯୋଗାଇଦେବା, ମୃତକଙ୍କ ପରିବାରରୁ ଜଣକୁ ରେଳ ବିଭାଗରେ ନିଯୁକ୍ତି ଦେବା, ରେଳ ସେବାର ଘରୋଇ କରଣ ବନ୍ଦ କରିବା, ରେଳ ବିଭାଗରେ ଖାଲି ପଡ଼ିଥିବା ପଦବୀ ଗୁଡ଼ିକୁ ଅବିଳମ୍ବେ ପୂରଣ କରିବା ଓ ଦୁର୍ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଏକ ବିକ୍ଷୋଭ ଶୋଭାଯାତ୍ରା ସ୍ଥାନୀୟ ଗୋପବନ୍ଧୁ ଛକରୁ ବାହାରି ରେଳ ଷ୍ଟେସନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ଏସ ୟୁ ସି ଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ସଭ୍ୟ ବିଜୟାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ରାଜ୍ୟ କମିଟି ସଭ୍ୟ ସୁବାସ ମଲ୍ଲିକ,ଜିଲ୍ଲା କମିଟି ସଭ୍ୟ ଚୈତନ୍ୟ ମହାରଣା, ନିରୁପମା ବେହେରା ଓ ବିଚିତ୍ର ଦାସ ବକ୍ତବ୍ୟ ରଖି ଥିଲେ । ସଭାସ୍ଥଳରୁ ରାଜ୍ୟ କମିଟି ସଭ୍ୟ କେଦାରନାଥ ସାହୁଙ୍କ ନେତୃତ୍ୱରେ ଜିଲ୍ଲା କମିଟି ସଭ୍ୟ ସୁଲୋଚନା ପ୍ରଧାନ, ପ୍ରଶାନ୍ତ ସ୍ୱାଇଁ, ମନୋଜ ସେଠୀଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଷ୍ଟେସନ ମାଷ୍ଟରଙ୍କୁ ପ୍ରଦାନ କରିଥିଲେ। ସେଠାରୁ ଶୋଭାଯାତ୍ରା କଳିଙ୍ଗନଗରର ଉପ ଜିଲ୍ଲାପାଳଙ୍କ ଅଫିସ୍ ଅଭିମୁଖେ ଯାତ୍ରା କରିଥିଲା ଓ ଏକ ପ୍ରତିନିଧି ମଣ୍ଡଳୀ ରେଳ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର କଳିଙ୍ଗ ନଗର ଏ ଡି ଏମ୍‌ଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶରତ ଜେନା, ନିଗମାନନ୍ଦ ଦାସ, ନିରଞ୍ଜନ ସାମଲ, ପ୍ରଶାନ୍ତ ମଲ୍ଲିକ,ବାବୁରାମ ମଲ୍ଲିକ, ମଧୁସୂଦନ ସେଠୀ ଆଦି ସହଯୋଗ କରିଥିଲେ।

# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ଚାଷୀମାନଙ୍କୁ ଚାଷଜମିର ମୃତିକା ସଂଗ୍ରହ, ପରୀକ୍ଷଣ ଓ ମୃତିକା ସ୍ୱାସ୍ଥ୍ୟକାର୍ଡ ସୁବିଧାରେ ଓ ସମୟ ମୁତାବକ ଯୋଗାଇଦେବା ନିମନ୍ତେ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଥିବା ନବୀକୃତ ମୃତିକା ସ୍ୱାସ୍ଥ୍ୟକାର୍ଡ ପୋର୍ଟାଲର ମୃତିକା ନମୁନା ସଂଗ୍ରହ ଆପ୍ ରେ ଆବଶ୍ୟକ ସଂଶୋଧନ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି । ଏହି ମର୍ମରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ପତ୍ରଲେଖି ରାଜ୍ୟର ଚାଷୀମାନଙ୍କ ହିତ ଦୃଷ୍ଟିରୁ ନୂତନ ଆପ୍ ରେ ପୂର୍ବଧାରା ଅନୁସାରେ ଗୋଟିଏ ଗ୍ରୀଡ଼୍ର ନମୁନାରେ ଏକାଧିକ କୃଷକଙ୍କୁ ପଞ୍ଜିକରଣ କରିବାର ସୁବିଧା ଯୋଗାଇଦେବା ପାଇଁ ଅନୁରୋଧ କରିଛନ୍ତି ।



## ଟ୍ୱିନ୍‌ସିଟିରେ କାଳବୈଶାଖୀର ତାଣ୍ଡବ





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୁରୁବାର ଅପରାହଣ ରାଜଧାନୀରେ ତାଣ୍ଡବ ରଚିଛି କାଳବୈଶାଖୀ। ରାଜଧାନୀର ବିଭିନ୍ନ ଅଂଚଳରେ ଧୂଳି ଝଡ ପରେ ଘଡଘଡି ବିଜୁଳି ଏବଂ ପବନ ସହ ବର୍ଷା ହୋଇଛି। ପାଖାପାଖି ୪୫ ମିନିଟ୍ ଯାଏଁ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ଏହାର ପ୍ରଭାବରେ ବହୁ ସ୍ଥାନରେ ବଡ ବଡ ଗଛ ଉପୁଡି ପଡିଥିବା ବେଳେ ଆଉ କେଉଁଠି ଗଛ ଡାଳ ଭାଙ୍ଗି ପଡିଥିଲା। କିଛି ସ୍ଥାନରେ ଗଛ ପଡି ଘରର ପାଚେରୀ ଓ ଗାଡି କ୍ଷତିଗ୍ରସ୍ତ ହୋଇଛି। ଗଛ ଡାଳ ପଡିବାରୁ ବିଦ୍ୟୁତ୍ ସରବରାହ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ସେହିପରି ପ୍ରବଳ ବର୍ଷା ଯୋଗୁଁ ତଳିଆ ଅଂଚଳରେ ପାଣି ଭର୍ତି ହୋଇଯାଇଥିଲା। ଫଳରେ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଅପରପକ୍ଷରେ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଅଜନ୍ତା ସର୍କସ୍‌ର ଟେଣ୍ଟ ଉପୁଡି ପଡିଥିଲା। ତେବେ ପ୍ରବଳ ଖରାରେ ସିଝିଥିବା ରାଜଧାନୀବାସୀଙ୍କୁ ବର୍ଷା ପରେ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଗୁରୁବାର ଦିନ ସାରା ପ୍ରବଳ ଖରା ଓ ଗୁଳୁଗୁଳିରେ ରାଜଧାନୀବାସୀ ସନ୍ତୁଳି ହୋଇଥିଲେ। କିନ୍ତୁ ଅପରାହ୍ନ ପ୍ରାୟ ସାଢେ ୪ ଟା ବେଳକୁ ହଠାତ୍ ଆକାଶରେ କଳାହାଣ୍ଡିଆ ମେଘ ମାଡି ଆସିଥିଲା। ଯିଏ ଯେଉଁଠି ଥିଲେ ଅଟକି ଯାଇଥିଲେ । କାରଣ, ବର୍ଷା-ପବନ ମାଡ଼ରେ ଗଛର ଡାଳ ଭାଙ୍ଗି ପଡୁଥିଲା। ବଡ଼ ବଡ଼ ଡାଳ ଭାଙ୍ଗିପଡ଼ିବାରୁ ରାସ୍ତାଘାଟରେ ଯାତାୟାତ ପ୍ରଭାବିତ ହୋଇଥିଲା। ସେହପରି କଟକ ସହରରେ କାଳବୈଶାଖୀର ତାଣ୍ଡବ ଲୋକଙ୍କୁ ଅତିଷ୍ଠ କରିଛି। ଏପରିକି କାଳବୈଶାଖୀ ପ୍ରଭାବରେ ସହରବାସୀ ବିଭିନ୍ନ ସ୍ଥାନରେ ଭୟର ବାତାବରଣ ମଧ୍ୟରେ ଅଟକି ରହିଥିଲେ। ବର୍ଷା, ପବନ ସାଙ୍ଗକୁ ଘଡ଼ଘଡ଼ି, ବିଜୁଳି ଲୋକଙ୍କ ମନରେ ଭୟ ସଞ୍ଚାର କରିଥିଲା।

## ରାଜ୍ୟପାଳଙ୍କ ଦ୍ୱାରା 'ସତ୍ ଜ୍ଞାନ' ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଳିଙ୍ଗ ବିହାର ନିବାସୀ ଲକ୍ଷ୍ମୀଧର ପଲାଇଙ୍କ ରଚିତ 'ସତ୍‌ଜ୍ଞାନ' ପୁସ୍ତକଟି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ରାଜଭବନରେ ଉନ୍ମୋଚିତ ହୋଇଯାଇଛି। ଉକ୍ତ ପୁସ୍ତକରେ ସ୍ଥାନିତ ପ୍ରସଙ୍ଗଗୁଡ଼ିକ ବେଦ, ଉପନିଷଦ୍, ଭାରତୀୟ ଦର୍ଶନ, ଗୀତା, ଭାଗବତ, ମୁନିଋଷି, ସାଧୁସନ୍ଥ ତଥା ବିଦ୍ୱାନମାନଙ୍କ ପ୍ରଣୀତ ଆଧ୍ୟାତ୍ମିକ ଗ୍ରନ୍ଥ ଉପରେ ଆଧାରିତ। ଏହାର ଭାଷା, ସରଳ, ସହଜ, ସ୍ୱଚ୍ଛ, ସାବଲୀଳ ତଥା ବୋଧଗମ୍ୟ। ପୁସ୍ତକଟିରେ ସନ୍ନିବେଶିତ ବିଶ୍ଳେଷଣାତ୍ମକ ତଥା ଗବେଷଣାମୂଳକ ପ୍ରବନ୍ଧଗୁଡ଼ିକ ମନୁଷ୍ୟଙ୍କ କର୍ମମୟ ଜୀବନରେ ଆଧ୍ୟାତ୍ମିକ ପ୍ରେରଣା ଓ ପ୍ରଗତି, ଫଳପ୍ରଦ ଜୀବନଚର୍ଯ୍ୟା ଭଗବତ୍‌କୃପା ତଥା ଆତ୍ମୋନ୍ନତି ପାଇଁ ସହାୟକ ହୋଇପାରିବ। ପୁସ୍ତକଟିର ପ୍ରସଙ୍ଗଗୁଡିକ ଗୋଟିଏ ଗୋଟିଏ ଉଚ୍ଚକୋଟୀର ତଥା ଉନ୍ନତମାନର ରଚନା। ପୁସ୍ତକଟି ସମସ୍ତବର୍ଗର ବ୍ୟକ୍ତି ବିଶେଷଙ୍କ ହୃଦୟସ୍ପର୍ଶୀ ହେବ ବୋଲି ଆଶା କରାଯାଉଛି। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଏହା ଏକ ସାର୍ବଜନୀନ ଉପାଦେୟ ପୁସ୍ତକ।

## ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାଧ୍ୟମିକ ବିଦ୍ୟାଳୟ ସ୍ତରରେ କାର୍ଯ୍ୟରତ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କର ଦୁଇ ଦିବସୀୟ ରାଜସ୍ତରୀୟ ପ୍ରଶିକ୍ଷଣ ଶିବିର (ଚତୁର୍ଥ ବ୍ୟାଚ), କଳିଙ୍ଗ ଷ୍ଟାଡ଼ିୟମ ଠାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଉପସ୍ଥିତ ପ୍ରଶିକ୍ଷାର୍ଥୀମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ମନ୍ତ୍ରୀ ମାଧ୍ୟମିକ ବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀମାନଙ୍କର ପୂର୍ଣ୍ଣାଙ୍ଗ ବିକାଶରେ ଶାରୀରିକ ଶିକ୍ଷା ଶିକ୍ଷକଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଛାତ୍ରଛାତ୍ରୀଙ୍କୁ ମାନବୀୟ ମୂଲ୍ୟବୋଧ ଶିକ୍ଷା ପ୍ରଦାନ କରି ଭଲ ମଣିଷ ଭାବେ ଗଢ଼ି ତୋଳିବାରେ ପ୍ରତିଟି ଶିକ୍ଷକ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବେ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଉକ୍ତ ଉଦଘାଟନୀ କାର୍ଯ୍ୟକ୍ରମରେ ଅନମାନଙ୍କ ମଧ୍ୟରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଓ ଓସେପାର ଅତିରିକ୍ତ ନିର୍ଦ୍ଦେଶକ (ସାଧାରଣ) ଭଗବାନ ବେହେରା ଅତିଥି ଭାବେ ଉପସ୍ଥିତ ଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମାର୍ଗଦର୍ଶନରେ ତଥା କ୍ରୀଡା ଓ ଯୁବସେବା ବିଭାଗର ସହଯୋଗରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ରୀଡା ଓ ଯୁବସେବା ବିଭାଗର ବରିଷ୍ଠ ତଥା ଅନୁଭବି ଜାତୀୟ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସାଧନକର୍ମୀମାନେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ପ୍ରଶିକ୍ଷକମାନଙ୍କ ମଧ୍ୟରେ କ୍ରୀଡ଼ା ତଥା ଯୁବସେବା ବିଭାଗର ବୈଷୟିକ ନିର୍ଦ୍ଦେଶକ ଲେଫ୍‌ନାଣ୍ଟ କର୍ଣ୍ଣେଲ ଏ. ରାଜେଶ, କ୍ରୀଡା ଓ ଯୁବସେବା ବିଭାଗର ବରିଷ୍ଠ ଖେଳବିଜ୍ଞାନ ବିଶେଷଜ୍ଞ ପ୍ରଫେସର ଡ. ସୌମିତ୍ର ମଣ୍ଡଳ, ପି. ଧର୍ମାରାଓ, ରାଜେନ୍ଦ୍ର ପ୍ରସାଦ ପାଣି, ଡ. ଦିନେଶ, ଚନ୍ଦ୍ରକାନ୍ତ ବାରିକ ଆଦି ଅନ୍ୟତମ ଅଟନ୍ତି ।

## 'ମାଓ ଦମନ ଅଭିଯାନରେ ଓଡିଶା ପୋଲିସର ସ୍ୱତନ୍ତ୍ର ସୁନାମ ରହିଛି'

### ଓଡ଼ିଶା ପୋଲିସ ପ୍ରଥମ ବ୍ୟାଚ୍ କ୍ୟାଡେଟ ସବ ଇନ୍ସପେକ୍ଟରଙ୍କ ଦୀକ୍ଷାନ୍ତ ସମାରୋହ



କଟକ(ଭାସ୍କର ନ୍ୟୁଜ୍): ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ ଠାରେ ପ୍ରଥମ ବ୍ୟାଚ କ୍ୟାଡେଟ୍ ସବ୍-ଇନ୍ସପେକ୍ଟର (ସଶସ୍ତ୍ର)ଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂସଲ ଯୋଗ ଦେଇ ସମସ୍ତଙ୍କୁ ସ୍ୱାଗତ ଏବଂ ଅଭିନନ୍ଦନ ଜଣାଇବା ସହ ଦେଶ, ସମାଜ ତଥା ସାଧାରଣ ଲୋକଙ୍କ ପାଇଁ ସାଧୁତା ଓ ସଚ୍ଚୋଟତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଡିଜିପି ଶ୍ରୀ ବଂସଲ କହିଥିଲେ ଯେ, ସାରା ଭାରତରେ ମାଓ ଦମନ ଅଭିଯାନରେ ଓଡିଶା ପୋଲିସର ସ୍ୱତନ୍ତ୍ର ସୁନାମ ରହିଛି। ଆଗାମୀ ଦିନରେ ମାଓ ଦମନ ଅଭିଯାନରେ ଏହି କ୍ୟାଡେଟ୍ ସବ୍-ଇନ୍ସପେକ୍ଟର (ସଶସ୍ତ୍ର)ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ମାଓଦମନ ଅଭିଯାନରେ ଓଡିଶା ପୁଲିସକୁ ଆହୁରି ବହୁତ ରାସ୍ତା ଯିବାକୁ ବାକି ରହିଛି। ଦାୟିତ୍ୱ ଏବଂ ବଳିଷ୍ଠ ନେତୃତ୍ୱ ନେଇ ଏହି ଅଭିଯାନକୁ ଆହୁରି ବ୍ୟାପକ କରିବାପାଇଁ ଡିଜିପି ଶ୍ରୀ ବଂସଲ ଆହ୍ୱାନ ଦେଇଥିଲେ। ସାରା ଦେଶରେ ଓଡିଶା ପୁଲିସର ସ୍ପେଶାଲ ଅପରେସନ ଗ୍ରୁପ ସର୍ବଶ୍ରେଷ୍ଠ ମାଓ ବିରୋଧୀ ବାହିନୀ। ସାହସ, ନେତୃତ୍ୱ ଏବଂ ଦକ୍ଷତା ପ୍ରତିପାଦନ କରିବାରେ କ୍ୟାଡେଟ୍ ସବ୍-ଇନ୍ସପେକ୍ଟର (ସଶସ୍ତ୍ର)ମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିବ ବୋଲି ଡିଜିପି କହିଥିଲେ। ଏକ ନୂତନ ଆଶା, ଉତ୍ସାହ ଏବଂ ଉଦ୍ଦୀପନାର ସହ କାର୍ଯ୍ୟ କ୍ଷେତ୍ରରେ ଯୋଗଦେଇ ଓଡିଶା ପୁଲିସ ପାଇଁ ସୁନାମ ଆଣିବାକୁ ଡିଜିପି ପରାମର୍ଶ ଦେଇଥିଲେ। ଏକାଡେମୀରେ ପ୍ରଦାନ କରାଯାଇଥିବା ତାଲିମ ଆଗାମୀ ଦିନରେ ନବନିଯୁକ୍ତ କ୍ୟାଡେଟ ସବ୍ ଇନ୍ସପେକ୍ଟର (ସଶସ୍ତ୍ର)ଙ୍କୁ ଆହୁରି ଦାୟିତ୍ୱବାନ ଏବଂ କର୍ତ୍ତବ୍ୟ ସମ୍ପାଦନ କରିବାରେ ସହାୟକ ହେବ ବୋଲି ଡିଜିପି ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ଡିଜିପି ଓଡିଶା ପୋଲିସରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ଚଳିତ ବର୍ଷ ୪୫୦୦ କନେଷ୍ଟବଳଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବାବେଳେ ସେମାନଙ୍କୁ ଏବେ ତାଲିମ ପ୍ରଦାନ କରାଯାଉଛି। ସେହିପରି ୪୭୦ ସବ୍-ଇନ୍ସପେକ୍ଟର ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି ଏବଂ ଖୁବ ଶୀଘ୍ର ଏହି ପ୍ରକ୍ରିୟାକୁ ସମାପ୍ତ କରାଯିବ ବୋଲି ଡିଜିପି ନିଜ ଅଭିଭାଷଣରେ କହିଛନ୍ତି। ଏହି ଦୀକ୍ଷାନ୍ତ ସମାରୋହରେ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡଙ୍ଗୀ, ଆଇଜିପି ସାଇନି ଏସ୍.ଙ୍କ ସମେତ ପୋଲିସ ବିଭାଗର ବହୁ ବରିଷ୍ଠ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କ୍ୟାଡେଟ୍ ସବ୍-ଇନ୍ସପେକ୍ଟର (ସଶସ୍ତ୍ର)ଙ୍କ ଦ୍ୱାରା ଚିତ୍ତାକର୍ଷକ ପ୍ୟାରେଡ ପ୍ରଦର୍ଶନ କରାଯାଇଥିଲା। ଟ୍ରେନିଂ ସମୟରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ସଂକଳ୍ପ ରାଜ ଶ୍ରେଷ୍ଠ, ଦିଲ୍ଲୀପ କୁମାର ବେହେରା, ଜିତେନ୍ଦ୍ରିୟ ସିଂ, ସୁଶାନ୍ତ କୁମାର ବାରିକ, ପ୍ରୀତମ କୁମାର ପ୍ରତିହାରୀଙ୍କୁ ଡିଜିପି ପୁରସ୍କାର ଓ ସମ୍ବର୍ଦ୍ଧିତ କରିଥିଲେ। ଏହାସହ ଇନ୍ସପେକ୍ଟର କାବେରୀ ପ୍ରଧାନ, ଏଏସ୍‌ଆଇ ବାବୁଲା ସାମଲ, ହାବିଲଦାର ପଦ୍ମଚରଣ ଜେନାମଣି, ଇନ୍ସପେକ୍ଟର (ସଶସ୍ତ୍ର) ସୁଜିତ ମିଶ୍ର, ଏସଆଇ (ସଶସ୍ତ୍ର) ଅନ୍ତର୍ଯାମୀ ସାହୁ ଏବଂ କନେଷ୍ଟବଳ ଦୁର୍ଗାପ୍ରସାଦ ନନ୍ଦଙ୍କୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଟ୍ରେନିଂ ମେଡାଲ (୨୦୨୦-୨୧) ଡିଜିପି ଶ୍ରୀ ବଂସଲ ପ୍ରଦାନ କରିଥିଲେ।

## ସ୍ୱତନ୍ତ୍ର ଗାଡିରେ ଚିକିତ୍ସିତ ରୋଗୀଙ୍କୁ ଘରେ ଛଡ଼ାଗଲା

କଟକ(ଭାସ୍କର ନ୍ୟୁଜ୍): କଟକ ବଡ଼ ଡାକ୍ତରଖାନାରେ ବାହାନଗା ରେଳ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ୮ ଜଣ ରୋଗୀଙ୍କୁ ସ୍ୱତନ୍ତ୍ର ଗାଡିରେ ଘରେ ଛଡ଼ାଯାଇଛି । କଟକ ରେଡକ୍ରସ ପକ୍ଷରୁ ପ୍ରତ୍ୟେକ ରୋଗୀଙ୍କୁ ୩୦୦୦ ଟଙ୍କା ଓ କଟକ ମହାନଗର ନିଗମ ପକ୍ଷରୁ କେବଳ ଶୁଖିଲା ଖାଦ୍ୟ ଓ ଏକ ବ୍ୟାଗ ପ୍ରଦାନ କରାଯାଇଥିଲା । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଗାଡିର ସମସ୍ତ ଖର୍ଚ୍ଚ ଓ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଇଛି । ମେୟର ସୁବାସ ସିଂହ, ବିଧାୟକ ସୌଭିକ ବିଶ୍ୱାଳ, କମିଶନର ନିଖିଳ ପବନ କଲ୍ୟାଣ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ ଆର୍‌ଟିଓ ସଞ୍ଜୟ ବେହେରା, ଡେପୁଟି କମିଶନର ଅଜୟ କୁମାର ମହାନ୍ତି, ଡେପୁଟି କମିଶନର ଅମିୟ ପଣ୍ଡା, କର୍ପୋରେଟର କେ କାମେଶ୍ୱର ରାଓ, କଟକ ସଦର ବିଡି ଓ ରାଜୀବ ଲୋଚନ ପଣ୍ଡା, ତିଗିରିଆ ବିଡିଓ ପ୍ରଣବ କୁମାର ବେହେରାଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ଗାଡି ଜରିଆରେ ପଶ୍ଚିମବଙ୍ଗର ନିଜ ଗ୍ରାମରେ ଛାଡି ଆସିବାକୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ଏଥିରେ ଦେବାଶିଷ ନାୟକ, ଚିତରଞ୍ଜନ ପରିଡ଼ା, ସୁକାନ୍ତ ପ୍ରଧାନ, ସୁଧାଂଶୁ ଦାସ, ସତ୍ୟାନନ୍ଦ ସାମଲ, ଦେବେନ୍ଦ୍ର ପାଣିଗ୍ରାହୀ, ଜଗନ୍ନାଥ ସ୍ୱାଇଁ, ଜନ୍ ଆଶିଷ ବରାଳ, ଶିବପ୍ରସାଦ ସାହୁ, ସୟଦ ଶେଖାଓ୍ୱତ୍ ଅଲି ପ୍ରମୁଖ ସହଯୋଗ କରିଥିଲେ ।

## ଏସ୍‌ସିବିରେ ବିଶ୍ୱ ବ୍ରେନ୍ ଟ୍ୟୁମର ଦିବସ ପାଳିତ

କଟକ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ବିଶ୍ୱ ବ୍ରେନ୍ ଟ୍ୟୁମର ଦିବସ ପାଳିତ ହୋଇଯାଇଛି । ଏଥିରେ ଏମ୍‌ସର ପ୍ରାକ୍ତନ ନିର୍ଦ୍ଦେଶକ ତଥା ସୋଆ ୟୁନିଭର୍ସିଟିର ପୂର୍ବତନ ଭାଇସ୍ ଚାନ୍‌ସେଲର ଡାକ୍ତର ଅଶୋକ ମହାପାତ୍ର ଯୋଗଦେଇ ବ୍ରେନ୍ ଟ୍ୟୁମର ରୋଗର ଚିକିତ୍ସା ସମ୍ଭବ ବୋଲି କହିଥିଲେ। କଟକ ମହାନଗର ନିଗମ କମିଶନର ନିଖିଲ ପଓ୍ୱନ କଲ୍ୟାଣ ଯୋଗଦେଇ ବ୍ରେନ୍ ଟ୍ୟୁମ୍‌ର ରୋଗର ଚିକିତ୍ସା ସହଜରେ କରାଯାଇପାରୁଛି ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ଏସସିବିର ଡିନ୍ ଡାକ୍ତର ପ୍ରସନ୍‌ଜିତ ମହାନ୍ତି, ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କ ସମେତ ବ୍ୟକ୍ତିଗତ ଭାବେ ଯେଉଁମାନଙ୍କର ବ୍ରେନ ଟ୍ୟୁମର ସର୍ଜରୀ କରାଯାଇଛି ସେମାନେ ମଧ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଓଡ଼ିଶା ମତ୍ସ୍ୟ ସେବା ସଂଘର ସହାୟତା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାହାନଗା ରେଳ ଷ୍ଟେସନ ରେ ହୋଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣା ସମଗ୍ର ବିଶ୍ୱ କୁ ସ୍ତବ୍ଧ କରିଛି। ଏହି ଦୁଃସମୟରେ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ସରକାରୀ ଓ ବେସରକାରୀ ସଂଗଠନ ପକ୍ଷରୁ ମୃତାହତ ପରିବାର ଗୁଡ଼ିକ ପ୍ରତି ସମବେଦନା ଜ୍ଞାପନ କରାଯାଉଛି। ଏହି କ୍ରମରେ ସହାୟତାର ହାତ ବଢ଼ାଇଛି ଓଡ଼ିଶା ମତ୍ସ୍ୟ ସେବା ସଂଘ। ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ନଅ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ଉପସ୍ଥିତିରେ ସଂଘର ସଭାପତି ଶ୍ରୀ ଦେବାନନ୍ଦ ଭଞ୍ଜ, ସଂପାଦକ ଶ୍ରୀ ମଧୁମୟ ସାମଲ ଓ ଅନ୍ୟାନ୍ୟ କର୍ମକର୍ତ୍ତା ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଏହି ଚେକ୍ ପ୍ରଦାନ କରିଛନ୍ତି।

## +୨ କଳାରେ କିସ୍‌ର ଶତପ୍ରତିଶତ ସଫଳତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ କଳା ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ କିସ୍‌ର ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। କଳାରେ ରାଜ୍ୟର ପାସ୍ ହାର ୭୮.୮୮ ପ୍ରତିଶତ ରହିଥିବା ବେଳେ କିସ୍‌ର ହାର ଶତ ପ୍ରତିଶତ ରହିଛି। କିସ୍ ଛାତ୍ରୀ ପୁଷ୍ପ ରାଣୀ ମୁର୍ମୁ ସର୍ବାଧିକ ୮୨ପ୍ରତିଶତ ନମ୍ବର ରଖି କଲେଜ ଟପ୍‌ପର ହୋଇଛନ୍ତି। ପୁଷ୍ପରାଣୀ ପଞ୍ଚମ ଶ୍ରେଣୀରୁ କିସ୍‌ରେ ପଢ଼ିଆସୁଥିଲେ। କିସ୍‌ର ୩୫ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ଅଧିକାଂଶ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ କିସ୍‌ର ଅଧ୍ୟାପକ ଅଧ୍ୟାପିକାଙ୍କ ନିୟମିତ ମାର୍ଗଦର୍ଶନ ଓ ଛାତ୍ରଛାତ୍ରୀଙ୍କ ପରିଶ୍ରମ ସେମାନଙ୍କୁ ସଫଳତା ଆଣି ଦେଇଛି ବୋଲି କହିଛନ୍ତି।

### ଇମର୍ତ୍ତୀ ଦେବୀ ଯୁକ୍ତ ଦୁଇ କଳାରେ ପାସ୍ ହାର ୮୩%

କଟକ(ଭାସ୍କର ନ୍ୟୁଜ୍): କଟକ ନୟାସଡ଼କସ୍ଥିତ ଇମର୍ତୀ ଦେବୀ ମହିଳା ମହାବିଦ୍ୟାଳୟର ଯୁକ୍ତ ଦୁଇ କଳାରେ ୨୭୨ ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୨୬ଜଣ ପାସ୍ କରିଛନ୍ତି । ପ୍ରଥମ ଶ୍ରେଣୀରେ ୩୦ ଜଣ ପାସ୍ କରିଥିବା ବେଳେ, ଦ୍ୱିତୀୟ ଶ୍ରେଣୀରେ ୪୦ ଜଣ ଏବଂ ତୃତୀୟ ଶ୍ରେଣୀରେ ୧୫୬ ଜଣ ପାସ୍ କରିଛନ୍ତି । ପାସ୍ ହାର ୮୩% ହୋଇଛି । କଲେଜ ପରିଚାଳନା କମିଟି ସଭାପତି ଡ଼ାକ୍ତର ରବି ରନ ସାହୁ ଓ କାର୍ଯ୍ୟନିର୍ବାହୀ ଅଧକ୍ଷା ଜୟନ୍ତୀ ତ୍ରିପାଠୀ କୃତି ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### ଖ୍ରୀଷ୍ଟ କଲେଜର +୨ କଳା ପରୀକ୍ଷାରେ ସଫଳତା

କଟକ(ଭାସ୍କର ନ୍ୟୁଜ୍): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରକାଶିତ ଖ୍ରୀଷ୍ଟ କଲେଜ +୨



କଳା ପରୀକ୍ଷା ଫଳାଫଳରେ ୮୧ % ପ୍ରତିଶତ ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି । କଳାରେ ୨୩୭ ବିଦ୍ୟାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୬୨, ଦ୍ୱିତୀୟ ଶ୍ରେଣୀରେ ୬୩ ଓ ତୃତୀୟ ଶ୍ରେଣୀରେ ୧୧୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ବିଭାଗର ଛାତ୍ର ଅଭିଷେକ ଓଝା ସର୍ବୋଚ୍ଚ ୪୯୫ ମାର୍କ (୮୨.୦୫%) ରଖି କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କଲେଜ ପରିଚାଳନା ସମିତିର କର୍ମକର୍ତ୍ତାବୃନ୍ଦ ଓ ଅଧକ୍ଷା ଶ୍ରୀମତୀ ମଧୁମିତା ପାତ୍ର ଉତ୍ତୀର୍ଣ୍ଣ ସମସ୍ତ ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି।

## ଉତ୍କଳ ହସ୍ପିଟାଲରେ ମସ୍ତିଷ୍କ, ଟ୍ୟୁମର ବୋର୍ଡ ଗଠିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍କଳ ହସ୍ପିଟାଲରେ ମସ୍ତିଷ୍କ ଟ୍ୟୁମର ବୋର୍ଡ ଗଠନ କରାଯାଇଛି। ଏହି ପ୍ଲାଟଫର୍ମ ମାଧ୍ୟମରେ ରୋଗୀମାନେ ବ୍ୟାପକ ଚିକିତ୍ସା ପାଇପାରିବେ। ନ୍ୟୁରୋ ଅଙ୍କୋଲୋଜିକାଲ ଅବସ୍ଥାରେ ରୋଗୀଙ୍କୁ ଏହା ବେଶ୍ ସହାୟକ ହେବ। ଏହି ସହଯୋଗୀ ପଦକ୍ଷେପ ମସ୍ତିଷ୍କ ଏବଂ ମେରୁଦଣ୍ଡ ଟ୍ୟୁମରର ନିରାକରଣ, ଚିକିତ୍ସା ଏବଂ ପରିଚାଳନାରେ ଉତ୍କର୍ଷତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ଏହି ବୋର୍ଡ ଗଠନ ହେବା ଅବସରରେ ଏଥିରେ ଅତିଥିଭାବେ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ. ଅଶୋକ ମହାପାତ୍ର, ସାଂସଦ ଅନୁଭବ ମହାନ୍ତି, ସାଂସଦ ସୁଲତା ଦେଓ, ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ପ୍ରଜ୍ଞାନ ରଞ୍ଜନ ଘରାଇ, ସିଇଓ ଡ. ଆଶିଷ ଚନ୍ଦ୍ର, ଡ. ସିଦ୍ଧାର୍ଥ ଶଙ୍କର ସାହୁ, ଡ. ଅମିତାଭ ରଥ, ଡ. ସଞ୍ଜୀବ ରଥ, ଡ. ରଞ୍ଜନ କୁମାର ମହାପାତ୍ର, ଡ. ଆକାଶ ଗୁପ୍ତା, ଅଭିନେତ୍ରୀ ସ୍ୱପ୍ନା ପତି ପ୍ରମୁଖ ଯୋଗ ଦେଇଥିଲେ।

## ରେଳ ଦୁର୍ଘଟଣାରେ ନିହତ ଓ ଆହତଙ୍କ ନିମନ୍ତେ ସମୂହ ଦୀପଦାନ

କଟକ(ଭାସ୍କର ନ୍ୟୁଜ୍): ବାଲେଶ୍ୱର ସ୍ଥିତ ବାହାନଗା ଠାରେ ହୋଇଥିବା ରେଳ ଦୁର୍ଘଟଣାରେ ନିହତ ହୋଇଥିବା ଯାତ୍ରୀଙ୍କ ଅମର ଆତ୍ମାର ସଦଗତି କାମନା ସହ ଆହତ ମାନଙ୍କର ଆଶୁ ଆରୋଗ୍ୟ କାମନା କରି ଏକ ଶୋକସଭା ଓ ସମୂହ ଦୀପଦାନ କାର୍ଯ୍ୟକ୍ରମ ମା' ଦୁଲ୍ଲାଦେଇଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି ୫୩ ନମ୍ବର ୱାର୍ଡର ଅନ୍ଦରପୁର ସ୍ଥିତ ଦୁଲ୍ଲାଦେଇ ରୋଡ ଡେଭେଲପମେଣ୍ଟ୍ କମିଟି, ଦୁଲ୍ଲାଦେଇ ମହିଳା କମିଟି ଓ ଦୁଲ୍ଲାଦେଇ ଯୁବକ ସଂଘ ମିଳିତ ଭାବେ ଶୋକସଭା ଓ ସମୂହ ଦୀପଦାନ କାର୍ଯ୍ୟକ୍ରମରେ ଡେଭେଲପମେଣ୍ଟ୍ କମିଟି ସଭାପତି ଭାଗ୍ୟଧର ବ୍ରହ୍ମାଙ୍କ ଅଧକ୍ଷତାରେ ନିରବ ପାର୍ଥନା ସହ ଶୋକସଭା କରାଯାଇ ସମୂହ ଦୀପଦାନ କରାଯାଇଥିଲା।



ଫାଉଣ୍ଡେସନ୍ ଅଫ୍ ମେଥମେଟିକ୍ସ ପକ୍ଷରୁ ଏକ ପୁସ୍ତକ ଲୋକାର୍ପଣ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଜଗନ୍ନାଥପ୍ରସାଦ ବନାଞ୍ଚଳରେ ଥିବା ଗେରେଡା ସେକସନର ସମ୍ବରବନ୍ଧ ସ୍ଥାୟୀ ନର୍ସରୀଠାରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ବିଶ୍ୱ ପରିବେଶ ଦିବସର ଆୟୋଜନ କରାଯାଇଥିଲା। ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରାଙ୍କ ନିର୍ଦ୍ଦେଶ ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ ଉମାକାନ୍ତ ଦାସଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜସେବୀ ଶୂଳପାଣି ଶତପଥୀ, ଲକ୍ଷ୍ମୀ କାନ୍ତ ରାଉତରାୟ, ଲୋକନାଥ ଆଚାର୍ଯ୍ୟ, ପ୍ରଫୁଲ୍ଲ ନାୟକ ଓ ନିରଞ୍ଜନ ନାଇକ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ 'ପ୍ଲାଷ୍ଟିକ କୁ ନା' ଓ 'ପରିବେଶ ଅନୁକୂଳ ଜୀବନ ଶୈଳୀ' ସମ୍ପର୍କିତ ଆଲୋଚନା ଚକ୍ର ଏବଂ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବନ ସୁରକ୍ଷା ସମିତିର ସଭ୍ୟସଭ୍ୟାମାନଙ୍କୁ ବୁଝାଇଥିଲେ। ପରିବେଶ ବଞ୍ଚିଲେ ଆମେ ବଞ୍ଚିବା ଓ ପ୍ଲାଷ୍ଟିକ ତ୍ରୁଷ୍ଟିକ ଆଗାମୀ ଦିନରେ ଏକ ପ୍ଲାଷ୍ଟିକ ମୁକ୍ତରେ ପରିଣତ କରାଯିବା ନିମନ୍ତେ ସଂକଳ୍ପ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗେରେଡା ସେକସନର ବନପାଳ ଦିଲ୍ଲୀପ କୁମାର ଦାଶଙ୍କ ସହଯୋଗ ସମସ୍ତ ବନକର୍ମଚାରୀ, ବନାୟନ ସଂଯୋଜିକା ସୁପ୍ରଭା ପଣ୍ଡିତ ଓ ସ୍ୱାତୀ କର୍ମଚାରୀମାନେ ସହଯୋଗ କରିଥିଲେ।

# ଜିଲ୍ଲା ବିଜେଡି କାର୍ଯ୍ୟକାରିଣୀ ବୈଠକ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡ଼ିର କାର୍ଯ୍ୟକାରିଣୀ ବୈଠକର ଦିନକ ପୂର୍ବରୁ ବିଜେଡି ଜିଲ୍ଲା ସଭାପତିଙ୍କ ଉପସ୍ଥିତିରେ କେନ୍ଦ୍ରାପଡ଼ା ବିଧାୟକଙ୍କୁ ଗାଳି ଗୁଲଜ କରିବା ଘଟଣା ବିଜେଡିର ଦଳୀୟ କନ୍ଦଳକୁ ପଦାରେ ପକାଇ ଦେଇଛି। ବିଧାନସଭା ନିର୍ବାଚନ ମାତ୍ର ଆଉ କେତୋଟି ମାସ ବାକିଥିବା ବେଳେ କେନ୍ଦ୍ରାପଡ଼ା ବିଜୁ ଜନତା ଦଳରେ ଏଭଳି ଗୋଷ୍ଠି କନ୍ଦଳ ଦଳ ପାଇଁ ଶୁଭଙ୍କର ନୁହେଁ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଜିଲ୍ଲା ବିଜେଡିର କାର୍ଯ୍ୟକାରିଣୀ ବୈଠକକୁ ନେଇ କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି ସଭାପତି ଉତ୍କଳ କେଶରୀ କେଶରୀ ପରିଡାଙ୍କ ଗୋଷ୍ଠି ଏବଂ କେନ୍ଦ୍ରାପଡା ବିଧାୟକଙ୍କ ଗୋଷ୍ଠି ମଧ୍ୟରେ ମୁହାଁମୁହିଁ ପରିସ୍ଥିତିରୁ ଏଭଳି ଘଟଣାର ଆଭାସ ମିଳିଛି। ଏହା ସାଧାରଣରେ ବେଶ ଚର୍ଚ୍ଚାର ବିଷୟ ପାଲିଟିଛି। ବିଜୁ ଜନତା ଦଳ ଶୃଙ୍ଖଳିତ ଦଳ ବୋଲି ଦଳପକ୍ଷରୁ କୁହାଯାଉଥିଲେ ମଧ୍ୟ ତାହା କେତେ ବିଶୃଙ୍ଖଳିତ ତାହା ଏଭଳି ଘଟଣାରୁ ସ୍ପଷ୍ଟ ହୋଇଛି। ବିଜୁ ପଟ୍ଟନାୟକ ଗଡ ବୋଲି କୁହାଯାଉଥିବା କେନ୍ଦ୍ରାପଡ଼ା ଜିଲ୍ଲାରେ ବିଜେଡିରେ ଗୋଷ୍ଠୀ କନ୍ଦଳ ତୀବ୍ର ହେବାରେ ଲାଗିଛି। ରାଜ୍ୟରେ ୨୩ ବର୍ଷ ବିଜେଡିର ସ୍ଥିର ସରକାର ଥିବା ସ୍ଥଳେ ବିଜେଡି ଗୋଷ୍ଠି କନ୍ଦଳ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାରେ ସେପରି କୌଣସି ବୃହତ ପ୍ରକଳ୍ପ କାର୍ଯ୍ୟକାରି ହୋଇପାରି ନାହିଁ। ଦଳୀୟ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଗୋଷ୍ଠୀ କନ୍ଦଳ ବଢ଼ିବାରେ ଲାଗିଛି। ଏହାର କୁପ୍ରଭାବ ଜିଲ୍ଲା ବିଜେଡି କାର୍ଯ୍ୟକାରିଣୀ ବୈଠକ ଉପରେ ପଡିଛି। ଏହି ବୈଠକକୁ ନେଇ ଜିଲ୍ଲା ବିଜେଡି ସଭାପତିଙ୍କ ଗୋଷ୍ଠୀ ପକ୍ଷରୁ କେନ୍ଦ୍ରାପଡ଼ା ବିଧାୟକଙ୍କୁ ଗତକାଲି ସନ୍ଧ୍ୟାରେ ଗାଳିଗୁଲଜ କରାଯିବା ଏବଂ ଜିଲ୍ଲା ସଭାପତିଙ୍କ ଉପସ୍ଥିତିରେ ଏସବୁ ହେବା ଦଳୀୟ ବିଶୃଙ୍ଖଳାକୁ ଆହୁରି ତୀବ୍ର କରିଛି। କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶ୍ୟାମସୁନ୍ଦରପୁରସ୍ଥିତ ଏକ ଘରୋଇ ମଣ୍ଡପରେ ବୁଧବାର ଜିଲ୍ଲା ବିଜେଡି କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିରିକୃତ ହୋଇଥିଲା। ସେହି ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟାରେ କାର୍ଯ୍ୟକାରିଣୀ ବୈଠକ ନିମନ୍ତେ ଖାଦ୍ୟ ପାନୀୟର ବ୍ୟବସ୍ଥା କରିବାକୁ କେନ୍ଦ୍ରାପଡ଼ା ବିଧାୟକଙ୍କୁ ପୂର୍ବରୁ ଦାୟିତ୍ୱ ଦିଆଯାଇଥିବାରୁ ବିଧାୟକଙ୍କ ପକ୍ଷରୁ ରୋଷେଇ ସାମଗ୍ରୀ ମଣ୍ଡପକୁ ଆସିଥିବା ବେଳେ ଜିଲ୍ଲା ସଭାପତିଙ୍କ ଗୋଷ୍ଠି ତଥା ଦଳୀୟ ସାଂଗଠନିକ ଦାୟିତ୍ୱରେ ଥିବା ଜନୈକ ବ୍ୟକ୍ତି ଓ ତାଙ୍କ ସମର୍ଥକମାନେ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ କେନ୍ଦ୍ରାପଡ଼ା ବିଧାୟକ ଏବଂ ଜଣେ ମନ୍ତ୍ରୀଙ୍କୁ ଗାଳି ଗୁଲଜ କରିଥିଲେ। ତେଣୁ ବିଧାୟକଙ୍କ ପକ୍ଷରୁ ଆସିଥିବା ରୋଷେଇ ସାମଗ୍ରୀ ସେଠାରୁ ଫେରିଯାଇଥିଲା। ଏହି ଘଟଣା ଜିଲ୍ଲା ବିଜେଡି ସଭାପତି ଶ୍ରୀ ପରିଡାଙ୍କ ଉପସ୍ଥିତିରେ ଘଟିଥିଲା। କାର୍ଯ୍ୟକାରିଣୀ ବୈଠକରେ କିଏ କେଉଁ ଦାୟିତ୍ୱ ନେବ ସେ ସମ୍ପର୍କରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରାପଡ଼ା ଜିଲ୍ଲାର ଦୁଇ ମନ୍ତ୍ରୀ, କେନ୍ଦ୍ରାପଡା ବିଧାୟକ, କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି ସଭାପତି, କେନ୍ଦ୍ରାପଡା ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେହି ଅନୁଯାୟୀ ଜିଲ୍ଲା ବିଜେଡି ସଭାପତିଙ୍କୁ ମଣ୍ଡପ ଏବଂ କେନ୍ଦ୍ରାପଡା ବିଧାୟକଙ୍କୁ ରୋଷେଇ ଦାୟିତ୍ୱ ଦିଆଯାଇଥିଲା ବୋଲି ବିଧାୟକ ଗୋଷ୍ଠିରୁ ସୂଚନା ମିଳିଛି। ତେବେ ଏହାକୁ ନେଇ ଯେଉଁ ପରିସ୍ଥିତି ଉପୁଜିଲା ସେଥିପାଇଁ କିଏ ଦାୟୀ? ଏହା ପଛରେ କେଉଁ ଅଦୃଶ୍ୟ ଶକ୍ତିର ନିର୍ଦ୍ଦେଶ ଅଛି ବୋଲି ବିଜେଡି କର୍ମୀ ମହଲରେ ଆଲୋଚନା ହେଉଛି।



ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଜିଲ୍ଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡାଙ୍କ ସଭାପତିତ୍ୱରେ କାର୍ଯ୍ୟକାରିଣୀ ବୈଠକ ଆରମ୍ଭ ହୋଇଥିଲା। ବୈଠକରେ ଆଳି ବିଧାୟକ ତଥା ଶକ୍ତି ଓ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟକ ସାବିତ୍ରୀ ଅଗ୍ରୱାଲ, ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ ପ୍ରମୁଖ ମଞ୍ଚାସୀନ ଥାଇ ଜିଲ୍ଲା ବିଜେଡି ସଂଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଦଳରେ ଶୃଙ୍ଖଳା ରକ୍ଷାକରି ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକୁ ମାନି କାର୍ଯ୍ୟ କରିବାକୁ ଉପସ୍ଥିତ କର୍ମକର୍ତ୍ତାଙ୍କୁ ପର୍ଯ୍ୟବେକ୍ଷକ ମନ୍ତ୍ରୀ ଶ୍ରୀମତୀ ମଲ୍ଲିକ ପରାମର୍ଶ ଦେଇଥିଲେ। ବହୁ ଆଡମ୍ବରରେ ଆୟୋଜନ କରାଯାଇଥିବା ଏହି କାର୍ଯ୍ୟକାରିଣୀ ବୈଠକରେ ସରସତା ନଥିବାର ଦେଖିବାକୁ ମିଳିଥିଲା। ମହାକାଳପଡ଼ା ବିଧାୟକ ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ଜିଲ୍ଲା ବିଜେଡି ଉପସଭାପତି ଆଇନଜୀବୀ ଦେବଦାସ ମହାନ୍ତି, ଜିଲ୍ଲା ବିଜୁ ଶ୍ରମିକ ସଂଗଠନ ସଭାପତି ଦୂର୍ଗାଶିଷ ମହାନ୍ତି, କେନ୍ଦ୍ରାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ରଶ୍ମୀତା ସେଠୀ ଓ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, କେନ୍ଦ୍ରାପଡ଼ା ପୌରସଂସ୍ଥାର ଉପ ନଗରପାଳ ଆକବରୀ ଖାତୁନ, କେନ୍ଦ୍ରାପଡା ବ୍ଲକ ବିଜେଡି ସଭାପତି ଆଲୋକ ସାହୁ ବ୍ଲକ ମହିଳା ବିଜେଡି ସଭାନେତ୍ରି ସୁମିତ୍ରା ପାଢ଼ୀଙ୍କ ସମେତ କେନ୍ଦ୍ରାପଡା ବିଧାନ ସଭା ନିର୍ବାଚନ ମଣ୍ଡଳୀର ଛାତ୍ର, ଯୁବ, ମହିଳା ସଂଗଠନର ବହୁ କର୍ମକର୍ତ୍ତାଙ୍କ ସମେତ ଜିଲ୍ଲାସ୍ତରୀୟ କର୍ମକର୍ତ୍ତାମାନେ ଏହି ବୈଠକରେ ଅନୁପସ୍ଥିତ ଥିବା ଦେଖାଯାଇଥିଲା। ଦଳର ଜିଲ୍ଲା ସଭାପତିଙ୍କ ପରୋକ୍ଷ ପ୍ରରୋଚନା ବା ସମର୍ଥନରେ ଏଭଳି ଘଟଣା ଘଟିବା ଦଳର ବିଶୃଙ୍ଖଳିତ ଆଚରଣକୁ ପଦାରେ ପକାଇବା ସହିତ ଦଳକୁ ସଧାଧାରଣରେ ନିନ୍ଦିତ କରିଛି। ଏଭଳି ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ କରି ଦଳକୁ ବିଶେଷ କ୍ଷତି ପହଞ୍ଚାଇଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ତୁରନ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଏଭଳି ଆଚରଣ କରିବାକୁ ତାହା ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି।

## 'ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଟ୍ରଷ୍ଟବୋର୍ଡ଼କୁ ବଦନାମ କରାଯାଉଛି'

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ରଘୁନାଥପୁର ବ୍ଲକ୍ କୋରକରା ସ୍ଥିତ ବହୁ ପ୍ରାଚୀନ ରୁଦରେସ୍ୱର ମନ୍ଦିର ଓ ଗଠିତ ଟ୍ରଷ୍ଟବୋର୍ଡକୁ ବଦନାମ କରିବା ପାଇଁ ଷଡଯନ୍ତ୍ର ହେଉଛି। ଏ ସମ୍ପର୍କରେ ବୁଧବାର ବ୍ଲକ୍ ଛକ ସ୍ଥିତ ମଦନମୋହନ ମଠ ପରିସରରେ ଏକ ଖବରଦାତା ସମ୍ମିଳନୀରେ ଟ୍ରଷ୍ଟବୋର୍ଡ କମିଟିର ସଭାପତି ନିର୍ମଳ ଚନ୍ଦ୍ର ଦାସ, ସଦସ୍ୟ ଚନ୍ଦ୍ରମଣି ବରାଳ, ପ୍ରଦୀପ ନାୟକ, ସଞ୍ଜୟ ବିଶ୍ୱାଳ ଓ କୃଷ୍ଣଚନ୍ଦ୍ର ମହାନ୍ତି ପ୍ରକାଶ କରିଛନ୍ତି। ଗତ ୨୦୨୧ରେ ଦେବତ୍ତର ବିଭାଗ ପକ୍ଷରୁ ମନ୍ଦିରର ନୀତିକାନ୍ତି ପାଇଁ ଆସିଥିବା ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏହାର ସମ୍ପୂର୍ଣ୍ଣ ଖର୍ଚ୍ଚର ହିସାବ (ୟୁସି)ଦେବତ୍ତର ବିଭାଗକୁ ପ୍ରଦାନ କରାଯାଇଛି। କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଗଠନମୂଳକ ଚିନ୍ତାଧାରାରୁ ଓହରିଯାଇ ନିଜର ବ୍ୟକ୍ତିଗତ ଚାରିତାର୍ଥକୁ ହାସଲ କରିବା ପାଇଁ ବିଭିନ୍ନ ସୋସିଆଲ ମିଡିଆ ଓ ଖବରକାଗଜରେ ମିଥ୍ୟା ତଥ୍ୟ ରଖୁଛନ୍ତି। ଯାହାକି ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଏଥିରେ କୌଣସି ସତ୍ୟତା ନାହିଁ ବୋଲି ସଭାପତି ଦାସ କହିଛନ୍ତି। ଅନ୍ୟପକ୍ଷେ ମନ୍ଦିର ଜମିକୁ ଜବରଦଖଲରେ ରଖିଥିବା କେତେକ ବ୍ୟକ୍ତିଙ୍କୁ ସୁରକ୍ଷା ପ୍ରଦାନ ଓ ଭକ୍ତଙ୍କ ଦାନଅର୍ଥ ଓ ସରକାରୀ ଅନୁଦାନରେ ହେଉଥିବା ମନ୍ଦିରର ଉନ୍ନତିମୂଳକ କାର୍ଯ୍ୟରେ ଚଞ୍ଚକତା କରି ଅର୍ଥ ତୋଷାରପାତ ଉଦ୍ୟମକୁ ସଫଳ କରାଇ ଦିଆନଯିବାରୁ ଈର୍ଷାନିତ ହୋଇ ଟ୍ରଷ୍ଟବୋର୍ଡକୁ ଆଇନ ପରିସରକୁ ଟଣାଯାଉଛି ବୋଲି ସଭାପତି ଦାସ ପ୍ରକାଶ କରିଛନ୍ତି। ଏଥିପାଇଁ ଅନଶନ ଓ ଆନ୍ଦୋଳନକୁ ଓହ୍ଲାଇବା ପାଇଁ କୁହାଯାଇଛି। ଏ ସମ୍ପର୍କରେ ଟ୍ରଷ୍ଟବୋର୍ଡକୁ ଅବଗତ କରାଯାଇ ନଥିବାବେଳେ ଆଗାମୀ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ଏଥିପାଇଁ ଟ୍ରଷ୍ଟବୋର୍ଡ ସଦସ୍ୟମାନେ ଦାୟୀ ରହିବେ ନାହିଁ ବୋଲି ଖବରଦାତା ସମ୍ମିଳନୀରେ ପ୍ରକାଶ କରାଯାଇଛି। ଗତ ୨୦୨୧ରେ ଦେବତ୍ତର ବିଭାଗ ପକ୍ଷରୁ ଟ୍ରଷ୍ଟବୋର୍ଡରେ ଆପ୍ରୁଭାଲ ହୋଇଥିଲା। ଏଥିରେ ସ୍ଥାନୀୟ ତହସିଲଦାର, ଆଇଆଇସିଙ୍କ ସହ ୭ ଜଣ ସ୍ଥାନୀୟ ସଦସ୍ୟ ରହିଛନ୍ତି। ୭ ସଦସ୍ୟଙ୍କ ମଧ୍ୟରୁ ଶଙ୍କର ପ୍ରଧାନ ନାମକ ବ୍ୟକ୍ତିଙ୍କ ଗତ ୨୦୨୨ ରେ ମୃତ୍ୟୁ ହୋଇଯାଇଛି। ମନ୍ଦିର ଓ ଟ୍ରଷ୍ଟବୋର୍ଡ ବିରୁଦ୍ଧରେ ମିଥ୍ୟା ଅପପ୍ରଚାର କରି ଭକ୍ତଙ୍କ ଭାବାବେଗ ପ୍ରତି ଆଘାତ ପହଂଚାଉଥିବା ବ୍ୟକ୍ତିଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଟ୍ରଷ୍ଟବୋର୍ଡ ସଦସ୍ୟଙ୍କ ସହ ଗ୍ରାମବାସୀମାନେ ଜିଲ୍ଲାପାଳ, ଦେବତ୍ତର ଆୟୁକ୍ତ, ଆଇନ ମନ୍ତ୍ରୀ ଓ ସଚିବ ଏବଂ ୫ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଘରୋଇ ବସ୍ ମାଲିକ ସଂଘ ସଭାପତିଙ୍କ ଶ୍ରାଦ୍ଧ ଦିବସ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି, ଜୟପୁର, ନବରଙ୍ଗପୁର, କୋରାପୁଟ ଜିଲ୍ଲାର ଘରୋଇ ବସ ମାଲିକ ସଂଘର ସଭାପତି ସ୍ୱର୍ଗତ ଦୁର୍ଗା ତ୍ରୀପାଠିଙ୍କ ଆଜି ଦ୍ୱିତୀୟ ଶ୍ରାଦ୍ଧ ଦିବସ ମାଲକାନଗିରି ବସ୍‌ଷ୍ଟାଣ୍ଡ ପରିସରରେ ସଂଘ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଘରୋଇ ବସ ମାଲିକମାନଙ୍କ ସହ ଚାଳକ ଓ କଣ୍ଡକ୍ଟର ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ତ୍ରିପାଠୀଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ଜଳନ କରି ସ୍ୱର୍ଗତ ତ୍ରୀପାଠିଙ୍କ ସ୍ମୃତିଚାରଣ କରିଥିଲେ। ପରେ ଅସହାୟ ଗରୀବ ମହିଳା ଓ ପୁରୁଷମାନଙ୍କୁ ବସ୍ତ୍ର, ଅନ୍ନଦାନ ସହ ବିଭିନ୍ନ ସାମଗ୍ରୀ ବିତରଣ କରା ଯାଇଥଇଲା। ଏହି କାର୍ଯ୍ୟକ୍ରମକୁ ମାଲକାନଗିରି ଘରୋଇ ବସ ସଂଘର ଛବିଦାସ, ସନ୍ତୋଷ ପାଣିଗ୍ରାହି, ବୁଢା ପୃଷ୍ଟି, ଅଶୋକ ରାଉତ, ସନ୍ତୋଷ ତ୍ରୀପାଠି, କୁନୁ ଜୈନ, ବୁଦୁ ମାଳି ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ 'ମୋ ଘର' ପ୍ରଶିକ୍ଷଣ କର୍ମଶାଳା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ 'ମୋ ଘର' ଯୋଜନା କରାଯାଇଛି। ଜିଲ୍ଲାରେ ଏହି ଯୋଜନାର ସଫଳ ରୂପାୟନ ପାଇଁ ଜିଲ୍ଲାସ୍ତରୀୟ 'ମୋ ଘର' ପ୍ରଶିକ୍ଷଣ କର୍ମଶାଳା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁଙ୍କ ଅଧ୍ୟକ୍ଷତାରେ ଏବଂ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକଙ୍କ ଉପସ୍ଥିତିରେ ଅନୁଷ୍ଠିତ କର୍ମଶାଳାରେ 'ମୋ ଘର' ଯୋଜନାର ଯୋଗ୍ୟତା, ମାନଦଣ୍ଡ, ଶ୍ରେଣୀ ବିଭାଗ, ସବସିଡି, ଋଣ ହାର, ଋଣ ସହାୟତା ବ୍ୟବସ୍ଥା, ମାସିକ କିସ୍ତି, ଅଭିଯୋଗ ସମାଧାନ, ଇ-ଗଭର୍ଣ୍ଣାନ୍ସ, ଅନ୍ୟ ବିଭାଗର ଭୂମିକା, ଦାୟିତ୍ୱ ଓ ପରିଚାଳନା ବିଷୟରେ ଆଲୋଚନା ହୋଇଥିଲା। ଶ୍ରୀ ସାହୁ କହିଥିଲେ ଯେ, ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାର କିପରି ଛାତ ଘରେ ରହିବେ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ମୋ ଘର ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନାରେ ହିତାଧିକାରୀମାନେ ନିଜ ନାମରେ ଥିବା ପଟ୍ଟା ଯାହାକି ସ୍ଥିତିବାନ ଓ ଘରବାଡ଼ି କିସମ ଥିବ ସେମାନେ



ଆବେଦନ କରିପାରିବେ। ସେଥିପାଇଁ ସରକାର ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବ୍ୟବସ୍ଥା କରିଛନ୍ତି। ଘର କରିବା ପାଇଁ ବ୍ୟାଙ୍କରୁ ସେମାନେ ୧ ଲକ୍ଷ, ଦେଢ଼ ଲକ୍ଷ, ୨ ଲକ୍ଷ ଓ ୩ ଲକ୍ଷ ପର୍ଯ୍ୟନ୍ତ ଋଣ ନେଇ ପାରିବେ। ଏହି ଋଣ ଟଙ୍କାରେ ମଧ୍ୟ ସରକାର ସବସିଡି ବ୍ୟବସ୍ଥା କରିଛନ୍ତି। ଏହି ଋଣ ଶୁଝିବା ପାଇଁ ୧୧ ବର୍ଷ ସମୟ ଧାର୍ଯ୍ୟ ହୋଇଛି। ଜଣେ ହିତାଧିକାରୀ ହେବାକୁ ହେଲେ ପରିବାରର ମାସିକ ଆୟ ୨୫ ହଜାର ଟଙ୍କା ତଳକୁ ଥିବା ଦରକାର। ଜୁନ୍ ୧୬ରୁ ଆବେଦନ ନିମନ୍ତେ ଦରଖାସ୍ତ ଗ୍ରହଣ କରାଯିବ ବୋଲି ଏଠାରେ ସୂଚନା ଦିଆଯାଇଛି। ବ୍ଲକ୍‌ଠାରୁ ପଞ୍ଚାୟତସ୍ତରୀୟ ଏବଂ ବ୍ୟାଙ୍କରମାନଙ୍କ ସହିତ ବୈଠକ ଆୟୋଜନ କରିବା ସହିତ ସମସ୍ତ ମୋ ସେବା କେନ୍ଦ୍ରମାନଙ୍କୁ ଉତ୍ତମ ତାଲିମ ଦେବାକୁ ବିଡିଓମାନଙ୍କୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଅନ୍ୟାନ୍ୟ ଷ୍ଟେକ୍ ହୋଲ୍ଡର୍ସମାନଙ୍କ ସହିତ ମଧ୍ୟ ବୈଠକ କରିବାକୁ ଏଠାରେ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏପିଡି, ହିଂମାଂଶୁ ମହାରଣା, ବାଲାଜୀ ପଟ୍ଟନାୟକ, ସମସ୍ତ ବିଡ଼ିଓ, ତହସିଲଦାର ଓ ବ୍ୟାଙ୍କର୍ସମାନେ ଉପସ୍ଥିତ ଥିଲେ।

## ମନ୍ତ୍ରୀ ଓ ସାଂସଦଙ୍କ ସହ ଉତ୍କଳ ସାମ୍ବାଦିକ ସଂଘର ଆଲୋଚନା

ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାକୁ ରାଜ୍ୟ ବିଦ୍ୟୁତ୍ ଓ ସୂଚନା ପ୍ରଯୁକ୍ତି ବିଦ୍ୟା, କ୍ରୀଡ଼ା ଓ ଯୁବ ସେବା ଏବଂ ଗୃହ ତଥା ମାଲକାନଗିରି ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତୁଷାରକାନ୍ତି ବେହେରା ଦୁଇଦିନ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଆଜି ଉତ୍କଳ ସାମ୍ବାଦିକ ସଂଘର କର୍ମକର୍ତ୍ତାମାନେ ସର୍କିଟ ହାଉସ୍‌ଠାରେ ମନ୍ତ୍ରୀ ଶ୍ରୀ ବେହେରା, ସାଂସଦ ରମେଶ ଚନ୍ଦ୍ର ମାଝୀ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କ ସହ ସାକ୍ଷାତ କରି ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ମୁଖ୍ୟତଃ ସାମ୍ବାଦିକମାନଙ୍କୁ ସାମାଜିକ ସୁରକ୍ଷା, ଆଇନ ପ୍ରଣୟନ, ସ୍ୱାସ୍ଥ୍ୟ ବୀମା ଯୋଜନାରେ ୨ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି, ପେନସନ୍ ଲାଗୁ, ଇତ୍ୟାଦି ସମ୍ବନ୍ଧରେ ଆଲୋଚନା କରିଥିଲେ। ମନ୍ତ୍ରୀ ଶ୍ରୀ ବେହେରା, ସାଂସଦ ଶ୍ରୀ ମାଝୀ, ସାମ୍ବାଦିକମାନଙ୍କ ଦାବି ଯଥାର୍ଥ, ଏହି ଦାବିଗୁଡିକ କିପରି ପୂରଣ କରା ଯିବ ସେଥିପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ପଦ କ୍ଷେପ ନେବେ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକାରୀ ସଭାପତି ଅଶୋକ ମିଶ୍ର, ସମ୍ପାଦକ ଶ୍ରୀନିବାସ ପାତ୍ର, ଅଫିସ ସମ୍ପାଦକ ସତ୍ୟନାରାୟଣ ଦାସ, ଯୁଗ୍ମ ସମ୍ପାଦକ ଅପୂର୍ବ ଥଣ୍ଡର, ଉପଦେଷ୍ଟା ସିମାଞ୍ଚଳ ପାଣିଗ୍ରାହୀ, ବିକ୍ରମ ସ୍ୱାଇଁ, ଅବିନାଶ ବେହେରା, ପ୍ରଦୀପ କୁମାର ମହାରଣା ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥଇଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତଦାନ ଶିବିର

ଏରସମା, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବ କାରଣରୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଅମିୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ମୋଟ ୬୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀଙ୍କ ସମେତ ଅନ୍ୟ ଜନ ସାଧାରଣ ଏହି ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ୍ ରକ୍ତଦାନ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁଚିନ୍ତା ସେବା ଆମ ସମାଜର ସମ୍ପାଦକ ଶିବ ପ୍ରସାଦ ସାହୁଙ୍କ ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ସ୍ୱାସ୍ଥ୍ୟ ଅଧିକାରୀଣୀ ସ୍ମିତା ମହାପାତ୍ର, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀଣୀ କବିତା ମହାନ୍ତି, ବିପିଏମ୍ ହରିହର ଚଇନି, ଆକାଉଣ୍ଟ ମ୍ୟାନେଜର ଚିନ୍ମୟ ବିଶ୍ୱାଳ, ନିଖିଳ ସେନାପତି ଏବଂ ଜିଲ୍ଲା ରକ୍ତଭଣ୍ଡାରର କର୍ମଚାରୀମାନେ ସହଯୋଗ କରିଥିଲେ।

## କରମଣ୍ଡଳ ଏକ୍ସପ୍ରେସ୍ ଦୁର୍ଘଟଣା: ମରଣ ମୁହଁରୁ ବଞ୍ଚିଲେ ଶୁଳିଆପଦାର ୩ ଜଣ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଆଖି ସାମନାରେ ଚାଲିଗଲା ଶହଶହ ଜୀବନ। ସର୍ବାଧିକ କ୍ଷତିଗ୍ରସ୍ତ ଡବାରେ ଥାଇ ମଧ୍ୟ ସୌଭାଗ୍ୟକୁ ବଞ୍ଚିଗଲେ ୩ ଜଣ। ପେଟପାଟଣା ପାଇଁ ବାଲେଶ୍ୱରରୁ ହାଇଦ୍ରାବାଦ ଅଭିମୁଖେ ବାହାରି ଥିଲେ ୮ ଜଣ। ଭିଡ କାରଣରୁ ସାଧାରଣ ବଗିରେ ଭିତରକୁ ପଶି ନପାରି ଗେଟ୍ ମୁହଁରେ ଠିଆ ହୋଇଥିଲେ। କିଛିବାଟ ଗଲେ ହୁଏତ ସିଟ୍ ଖଣ୍ଡେ ମିଳିବା ଆଶାରେ। ମାତ୍ର ବିଧିର ବିଧାନ ଥିଲା ଅଲଗା ପ୍ରକାର। ଟ୍ରେନ୍ ଚଢ଼ିବାର ଅଧାଘଣ୍ଟା ମଧ୍ୟରେ ଘଟିଲା ଭୟଙ୍କର ଦୁର୍ଘଟଣା। ଏମାନେ ଥିବା ଡବାଟି ଆଗରେ ଥିବାରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଆଖି ସାମନାରେ ଶହଶହ ଲୋକଙ୍କ ଜୀବନ ଚାଲିଗଲା। ଗେଟ୍ ମୁହଁରେ ଠିଆ ହୋଇ ଥିବାରୁ ଏମାନେ ବାହାରକୁ ଛିଟିକି ପଡିଲେ। ଆଉ ବଞ୍ଚିଗଲା ଜୀବନ। ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲେ ମଧ୍ୟ ଜୀବନ ବଞ୍ଚିଯାଇ ଥିବାରୁ ଭଗବାନଙ୍କୁ ଧନ୍ୟବାଦ ଦେଉଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବା ବେଳେ ସେଦିନର ଘଟଣାକୁ ମନେ ପକାଇଲେ ସେମାନେ ମଧ୍ୟ କହିବାର ଭାଷା ପାଉ ନାହାଁନ୍ତି। ଏକା ସାଙ୍ଗରେ ଯାଇଥିବା ଅନ୍ୟ ୫ ଜଣଙ୍କ ସହିତ ଏପର୍ଯ୍ୟନ୍ତ ଯୋଗାଯୋଗ ସମ୍ଭବ ହୋଇ ନଥିବା ବେଳେ ଶୁଳିଆପଦା ବ୍ଲକ୍ ଅଁଳାକୁଡା ପଞ୍ଚାୟତ ଅଧିନ ଧଡାଙ୍ଗିରି ଗ୍ରାମର ଗଣେଶ୍ୱର ସି (୫୫), ପଥୁରୀ ଗ୍ରାମର ମଙ୍ଗୁଲୁ ଭଞ୍ଜ (୩୮) ୨ ଦିନ ପୂର୍ବରୁ ଘରକୁ ଫେରିଥିବା ବେଳେ ବେରେଲିଶୋଳ ଗ୍ରାମର ଅନୀଲ ବେହେରା (୫୩) କଟକ ହସ୍ପିଟାଲରୁ ଚିକିତ୍ସିତ ହୋଇ ଗତକାଲି ସନ୍ଧ୍ୟାରେ ଘରକୁ ଫେରିଥିବା ସୂଚନା ମିଳିଛି। ପରିବାର ବର୍ଗଙ୍କ ତରଫରୁ ମିଳିଥିବା ସୂଚନା ମୁତାବକ ଏମାନଙ୍କର ଅଧିକ ଚିକିତ୍ସା ଆବଶ୍ୟକ ହୋଇପାରେ ବୋଲି କୁହାଯାଉଛି।

### ଗୋକୁଳ ଚନ୍ଦ୍ର ଛଉ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

## ଛଉ ନାଚରେ ଦୁଲୁକିଲା ମଞ୍ଚ



ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକ୍ ବାଘଡ଼ା ପଞ୍ଚାୟତ ଅଧିନ ସୀମାନ୍ତବର୍ତ୍ତୀ ଦାରୁଡିହି ଗ୍ରାମରେ ଗୋକୁଳ ଚନ୍ଦ୍ର ଛଉ ପ୍ରତିଷ୍ଠାନର ୪୪ ତମ ବାର୍ଷିକ ଉତ୍ସବ ଉପଲକ୍ଷେ ୨ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ରାତ୍ରରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ପୁରୀର ଓଡିଶି ଓ ଗୋଟିପୁଅ ନୃତ୍ୟ ଅନୁଷ୍ଠିତ ହୋଇଥିବା ବେଳେ ଭିନ୍ନ ଧରଣର ଛଉ ନୃତ୍ୟ ମହାଭାରତର ଗୋପନ କଥା ଓ ରାମାୟଣର ସୀତା ହରଣ ନୃତ୍ୟରେ ମଞ୍ଚ ଦୁଲୁକିବା ସହିତ ଦର୍ଶକମାନେ ବିମୋହିତ ହୋଇଥିଲେ। ସେହିପରି ଦ୍ୱିତୀୟ ରାତ୍ରରେ ଭଦ୍ରକର ମୋଗଲ ତାମସା, ମୟୂରଭଞ୍ଜ, କରଞ୍ଜିଆର ମାଲଖମ ନୃତ୍ୟ ସହିତ ମୟୂରଭଞ୍ଜ ଝୁମର ଏକାଡେମୀ, ଗୁଡିଆଳବନ୍ଧ ଦ୍ୱାରା ଝୁମର ମେଲଡି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବରିଷ୍ଠ ବିଜେପିର ନେତା ଛୋଟେଲାଲ ମହାନ୍ତ, ସଭାପତି ତ୍ରିଲୋଚନ ମହାନ୍ତ, ନୃତ୍ୟ ଗୁରୁ ଗୌରମହୋନ ମହାନ୍ତ, କିଶୋର ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଶିକ୍ଷକ ବାପି କୁମାର ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନିକଟସ୍ଥ ହଜାର ହଜାର କଳା ପ୍ରେମୀ ଦର୍ଶକ ଉପସ୍ଥିତ ରହିଥିଲେ।

## ରକ୍ତ ଅଭାବ ପୂରଣ ପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ: ଦକ୍ଷିଣାଞ୍ଚଳ ଆଇଜି

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଗ୍ରୀଷ୍ମପ୍ରବାହ ସମୟରେ ସାଧାରଣତଃ ସବୁଠାରେ ରକ୍ତର ଅଭାବ ଦେଖିବାକୁ ମିଳିଥାଏ। ଏଭଳି ସମୟରେ ବ୍ରହ୍ମପୁରରେ ପ୍ରେସ୍ କ୍ଲବ ପକ୍ଷରୁ ଆୟୋଜିତ ହୋଇଥିବା ରକ୍ତଦାନ ଶିବିର ଏବଂ ରକ୍ତର ଅଭାବ ଦୂର କରିବା ପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବା ନେଇ ଉଦ୍‌ଘାଟକ ଭାବେ ଯୋଗ ଦେଇ ପ୍ରଶଂସା କରିଛନ୍ତି ଦକ୍ଷିଣାଞ୍ଚଳ ପୋଲିସ ଆଇ.ଜି ସତ୍ୟବ୍ରତ ଭୋଇ। ବାଲେଶ୍ୱରର ବାହନାଗାଠାରେ ହୋଇଥିବା ଦୁର୍ଘଟଣାକୁ ନେଇ ମୃତକ ପରିବାରକୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆହତ ଓ ଗୁରୁତରଙ୍କ ଆରୋଗ୍ୟ କାମନା କରି ବ୍ରହ୍ମପୁର ପ୍ରେସ୍‌କ୍ଲବ ପରିସରରେ ଏଭଳି ରକ୍ତଦାନ ଶିବିର ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଶିବିରରେ ଅତିଥି ରୂପେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ତଥା ବ୍ରହ୍ମପୁର ପୂର୍ବତନ ବିଧାୟକ ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ଅଧିକ୍ଷକ ଡାକ୍ତର ପ୍ରଫେସର ସୁଚିତ୍ରା ଦାସ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ପ୍ରମୁଖ ଯୋଗ ଦେଇ ବର୍ତ୍ତମାନର ପରିସ୍ଥିତିରେ ରକ୍ତର ଆବଶ୍ୟକତା ଏବଂ ଗଣମାଧ୍ୟମର





ପ୍ରତିନିଧିମାନେ ଯେପରି ଏହାର ଭୂମିକା ନେଇ ଆୟୋଜନ କରିଛନ୍ତି ତାହା ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବ୍ରହ୍ମପୁର ସହରର ଗଣମାଧ୍ୟମ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ସହରର ବିଭିନ୍ନ ପ୍ରମୁଖ ସଂଗଠନର କର୍ମକର୍ତ୍ତା, ବିଦ୍ୟାର୍ଥୀ, ଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ୬୧ ୟୁନିଟ ରକ୍ତଦାନ କରିଥିଲେ। ଯାହାକି ୧୫ରୁ ଊର୍ଦ୍ଧ୍ୱ ମହିଳା ଓ ଛାତ୍ରୀମାନେ ଏଥିରେ ରକ୍ତଦାନ କରିବା ଏବଂ ପ୍ରଥମ ଥର ପାଇଁ ବହୁ ଯୁବକ, ଯୁବତୀ ଓ ମହିଳା ଏହି ଶିବିରରେ ଯୋଗ ଦେଇ ରକ୍ତଦାନ କରିଥିବା ବେଳେ ତିନୋଟି ଦମ୍ପତି ଏଥିରେ ରକ୍ତଦାନ କରି ଏକ ନିଆରା ବାର୍ତ୍ତା ପ୍ରଦାନ କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅର୍ବାନ ବ୍ୟାଙ୍କ ସଭାପତି ଆର୍.ମୁରଲୀ ମୋହନ, ବିଜେଡିର ଜିଲ୍ଲା ଉପସଭାପତି ତଥା ସମାଜସେବୀ ଭୀମସେନ ଦଳେଇ, କର୍ପୋରେଟର ସୁରେନ୍ଦ୍ର ମହାରଣା, ଆର୍ ପାବନୀ, ପ୍ରଦୀପ ଶତପଥି, ଦୁର୍ଗା ଲାୟକ, ବିଜେପି ମେୟର ପ୍ରାର୍ଥୀନୀ ସବିତା ସୁଆର, ବିଜେପି ନେତା ଡାକ୍ତର ସୁବାସ ସାହୁ, ଶିକ୍ଷାବିତ ତଥା ବିଜେପି ନେତା ଇ.ଉତ୍ତମ ପାଣିଗ୍ରାହୀ, ଆନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନର ସଭାପତି ସୁଶାନ୍ତ ସାବତ, ଲୋକ ସେବକ ମଣ୍ଡଳ ସଦସ୍ୟ ରାଜେନ୍ଦ୍ର ଜେନା, ସକାଳର ଦକ୍ଷିଣ ଓଡ଼ିଶା ମୁଖ୍ୟ ଜଗନ ମୋହନ ମହାପାତ୍ର, ପ୍ରମେୟର ଡିଜିଏମ୍ ଅମ୍ବିକା ପ୍ରସାଦ ଦାସ, ଓଟିଭିର ଦକ୍ଷିଣ ଓଡ଼ିଶା ମୁଖ୍ୟ ଅଶୋକ ବ୍ରହ୍ମା, ବରିଷ୍ଠ ସାମ୍ବାଦିକ ମନୋଜ କାନ୍ତ ଦାସ, ସମାଜର ଶାଖା ପରିଚାଳକ ଦଣ୍ଡପାଣି ପ୍ରଧାନ, ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପ୍ରେସ୍ କ୍ଲବ୍‌ର ସଭାପତି ଗୋପାଳ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଇଟିଭି ଭାରତର ପ୍ରତିନିଧି ସାମ୍ବାଦିକ ସମୀର କୁମାର ଆଚାର୍ଯ୍ୟ ଏହାକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବରିଷ୍ଠ ସାମ୍ବାଦିକ ସୁଦୀପ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଶେଷରେ ପ୍ରେସ୍‌କ୍ଲବ୍‌ର କୋଷାଧ୍ୟକ୍ଷ ନାରାୟଣ ମହାଙ୍କୁଡ ଧନ୍ୟବାଦ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ନାଟକ ସମାରୋହ ସମିତିର ସଭାପତି ଅନୀଲ ପାତ୍ର, ଯୁବ ବିଜେଡି ନଗର ସଭାପତି ଅଜିତ ପଣ୍ଡା, ବିଜୟ ସାମଲ, ବିଜେପି ନେତା ରାମ କୁମାର ପାତ୍ର ପ୍ରଭାତ ଷଡଙ୍ଗୀ, ଯୁଧିଷ୍ଠିର ବେହେରା, ଗଞ୍ଜାମ ଜିଲ୍ଲା କୃମି କ୍ଷେତ୍ରୀୟ ସମାଜର ପ୍ରତିଷ୍ଠାତା ଇ. ଅଭିମନ୍ୟୁ ପ୍ରଧାନ, ରାକେଶ ପ୍ରଧାନ, ଅନୁଜ ନନ୍ଦ ବିଶ୍ୱାଳ, ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ, ରାମେଶ୍ୱରୀ ନନ୍ଦ, ସୁଜାତା ପାତ୍ର, ହାସ୍ୟ ଅଭିନେତା ପ୍ରୀତି ରଞ୍ଜନ ପ୍ରଧାନ, ଅବନୀ ଗୟା, ସୁଭଦ୍ରା ଶୁକ୍ଳା, ଅସ୍ମିତା ମହାନ୍ତି, ସନ୍ତୋଷିନୀ ବେହେରା, ପ୍ରଣୀତ ହୋତା ପ୍ରମୁଖ ଉପସ୍ଥିତ ରହି ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ ଦ୍ୱାରା ଅନ୍ୟମାନଙ୍କ ପାଇଁ ପ୍ରେରଣା ଏବଂ ଉଦାହରଣ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ଦାଶ, ବରିଷ୍ଠ ସାମ୍ବାଦିକ ଏ.ରାଜା ରାଓ, ଏଲ୍.ସୁଦାମ ଦାଶ, ଶିବରାମ ଚୌଧୁରୀ, ସାମ୍ବାଦିକ ଅନନ୍ତରାମ ପ୍ରଧାନ, ବିକ୍ରମ ଜେନା, ପିଣ୍ଟୁ ବେହେରା, ସରୋଜ ପଣ୍ଡା, କିରଣ କୁମାର ମିଶ୍ର, ଗୋପାଳ ରେଡ୍ଡି, ଚନ୍ଦନ ସାହୁ, ଲଡୁ କିଶୋର ପାତ୍ର, ହିମାଂଶୁ ସାବତ, ଆର.ଶ୍ରୀନିବାସ, ଲକ୍ଷ୍ମୀ ବେଜ, ଶିବରାମ ଦଳେଇ, ସୁଶାନ୍ତ ପଣ୍ଡା ,ଏନ୍.ନାଗରାଜୁ, ପିତାମ୍ବର ନାହାକ, ପ୍ରହଲ୍ଲାଦ ସାହୁ, ସଚିନ ବେହେରା, ନିର୍ମଳ ସାହୁ, ସୀତାରାମ, ମଳୟ ସାହୁ, ପ୍ରଦୀପ କୁମାର ନାୟକ, ଦିନେଶ ପଟ୍ଟନାୟକ, ଶୁଭେନ୍ଦୁ ସାହୁ, ଆଲୋକ ବେହେରା, ଜାନକୀକାନ୍ତ ପଟ୍ଟନାୟକ ବିଶ୍ୱଜିତ ସାହୁ, ଟି.ଶୁଭମଣ୍ୟମ ସ୍ୱାମୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଏଥିରେ ସମାଜର ଶାଖା ପରିଚାଳକ ଦଣ୍ଡପାଣି ପ୍ରଧାନ, ସମୀର ରଥ, ଆଶ୍ରୀବାଦ ରାଉତ, ପ୍ରସନ୍ନ କୁମାର ସାହୁ, ସ୍ୱାଧୀନ କୁମାର ସାହୁ, କୁନା ମିଶ୍ର, ମନୋଜ ପଣ୍ଡା, ଜଗନ୍ନାଥ ସାହୁ, ଶିବ ପଣ୍ଡା, ସତ୍ୟ ଚେତନ ପରିଡ଼ା, ଲଲାଟେନ୍ଦୁ ଚୈଧୁରୀ, ଅନୀଲ ଚୌଧୁରୀ, ନଳିନୀ ତ୍ରିପାଠୀ, ପ୍ରଣବ ପଣ୍ଡା ପ୍ରମୁଖ ଗଣମାଧ୍ୟମ ପ୍ରତିନିଧିମାନେ ରକ୍ତଦାନ କରିଥିଲେ। ଏଥିରେ ସହରର ପର୍ଯ୍ୟଟନ ଭାରତ, କାଳଞ୍ଜିଳି ଆର୍ଟିଷ୍ଟ୍ରି ଟ୍ରଷ୍ଟ, ଏଆଇଡିବି ଏରୋବିକ୍ ଏକାଡ଼େମୀ, ଲଳିତା ଡ୍ୟାନ୍ସ ଏକାଡ଼େମୀ, ସ୍ମୃତି ଡ୍ୟାନ୍ସ ଏକାଡ଼େମୀ, ମହାନ ସଂଘ, ଆନ୍ତର୍ଜାତିକ ସ୍ୱାଭିମାନ ପ୍ରତିଷ୍ଠାନ, ମହାନଗର ସାଂସ୍କୃତିକ ପରିଷଦ, ଓଡିଶା ନାଟକ ସମାରୋହ ସମିତି, ଲାଇଫ ଲାଇନ, ଗାନ୍ଧୀ ନଗର ୱେଲଫର୍ ଆସୋସିଏସନ, ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ, ମାନବ ଅଧିକାର ସୁରକ୍ଷା ମଞ୍ଚ, ଲିଏନ ଫାଉଣ୍ଡେସନ, ମେଡିକାଲ୍ ହେଲ୍ଥ କେୟାର ଗ୍ରୁପ, ଜୟ ଜଗନ୍ନାଥ ଲଫିଂ କ୍ଲବ୍, ଆରିଆନ୍ ଡ୍ୟାନ୍ସ ଏକାଡ଼େମୀ, ଗାୟତ୍ରୀ ଗ୍ରୁପ୍, ନାୟାନି ଡ୍ୟାନ୍ସ ଏକାଡ଼େମୀ, ଗଞ୍ଜାମ ଜିଲ୍ଲା କୁର୍ମି କ୍ଷେତ୍ରୀୟ ସଂଘ, ରାଧାକୃଷ୍ଣ ବଣିକ ସଂଘ, ଗୋପାଳ ସମାଜ, ଗଞ୍ଜାମ କଳା ପରିଷଦ, ଉତ୍କଳ ଆଶ୍ରମ ଟ୍ରଷ୍ଟ, ଓଡିଶା ନାଟକ ସମାରୋହ ସମିତି, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ବହୁମୁଖୀ ସଂଘ ପରି ବହୁ ସଂଗଠନ ଉପସ୍ଥିତ ରହିଥିଲେ।



ମାଲକାନଗିର,(ଭାସ୍କର ନ୍ୟୁଜ୍): ଜିଲ୍ଲା ପ୍ରଶାସନ ଓ ମାଲକାନଗିରି ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଶିଶୁ ଶ୍ରମିକ ନିରାକରଣ ରଥର ଶୁଭାରମ୍ଭ ହୋଇଛି। ଏହି ରଥକୁ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲା ମଙ୍ଗଳ ଅଧିକାରୀ, ପ୍ରଫୁଲ୍ଲ ଭୁଜବଳ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ନାରାୟଣ ଦାସ, ସହାୟକ ଜିଲ୍ଲପାଳ, ପ୍ରାଣକୃଷ୍ଣ ନାୟକ, ସହକାରୀ ଶ୍ରମ ଅଧିକାରୀ,ବିଶ୍ୱରଞ୍ଜନ କହଁର, ଡେପୁଟି ଜିଲ୍ଲାପାଳ, ଉମାପ୍ରସାଦ ଦାସ, ଶିଶୁ ମଙ୍ଗଳ କମିଟି, ଅଧକ୍ଷା, ସଂଯୁକ୍ତା ପ୍ରଧାନ ଉପସ୍ଥିତ ଥିଲେ। ଆଜି ଏହି ରଥ ମାଲକାନଗିରି ପୌର ପରିଷଦ, ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ସହ ପ୍ରତ୍ୟେକ ବ୍ଲକ୍ ଏବଂ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ବୁଲି ଶିଶୁ ଶ୍ରମିକ ନିରାକରଣ ଉପରେ ସଚେତନ କରିବ। ୧୪ ବର୍ଷରୁ କମ୍ ଶିଶୁମାନଙ୍କୁ କୌଣସି କାମରେ ନିଯୁକ୍ତ ନ କରିବା ସହ ଯଦି ବିପଦ ସଂକୁଳ ଅବସ୍ଥାରେ ଦେଖିଲେ ତେବେ ଉକ୍ତ ରଥରେ ଥିବା ଶିଶୁ ଶ୍ରମିକ ସହାୟତା ହେଲ୍ପ ଲାଇନ ୧୫୫୩୬୮ ଓ ଚାଇଲ୍ଡ ଲାଇନ ନମ୍ବର ୧୦୯୮କୁ ସୂଚିତ କରିବା ପାଇଁ ସଚେତନ କରାଇବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ଏବଂ ଚାଇଲ୍ଡ ଲାଇନର ସଦସ୍ୟମାନେ ଉପସ୍ଥିତ ଥିଲେ।

# କର୍ମ ଆଗରେ ହାର ମାନିନାହାନ୍ତି ଦୃଷ୍ଟିହୀନ ମୂଳାବତୀ



କଲ୍ୟାଣସିଂହପୁର,(ଭାସ୍କର ନ୍ୟୁଜ୍):୭୫ବର୍ଷ ବୟସରେ ନିଜେ ଅଣ୍ଟା ଭିଡି କାହା ଉପରେ ନିର୍ଭର ନ କରି ପାଖ ଜଙ୍ଗଲକୁ ଯାଇ ପଥର ଫୋଟେଇ ତାକୁ ଗୁଣ୍ଡ କରି ମୁରୁଜ ବନେଇବା ପରେ ତାହାକୁ ବିକ୍ରି କରି ସେଥିରୁ କିଛି ଦୁଇ ପଇସା ରୋଜଗାର କରି ନିଜର ଭୋକିଲା ପେଟ ପାଇଁ ଦୁଇ ମୁଠା ଖାଇ ରହି ଆସୁଛନ୍ତି ଭିନ୍ନକ୍ଷମ ଦୃଷ୍ଟିହୀନ ମୂଳାବତୀ। ଏପରି ଏକ ମନ ଭରା ଘଟଣା ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସୁନାଖଣ୍ଡି ପଞ୍ଚାୟତ ବ୍ରହ୍ମଣଗୁଡା ଗାଁରେ। ଗତ ୩୦ ବର୍ଷ ତଳେ ସ୍ୱାମୀ ଆର ପାରିକୁ ଚାଲି ଯିବା ପରେ ଭିନ୍ନକ୍ଷମ ଦୃଷ୍ଟିହୀନ ସହ କାନ ଶୁଣି ପାରୁ ନ ଥିଲେ ମଧ ତଥାପି ହାର ନ ମାନି ଆଜି ନିଜ ଉପରେ ବିଶ୍ୱାସ ରଖି ଜଙ୍ଗଲକୁ ଯାଇ ପଥର ଗୋଟେଇ ତାକୁ ଗୁଣ୍ଡ କରି ମୁରୁଜ ବନେଇବା ପରେ ଗାଁ ଗାଁ ବୁଲି ବିକ୍ରି କରି ଚଳି ଆସୁଥିବା ସମାଜ ପାଇଁ ଏକ ଶିକ୍ଷା ସୃଷ୍ଟି କରିଥିବା ଅଞ୍ଚଳରେ ଉଦ୍ଧାହରଣ ସାଜି ଥିବା ଦେଖିବାକୁ ମିଳିଛି। ଘର କହିଲେ ଗାଁ ମୁଣ୍ଡରେ ଝୁମ୍ପୁଡି ଛୋଟିଆ ଘର ଟିଏ ଥିବା ବେଳେ ଆଜି ପର୍ଯ୍ୟନ୍ତ ମିଳିପାରିନି ସରକାରଙ୍କ ବିଜୁ ପକା ଘର ଖଣ୍ଡେ କି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇ ନ ଥିବା ମୂଳା ବତୀ କହିଛନ୍ତି। ସରକାରଙ୍କ ଯୋଜନା କହିଲେ ଭତ୍ତା ବାବଦରେ ୫ଶହ ଟଙ୍କା ପାଞ୍ଚ କିଲୋ ଚାଉଳ ମିଳିଆସୁ ଥିବା ବେଳେ ଉକ୍ତ ଟଙ୍କାରେ ଖାଇବା ରହିବା କଷ୍ଟ କର ପାଠ। ସେହିତି ପାଇଁ ସରକାରଙ୍କ ଯୋଜନାକୁ ଆଶା ନ ରଖି ଏବୟସର ଅପରାହ୍ନରେ ମଧ ଭିନ୍ନକ୍ଷମ ମୂଳା ବତୀ ନିଜକର୍ମ ଆଗରେ କେବେ ଅବହେଳା କରିନାହାନ୍ତି। ତାଙ୍କ ପାଖରେ କର୍ମ କ'ଣ ତାହା ଶିଖିବାର କଥା ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ପ୍ରଚଣ୍ଡ ଖରା ନିଆଁ ତାତିରେ ପରିଣତ ବୟସରେ ଜଙ୍ଗଲକୁ ଯାଇ ପଥର ଫୋଟେଇ ବା କିଛି ସହଜ ନଥିବାବେଳେ ମୁଣ୍ଡର ଝାଳ ପଣତକାନିରେ ପୋଛି କର୍ମ କରିବା ଭଳି ବିକଳ ଦୃଶ୍ୟ ମୂଳାବତୀଙ୍କ ପାଖରେ ଦେଖିବାକୁ ମିଳିଛି।

# ଅମଲା ମାହାମଞ୍ଚ ଧାରଣାକୁ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସମର୍ଥନ



ମାଲକାନଗିରି,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଅମଲା ସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ସାତଦିନ ଧରି ଅମଲାମାନଙ୍କ ଧାରଣା ଚାଲିଥିବା ବେଳେ ଆଜି ମାଲକାନଗିରି ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଏହି ଧାରଣାକୁ ସମର୍ଥନ ଜଣାଇଥିଲେ। ଏହି ଅବସରରେ ସଙ୍ଘର ସଭାପତି ଦୁର୍ଯ୍ୟୋଧନ ପାତ୍ର, କାର୍ଯ୍ୟକାରୀ ସଭାପତି ଅଶୋକ ମିଶ୍ର, ସମ୍ପାଦକ ବି ଶ୍ରୀନିବାସ ପାତ୍ର, କାର୍ଯ୍ୟଳୟ ସମ୍ପାଦକ ସତ୍ୟ ନାରାୟଣ ଦାସ, ଯୁଗ୍ମ ସମ୍ପାଦକ ଅପୂର୍ବ ଥଣ୍ଡର, ଉପଦେଷ୍ଟା ସିମାଞ୍ଚଳ ପାଣିଗ୍ରାହୀ,ମନୋଜ କୁମାର ମହାନ୍ତି, ରାମକୃଷ୍ଣ ଗୋଲାରୀ,ବାଲରାଜୁ ରଥଙ୍କ ସହ ଅନ୍ୟାନ୍ୟ ସଦସ୍ୟମାନେ ଧାରଣା ସ୍ଥଳରେ ଉପସ୍ଥିତ ହୋଇ ଅମଲାମାନଙ୍କ ସହ ଧାରଣାରେ ବସିଥିଲେ। ମାଲକାନଗିରି ଭଳି ଆଦିବାସୀ ଅଞ୍ଚଳରେ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ରେ ବିଭିନ୍ନ ପ୍ରକାର କାର୍ଯ୍ୟ ଠପ ହେବା ସହ ସାଧାରଣ ଜନତାମାନେ ବିଭିନ୍ନ ପ୍ରକାରର ସମସ୍ୟାରେ ପଡୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଧାରଣାରତ ଅମଲା ସଂଘର ଦାବି ଗୁଡିକୁ ପୁରୁଣ କରିବାକୁ ଅନୁରୋଧ କରିଥିଲେ ।

# ସ୍ୱଚ୍ଛ ଭାରତ ଅଭିଯାନରେ ଗାଡ଼ିର ଶୁଭାରମ୍ଭ

ବାଲିମେଳା,(ଭାସ୍କର ନ୍ୟୁଜ୍):ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦରରେ ଆଜି ସ୍ୱଚ୍ଛ ଭାରତ ଅଭିଯାନରେ ପଞ୍ଚାୟତକୁ ସ୍ୱଚ୍ଛ ରଖିବା ପାଇଁ ଆଜି କୋରୁକୋଣ୍ଡା ଗ୍ରାମ ପଞ୍ଚାୟତ ଠାରେ ଏକ ଗାଡ଼ିର ଶୁଭରମ୍ଭ କରା ଯାଇଛି। ଏହି କାର୍ଯ୍ୟକ୍ରମରେ ମାଲକାନଗିରିର ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ ଉଦ୍‌ଘାଟନ କରିଥିବାବେଳେ ମାଲକାନଗିରି ଜିଲ୍ଲା ପରିମଳ ପରାମର୍ଶ ଦାତା ସୋମନାଥ ମହାନ୍ତିଙ୍କ ସମେତ କୋରୁକୋଣ୍ଡା ପଞ୍ଚାୟତ ସମିତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବେଦବ୍ୟାସ ଭୋଇ, କୋରୁକୋଣ୍ଡା ଗୋଷ୍ଠୀ ସମ୍ବଳ ସଂଯୋଜକ ସୁକୁ ଚରଣ ମଣ୍ଡଳ, ପଦ୍ମା ପଡିଆମି ସରପଞ୍ଚ କୋରୁକୋଣ୍ଡା ଗ୍ରାମ ପଞ୍ଚାୟତ, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେଶ ସାହୁ , ନାୟକ ସରପଞ୍ଚ ରାକେଶ ମାଝୀ, ଏମ୍ପିକେ ମଧୁସ୍ମିତା ବୈଦ୍ୟ ଉପସ୍ଥିତି ରହି, କୋରୁକୋଣ୍ଡା ସଦର ହାଇସ୍କୁଲ ଗୁଡ଼ାର ତୁଳସି ସ୍ୱୟଂ ସହାୟକ ଗୋଷ୍ଠୀ କୁ ଦାୟିତ୍ୱ ଦେବା ସହିତ ଗାଡ଼ିକୁ ଆଜି ଠାରୁ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଏବଂ ଗ୍ରାମ ପଞ୍ଚାୟତକୁ ସରସ ସୁନ୍ଦର କରିବା ପାଇଁ ପତାକା ଦେଖାଇ ଆରମ୍ଭ କରିଥିଲେ। ଏହି ସ୍ୱଚ୍ଛ ଭାରତ ଅଭିଯାନରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମେତ ଅନ୍ୟ ଅଧିକାରୀ ଓ ଗ୍ରାମବାସୀ ଉପସ୍ଥିତି ରହିଥିଲେ।

# ଆଲମଣ୍ଡାରେ କ୍ୟାଣ୍ଡେଲ ରାଲି




ଲକ୍ଷ୍ମୀପୁର,(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲାର ବାହାନଗା ଷ୍ଟେସନ୍ ଠାରୁ ଦୁଇ କିଲୋମିଟର ଦୂରରେ ହୋଇଥିବା ଶତାବ୍ଦୀର ସବୁଠୁ ବଡ ରେଳ ଦୁର୍ଘଟଣା ସାରା ଦେଶକୁ ଦୋହଲାଇ ଦେଇଛି। ଲୌହ ଦାନବର ଆଁରେ ଶହ ଶହ ଜୀବନ ଚାଲିଯାଇଛି। ଏଇ ଭଳି ହୃଦୟ ବିଦାରକ ଘଟଣାକୁ ନେଇ ସାରା ଦେସ ଏବେ କାନ୍ଦୁଥିବା ବେଳେ କୋରାପୁଟ ଜିଲ୍ଲାର ବନ୍ଧୁଗାଁ ବ୍ଲକର ଆଲମଣ୍ଡା ଗ୍ରାମ ଠାରେ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ଏଥିସହ ଗ୍ରାମବାସୀଙ୍କ ତରଫରୁ ଏକ କ୍ୟାଣ୍ଡଲ ରାଲିର ଆୟୋଜନ କରାଯିବା ସହ ଦୁଇ ମିନିଟ୍ ଧରି ନିରବ ପ୍ରାର୍ଥନା କରାଯାଇଛି।

# ଛୁଟିରେ ଅମଲା, କାର୍ଯ୍ୟ ଠପ୍

ଲକ୍ଷ୍ମୀପୁର,(ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ଅମଲା ମାନଙ୍କ ଆନ୍ଦୋଳନ ଆଜିକୁ ୮ଦିନରେ ପହଁଞ୍ଚିଛି। ଫଳରେ ଲକ୍ଷ୍ମୀପୁର ବ୍ଲକରେ ଏବେ ତାର ପ୍ରଭାବରେ ସବୁ କାମ ଠପ୍ ହୋଇଯାଇଛି। ମୂଳ ଦରମା ଓ ଗ୍ରେଡ୍ ପେ ବୃଦ୍ଧି ଦାବି କରି ବ୍ଲକରେ ଥିବା ବ୍ଲକ କାର୍ଯ୍ୟାଳୟ, ତହସିଲ୍ କାର୍ଯ୍ୟାଳୟ,ବିଇଓ କାର୍ଯ୍ୟାଳୟ, ଶିଶୁ କଲ୍ୟାଣ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ସମସ୍ତ ଅମଲାମାନେ ଏବେ ଆଠ ଦିନ ହେଲାଣି ଛୁଟିରେ ଅଛନ୍ତି। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଛି। ପ୍ରକାଶ ଥାଉକି ଅମଲାମାନେ ମୂଳ ଦରମା ୯୩୦୦ ଟଙ୍କା ସହ ୪୨୦୦ ଗ୍ରେଡ୍ ପେ ପ୍ରଦାନ ପାଇଁ ଆଗରୁ ସରକାରଙ୍କ ପାଖରେ ଦାବି ରଖିଥିଲେ। ହେଲେ ରାଜ୍ୟ ସରକାର ସେମାନଙ୍କ ଦାବି ଉପରେ ଗୁରୁତ୍ୱ ନଦେବାରୁ ଏବେ ସମୁହ ଅମଲା ମାନେ ଆନ୍ଦୋଳନର ପନ୍ଥା ଆପଣାଇ ଛୁଟିରେ ଅଛନ୍ତି। ଗତ ଦୁଇ ତାରିଖ ଦିନ ଅମଲା ମଞ୍ଚ ସହିତ ମୁଖ୍ୟ ଶାସନ ସଚିବ ପ୍ରଦିପ କୁମାର ଜେନାଙ୍କ ସହ ପ୍ରଥମ ଥର ଆଲୋଚନା ହୋଇଥିଲେ ମଧ କୌଣସି ନିଷ୍କର୍ସ ବାହାରି ନଥିଲା। ବର୍ତ୍ତମାନ ଏହି ଆନ୍ଦୋଳନ ଆହୁରି ଅନେକ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଜଣା ପଡିଛି।

# ୮ମ ଦିନରେ ଅମଲା ସଂଘ ଅନିର୍ଦ୍ଧିଷ୍ଟ କାଳ ଧର୍ମଘଟ



ପାରଳାଖେମୁଣ୍ଡୀ,(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାର ସମସ୍ତ ବିଭାଗର ଅମଲାମାନେ ସମୁହ ଛୁଟିରେ ଅଛନ୍ତି। ସାରା ଜିଲ୍ଲାରେ ତହଲ ବିକଳ ହେଉଥାନ୍ତି ସାଧାରଣ ଲୋକମାନେ, କୌଣସି ସରକାରୀ କାର୍ଯ୍ୟାଳୟରେ ଫାଇଲ୍ ପତ୍ର ଗୁଡ଼ିକ ଗୁଚୁନାହି । ସରକାର ମଧ ସେମାନଙ୍କ ଦାବି ପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ସାରା ଜିଲ୍ଲାରେ ଏହି ଭଳି ଅବେସ୍ଥା ଦେଖିବାକୁ ମେଳୁଛି।

## ରେଳୱେ ଶ୍ରମିକ ୟୁନିୟନର ବୈଠକ

# ପୁରୁଣା ପେନସନ ତୁରନ୍ତ ଲାଗୁ ନେଇ ଦାବି




କୋରାପୁଟ, (ଭାସ୍କର ନ୍ୟୁଜ): କୋରାପୁଟରେ ପୂର୍ବତଟ ରେଳୱେ ଶ୍ରମିକ ୟୁନିୟନର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଅଧିବେଶନରେ ବାହାନାଗା ରେଳ ଦୁର୍ଘଟଣାନେଇ ଶ୍ରମିକ କଂଗ୍ରେସ ଗଭୀର ଚିନ୍ତା ପ୍ରକଟ କରିବା ସହ ରେଳଯାତ୍ରା କିଭଳି ଭାବେ ଅତି ନିରାପଦ ଓ ସୁରକ୍ଷିତ ହୋଇପାରିବ ସେଥିନେଇ ରେଳ ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ଯଥେଷ୍ଟ ସଜାଗ ଓ ସତର୍କ ରହିବାକୁ ଗୁରୁତ୍ୱ ଦିଆଯାଇଛି। ଏହାସହ ରେଳୱେ, ରେଳୱେ କର୍ମଚାରୀ ଓ ସାଧାରଣ ଜନ ଜୀବନର ସୁରକ୍ଷା ନେଇ ସମସ୍ତ ସ୍ତରରୁ ଗଭୀର ଅନୁଶୀଳନ ଜରିବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି । ତା'ସହ ମୃତକମାନଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାରଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛି ଶ୍ରମିକ ୟୁନିୟନ। ଶ୍ରମିକ ସଂଗଠନର ଅଧିବେଶନରେ ମୁଖ୍ୟ ଅତିଥିଭାବେ ୱାଲ୍ଟିୟର ଡିଆରଏମ ଅନୁପ କୁମାର ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରମିକ ମାନଙ୍କ ଦୀର୍ଘ ଦିନର ନିଷ୍ଠାପର ପରିଶ୍ରମ ଯୋଗୁଁ ରେଳୱେ ବହୁ ଉନ୍ନତି କରିବା ସହ ସଠିକ ସେବା ଯୋଗାଇଦେଇ ସାଧାରଣ ଜନତାଙ୍କ ବିଶ୍ୱାସ ଭାଜନ ହୋଇପାରିଛି। କିନ୍ତୁ ରେଳ ଦୁର୍ଘଟଣା ଯୋଗୁଁ ଏବେ ରେଳ ସୁରକ୍ଷାକୁ ନେଇ ସାଧାରଣରେ କିଛିଟା ପ୍ରଶ୍ନବାଚକ ସୃଷ୍ଟି କରୁଛି। ସୁରକ୍ଷାକୁ ନେଇ ଶ୍ରମିକ ସଂଗଠନ ଅଧିକ ଯତ୍ନବାନ ହେବାକୁ ଗୁରୁତ୍ୱାରୋପ କରିଛନ୍ତି ଡିଆରଏମ୍। ଅପରପକ୍ଷେ ରେଳ ବିଭାଗ ନୂଆପେନ୍‌ସନ୍ ଲାଗୁ କରିବା ଦ୍ୱାରା ହଜାର ହଜାର ରେଳ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧକାର ହୋଇଯାଇଛି ।ଏଣୁ ତୁରନ୍ତ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବାକୁ ଶ୍ରମିକ ସଂଗଠନ ଦାବି କରିଛି।ନଚେତ ଆସନ୍ତା ଦିନରେ ଶ୍ରମିକ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

# ଅବାଧରେ ଚାଲିଛି ମଦ କାରବାର ସହ ଗଞ୍ଜେଇ ଚୋରା ଚାଲାଣ



ଟିଟିଲାଗଡ଼,(ଭାସ୍କର ନ୍ୟୁଜ୍): ଟିଟିଲାଗଡ଼ ଅବକାରୀ ବିଭାଗର ସବ ଇନ୍ସପେକ୍ଟର ଆଶିଷ ବେହେରାଙ୍କ ଦାଦାଗିରିକୁ ନେଇ ଏବେ ସହରରେ ଚର୍ଚ୍ଚା ଆରମ୍ଭ ହୋଇଛି। ଗୁରୁବାର ଅପରାହ୍ନ ସମୟରେ ଟିଟିଲାଗଡ଼ ଷ୍ଟେସନ ରୋଡ଼ରେ ଥିବା ସରକାରୀ ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନକୁ ଆସି ଚଢ଼ାଉ କରିବା ସହ ବିଭିନ୍ନ ଦସ୍ତାବେଜକୁ ତନ୍ ତନ୍ କରି ତଦନ୍ତ କରିବା ସହ ଲାଇସେନ୍ସ ଧାରୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବାଘଟଣା ଚର୍ଚ୍ଚା ହେବାପରେ ଘଟଣା ସ୍ଥଳକୁ କେତେକ ଗଣମାଧ୍ୟମ ପ୍ରତିନିଧି ସହ ଓକିଲ ସଂଘର ସମ୍ପାଦକ ମହେଶ ମହାନ୍ତି ଆସି ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ଘଟଣାନେଇ ସମ୍ପୃକ୍ତ ଅବକାରୀ ସବ ଇନ୍ସପେକ୍ଟର ଆଶିଷ ବେହେରାଙ୍କୁ ପଚାରିବାରୁ ଅବକାରୀ ସବ ଇନ୍ସପେକ୍ଟର ଆଶିଷ ବେହେରା ଉତକ୍ଷିପ୍ତ ହୋଇ ସମ୍ପୃକ୍ତ ଓକିଲଙ୍କ ସହ ଯୁକ୍ତି ତର୍କ କରିବା, ତୁତୁ ମେଁମେଁ ହେବା ଘଟଣା ଦେଖିବାକୁ ମିଳିଥିଲା। ଏମିତିକି ଦୋକାନରେ ଥିବା କର୍ମଚାରୀମାନଙ୍କୁ ତାଙ୍କ ଗାଡ଼ିରେ ବସିବାକୁ ଜୋର ଜବରଦସ୍ତ କରିବା ସହ ତମେ କ'ଣ ଭି ଆଇ ପି କି ଯେ ଅବକାରୀ ବିଭାଗର ଗାଡିରେ ବସିବୁ ନାହିଁ ବୋଲି କହିବାରୁ ଘଟଣା ସ୍ଥଳରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ତେବେ ଘଟଣା ସ୍ଥଳରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଦେଖି ଛାନିଆ ହୋଇ ଚଢ଼ାଉରେ ଆସିଥିବା ଅବକାରୀ ବିଭାଗର ଅଧିକାରୀ ତଥା କର୍ମଚାରୀମାନେ ବୋଲେରୋରେ ବସି ଫେରାର ମାରିଥିଲେ। ଏମିତିକି ଗଣମାଧ୍ୟମ ପ୍ରତିନିଧି ମାନଙ୍କ ପ୍ରଶ୍ନର କୌଣସି ଉତ୍ତର ନ ଦେଇ ଚାଲିଯାଇଥିଲେ। ତେବେ ଚର୍ଚ୍ଚା ହେଉଛି ଯେ,ଅବକାରୀ ବିଭାଗର ସବଇନ୍ସପେକ୍ଟର ମଧୁବନ ଅଫ ସୋପର ଜନୈକ କର୍ମଚାରୀର ମାସିକ ବଟି ଦିଯାନିଆକୁ ନେଇ ଯୁକ୍ତି ତର୍କ ହୋଇଥିବା ବେଳେ ଅଧିକାରୀ ଜନକ ପ୍ରତିଶୋଧ ନେବା ପାଇଁ ସମ୍ପୃକ୍ତ ଦୋକାନ ଉପରେ ଚଢ଼ାଉ କରିଥିଲେ। ହେଲେ ଚଢ଼ାଉ ସମୟରେ କୌଣସି ତଥ୍ୟ ନ ପାଇବାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦୋକାନ ଖୋଲାରହୁଥିବା, କର୍ମଚାରୀମାନେ ଆଇ କାର୍ଡ ସହ ଡ୍ରେସ କୋର୍ଡ ପରିଧାନ କରୁନଥିବା ନେଇ ଉଲ୍ଲେଖ କରିଛନ୍ତି। ଦୁଇଜଣଙ୍କୁ ଅବକାରୀ ବିଭାଗ ଦପ୍ତରକୁ ଡାକି ମଧୁବନ ଅଫ ସପ ନାମରେ ଏକ ଲିଖିତ ଅଭିଯୋଗ କରାଇଥିବା ନେଇ ଏବେ ଅବକାରୀ କର୍ମଚାରୀମାନେ କହିବୁଲୁଥିବା ଶୁଣିବାକୁ ମିଳୁଛି। ଯାହାକୁ ନେଇ ସମ୍ପୃକ୍ତ ଅବକାରୀ ଅଧିକାରୀ ଜଣଙ୍କ କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେପଟେ ଏକ ମୋବାଇଲ ଅଡିଓ ଟି ଟିଟିଲାଗଡ଼ ସହରରେ ବେଶ ଜୋର ରେ ଭାଇରଲ ହେଉଛି। ଦୁଇଜଣ ଗଞ୍ଜେଇ ମାଫିଆ ପରସ୍ପର ମଧ୍ୟରେ କଥା ବାର୍ତ୍ତା ହେଉଥିବା ବେଳେ ଉକ୍ତ ଅଡିଓରେ ଅବକାରୀ ଅଧିକାରୀ ଆଶିଷ ବେହେରା ମୋଟା ଅର୍ଥର ଟଙ୍କା ନେଇ ଗଞ୍ଜେଇ ବେପାରୀମାନଙ୍କୁ ସମର୍ଥନ ଦେଉଛନ୍ତି। ଚୋରା ଚାଲାଣ କରୁଥିବା ଗଞ୍ଜେଇ ବେପାରୀ ମାନେ ଅବକାରୀ ଅଧିକାରୀଙ୍କୁ ବେଶ ପ୍ରଶଂସା କରୁଥିବା ରେକର୍ଡରେ ରହିଛି। ଯାହାକୁ ନେଇ ଏବେ ଚର୍ଚ୍ଚା ଯେ, ଗଞ୍ଜେଇ ବେପାରୀମାନଙ୍କ ପାଇଁ ବ୍ୟବସାୟ ଆହୁରି ସୁଗମ ହୋଇଛି। ଅନ୍ୟପଟେ ଟିଟିଲାଗଡ଼, ବଙ୍ଗୋମୁଣ୍ଡା ଏବଂ କଣ୍ଟାବାଞ୍ଜି ଅଞ୍ଚଳରେ ପାନ ଦୋକାନ ଠୁ ନେଇ ବିଭିନ୍ନ ଢ଼ାବାମାନଙ୍କରେ ଖୁଲମ ଖୁଲା ଦେଶୀ ବିଦେଶୀ ମଦ ଅବାଧରେ ବିକ୍ରି ହେଉଥିଲେ ବି ଅବକାରୀ ବିଭାଗ ଚୁପ ବସୁଛି। ଦେଶୀ ରଣ୍ଡା ମଦର ବନ୍ୟା ହେଉଥିଲେ ମଧ ଅବକାରୀ ବିଭାଗ ନୀରବ ସାଜୁଥିବା ନେଇ ଅବକାରୀ ବିଭାଗର କାର୍ଯ୍ୟ ପ୍ରତି ସାଧାରଣରେ ନାନା କଳ୍ପନା ଜଳ୍ପନା ନେଇ ଚର୍ଚ୍ଚା ହେଉଛି।

# ଦାବି ପୂରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାର ପ୍ରତିଶ୍ରୁତି ଦେଲେ ସାଂସଦ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ଗତ ଜୁନ୍ ୧ ତାରିଖ ଠାରୁ ସାରାରାଜ୍ୟରେ ରାଜ୍ୟ ଅମଲା ସଂଘ ତରଫରୁ ଏକ ଦଫା ଦାବି ନେଇ ସମସ୍ତ ଅମଲାମାନେ ସମୂହ ଛୁଟିରେ ରହିବା ସହ ତାଙ୍କ ଦାବି ପୂରଣ ନହେବା ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରେ ଧାରଣା ଦେଇଛନ୍ତି। ଏ ପରିପ୍ରେକ୍ଷୀରେ ନବରଙ୍ଗପୁର ସାଂସଦ ରମେଶ ମାଝି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣଚନ୍ଦ୍ର ବାକା ଓ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଆଡମା ରାବା ମଧ ଧାରଣା ସ୍ଥଳକୁ ଯାଇ ଅମଲା ମଞ୍ଚରେ ଥିବା ଅମଲା ମାନଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ମାଝୀ ପ୍ରକାଶ କରିଥିଲେ ଯେ, ତାଙ୍କର ଏହି ଏକ ଦଫା ଦାବିକୁ ତୁରନ୍ତ ପୂରଣ କରିବା ପାଇଂ ରାଜ୍ୟ ସରକାରଙ୍କୁ ନିଶ୍ଚିତ ଭାବେ ଜଣାଇବୁ । ରାଜ୍ୟ ସରକାର ନିଶ୍ଚିତ ଭାବେ ତାଙ୍କ ଏହି ଦାବିକୁ ପୁରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ବଙ୍କିମ ଚନ୍ଦ୍ର ନାୟକଙ୍କ 'ଗୁଡ଼ି ଯାଆ ଉଡ଼ି' ଉନ୍ମୋଚିତ



ବରଗଡ଼, (ଭାସ୍କର ନ୍ୟୁଜ୍): ଓଡ଼ିଶାର ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକଙ୍କ ରଚିତ ଓ ଏନ ବିଟି ଇଣ୍ଡିଆ ଦ୍ୱାରା ପ୍ରକାଶିତ 'ଗୁଡ଼ି ଯାଆ ଉଡ଼ି' ରାଜଭବନ ଠାରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ନ୍ୟାସନାଲ ବୁକ୍ ଟ୍ରଷ୍ଟର ଓଡ଼ିଆ ଭାଷା ସମ୍ପାଦକ ପ୍ରମୋଦ ସର୍‌ଙ୍କ ତତ୍ତ୍ୱାବଧାନରେ ଉକ୍ତ ପୁସ୍ତକଟି ପ୍ରକାଶିତ ହୋଇଛି। ପ୍ରକାଶ ଥାଉକି ଗତବର୍ଷ ବରଗଡ଼ ଜିଲ୍ଲାରୁ ଶ୍ରୀ ନାୟକଙ୍କୁ ମହତାବ ଶିଶୁ ସାହିତ୍ୟ ସମ୍ମାନ, ଯୁଗୋପଯୋଗୀ ସୁବର୍ଣ୍ଣଦୀପ ଓ ଚନ୍ଦ୍ରଉଦିଆଁ ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରା ଯାଇଥିଲା। ଜାତୀୟସ୍ତରରେ ଶ୍ରୀ ନାୟକଙ୍କ ଏହି ପୁସ୍ତକ ପ୍ରକାଶିତ ତଥା ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ ଖବର ପାଇ ବରଗଡ ଶିଶୁ ସାହିତ୍ୟିକ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଜିଲ୍ଲାର ବରିଷ୍ଠ ଶିଶୁ ସାହିତ୍ୟିକ ପ୍ରଦୀପ୍ତ ଭାନୁ ମହାନ୍ତି, ଡ ରବି ନାରାୟଣ ସାହୁ, ଡ ସଙ୍ଗୀତା ରଥ, ସନ୍ତୋଷିନୀ ଦାସ, ବିକାଶ ଚନ୍ଦ୍ର ସାହୁ, କେଦାରନାଥ ସାହୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ୫ ଦଫା ଦାବି ନେଇ ଲ୍ୟାମ୍ପ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ




କୋଷାଗୁମୁଡ଼ା,(ଭାସ୍କର ନ୍ୟୁଜ୍): ସମଗ୍ର ରାଜ୍ୟରେ ପାଞ୍ଚ ଦଫା ଦାବି ନେଇ ଲ୍ୟାମ୍ପସ କର୍ମଚାରୀ ଚଳିତ ମାସ ୧ତାରିଖରୁ କଳାବ୍ୟାଚ୍ ପରିଧାନ କରି କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି। ଏହି କ୍ରମରେ କୋଷାଗୁମୁଡ଼ା ଓ କୋଡିଙ୍ଗା ଲ୍ୟାମ୍ପସ କର୍ମଚାରୀ ମଧ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବା ସହ ଚଳିତ ମାସ ୯ତାରିଖରୁ ବିଧାନସଭା ସମ୍ମୁଖରେ ଆନ୍ଦୋଳନ ହେବ ବୋଲି ସୂଚନା ମିଳିଛି। ଫଳରେ ସ୍ଥାନୀୟ ଚାଷୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲ୍ୟାମ୍ପସ କର୍ମଚାରୀ ପାଞ୍ଚ ଦଫା ଦାବି ସମ୍ପର୍କରେ ପୂର୍ବରୁ ସରକାରଙ୍କୁ ଅବଗତ କରିଥିଲେ। ସମସ୍ତ ବର୍ଗର କର୍ମଚାରୀଙ୍କୁ ସରକାରୀ କ୍ୟାଡର ଭୁକ୍ତ କରିବା, ସପ୍ତମ ବେତନ ଲାଗୁ କରିବା, ସମସ୍ତ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟବୀମା ଓ ଜୀବନବୀମା ପ୍ରଦାନ ଆଦି ଦାବି କରାଯାଇଥିଲା। ସରକାର ଦାବି ପୂରଣ ନକରିବାରୁ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆଗକୁ ବର୍ଷା ଋତୁ ଆସୁଥିବାରୁ ଚାଷୀମାନେ ଚାଷ କାମ ପାଇଁ ସଜବାଜ ହେଉଥିବା ବେଳେ ଚାଷ ଋଣ, ରାସାୟନିକ ସାର, ବିହନ ସଂଗ୍ରହ ଆଦି କାର୍ଯ୍ୟ ପାଇଁ ଲ୍ୟାମ୍ପସ ଉପରେ ନିର୍ଭର କରୁଥିବା ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ ବୋଲି ଆଶଙ୍କା କରୁଛନ୍ତି। ଏମିତିରେ ଚାଷ କେମିତି କରିବେ ଚିନ୍ତାରେ ପଡିଛନ୍ତି। ଏନେଇ ଉପଯୁକ୍ତ ପଦକ୍ଷେପ ଗ୍ରହଣକରିବାକୁ ଚାଷୀମାନେ ଦାବି କରିଛନ୍ତି।

# ୧୬ହଜାର ନିୟୁତ ବର୍ଷ ପୂର୍ବର ପ୍ରାକୃତିକ ଐତିହ୍ୟ ଛେଙ୍ଗା ପାହାଡ



ବେଲପାହାଡ଼,(ଭାସ୍କର ନ୍ୟୁଜ୍): ଆବିଷ୍କାର ହେଲା ୧୬ହଜାର ନିୟୁତ ବର୍ଷ ପୂର୍ବର ପ୍ରାକୃତିକ ଐତିହ୍ୟ। ଡାଇନୋସର ଯୁଗ ପୂର୍ବ କାଳର ଏହି ପାହାଡ ହୋଇଥିବା ବେଳେ ଏହାର ବକ୍ଷରେ ଦିନେ ନଦୀ ପ୍ରବାହିତ ହେଉଥିବା କଥା ବୈଜ୍ଞାନିକମାନେ ଗବେଷଣାରୁ ଜାଣି ପାରିଛନ୍ତି। କାଳକ୍ରମେ କୌଣସି ପ୍ରାକୃତିକ ଭୂ-ଚଳନ ହେତୁ ଏହା ପାହାଡ ରୂପ ଧାରଣ କରିଥିବା କୁହାଯାଉଛି। ଭାରତୀୟ ଭୂ-ବୈଜ୍ଞାନିକ ସର୍ବେକ୍ଷଣ ବେଲପାହାଡ କାର୍ଯ୍ୟାଳୟ ଅଧିନସ୍ଥ ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକ୍ ଅନ୍ତର୍ଗତ ବ୍ରାହ୍ମଣୀ ଗ୍ରାମ ନିକଟରେ ଏହି ବିରଳ ପ୍ରାକୃତିକ ଐତିହ୍ୟ ସ୍ଥାନ ଆବିଷ୍କୃତ ହୋଇଛି। ଯାହାକୁ କି ଭାରତୀୟ ଭୂ-ବୈଜ୍ଞାନିକ ସର୍ବେକ୍ଷଣ ଓଡିଶା ଦ୍ୱାରା 'ବ୍ରାହ୍ମଣୀ ଆର୍କ୍'ନାମରେ ନାମିତ କରାଯାଇଛି। ସ୍ଥାନୀୟ ବାସିନ୍ଦା ଏହାକୁ ଛେଙ୍ଗା ପାହାଡ କହୁଥିବା ବେଳେ ଏହାର ଐତିହ୍ୟ ବାବଦରେ ଅଜ୍ଞ ଥିଲେ। ସୁନ୍ଦରଗଡ଼ ଜିଲ୍ଲା କନିକାରୁ ହେମଗିରି ଯିବା ବାଟରେ ମୁଖ୍ୟ ରାସ୍ତାରୁ ଘଞ୍ଚ ଜଙ୍ଗଲ ଦେଇ ପ୍ରାୟ ୨.୫ କିମି ଦୂରରେ ଥିବା ଛେଙ୍ଗା ପାହାଡ ଶିଖରରେ ଏହି ପ୍ରାଚୀନ ପଥର ତୋରଣ ରୂପକ ଐତିହ୍ୟ ବିଦ୍ୟମାନ। ପୂର୍ବରୁ ଆଣ୍ଡାମାନ ନିକୋବର ଓ ତିରୁପତି ପାହାଡ଼ରେ ଦୁଇଟି ଏଭଳି ପୁରାତନ ଐତିହ୍ୟ ଆବିଷ୍କୃତ ହୋଇଥିବା ବେଳେ ବ୍ରାହ୍ମଣୀ ଆର୍କ ଆମ ଦେଶର ତୃତୀୟ ଐତିହ୍ୟ ଭାବରେ ସ୍ୱୀକୃତି ପାଇଛି। ଏହାର ପ୍ରଚାର ପ୍ରସାର ହେଲେ ଆଗାମି ଦିନରେ ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇବା ସହ ଅଞ୍ଚଳ ର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ଓ ଅଞ୍ଚଳବାସୀ ରୋଜଗାରକ୍ଷମ ହେବେ ବୋଲି ଆଶା କରାଯାଉଛି। ତେବେ ଆବିଷ୍କୃତ ବ୍ରାହ୍ମଣୀ ଆର୍କ୍ ର ସଂରକ୍ଷଣ ପାଇଁ ବୁଧବାର ଉକ୍ତ ଐତିହ୍ୟ ସ୍ଥାନରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଥିଲା। ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଡିଏଫ୍‌ଓ ଲଳିତ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ କନିକା ସରପଞ୍ଚ ଶାନ୍ତେ ଧୁରୁଆ, ଜିଏସଆଇ ଡେପୁଟି ଡାଇରେକ୍ଟର ଜେନେରାଲ ଡକ୍ଟର ସୈବାଲ ଚନ୍ଦ୍ର ମିତ୍ର ଓ ଏସିଏଫ୍ ମୋହନ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ବ୍ରାହ୍ମଣୀ ଆର୍କର ସଂରକ୍ଷଣ ଦିଗରେ ଜନସାଧାରଣଙ୍କୁ ସଚେତନ କରିଛନ୍ତି।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



## ଛ' ଦିନରେ ଛ'ଟି ଦୁର୍ଘଟଣା

# ରେଳବାଇ ପାଇଁ ଶନିଦଶା !

ଦୁର୍ଘଟଣା ଭାରତୀୟ ରେଳବାଇର ପିଛା ଛାଡ଼ିଲା ଭଳି ମନେ ହେଉନାହିଁ। ବାଲେଶ୍ୱର ନିକଟବର୍ତ୍ତୀ ବାହାନଗା ଷ୍ଟେସନରେ ଚଳିତ ଶତାବ୍ଦୀର ସର୍ବାଧିକ ଭୟାନକ ହୃଦୟବିଦାରକ ଟ୍ରେନ୍ ଦୁର୍ଘଟଣାର ଦୁଃଖଦ ଚିତ୍ର ମନରୁ ପୋଛି ନହେଉଣୁ ବୁଧବାର ଯାଜପୁର-କେନ୍ଦୁଝର ରୋଡ ଷ୍ଟେସନ ନିକଟରେ ଘଟିଛି ଆଉ ଏକ ମର୍ମନ୍ତୁଦ ଦୁର୍ଘଟଣା ଏବଂ ଏଥିରେ ନିମିଷକ ଭିତରେ ୬ଟି ଜୀବନ ଅକାଳରେ ଝରିପଡ଼ିଛି। ଏହି ରେଳଷ୍ଟେସନ ନିକଟବର୍ତ୍ତୀ ଚୂନାଭାଟି ଠାରେ ଏକ ଇଞ୍ଜିନ ବିହୀନ ମାଲଗାଡ଼ିର ୱାଗନ୍ ତଳେ ଚାପି ହୋଇ ଛ' ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ଗୁରୁତର ଭାବରେ ଆହତ ହୋଇଥିବା ଆଉ ଦୁଇ ଶ୍ରମିକ ଏବେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ହସ୍ତଗତ ହୋଇଥିବା ସୂଚନାନୁଯାୟୀ ବୁଧବାର ଅପରାହ୍ନରେ ଯାଜପୁର-କେନ୍ଦୁଝର ରୋଡ ଷ୍ଟେସନ ନିକଟରେ ଥିବା ରେଳ ଧାରଣାରେ କିଛି ମରାମତି କାର୍ଯ୍ୟ ଚାଲିଥିଲା। ସେହି ସମୟରେ ହଠାତ୍ କାଳବୈଶାଖୀ ମାଡି ଆସି ଜୋର୍ ପବନ ଓ ବର୍ଷା ଆରମ୍ଭ ହୋଇଯାଇଥିଲା। ଏଥିରୁ ବର୍ତ୍ତିବା ପାଇଁ ଶ୍ରମିକମାନେ ଦୌଡି ଯାଇ ମାଲଗାଡ଼ିର ୱାଗନ୍ ତଳେ ଆଶ୍ରୟ ନେଇଥିଲେ। ତେବେ ଆଶ୍ଚର୍ଯ୍ୟର ବିଷୟ ମାଲଗାଡ଼ିରେ ଇଞ୍ଜିନ୍ ନଥିଲେ ସୁଦ୍ଧା ୱାଗନ୍‌ଗୁଡ଼ିକ ଗଡିବାକୁ ଲାଗିଲା ଏବଂ ଏହା ତଳେ ଚାପି ହୋଇ ଛ' ଶ୍ରମିକଙ୍କ ମୃତ୍ୟୁ ଘଟିଲା। ଖୋର୍ଦ୍ଧାରୋଡ ଡିଆରଏମ୍‌ଙ୍କ ସୂଚନା ଅନୁଯାୟୀ ମାଲଗାଡ଼ିରେ ଇଞ୍ଜିନ ସଂଯୋଗ ନଥିଲେ ମଧ୍ୟ କେହି ବ୍ୟକ୍ତି ୱାଗନ୍‌ର ଲକ୍ ହ୍ୟାଣ୍ଡେଲ ଖୋଲିଦେବା ଯୋଗୁ ପ୍ରବଳ ପବନରେ ଗୋଟିଏ ହୁକ୍ ମଧ୍ୟରେ ସମସ୍ତ ୱାଗନ୍ ରହିବା ସମ୍ଭବ ହେଲାନାହିଁ। ୱାଗନ୍‌ଗୁଡ଼ିକ ପଛକୁ ଗଡି ଆସିବା କାରଣରୁ ଶ୍ରମିକମାନେ ତା' ତଳେ ଚାପି ହୋଇଯାଇଥିଲେ। କାଳ ବୈଶାଖୀର କରାଳ ପବନ ଏତେ ବଡ ଅଘଟଣ ଘଟାଇ ଛ'ଟି ମୂଲ୍ୟବାନ ଜୀବନକୁ ଲୁଟି ନେବା ଯେତିକି ଦୁର୍ଭାଗ୍ୟଜନକ, ରେଳବାଇର ତ୍ରୁଟିପୂର୍ଣ୍ଣ ରକ୍ଷଣାବେକ୍ଷଣ ବ୍ୟବସ୍ଥା ଓ ଖାମଖିଆଲି ମନୋଭାବକୁ ସେତିକି ସ୍ପଷ୍ଟ କରୁଛି। ବାହାନଗା ଟ୍ରେନ୍ ଦୁର୍ଘଟଣାକୁ ନେଇ ଅପଯଶର ସାମ୍ନା କରୁଥିବା ଭାରତୀୟ ରେଳବାଇକୁ ଏବେ ଗୋଟିଏ ପରେ ଗୋଟିଏ ଝଟ୍‌କା ଲାଗିଚାଲିଛି। ବାହାନଗାର ଭୟଙ୍କର ଦୁର୍ଘଟଣା ପରେ ଇତି ମଧ୍ୟରେ ଆଉ ଛ'ଟି ଦୁର୍ଘଟଣା ଘଟିସାରିଲାଣି, ଯାହା ମନ୍ତ୍ରଣାଳୟ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ବୁଧବାର ଭୋର୍ ସମୟରେ ଆସାମର ସିଲ୍ଚର ରେଳଷ୍ଟେସନ ନିକଟରେ ଏକ ମାଲଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବାରୁ ଏହାର ୧୬ ଟି ଡବା ଲାଇନ୍‌ଚ୍ୟୁତ ହୋଇଛି। ଯଦିଓ ଏଥିରେ କେହି ମୃତାହତ ହୋଇନାହାନ୍ତି, ତଥାପି ଏହା ଯାତ୍ରୀବାହୀ ଗାଡ଼ି ହୋଇଥିଲେ କ'ଣ ସେ ଅବସ୍ଥା ହୋଇଥାଆନ୍ତା ଭାବିହେଉନାହିଁ। ମଙ୍ଗଳବାର ଦିନ ଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ୍ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇଯାଇଛି। ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲା ଅନ୍ତର୍ଗତ ସାନ୍ତାଲଡିହ ଲେଭଲ କ୍ରସିଂ ଗେଟ ଏକ ଟ୍ରାକ୍ଟର ହଠାତ୍ ମାଡି ଆସିଥିଲା, ତେବେ ଟ୍ରେନ୍ ଚାଳକ ସୁରକ୍ଷିତ ଦୂରତାରୁ ଏହାକୁ ଦେଖିପାରି ଟ୍ରେନ୍‌ର ଗତି କମାଇଦେଇଥିଲେ। ମଙ୍ଗଳବାର ଦିନ ଉତ୍ତରପ୍ରଦେଶର ପ୍ରୟାଗରାଜ ନିକଟରେ ସିଆଲଦା-ଆଜମିର୍ ଏକ୍ସପ୍ରେସ ଟ୍ରେନ୍‌ରୁ ଧୂଆଁ ବାହାରୁଥିବାର ଦେଖାଯାଇଥିଲା। ଯାତ୍ରୀମାନେ ଭୟରେ ଚେନ୍ ଟାଣି ଗାଡ଼ିକୁ ଅଟକାଇଥିଲେ। ଦିନକ ପୂର୍ବେ ସିକନ୍ଦରାବାଦ୍- ଅଗରତଲା ଏକ୍ସପ୍ରେସ୍ ବ୍ରହ୍ମପୁର ରେଳଷ୍ଟେସନ ଦେଇ ଯାଉଥିବାବେଳେ ଗୋଟିଏ କୋଚ୍‌ରୁ ଧୂଆଁ ବାହାରିବା ଆରମ୍ଭ ହେଲା। ଟ୍ରେନ୍ ଚାଳକ ତୁରନ୍ତ ଗାଡ଼ିକୁ ଅଟକାଇ ସତର୍କତା ବ୍ୟବସ୍ଥାକୁ ମରାମତି କରିଥିଲେ। ବରଗଡ଼ରେ ଏକ ମାଲଗାଡ଼ିର କେତେକ ଡବା ଲାଇନଚ୍ୟୁତ ହୋଇଥିବାର ଖବର ମିଳିଛି। ଏହି ସମସ୍ତ ଘଟଣାରେ ଯାନ୍ତ୍ରିକ ତ୍ରୁଟି, ସିଗ୍ନାଲ ବ୍ୟବସ୍ଥାରେ ଦୋଷ, ଟ୍ରାକ୍‌ର ଦୁର୍ବଳତା ଆଦିର ସୂଚନା ମିଳୁଛି। ଭାରତୀୟ ରେଳବାଇକୁ ଏବେ ଶନିଦଶା ପଡିଥିବା ଭଳି ମନେ ହେଉଛି।

# ଅଣବସରରେ ଅଲାରନାଥ ଦର୍ଶନ



**ପ୍ରଭାକର ଦଳାଇ**
ଗଡରୋଡଙ୍ଗ, ବ୍ରହ୍ମଗିରି, ପୁରୀ
ମୋ-୭୯୭୮୬୨୨୫୬୬

ସ୍ନାନ ପୂର୍ଣ୍ଣିମା ଠାରୁ ଦୀର୍ଘ ୧୫ ଦିନ କାଳ ନୀଳାଦ୍ରୀନାଥ ଅଣସର ଘରେ ରହିବେ । ଦର୍ଶନାର୍ଥୀ ଭକ୍ତମାନେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ନପାଇ ପୁରୀ ଠାରୁ ଅନତି ଦୂରରେ ଅବସ୍ଥିତ ବ୍ରହ୍ମଗିରିରେ ମହାପ୍ରଭୁ ଅଲାରନାଥଙ୍କୁ ଦର୍ଶନ କଲେ ଜଗତରନାଥ ଜଗନ୍ନାଥଙ୍କ ସମଫଳ ପ୍ରାପ୍ତି ହୁଏ ବୋଲି ଲୋକମାନଙ୍କର ବିଶ୍ୱାସ ରହିଛି । ଏଣୁ ଏହି ଅଣବସର ସମୟରେ ମହାପ୍ରଭୁ ଅଲାରନାଥ ଦୀର୍ଘ ୧୪ ଦିନ ଧରି ଚତୁର୍ଦ୍ଧାମୂର୍ତ୍ତିରେ ଭକ୍ତମାନଙ୍କୁ ଦର୍ଶନ ଦେଇ ସେମାନଙ୍କର ମନୋବାଞ୍ଛା ପୂରଣ କରିଥାନ୍ତି ।

କିମ୍ବଦନ୍ତୀ ଅନୁଯାୟୀ, ଜଗନ୍ନାଥଙ୍କର ପରମଭକ୍ତ ନଦିଆ ନିବାସୀ ମହାପ୍ରଭୁ ଶ୍ରୀଚୈତନ୍ୟ ଦେବ ପୁରୀରେ ଅବସ୍ଥାନ କରି ଜଗନ୍ନାଥଙ୍କୁ ପ୍ରତିଦିନ ଦର୍ଶନ କରୁଥିଲେ । ମାତ୍ର ସ୍ନାନ ପୂର୍ଣ୍ଣିମା ଠାରୁ ସେ ଆଉ ଅନାଦିନାଥ ନାରାୟଣ ପରମବ୍ରହ୍ମ ନିଳାଦ୍ରୀ ନାଥଙ୍କ ଦର୍ଶନ ପାଇଲେ ନାହିଁ । ଫଳରେ ଚୈତନ୍ୟ ଦେବ ଜଗତର ନାଥ ଜଗନ୍ନାଥଙ୍କ ଦର୍ଶନ ନପାଇ ପାଗଳ ପ୍ରାୟ ହୋଇଗଲେ । ଭକ୍ତର ଭଗବାନ କୋଟି କୈବଲ୍ୟ ଠାକୁର ନିଳାଦ୍ରି ବିହାରୀ, ଶ୍ରୀଚୈତନ୍ୟ ଦେବଙ୍କୁ ସ୍ୱପ୍ନାଦେଶ ଦେଇ କହିଥିଲେ, ପୁରୀର ଦକ୍ଷିଣ-ପଶ୍ଚିମ ଦିଗ ବ୍ରହ୍ମଗିରି ନିକଟସ୍ଥ ଅଲାରପୁରର ବକୁଳବନରେ ରହିଛି ଏକ ମନ୍ଦିର । ଆମ୍ବ, ପୁଗ, ପୁନାଙ୍ଗ ବକୁଳବନ ବିଶୋଭିତ ଜଙ୍ଗଲ ଭିତରେ ଥିବା ଏହି ମନ୍ଦିରରେ ପୂଜା ପାଉଛନ୍ତି ଅନାଦିନାଥ ପରମବ୍ରହ୍ମ ଅଲାରନାଥ । ସେହି ପରମବ୍ରହ୍ମଙ୍କର ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଥିଲେ କାଳିଆ ଠାକୁର । ଜଗନ୍ନାଥଙ୍କର ସ୍ୱପ୍ନାଦେଶ ପାଇ ପ୍ରଭୁଶ୍ରୀ ଚୈତନ୍ୟ ଦେବ ବ୍ରହ୍ମଗିରି ଅଭିମୁଖେ ଯାତ୍ରା କରିଥିଲେ । ଅଲାରନାଥ ମନ୍ଦିରରେ ଦୀର୍ଘ ୧୪ ଦିନ ଅବସ୍ଥାନ ପୂର୍ବକ ନାରାୟଣ ପରାୟଣ ପ୍ରଭୁଶ୍ରୀ ଅଲାରନାଥଙ୍କୁ ଦର୍ଶନ କରି ପରମତୃପ୍ତି ଲାଭ କରିଥିଲେ । ଏ ସଂପର୍କରେ ଚୈତନ୍ୟ ଚରିତ୍ରାମୃତରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି ଯେ-

'ଅଣବସରରେ ଜଗନ୍ନାଥ ନ ପାଇୟା ଦରଶନ
ବିରହେ ଅଲାରନାଥ କରିଲା ଗମନ'
ଗୋପୀ ଭାବେ ବିରହେ ବ୍ୟାକୁଳ ହଇୟା
ଆଲୋରନାଥ ଗେଲା ପ୍ରଭୁ ସବାରେ ଛାଡିୟା'

ସେହିଦିନ ଠାରୁ ଜଗନ୍ନାଥଙ୍କର ଦ୍ୱିତୀୟ ଲୀଳାକ୍ଷେତ୍ର ପାଲଟି ଯାଇଛି ଅଲାରନାଥଙ୍କ ମନ୍ଦିର । କିମ୍ବଦନ୍ତୀ ସ୍ୱରୂପ ଆଜିବି ଅଲାରନାଥଙ୍କ ମନ୍ଦିର ପରିସରରେ ଚୈତନ୍ୟ ଯେଉଁ ପ୍ରସ୍ତର ଉପରେ ଶୟନ କରୁଥିଲେ, ସେହି ପ୍ରସ୍ତର ରହିଛି । ଅବଶ୍ୟ ଏବେ ଚୈତନ୍ୟଙ୍କର ସେହି ସ୍ମୃତିକୁ ସାଇତି ରଖିବା ପାଇଁ, ବକୁଳ ବନରେ ଥିବା ଚୈତନ୍ୟଙ୍କ ଶୟନ ପସ୍ତର ଉପରେ ଏକ ମନ୍ଦିର ନିର୍ମାଣ କରାଯାଇଛି । ସେହି ମନ୍ଦିରରେ ପଥର ସହ ମହାପ୍ରଭୁ ଚୈତନ୍ୟଙ୍କର ଏକ ପୂର୍ଣ୍ଣ ଅବୟବ ପୂଜା ପାଉଛନ୍ତି । ମନ୍ଦିର ନିକଟରେ ରହିଛି ଚୈତନ୍ୟ ମହାପ୍ରଭୁଙ୍କର ଗୌଡିୟ ବୈଷ୍ଣବ ମଠ ।



ସ୍ନାନ ପୂର୍ଣ୍ଣିମା ଠାରୁ ଅଲାରନାଥଙ୍କ ମନ୍ଦିର ଚଳଚଞ୍ଚଳ ହୋଇଉଠେ । ଜଗନ୍ନାଥଙ୍କ ନୀତିକାନ୍ତି ପରି ଏଠାରେ ମଧ୍ୟ ମଙ୍ଗଳ ଆଳତୀ, ଅବକାଶ ଲାଗି, ସକାଳ ଧୂପ, ପହଡ, ସଂକୁଡି ଭୋଗ ଆଦି ଦେବ ନୀତି ଅନୁଷ୍ଠିତ ହୋଇଥାଏ । ଅନ୍ୟ ଦିନ ଅପେକ୍ଷା ଏହି ଅନବସର ସମୟରେ ଦେଶ ବିଦେଶରୁ ହଜାର ହଜାର ଭକ୍ତଙ୍କର ସମାଗମ ହୋଇଥାଏ । ଭକ୍ତମାନଙ୍କ ସମାଗମକୁ ଦେଖି ଏଠାରେ ଅବଢା ମଧ୍ୟ ପ୍ରସ୍ତୁତ ହୁଏ । ଅବଢା ମଧରେ ଅଲାରନାଥଙ୍କ ଖିରି ଭାରତ ପ୍ରସିଦ୍ଧ । ସେଥିପାଇଁ କେହି କେହି ଖିରିଖିଆ ଅଲାର ବୋଲି କହିଥାନ୍ତି । ଏହା ପଛରେ ମଧ ଏକାଧିକ ଲୋକକଥା ତଥା କିମ୍ବଦନ୍ତୀ ରହିଛି । ପ୍ରଥମ କଥାଟି ହେଲା-ଦ୍ୱାଦଶ ଶତାବ୍ଦୀ ପୂର୍ବରୁ ଦକ୍ଷିଣ ଦେଶୀୟ 'ଆଲବାର' ବା 'ଆଲୱାର'ମାନଙ୍କ ଦ୍ୱାରା ଏହି ମନ୍ଦିର ପ୍ରତିଷ୍ଠା କରାଯାଇଥିଲା । ତେଣୁ ସେହିମାନଙ୍କର ନାଥ ବା ପ୍ରଭୁ ଭାବେ ତାଙ୍କର ନାମ 'ଆଲବାର' ବା 'ଆଲୱାର' ନାଥ ହୋଇଥିଲା । ପରବର୍ତ୍ତୀ ସମୟରେ ଏହା ଅପଭ୍ରଂଶ ହୋଇ ଅଲାରନାଥ ଭାବେ ଖ୍ୟାତି ଲାଭ କରିଛନ୍ତି । କାଳକ୍ରମେ ଆଲୱରମାନଙ୍କର ବଂଶଲୋପ ପାଇଯିବା ପରେ ସ୍ଥାନୀୟ ଲୋକେ ଠାକୁରଙ୍କୁ ପୂଜାର୍ଚ୍ଚନା କରୁଥିଲେ । ଦିନେ ପୂଜକ କୌଣସି କାମରେ ଗାଁ ବାହାରକୁ ଚାଲିଯାଇଥିବାରୁ, ଠାକୁରଙ୍କୁ ପୂଜା କରିବା ପାଇଁ ତାଙ୍କ ନାବାଳକ ପୁଅ ମଧୁସୂଦନକୁ କହିଥିଲେ । ଠାକୁରଙ୍କ ନିକଟରେ ପ୍ରତିଦିନ ପରି ପୂଜା କରାଯାଉଥିବା ଖିରି ନେଇ ପୂଜକଙ୍କ ପୁଅ ମନ୍ଦିରକୁ ଯାଇଥିଲା । ସେଠାରେ ଠାକୁରଙ୍କ ଆଗରେ ଖିରି ରଖି ଦେଇ ଦେଇ ମୁଣ୍ଡିଆଟିଏ ମାରି ବାହାରେ ଥିବା ବକୁଳବନରେ ଖେଳିଲା । କିଛି ସମୟ ପରେ ମନ୍ଦିର ଭିତରକୁ ଯାଇ ଦେଖିଲା ପାତ୍ରରେ ଆଉ ଖିରି ନାହିଁ । ସେ ଖାଲିପାତ୍ର ନେଇ ଘରକୁ ଫେରିଲା । ମାଆ ଦେଖି ମଧୁସୁଦନକୁ ପଚାରିବାରୁ ସେ କହିଲା ଠାକୁର ସବୁ ଖିରି ଖାଇଗଲେ । ମାତ୍ର ମାଆ କିମ୍ବା ବାପା କେହିବି ପୁଅର କଥାକୁ ବିଶ୍ୱାସ କଲେ ନାହିଁ । ଏହାର ପ୍ରମାଣ ପାଇଁ ପରଦିନ ପୂଜକ ପୁଅ ହାତରେ ଖିରି ଦେଇ ନିଜେ ମନ୍ଦିର ବାହାରେ ଛପି ରହିଥିଲେ । ପୁଅ ଖିରିଭୋଗ ଥୋଇ ଦେଇ ବାହାରକୁ ଆସିବାର କିଛି ସମୟ ପରେ ପୂଜକ ହଠାତ୍ ମନ୍ଦିର ଭିତରକୁ ପଶିଯାଇ ଯାହା ଦେଖିଲେ, ନିଜ ଆଖିକୁବିଶ୍ୱାସ କରିପାରିଲେ ନାହିଁ । ଲୀଳାମୟ ଠାକୁରଙ୍କର ଲୀଳା ଅପାର । ପୂଜକ ହାଠତ୍ ଭିତରକୁ ପ୍ରବେଶ କରିଯିବାରୁ ଠାକୁର ସେହିଠାରେ ପାଷାଣ ପାଲଟିଗଲେ । ଏହାର ପ୍ରମାଣସ୍ୱରୂପ ଆଜିବି ସେହି ଦ୍ୱାଦଶ ଶତାବ୍ଦୀର ମୂର୍ତ୍ତି ରହିଛି । ଗରମ ଖିରି ମହାପ୍ରଭୁ ଶ୍ରୀଶ୍ରୀ ଅଲାରନାଥଙ୍କ ହାତ, ଛାତି ଓ ଗାଲରେ ପଡିଯିବାରୁ ଫୋଟକା ହୋଇଯାଇଥିବା ଆଜିବି ଦେଖିବାକୁ ମିଳୁଛି । ସେହିଦିନ ଠାରୁ ତାଙ୍କୁ ଖିରିଖିଆ ଅଲାର ବୋଲି ମଧ୍ୟ ଲୋକମାନେ କହିଥାନ୍ତି ।

ଅନ୍ୟ କଥାଟି ହେଲା, ମାନବୀୟ ଲୀଳାର ଠାକୁର ଶ୍ରୀଜଗନ୍ନାଥଙ୍କୁ ଜ୍ୱର ହେବା । ଦୀର୍ଘ ୪୨ ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥ ଚାପ ଖେଳିବା ସହ ପୂର୍ଣ୍ଣିମା ଦିନ ଅତ୍ୟଧିକ ସ୍ନାନ କରିଥିବାରୁ, ସେ ଜ୍ୱରରେ ପୀଡିତ ହୋଇଥାନ୍ତି । ତେଣୁ ଠାକୁରଙ୍କୁ ସୁସ୍ଥ କରିବା ପାଇଁ ବୈଦ୍ୟମାନେ ଶ୍ରୀମନ୍ଦିର ଅଣସର ଘରେ ଗୁପ୍ତ ସେବା କରିଥାନ୍ତି । ସାଧାରଣ ଜୀବନରେ କୌଣସି ଲୋକଙ୍କୁ ଜ୍ୱର ହେଲେ ସେ ସାଗୁ, ବାର୍ଲି, ଖିରି ଭଳି ତରଳ ଖାଦ୍ୟ ଖାଇଥାନ୍ତି । ବିଭିନ୍ନ ଚେରମୂଳି ଔଷଧ ଖାଇ ସୁସ୍ଥ ହୋଇଥାନ୍ତି । ଠିକ୍ ସେହିପରି ମାନବୀୟ ଲୀଳାର ଠାକୁର ପତିତ ପାବନଙ୍କୁ ସମାନ ଭାବେ ଚିକିତ୍ସା କରାଯାଏ । ବଡ ଠାକୁର ଅଣସର ଘରେ ରହିବାରୁ ଶ୍ରୀମନ୍ଦିରରେ ପଟ୍ଟି ଦିଅଁ ପୂଜା ପାଇଥାନ୍ତି । ଦର୍ଶନାର୍ଥୀ ଭକ୍ତମାନେ ଦାରୁବ୍ରହ୍ମଙ୍କର ଦର୍ଶନ ଶ୍ରୀମନ୍ଦିରରେ ନ ପାଇ ସମଫଳ ପ୍ରାପ୍ତି ଆଶାରେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରିଥାନ୍ତି । ସେଥିପାଇଁ ପ୍ରତି ବର୍ଷ ଅଣବସର ସମୟରେ ଶ୍ରୀଅଲାର ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ । ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ହଜାର ହଜାର ଭକ୍ତଙ୍କର ସମାଗମ ହୋଇଥାଏ । ଚଳିତ ବର୍ଷେ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଦେବସ୍ନାନ ପୂର୍ଣ୍ଣିମା ପରଠାରୁ ଶ୍ରୀ ଶ୍ରୀ ଅଲାରନାଥଙ୍କ ମନ୍ଦିରରେ ଶ୍ରୀମନ୍ଦିରର ଭ୍ରମ ସୃଷ୍ଟି ହୋଇଥାଏ । ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିବା ସହ ଅଲାର ଖିରି ଖାଇ ବେଶ ଆତ୍ମତୃପ୍ତି ଲାଭ କରିଥାନ୍ତି । ଅଣସର ସମୟରେ ଶ୍ରୀ ଅଲାର ପୀଠରେ ମଧ୍ୟ ଅବଢା ଅନ୍ନ ପ୍ରସ୍ତୁତ ହୋଇଥାଏ ।

# ଏଣିକି ଡାକ୍ତର ଲେଖିବେ ଜେନେରିକ୍ ଔଷଧ



**ଗୋପାଳ ମହାପାତ୍ର**
ରାମଚନ୍ଦ୍ରପୁର, ରଣପୁର
ମୋ- ୯୪୩୮୪୮୫୦୯୪

ଡାକ୍ତରମାନେ ରୋଗୀଙ୍କ ପାଇଁ ଜେନେରିକ୍ ଔଷଧ ଲେଖିବାକୁ (ପ୍ରେସ୍‌କ୍ରାଇବ୍) କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବା ପାଇଁ ନିର୍ଦ୍ଦେଶ ମଧ ଦେଇଛନ୍ତି। ବାସ୍ତବରେ ଏହି ନିଷ୍ପତ୍ତି ଭାରତୀୟ ଔଷଧ କମ୍ପାନୀମାନଙ୍କୁ ଆନ୍ତର୍ଜାତୀୟ ଗୌରବ ପ୍ରଦାନ କରିବା ଦିଗରେ ଏକ ମାଇଲ୍‌ଖୁଣ୍ଟ ହେବ ବୋଲି କୁହାଯାଉଛି। ଜେନେରିକ୍ ଔଷଧ ପ୍ରସଙ୍ଗରେ ନିର୍ଦ୍ଦେଶନାମା ଜାରି କରି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ, ଯଦି କୌଣସି ଚିକିତ୍ସକ ରୋଗୀଙ୍କ ପ୍ରେସ୍‌କ୍ରିପ୍‌ସନ୍‌ରେ ଜେନେରିକ୍ ଔଷଧ ନ ଲେଖନ୍ତି ତେବେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦେଶର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକ ଡାକ୍ତର ଅତୁଲ୍ ଗୋଏଲ୍ ଏହି ନିର୍ଦେଶ ଜାରି କରିଛନ୍ତି। ଏଥିସହିତ ମେଡିକାଲ୍ ରିପ୍ରେଜେଣ୍ଟେଟିଭ୍‌ମାନେ ଡାକ୍ତରଙ୍କୁ ଭେଟିବା ପ୍ରସଙ୍ଗରେ ମଧ୍ୟ ଏକ ନୂଆ ଦିଶାନିର୍ଦ୍ଦେଶ ଜାରି କରିଛନ୍ତି ଦେଶର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକ।

ପାଖାପାଖି ଏକ ଦଶନ୍ଧି ହେବ ବିଭିନ୍ନ ମଞ୍ଚରେ ଜେନେରିକ୍ ଔଷଧକୁ ନେଇ ବରାବର ଚର୍ଚ୍ଚା ଚାଲିଛି। ୨୦୦୮ରେ ଶାନ୍ତାକୁମାର ରାଜ୍ୟସଭାର ସାଂସଦ ହେବା ପରେ ତାଙ୍କୁ ବାଣିଜ୍ୟ ଉପରେ ଗଠିତ ସଂସଦୀୟ ସ୍ଥାୟୀ କମିଟିର ଅଧ୍ୟକ୍ଷ କରାଯାଇଥିଲା। ଏହି କମିଟି ସରକାରଙ୍କୁ ବାଣିଜ୍ୟ ପ୍ରସଙ୍ଗରେ ବିଭିନ୍ନ ପରାମର୍ଶ ଦେଇଥାଏ। ୨୦୧୧ରେ ଏହି କମିଟି ଭାରତରେ ଔଷଧ ଉଦ୍ୟୋଗରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ଉପରେ ତର୍ଜମା କରି ଏକ ରିପୋର୍ଟ ସରକାରଙ୍କୁ ଦେଇଥିଲେ। କମିଟି ତାଙ୍କ ରିପୋର୍ଟରେ ଭାରତୀୟ ଔଷଧ ନିର୍ମାତା କମ୍ପାନୀମାନଙ୍କୁ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ଜାଲରୁ ମୁକ୍ତ କରିବା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ରିପୋର୍ଟରେ ଜେନେରିକ୍ ଔଷଧକୁ ଲୋକପ୍ରିୟ କରାଇବା ଓ ଡାକ୍ତରମାନଙ୍କୁ ଜେନେରିକ୍ ଔଷଧ ଲେଖିବା ପାଇଁ ଆଇନଗତ ଭାବେ ବାଧ କରାଯିବାକୁ କମିଟି ପରାମର୍ଶ ଦେଇଥିଲେ। ରିପୋର୍ଟରେ ଭାରତୀୟ ଔଷଧ କମ୍ପାନୀମାନଙ୍କ ଉପରେ ବ୍ୟାପକ ଚର୍ଚ୍ଚା କରାଯାଇଥିଲା। ଅନେକ ପ୍ରସିଦ୍ଧ ବ୍ୟକ୍ତିବିଶେଷଙ୍କ ମତାମତକୁ ମଧ୍ୟ ରିପୋର୍ଟରେ ସ୍ଥାନିତ କରାଯାଇଥିଲା। ବିଳମ୍ବରେ ହେଉ ପଛେ ଏବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜେନେରିକ୍ ଔଷଧ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦିଆଯାଉଛି ଓ ଦେଶସାରା ଏହି ଜେନେରିକ୍ ଔଷଧର ଦୋକାନ ସବୁ ଖୋଲାଯାଇଛି। ଜନଔଷଧି କେନ୍ଦ୍ର ମାଧ୍ୟମରେ ଦେଶର ସବୁ ଲୋକଙ୍କ ପାଖରେ ଜେନେରିକ୍ ଔଷଦ ପହଞ୍ଚାଇବାର ଉଦ୍ୟମ କରାଯାଉଛି।


ଭାରତ ଭଳି ବିଶାଳ ଦେଶରେ ଅଧିକାଂଶ ଲୋକଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ। ଏଣୁ ଏମାନେ ନିଜର ଚିକିତ୍ସା ପାଇଁ ଅଧିକ ବ୍ୟୟ କରିବାକୁ ଅକ୍ଷମ। ବର୍ତ୍ତମାନ ସମୟରେ ସ୍ୱାସ୍ଥ୍ୟସେବା ମଧ୍ୟ ଅଧିକ ବ୍ୟୟବହୁଳ ହୋଇପଡ଼ିଛି। ଏକ ତଥ୍ୟ ଅନୁସାରେ ଭାରତୀୟ ପରିବାରମାନଙ୍କୁ ସେମାନଙ୍କର ଆୟର ୪୦ ପ୍ରତିଶତ ଔଷଧ କ୍ରୟ ପାଇଁ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଷଷ୍ଠ ଦଶକ ବା ୬୦ ମସିହା ପୂର୍ବ ଓ ପର ସମୟରେ ଯେତେବେଳେ ଔଷଧ ବ୍ୟବସାୟରେ ବହୁରାଷ୍ଟ୍ରୀୟ କମ୍ପାନୀମାନେ ପ୍ରବେଶ କରିନଥିଲେ ସେତେବେଳେ ସରକାରୀ ଡାକ୍ତରଖାନା ମାନଙ୍କରେ ଡାକ୍ତରମାନେ ରୋଗୀଙ୍କୁ ଜେନେରିକ୍ ଔଷଧ ଦେଉଥିଲେ। ସେତେବେଳର ଅବସ୍ଥା ଓ ବର୍ତ୍ତମାନର ଅବସ୍ଥା ମଧ୍ୟରେ ଅନେକ ଫରକ୍ ରହିଛି ନିଶ୍ଚୟ। ଚିକିତ୍ସା କ୍ଷେତ୍ରରେ ବିଶ୍ୱସ୍ତରରେ ଅନେକ ବିକାଶ ଘଟିଛି। ଏକଥା ମଧ୍ୟ ସତ୍ୟ ଯେ ଏବେ ବହୁରାଷ୍ଟ୍ରୀୟ ଔଷଧ କମ୍ପାନୀମାନେ ଭାରତ ଔଷଧ ବ୍ୟବସାୟରେ ସେମାନଙ୍କ ଆଧିପତ୍ୟ ବଜାୟ ରଖିଛନ୍ତି ଓ ଦେଶର ଔଷଧ କମ୍ପାନୀମାନଙ୍କର ଅଧିକ କ୍ଷତି କରୁଛନ୍ତି। ଭାରତରେ ନିର୍ମିତ ଔଷଧକୁ ବିଦେଶୀ ଔଷଧ କମ୍ପାନୀମାନେ ଜେନେରିକ୍ ଔଷଧ ଭାବେ ନାମକରଣ କରିଛନ୍ତି। କିନ୍ତୁ ସେଇ ଔଷଧକୁ ବ୍ରାଣ୍ଡେଡ୍ ଔଷଧର ଖୋଳରେ ଭରି ବିଦେଶୀ କମ୍ପାନୀମାନେ ଆମ ଦେଶରେ ଅଧିକ ମୂଲ୍ୟରେ ବିକ୍ରୀ କରୁଛନ୍ତି। ଜେନେରିକ୍ ଔଷଧ ଓ ବ୍ରାଣ୍ଡେଡ୍ ଔଷଧର ମୂଲ୍ୟରେ ଅଧିକ ପାର୍ଥକ୍ୟ ମଧ୍ୟ ରହୁଛି। ଉଦାହରଣ ସ୍ୱରୂପ - ସାଧାରଣ ଜ୍ୱର ପାଇଁ ଦିଆଯାଉଥିବା ଔଷଧ ପାରାସିଟାମଲ୍, କ୍ରୋସିନ୍ ଏବଂ ଡୋଲୋକୁ ନିଆଯାଇପାରେ। ଔଷଧ ଉଦ୍ୟୋଗରେ ପୁଁଜିନିବେଶ କରିଥିବା ବହୁରାଷ୍ଟ୍ରୀୟ କମ୍ପାନୀମାନେ ୧୪୦ କୋଟି ଜନସଂଖ୍ୟାବିଶିଷ୍ଟ ବିଶାଳ ଦେଶର ଲୋକମାନଙ୍କୁ ଏକପ୍ରକାର ଲୁଟ୍ କରୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଯାହା ହେଉ ଶାନ୍ତା କୁମାରଙ୍କ କମିଟି ଯେଉଁ ଜେନେରିକ୍ ଔଷଧ ପ୍ରସଙ୍ଗରେ ସରକାରଙ୍କୁ ରିପୋର୍ଟ ଦେଇଥିଲେ ତାହା ଏବେ କାର୍ଯ୍ୟକାରୀ କରିବାକୁ ଯାଉଛି। ଜେନେରିକ୍ ଔଷଧର ଲୋକପ୍ରିୟତା ବଢ଼ିଲେ ବିଦେଶୀ କମ୍ପାନୀମାନଙ୍କ ମନମୁଖୀ କାରବାର କମିବ ଓ ଏ ଦେଶର ଲୋକ ଉପକୃତ ହେବେ।

# ଭଗବାନ ବିର୍ସା ମୁଣ୍ଡା ଏକ ଆନ୍ଦୋଳନ



**ଇଂ. ସତ୍ୟନାରାୟଣ ମାଝୀ**
ଏକତାଳି,ଯଶିପୁର,ମୟୂରଭଞ୍ଜ
ମୋ-୯୪୩୮୫୩୭୦୧୩

୧୮୯୦ ଦଶକର ଦଶନ୍ଧିରେ ଯେତେବେଳେ ଝାଡଖଣ୍ଡର ଚର୍ଚ୍ଚଗୁଡିକର ପାଦ୍ରୀମାନେ ଜଙ୍ଗଲରେ ରହୁଥିବା ନିରୀହ ଆଦିବାସୀମାନଙ୍କୁ ଖ୍ରୀଷ୍ଟିଆନ ଧର୍ମରେ ପରିବର୍ତ୍ତନ କରାଉଥିଲେ। ସେତେବେଳେ ବିର୍ସା ମୁଣ୍ଡାଙ୍କ ପରିବାର ମଧ ଏହି ଧର୍ମ ଫାଶରେ ପଡ଼ିଥିଲେ। ଖୁବ୍ ଶୀଘ୍ର ଏହା ପ୍ରତାରଣାକୁ ହୃଦୟଙ୍ଗମ କଲା। ବିର୍ସା ମୁଣ୍ଡା କେବଳ ନିଜ ଧର୍ମକୁ ଫେରି ଆସିଲେ ନାହିଁ।ବରଂ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିବାକୁ ପ୍ରତାରିତ ହୋଇଥିବା ଅନେକ ଲୋକଙ୍କୁ ମଧ ନିଜ ଧର୍ମକୁ ଫେରାଇ ଆଣିଥିଲେ। ଖ୍ରୀଷ୍ଟିଆନମାନଙ୍କ କୌଶଳ ବିଷୟରେ ଏହା ହିଁ ହୃଦୟଙ୍ଗମ କରିଥିଲା ଯାହା ଦ୍ୱାରା ବିର୍ସା ମୁଣ୍ଡା ସେମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ। ସେ କେବଳ ଆଦିବାସୀମାନଙ୍କର ଜଣେ ନେତା ଭାବରେ ଉଭା ହୋଇନଥିଲେ, ବରଂ ବ୍ରିଟିଶ ଅତ୍ୟାଚାର ବିରୁଦ୍ଧରେ ଏବଂ ନିଜର ଅଧିକାର ଦାବିରେ ମଧ ଲୋକଙ୍କ ସ୍ୱର ସାଜିଥିଲେ। ସେ ଅଂଚଳରେ 'ଧାର୍ତ୍ତି-ଆବା' (ବ୍ରହ୍ମାଣ୍ଡର ପିତା) ଭାବରେ ପରିଗଣିତ ହେଲେ। ଦୁର୍ନୀତି ଏବଂ ଅସାଧୁତା ଠାରୁ ଏକ ଶୁଦ୍ଧ ଜୀବନଯାପନ କରିବାକୁ ଆହ୍ୱାନ ଦେଇ ବିର୍ସା ତାଙ୍କ ସାଥୀମାନଙ୍କୁ ବ୍ରିଟିଶ ପ୍ରଶାସନ ବିରୁଦ୍ଧରେ ଆଗେଇ ନେଇଥିଲେ। ଖୁବ୍ ଶୀଘ୍ର, ସେ ଉପନିବେଶକାରୀମାନଙ୍କ ପାଇଁ ଏକ ଆତଙ୍କ ହୋଇଗଲେ, ଯାହାଫଳରେ ସେ ଅଗଷ୍ଟ ୨୪ ୧୮୯୫ରେ କ୍ୟାପଟେନ ମାୟର୍ସଙ୍କ ଦ୍ୱାରା କୌଶଳକ୍ରମେ ଗିରଫ ହୋଇଥିଲେ। ତାଙ୍କୁ ଗାଳିଗୁଲଜ କରାଯାଇ ରାଞ୍ଚି ଅଣାଯାଇ ଜେଲରେ ରଖାଯାଇଥିଲା। ପରେ ତାଙ୍କର ୧୫ ସହଯୋଗୀଙ୍କୁ ମଧ ଗିରଫ କରାଯାଇଥିଲା। ଆଇନଗତ ପ୍ରକ୍ରିୟା ଆରମ୍ଭ ହୋଇଥିଲା ଏବଂ ତାଙ୍କୁ ଖୁଣ୍ଟିର ଏକ କୋର୍ଟରେ ହାଜର କରାଯାଇଥିଲା। ବିର୍ସା ଏବଂ ତାଙ୍କ ସହଯୋଗୀମାନଙ୍କୁ ଦୁଇ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଜେଲରୁ ମୁକ୍ତ ହେବା ପରେ ବିର୍ସା ବ୍ରିଟିଶମାନଙ୍କ ବିରୁଦ୍ଧରେ ଏକ ସଶସ୍ତ୍ର ବିଦ୍ରୋହ ଆରମ୍ଭ କରିଥିଲେ। ସେ ବିପ୍ଳବୀମାନଙ୍କର ଏକ ଘରୋଇ ସେନା ଗଠନ କରିବା ଆରମ୍ଭ କଲେ। ବ୍ରିଟିଶ ସୈନ୍ୟବାହିନୀ ସହିତ କିପରି ଯୁଦ୍ଧ ହେବ ସେ ନେଇ ଯୋଜନା ବିଷୟରେ ଆଲୋଚନା କରିବା ପାଇଁ ଅନେକ ବିପ୍ଳବୀ ଯୋଗ ଦେଇଥିଲେ ଏବଂ ଗୁପ୍ତ ବୈଠକ କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ବ୍ରିଟିଶମାନଙ୍କଠାରୁ ଭାରତକୁ ସ୍ୱାଧୀନ କରିବା ଏବଂ ଭାରତୀୟ ସମାଜକୁ ଜମିଦାରଙ୍କ କବଳରୁ ମୁକ୍ତ କରିବା। ଦିନ ଗଡିବା ସହିତ ବିର୍ସା ତାଙ୍କର ବିଦ୍ରୋହକୁ ଆହୁରି ତୀବ୍ର କରିଥିଲେ। ବ୍ରିଟିଶ ପ୍ରଶାସନକୁ ଥଟ୍ଟା କରାଯାଇଥିଲା। ବ୍ରିଟିଶମାନେ ବିଶ୍ୱାସଘାତକତା କ୍ଷେତ୍ରରେ ପାରଙ୍ଗମ ଥିଲେ। ବିର୍ସାଙ୍କ ଅବସ୍ଥିତି ବିଷୟରେ ସୂଚନା ଦେବାଲାଗି ୫୦୦ଟଙ୍କା ପୁରସ୍କାର ରାଶି ଘୋଷଣା କଲେ।ଗିରଫ ପାଇଁ ପୁରସ୍କାର ରାଶିର ଲୋଭରେ ଜଣେ ମୁଣ୍ଡା ସମ୍ପ୍ରଦାୟର ଲୋକ ହିଁ ବିର୍ସାଙ୍କୁ ବନ୍ଦୀ କରିବା ଲାଗି ବ୍ରିଟିଶମାନଙ୍କୁ ଧରାଇ ଦେଇଥିଲେ। ବିର୍ସାଙ୍କୁ ପୁଣି ଜଣେ ସାଧାରଣ ବ୍ୟକ୍ତିଙ୍କ ପରି କୋର୍ଟରେ ବିଚାର କରାଯାଇଥିଲା। ତାଙ୍କ ନାଁରେ ନିଆଁ ଲଗାଇବା, ହିଂସା ଓ ହତ୍ୟାକାଣ୍ଡ ଘଟାଇଥିବା ଅଭିଯୋଗ ହୋଇଥିଲା। ନେତା ଭାବରେ ବିର୍ସାଙ୍କ ସହ ୧୫ଜଣ ଅଭିଯୁକ୍ତଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା। ୧୯୦୦ ମସିହା ମଇ ୩୦ରେ ରାଞ୍ଚି ଜେଲ୍‌ରେ ବିର୍ସା ନିଜକୁ ଶାରୀରିକ ଅସ୍ୱାଭାବିକତା ବିଷୟରେ ଅଭିଯୋଗ କରିଥିଲେ, କିନ୍ତୁ ତାଙ୍କୁ କୌଣସି ଡାକ୍ତରୀ ଚିକିତ୍ସା କରିବାକୁ କେହି ବ୍ୟଗ୍ର ନ ଥିଲେ। କିଛି ସମୟ ପରେ ତାଙ୍କୁ ଅନ୍ୟ କଏଦୀମାନଙ୍କ ସହିତ କୋର୍ଟକୁ ନିଆଯାଇଥିଲା, ଯେଉଁଠାରେ ବିର୍ସାଙ୍କ ଅବସ୍ଥା ହଠାତ୍ ଖରାପ ହୋଇଯାଇଥିଲା। ତାଙ୍କୁ ତୁରନ୍ତ କାରାଗାରକୁ ନିଆଯାଇଥିଲା।ବିର୍ସାଙ୍କ ଅବସ୍ଥା ଆହୁରି ଖରାପ ହୋଇଗଲା ଏବଂ ସେ ଅତ୍ୟଧିକ ଦୁର୍ବଳ ହୋଇଗଲେ। ଜୁନ୍ ୯ ରେ ଅତ୍ୟଧିକ ଦୁର୍ବଳତା ହେତୁ ସେ ସକାଳ ପ୍ରାୟ ୯ଟା ସମୟରେ ଆଦିବାସୀମାନଙ୍କ ଭଗବାନ ବିର୍ସା ମୁଣ୍ଡାଙ୍କର ଦେହାନ୍ତ ହୋଇଥିଲା। ଏପରିକି ମୃତ୍ୟୁ ସମୟରେ ବିର୍ସା ମୁଣ୍ଡା ବ୍ରିଟିଶମାନଙ୍କୁ ଆତଙ୍କିତ କରିଥିଲେ। ତାଙ୍କ ମୃତ୍ୟୁ ଖବର ଏକ ହିଂସାତ୍ମକ ବିରୋଧର କାରଣ ହୋଇପାରେ ବୋଲି ଭୟଭୀତ ହୋଇ ତାଙ୍କ ମୃତଦେହକୁ ଜେଲ କର୍ତ୍ତୃପକ୍ଷ ସୁବର୍ଣ୍ଣରେଖା ନଦୀ କୂଳରେ ଗୁପ୍ତରେ ପୋତି ଦେଇଥିଲେ। କେବଳ ୨୫ବର୍ଷ ବୟସ ପର୍ଯ୍ୟନ୍ତ ବଞ୍ଚିଥିବା ଜଣେ ମହାନ ବିପ୍ଳବୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବାର ପ୍ରୟାସ କିନ୍ତୁ ମାନବିକ ଅଧିକାର ଏବଂ ନ୍ୟାୟ ଦମନ ବିରୁଦ୍ଧରେ ଜନତାଙ୍କୁ ପ୍ରେରଣା ଦେଇଥିଲା।



ତିରୋଧାନ ଦିବସ ଅବସରରେ

# ଅଗ୍ନିକନ୍ୟା ନନ୍ଦିନୀ ଶତପଥୀ



**ବାଣୀପୁତ୍ର ହିଂମାଂଶୁ ଆଚାର୍ଯ୍ୟ**
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

୧୯୩୧ ମସିହା ଜୁନ୍ ୯ ତାରିଖରୁ ୨୦୦୬ ମସିହା ଅଗଷ୍ଟ ୪ ତାରିଖ- ଏହାହିଁ ଥିଲା ଦୀର୍ଘ ୭୫ ବର୍ଷର ଜୀବନଯାତ୍ରା । ସାହିତ୍ୟ ହେଉ ଅଥବା ରାଜନୀତି ସବୁଠି ଥିଲା ତାଙ୍କର ପ୍ରତିଭାର ସ୍ୱାକ୍ଷର । ଏପରି ବିରଳ ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱର ଅଧିକାରିଣୀ ଥିଲେ ମାଟିର ମହାନାୟିକା ଓ ଅଗ୍ନିକନ୍ୟା ନନ୍ଦିନୀ ଦେବୀ । ଏ ଦିଗରେ ପିତା ସବୁଜ ଯୁଗର ସ୍ରଷ୍ଟା କାଳିନ୍ଦୀଚରଣ ପାଣିଗ୍ରାହୀ ଓ ସାମ୍ୟବାଦର ଉଦ୍‌ଗାତା କକା ଭଗବତୀଚରଣ ପାଣିଗ୍ରାହୀଙ୍କ ଜୀବନାଦର୍ଶ ତାଙ୍କୁ ବହୁ ଭାବରେ ପ୍ରଭାବିତ କରିଥିଲା । ସେହି ଆଦର୍ଶକୁ ପାଥେୟ କରି ସେ ଜାତୀୟସ୍ତରରେ ଜଣେ ଆଗଧାଡିର ନାରୀନେତ୍ରୀ ରୂପେ ନିଜକୁ ପ୍ରତିଷ୍ଠିତ କରିବା ସହ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଥିଲେ । ଯିଏ ନିଜକୁ ମହିଳା ନୁହେଁ କେବଳ ଜଣେ ମଣିଷ ବୋଲି ଭାବୁଥିଲେ ।

ଏହା ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ । ନନ୍ଦିନୀ ଶତପଥୀ ଏକାଧାରରେ ଥିଲେ ଜଣେ ରାଷ୍ଟ୍ରନୀତିଜ୍ଞା, ସୁସାହିତ୍ୟିକା, ସୁଶାସିକା, ଦୀନଦୁଃଖୀ ଦରିଦ୍ରଙ୍କ ଦରଦୀ ନେତ୍ରୀ, ତଥା ଶିକ୍ଷା, କୃଷି ଓ ଶିଳ୍ପାୟନର ମୁଖ୍ୟ ବିଧାଣୀ । ବାଲ୍ୟକାଳରୁ ଲଢିବା ଥିଲା ତାଙ୍କ ରକ୍ତରେ । ବ୍ରିଟିଶ ଶାସନ ବିରୋଧରେ ହେଉ କି ଅନ୍ୟାୟ ବିରୋଧରେ, ବନ୍ୟା,ବାତ୍ୟା, ମରୁଡି ହେଉକି ଛାତ୍ରମାନଙ୍କ ହକ୍ ପାଇଁ- ସବୁଠି ଶୁଭୁଥିଲା ତାଙ୍କ ସ୍ୱର। ଯେଉଁଥିପାଇଁ ତାଙ୍କ ସମସାମୟିକ ଛାତ୍ରୀଛାତ୍ରମାନେ କହୁଥିଲେ – 'ଦୁର୍ଗା ଆସିଗଲେ' । ଜୀବନରେ ପରାଜୟ କ'ଣ ସେ କେବେ ଜାଣି ନଥିଲେ । ଆଉ ଥରେ ସେ ଯେଉଁ କାମରେ ହାତ ଦେଉଥିଲେ ତାହାକୁ ପୂରଣ କରିବା ପର୍ଯ୍ୟନ୍ତ ନିଷ୍ଠାପର ଉଦ୍ୟମ କରୁଥିଲେ ଓ ସେଥିରୁ କେହି ତାଙ୍କୁ ନିବୃତ୍ତ କରିପାରୁନଥିଲେ । ପରାଜୟ କ'ଣ ଜାଣିନଥିବା ନନ୍ଦିନୀ ଦେବୀ କହୁଥିଲେ- 'ମୁଁ ବିଜୟୀ ହେବାକୁ ଆଖି ଆଗରେ ରଖି କୌଣସି କଥାରେ ଲଢେ ନାହିଁ । ମୁଁ କେଉଁ କଥା ପାଇଁ ଲଢିବାକୁ ନିଷ୍ପତ୍ତି ନିଏ ତାକୁ ହିଁ ଗୁରୁତ୍ୱ ଦେଇଥାଏ ।' ସବୁବେଳେ ସେ ଗୋଟିଏ କଥା ମନେ ରଖିଥିଲେ, ତାହା ହେଉଛି ତାଙ୍କ ପିତାଙ୍କ ସେହି କାଳଜୟୀ କବିତା ପଙ୍କ୍ତି-'ଅକ୍ଷୟ ହେଉ ପୁଣ୍ୟ ଜଗତେ, ଧର୍ମର ହେଉ ଜୟ ।'

ନନ୍ଦିନୀ ଦେବୀଙ୍କର ରାଜନୈତିକ ଜୀବନ ବେଶ୍ ଚଳଚଞ୍ଚଳ ଥିଲା । ୧୯୬୨ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ପ୍ରାୟ ଚାରିଦଶନ୍ଧି ଧରି ସେ ଓଡିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୬୨ ମସିହାରେ ପ୍ରଥମେ ରାଜ୍ୟସଭାରେ ପାଦଦେଇ ସେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୧୯୬୬ ରୁ ୧୯୬୮ ମସିହା ପର୍ଯ୍ୟନ୍ତ କେନ୍ଦ୍ରରେ ସୂଚନା ଓ ପ୍ରସାରଣ ବିଭାଗ ମନ୍ତ୍ରୀ ଭାବେ ସୂଚାରୁରୂପେ ନିଜ ଦାୟିତ୍ୱ ସମ୍ପାଦନ କରିଥିଲେ। ସେହିପରି ୧୯୭୨, ୧୯୭୪, ୧୯୭୭, ୧୯୮୦, ୧୯୮୫, ୧୯୯୦ ଓ ୧୯୯୫ରେ ଓଡିଶା ବିଧାନସଭାକୁ ସାତ ଥର ନିର୍ବାଚିତ ହୋଇଥିଲେ । ୧୯୭୨ ମସିହାରେ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେବାର ଗୌରବ ଲାଭ କରିବା ସହିତ ୧୯୭୩ ମସିହା ପର୍ଯ୍ୟନ୍ତ ଏହି ପଦବୀରେ ରହିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ୧୯୭୪ ରୁ ୧୯୭୬ ପର୍ଯ୍ୟନ୍ତ ସେ ଦ୍ୱିତୀୟଥର ପାଇଁ ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରି ଓଡିଶା ସାମଗ୍ରିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏଥିସହିତ ୧୯୮୯ ଓ ୧୯୯୫ ମସିହାରେ ରାଜ୍ୟ ଯୋଜନା ବୋର୍ଡର ଅଧକ୍ଷା ଭାବେ କାର୍ଯ୍ୟକରି ନିଜର ପାରଦର୍ଶିତାର ପ୍ରମାଣ ଦେଇଥିଲେ। ଜନ୍ମରେ ନାରୀ ହେଲେବି ତାଙ୍କଠି ଅତୁଳନୀୟ ପୁରୁଷାକାର ଥିଲା । ନିଜର ପ୍ରତିଭା ଓ ପାରାକାଷ୍ଠା ଯୋଗୁଁ ସେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ଖୁବ୍ ନିକଟବର୍ତ୍ତୀ ହୋଇପାରିଥିଲେ ।

କେବଳ ରାଜନୀତି ନୁହେଁ, ନନ୍ଦିନୀ ଦେବୀଙ୍କର ସାହିତ୍ୟ କ୍ଷେତ୍ରରେ ମଧ ଗଭୀର ପ୍ରବେଶ ଓ ପ୍ରବଳ ଅନୁରାଗ ଥିଲା । କାବ୍ୟ, କବିତା, ଗଳ୍ପ ଓ ଅନୁବାଦରେ ସେ ତାଙ୍କର ପ୍ରତିଭାର ପରିଚୟ ଦେଇଥିଲେ । ମାତ୍ର ଏଗାର ବର୍ଷ ବୟସରେ ତାଙ୍କର ପ୍ରଥମ ଗଳ୍ପ 'ଅନାଥ' ବିଦ୍ୟାଳୟର ମୁଖପତ୍ରରେ ପ୍ରକାଶିତ ହୋଇଥିଲା । ଏହା ପରେ ସେ ଆଉ ପଛକୁ ଫେରି ଚାହିଁନଥିଲେ । ତାଙ୍କ ସାରସ୍ୱତ ପ୍ରତିଭାର ଚଉହଦୀ 'ଅନାଥ' ଠାରୁ ଆରମ୍ଭ କରି 'ଉତ୍ତର ପୁରୁଷ' ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ବିଶିଷ୍ଟ ସାହିତ୍ୟିକା ଅମୃତା ପ୍ରିତମ୍‌ଙ୍କ ରେଭେନ୍ୟୁ ଟିକେଟ୍‌କୁ (ଯାହାର ଓଡିଆ ଅନୁବାଦିତ ନାମ ଥିଲା ରସିଦ୍ ଟିକେଟ) ଓଡିଆରେ ଅନୁବାଦ କରି ସେ ପୁଣି ଚର୍ଚ୍ଚିତା ହୋଇଥିଲେ । ଏଥିସହିତ ତସ୍‌ଲିମା ନସରିନ୍‌ଙ୍କ ବଙ୍ଗଳା ପୁସ୍ତକ 'ଲଜ୍ଜା'କୁ ଓଡିଆରେ ଅନୁବାଦ କରି ସେ ଅନେକ ପ୍ରଶଂସାର ଅଧିକାରିଣୀ ହୋଇପାରିଥିଲେ । ଓଡିଆ ସାହିତ୍ୟର ବିଭିନ୍ନ ବିଭାଗରେ କୃତିତ୍ୱ ପାଇଁ ନନ୍ଦିନୀ ଶତପଥୀଙ୍କୁ ମିଳିଥିଲା 'ଓଡିଶା ସାହିତ୍ୟ ଏକାଡେମୀ', 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଓ 'ସାହିତ୍ୟ ଭାରତୀ ସମ୍ମାନ' । ଏଥିସହିତ ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ କାର୍ଯ୍ୟ କରି ଓଡିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ ଅନେକ କାର୍ଯ୍ୟ କରିଥିଲେ ।

ନନ୍ଦିନୀ ଶତପଥି ଜଣେ ସୁଦକ୍ଷା ପ୍ରଶାସିକା ଥିଲେ। ଏବେବି ଲୋକମାନେ ଶ୍ରଦ୍ଧା ଓ ସମ୍ମାନର ସହ ତାଙ୍କ ଶାସନକାଳକୁ ମନେ ରଖିଛନ୍ତି । ପ୍ରଶାସନକୁ ଲୋକାଭିମୁଖୀ କରିବା ଓ କର୍ମଚାରୀଙ୍କ ଠାରୁ ଉପଯୁକ୍ତ କାମ ଆଦାୟ କରିବା କୌଶଳ ତାଙ୍କୁ ବେଶ୍ ଜଣାଥିଲା । ଗୋଟିଏ ପଟେ ପ୍ରଶାସନକୁ ନିୟନ୍ତ୍ରଣ କରି ନିଜର ପାରଦର୍ଶିତା ପ୍ରମାଣ କରିବା ସହ କର୍ମଚାରୀଙ୍କଠାରୁ ଉପଯୁକ୍ତ କାମ ଆଦାୟ କରିବା ପାଇଁ ସେମାନଙ୍କୁ ଅନେକ ସୁବିଧା ସୁଯୋଗ ପ୍ରଦାନ କରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ । ସରେଣ୍ଡର ଲିଭ୍, ଅବସରକାଳୀନ ଭତ୍ତା ଓ ରିହାବିଲିଟେସନ୍ ସ୍କିମ୍‌ରେ ଚାକିରି ଆଦି ପ୍ରଦାନ ଏହାର ଗୋଟିଏ ଗୋଟିଏ ନିଛକ ଉଦାହରଣ । ସେ ସବୁବେଳେ ଓଡିଶାର ବହୁବିଧ ବିକାଶ ନିଜ ଚିନ୍ତା ଓ ଚେତନାରେ ରଖିଥିଲେ । ସେ ବୁଝିଥିଲେ ଶିକ୍ଷା, କୃଷି, ଜଳସେଚନ ଓ ଶିଳ୍ପ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ନ ଆସିଲେ ଓଡିଶାର ଆଖି ଦୃଶିଆ ପ୍ରଗତି ହୋଇପାରିବ ନାହିଁ । ଏହାକୁ ଆଖିଆଗରେ ରଖି ସେ ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ପରିଚାଳନା କମିଟିର ପ୍ରତ୍ୟକ୍ଷ ନିୟନ୍ତ୍ରଣରୁ ମୁକ୍ତ କରି ୧୯୭୪ ମସିହାରେ ପ୍ରଚଳନ କରିଥିଲେ ଯୁଗାନ୍ତକାରୀ ଓ ବହୁଚର୍ଚ୍ଚିତ ପ୍ରତ୍ୟକ୍ଷ ଅନୁଦାନ ଆଇନ୍ । ଏଥିପାଇଁ ଶିକ୍ଷକ ସମାଜ ତାଙ୍କ ପାଖରେ ସବୁଦିନ ଋଣୀ ହୋଇରହିବ ।

ସେହିପରି ଦୀନହୀନ, ଖଟିଖିଆ ଭୂମିହୀନ ଓ ନାମମାତ୍ର ଚାଷୀଙ୍କ ଦୁଃସ୍ଥିତିକୁ ସୁଧାରିବା ପାଇଁ ସେ ଆରମ୍ଭ କରିଥିଲେ ଐତିହାସିକ ଭୂସଂସ୍କାର ଆଇନ୍ । ଏହି ଆଇନ୍ ଅନୁସାରେ ବହୁ ଜମିଦାରଙ୍କ ଠାରୁ ସିଲିଂ ବହିର୍ଭୂତ ଜମି ଆଣି ଭୂମିହୀନଙ୍କୁ ବାଣ୍ଟିବାର ବ୍ୟବସ୍ଥା କରାଯାଇଥିଲା । ଏହି ଭୂସଂସ୍କାର ଆଇନ୍ ଯୋଗୁଁ ଅନେକ ସ୍ୱାର୍ଥନ୍ୱେଷୀ ବ୍ୟକ୍ତିଙ୍କର ସମାଲୋଚନାର ଶରବ୍ୟ ହୋଇଥିଲେ ମଧ ତାଙ୍କୁ ଭ୍ରୁକ୍ଷେପ କରିନଥିଲେ । ସେହିପରି ଗ୍ରାମାଞ୍ଚଳରେ ଗରିବ ଲୋକମାନଙ୍କୁ ସୁଧଖୋର ମହାଜନମାନଙ୍କ ଶୋଷଣରୁ ରକ୍ଷା କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଥିଲେ ସେ ସମୟରେ ତାହା ତାଙ୍କର ଅନ୍ୟ ଏକ ଲୋକପ୍ରିୟ କାର୍ଯ୍ୟକ୍ରମ ଥିଲା । ସେହିପରି ଶିଳ୍ପର ବିକାଶ ନିମନ୍ତେ ସେ କେତେକ ବଳିଷ୍ଠ ପଦେକ୍ଷପ ନେଇଥିଲେ । ତନ୍ମଧ୍ୟରେ ତାଳଚେରର ସାର କାରଖାନା ଓ ଗୋପାଳପୁରର ରେୟାର ଆର୍ଥ କମ୍ପ୍ଲେକ୍ସ ଅନ୍ୟତମ । ସେହିପରି ଜଳସେଚନ ବ୍ୟବସ୍ଥାକୁ ସୁଧାରିବା ପାଇଁ ତାଙ୍କ ସମୟରେ ଅପର କୋଲାବ ଜଳ ପ୍ରକଳ୍ପ ଓ ରେଙ୍ଗାଲି ପ୍ରକଳ୍ପ ପରି କ୍ଷୁଦ୍ର ତଥା ମଧ୍ୟମ ଧରଣ ଜଳ ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା ।

ଗଣତନ୍ତ୍ରର ସେ ଥିଲେ ଜାଗ୍ରତ ପ୍ରହରୀ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ ଦୈନିକ ସମ୍ବାଦ ପତ୍ର 'ଧରିତ୍ରୀ' ଯାହା ଆଜି ସମ୍ବାଦପତ୍ର ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏହା ପଛରେ ରହିଛି ସେହି ମହୀୟସୀ ମହିଳାଙ୍କ ନିରନ୍ତର ଉଦ୍ୟମର ଫଳଶ୍ରୁତି । ଏ ମାଟିର ଅଗ୍ନିକନ୍ୟାଙ୍କୁ ଆଜି ତାଙ୍କ ୯୨ତମ ଜୟନ୍ତୀ ପାଳନ ଅବସରରେ ଶ୍ରଦ୍ଧାଞ୍ଜଳି ଦେବା ହିଁ ଏହି କ୍ଷୁଦ୍ର ଆଲେଖ୍ୟର ଉଦ୍ଦେଶ୍ୟ।



# ଆମ କଳାହାଣ୍ଡି







## ଜିଲ୍ଲା ଆଦିବାସୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

# ଶହୀଦ ରେଣ୍ଡୋ ମାଝୀଙ୍କ ନାମରେ ନାମିତ ହେଲା କଳାହାଣ୍ଡି ମେଡ଼ିକାଲ କଲେଜ୍

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ବହୁ ପ୍ରତୀକ୍ଷିତ କଳାହାଣ୍ଡି ମେଡ଼ିକାଲ କଲେଜର ନାମକରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କଳାହାଣ୍ଡିର ସ୍ୱାଧୀନତା ସଂଗ୍ରାମୀ ଆଦିବାସୀ ସର୍ଦ୍ଦାର ସହିଦ ରେଣ୍ଡୋ ମାଝୀଙ୍କ ନାଁରେ ନାମିତ ହୋଇଛି କଳାହାଣ୍ଡି ମେଡ଼ିକାଲ କଲେଜ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଘୋଷଣା ହେବା ପରେ ପରେ ସମଗ୍ର କଳାହାଣ୍ଡି ଜିଲ୍ଲାବାସୀ ଆନନ୍ଦ ଉଲ୍ଲାସରେ ମାତି ଯାଇଛନ୍ତି। କଳାହାଣ୍ଡି ଜିଲ୍ଲାବାସୀଙ୍କ ବହୁ ଦିନର ସ୍ୱପ୍ନ ସାକାର ହୋଇଛି। ୨୦୧୬ ମସିହା ନଭେମ୍ବର ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସରକାରୀ ମେଡିକାଲ କଲେଜ ପାଇଁ ଶିଳାନ୍ୟାସ କରାଯାଇଥିଲା। ଏଥିରେ ୧୦୦ ସିଟ୍ ଏମ୍‌ବିବିଏସ୍ ପାଠପଢ଼ା ନିମନ୍ତେ ଜାତୀୟ ମେଡିକାଲ କମିସନ ନିକଟରେ



ରାଜ୍ୟ ସରକାରଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। ପରବର୍ତ୍ତୀ ସମୟରେ କମିସନ ପକ୍ଷରୁ ୧୦୦ ସିଟ୍ ଏମ୍‌ବିବିଏସ୍ ନିମନ୍ତେ ଅନୁମୋଦନ ଦିଆଯାଇଛି। ବର୍ତ୍ତମାନ ସରକାରୀ ମେଡିକାଲ କଲେଜରେ ୫ ଜଣ ପ୍ରଫେସର, ୧୪ ଜଣ ଆସୋସିଏଟ୍ ପ୍ରଫେସର, ୨୪ ଜଣ ଆସିଷ୍ଟାଣ୍ଟ ପ୍ରଫେସର ସମେତ ୪୩ ଜଣ ନିଯୁକ୍ତ ହୋଇସାରିଛନ୍ତି। ସେହିଭଳି ଡିନ୍ ଓ ଅଧକ୍ଷ ଭାବରେ ଡା. ବସନ୍ତ କୁମାର ପ୍ରଧାନ ଯୋଗ ଦେଇଥିବା ବେଳେ ମେଡିକାଲ ଅଧୀକ୍ଷକ ଭାବରେ ପ୍ରଫେସର ହରେକୃଷ୍ଣ ଦଳେଇ ଯୋଗ ଦେଇଛନ୍ତି। ବର୍ତ୍ତମାନ ଧାର୍ଯ୍ୟ ପଦବୀର ୮୬ ପ୍ରତିଶତ ପଦବୀ ପୂରଣ ହୋଇସାରିଛି। ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ୧୦୦ ସିଟ୍ ନିମନ୍ତେ ନାମ ଲେଖାଇବେ। ବର୍ତ୍ତମାନ ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନାରେ ଅସ୍ଥାୟୀ ଭାବରେ ଟିଚିଂ ହସ୍ପିଟାଲ ନିର୍ମାଣ ହୋଇଛି। ବହୁ ଦିନର ଜିଲ୍ଲାବାସୀଙ୍କ ସ୍ୱପ୍ନ ସାକାର ହୋଇଥିବା ବେଳେ ଡାକ୍ତରୀ ପଢ଼ିବା ପାଇଁ ଆଗ୍ରହୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଛି। ଦୀର୍ଘ ଦିନରୁ ଜିଲ୍ଲାବାସୀ କଳାହାଣ୍ଡି ମେଡ଼ିକାଲ କଲେଜକୁ ଆଦିବାସୀ ସର୍ଦ୍ଦାର ସହିଦ ରେଣ୍ଡୋ ମାଝୀଙ୍କ ନାମରେ ନାମିତ କରିବା ପାଇଁ ଦାବି କରି ଆସୁଥିବା ବେଳେ ଏହି ଦାବିକୁ ପୂରଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏନେଇ ଜିଲ୍ଲା ଆଦିବାସୀ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆଦିବାସୀ ସଂଘର ସଭାପତି ପ୍ରକାଶ ମାଝୀ, ଉପସଭାପତି ଭୁବନେଶ୍ୱର ମାଝୀ, ରମେଶ ଚନ୍ଦ୍ର ମାଝୀ, ଲକ୍ଷଣ ଭୋଇ, ରାଜେନ୍ଦ୍ର ଭୋଇ, ନବ କିଶୋର ମାଝୀ, କୁମର ମଣି ଶବର ଜିଲ୍ଲା ଆଦିବାସୀ ସଂଘର ସମ୍ପାଦକ ରତୁରାଜ ମାଝୀଙ୍କ ସମେତ ଅନେକ ବରିଷ୍ଠ ଆଦିବାସୀ ନେତା ସାମିଲ ହୋଇଥିଲେ। ଦୂରଦୃଷ୍ଟି ସମ୍ପନ୍ନ ମୁଖ୍ୟମନ୍ତ୍ରୀଙ୍କ ଏଭଳି ନିଷ୍ପତ୍ତି ପାଇଁ ଜିଲ୍ଲା ଆଦିବାସୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ସଚିବ ଭିକେ ପାଣ୍ଡିଆନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ଜିଲ୍ଲାର ପ୍ରତ୍ୟେକଟି ଆଦିବାସୀ।

## ଶୈବପୀଠରେ ନୂତନ ପାର୍କ ପାଇଁ ଭିତ୍ତିପ୍ରସ୍ତର

କୋକସରା, (ଭାସ୍କର ନ୍ୟୁଜ୍): ବିଶ୍ୱ ପରିବେଶ ଦିବସରେ କୋକସରା ବ୍ଲକ୍ ବଡ଼କେନ୍ଦୁଗୁଡାସ୍ଥିତ ଝାରବନ୍ଧଠାରେ ଥିବା ପ୍ରାଚୀନ କାଳେଶ୍ୱର ଶୈବପୀଠାରେ ସୋମବାର ନୂତନ ପାର୍କ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହାକୁ ମୁଖ୍ୟ ଅତିଥି ଭାବେ କୋକସରା ବ୍ଲକ୍ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆମପାଣି ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, କାଉଡୋଳା ସରପଞ୍ଚ ଦେବୀସିଂ ତାଣ୍ଡି, ସମିତି ସଭ୍ୟା ବୈଦେହୀ ବେଶ୍ରା, ଡୁଡୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗ, ମହିମା ସରପଞ୍ଚ ଈଶରାମ କୋଲଥିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ କାଳେଶ୍ୱର ମହାଦେବ ଟ୍ରଷ୍ଟର ସଭାପତି ଆଦିତ୍ୟ ପଣ୍ଡାଙ୍କ ସଭାପତିତ୍ୱରେ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପାର୍କ ପାଇଁ ୫୦ ଲକ୍ଷ ଅନୁଦାନ ରହିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସୂଚନା ରହିଛି। ଆଗକୁ ପ୍ରାଚୀନ କାଳେଶ୍ୱର ଶୈବପୀଠର ନୂତନ ରାସ୍ତା, ରୋଷେଇ ଗୃହ, ଭୋଗ ମଣ୍ଡପ କାମ କମ୍ ଦିନ ମଧ୍ୟରେ କରାଯିବ ବୋଲି ବୈଠକରେ ଉପାଧ୍ୟକ୍ଷ କହିଛନ୍ତି।



ଟ୍ରଷ୍ଟର ସମ୍ପାଦକ କୈଳାସ ଚଲାନ, ସଦସ୍ୟ ନରେନ୍ଦ୍ର ନାଏକ, ବୈଷ୍ଣବ ନାଏକ, ସାଧୁ ବେମାଲ, ଲଳିତ ମାଝୀ, ବଳଦେବ ବେମାଲ ସମେତ ବଡକେନ୍ଦୁଗୁଡା, ବିଜମରା, ମୁଗୁନାପଦର, ଡୁଡୁକାଠେଙ୍ଗା, ଦର୍ଲିପଡା, ଗମ୍ଭାରୀଗୁଡ଼ା, ଚିକିଲି, କାଉଡୋଳା, କର୍ଲାଗୁଡ଼ା, ଟେମରା, ଡେଙ୍ଗାଗୁଡା, ମାଝୀଗୁଡା ଏଭଳି ୨୦ରୁ ଊର୍ଦ୍ଧ୍ୱ ଗାଁରୁ ଶତାଧିକ ମହିଳା ଓ ପୁରୁଷମାନେ ଉପସ୍ଥିତ ଥିଲେ। ବୈଠକକୁ ପ୍ରଶନ୍ନ ନାଏକ ଓ ଅର୍ଜୁନ ଭାଟି ପରିଚାଳନା କରିଥିଲେ।

## ନାବାଳକ ନିଖୋଜ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କୋକସରା ଥାନା ଅନ୍ତର୍ଗତ ମଜୁରସାହି ଗ୍ରାମର ବନ ବିହାରୀ ନିଆଲଙ୍କ ୧୪ ବର୍ଷର ପୁଅ ଦିନେସ କୁମାର ନିଆଲ (ଚିନ୍ତୁ) ମଙ୍ଗଳବାରଠାରୁ ନିଖୋଜ ରହିଥିବା ନେଇ ତାଙ୍କ ବାପା କୋକସରା ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଦିନେଶ ଚଳିତ ବର୍ଷ ଅଷ୍ଟମ ଶ୍ରେଣୀର ଛାତ୍ର ରହିଥିଲେ। ମଙ୍ଗଳବାର ଦିନେଶ ନିକଟସ୍ଥ ଫୁଙ୍ଗା ସାପ୍ତାହିକ ବଜାରକୁ ଯାଇ ଆଉ ଘରକୁ ଫେରି ନଥିଲେ। ପରିବାର ବର୍ଗ ପକ୍ଷରୁ ଦିନେଶର ସାଙ୍ଗସାଥିଙ୍କୁ ପଚାରିବା ସହ ଖୋଜାଖୋଜି ପରେ ମଧ୍ୟ କୌଣସି ସନ୍ଧାନ ନ ମିଳିବାରୁ ବୁଧବାର କୋକସରା ଥାନାରେ ନିଖୋଜ ରହିଥିବା ନେଇ ଅଭିଯୋଗ କରିଛନ୍ତି। ଏନେଇ କୋକସରା ଥାନା ପକ୍ଷରୁ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ନେଇ କୋକସରା ଥାନା ଅଧିକାରୀ ପ୍ରସନ୍ନ କୁମାର ବେହେରା ସୂଚନା ଦେଇଛନ୍ତି।

## ପୌରପାଳିକା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭବାନୀପାଟଣା ପୌରପାଳିକା ପକ୍ଷରୁ ୫ ତାରିଖ ସୋମବାର ଦିନ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଦେଇ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପରିବେଶ ସୁରକ୍ଷା ସମ୍ପର୍କିତ ଏକ ସଚେତନତା ଶୋଭାଯାତ୍ରା ଭବାନୀପାଟଣା ପୌରପାଳିକା କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇ ଭବାନୀ ସିନେମା ହଲ୍ ପର୍ଯ୍ୟନ୍ତ ଯାଇଥିଲା। ଉକ୍ତ ଶୋଭାଯାତ୍ରାରେ ନଗରପାଳ ସଂଯୁକ୍ତା ବେହେରା, ଉପ-ନଗରପାଳ ବିଷ୍ଣୁ ପ୍ରଧାନ, ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ନାୟକ, କାଉନସିଲର ଜୟଶ୍ରୀ ଅଗ୍ରୱାଲ, ହାରାମଣି ଗଣ୍ଡ, କ୍ଷୀରସିନ୍ଧୁ ନାଏକ, ସଚିନ ନାଏକ, କର୍ମଚାରୀ, ସ୍ୱଚ୍ଛସାଥି, ସ୍ୱଚ୍ଛ ସୁପରଭାଇଜର, ସ୍ୱୟଂ ସହାୟିକା ଗୋଷ୍ଠୀ, ସଫେଇ କର୍ମଚାରୀ ଇତ୍ୟାଦି ଅଂଶ ଗ୍ରହଣ କରିଥିଲେ। ଭବାନୀ ସିନେମା ହଲ୍‌ଠାରେ ଏକ ଆର୍‌ଆର୍‌ଆର୍ ଷ୍ଟଲ୍ ନଗରପାଳଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଉକ୍ତ ଷ୍ଟଲ୍‌ରେ ଆବଶ୍ୟକତାଠାରୁ ଅଧିକ ସାମଗ୍ରୀ ନିଜ ପାଖରେ ଥିଲେ ଦାନ କରି ଅଭାବୀମାନଙ୍କ ଚାହିଦା ପୂରଣ କରିବା ପାଇଁ ନଗରପାଳ ଆହ୍ୱାନ ଦେଇଥିଲେ। ଏତଦ୍ ବ୍ୟତୀତ ଏକ 'ମୋ ଖତ' ଜୈବିକ ସାର ବିକ୍ରୟ କେନ୍ଦ୍ର ମଧ୍ୟ ଉଦ୍‌ଘାଟିତ ହୋଇଥିଲା। ପରେପରେ ଟାଉନ ହଲ୍‌ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଯେଉଁଠି ସଫେଇ କର୍ମଚାରୀମାନଙ୍କୁ ଗାରିମା ଯୋଜନା ମାଧ୍ୟମରେ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଏହି ଅବସରରେ ପରିବେଶକୁ ସୁରକ୍ଷିତ ରଖିବା ସମ୍ବନ୍ଧରେ ଏବଂ ଗାରିମା ଯୋଜନାଗୁଡିକ ସମ୍ବନ୍ଧରେ ମଞ୍ଚାସୀନ ଅତିଥିଗଣ ଆଲୋକପାତ କରିଥିଲେ। ତପନ କୁମାର ନାୟକ, ପରିମଳ ବିଶେଷଜ୍ଞ ଏବଂ ସୌମ୍ୟରଞ୍ଜନ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମେଧାବୀ ବିଦ୍ୟାର୍ଥୀଙ୍କ ପାଇଁ ସମ୍ବର୍ଦ୍ଧନା ସମାରୋହ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଧର୍ମଗଡ଼ ବ୍ଲକ୍ ବେହେରା ଲଖିରାମ ଅଗ୍ରୱାଲ ମହାବିଦ୍ୟାଳୟଠାରେ ମଙ୍ଗଳବାର ଦିନ ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦଣ୍ଡପାଟ ଯୁବସେବା ସଂଗଠନ ଓ ଭୁବନେଶ୍ୱର ବେହେରା ମେମୋରିଆଲ ଅର୍ଗାନାଇଜେସନ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଶିକ୍ଷାବିତ ଡ଼ଃ ବିଜୟ କୁମାର ମିଶ୍ର, ମୁଖ୍ୟବକ୍ତା ଗବେଷକ ପଞ୍ଚାନନ୍ଦ ଦୁରିଆ, ସମ୍ମାନୀୟ ଅତିଥି ବେହେରା କଲେଜ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକ, ପ୍ରଧାନ ଶିକ୍ଷକ ରୂପେନ୍ଦ୍ର ବାଣୁଆ, ଅବସର ପ୍ରାପ୍ତ ଶିକ୍ଷକ ତଥା ଶିକ୍ଷାବିତ ଭକ୍ତ ରାମ ଭୋଇ, ମାରବଡୀ ମହିଳା ମୂର୍ଚ୍ଛା ସଭାନେତ୍ରୀ ସୁଶୀଳା ଅଗ୍ରୱାଲ, ପ୍ରଫେସର ଭୁବନେଶ୍ୱର



ବେହେରା ମେମୋରିଆଲ ଅର୍ଗାନାଇଜେସନ ସମ୍ପାଦକ ଅବିନାଶ ମୁଣ୍ଡ, ପୂର୍ବତନ ସରପଞ୍ଚ ସୁଚିତ୍ରା ଗୋପାଳ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବେହେରା ଦଣ୍ଡପାଟ ଯୁବ ସେବା ସଂଗଠନ ସଭାପତି ଭବେଶ ଗଇଣ୍ଟା କାର୍ଯ୍ୟକ୍ରମର ସଭାପତିତ୍ୱ ଗ୍ରହଣ କରିଥିଲେ। ସର୍ବ ପ୍ରଥମେ ବାଗଦେବୀ ମା' ସରସ୍ୱତୀଙ୍କ ଫୋଟ ମୂର୍ତ୍ତିରେ ପୂଜାର୍ଚ୍ଚନା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅଞ୍ଚଳରେ ଶିକ୍ଷା ବିକାଶ ଆଗେଇ ଚାଲିଛି। ତାର ଜ୍ୱଳନ୍ତ ଉଦାହରଣ ଭାବେ ପ୍ରକାଶିତ ଯୁକ୍ତ ଦୁଇ ଫଳାଫଳ ପ୍ରମାଣିତ କରେ। ତେବେ ଛାତ୍ରଛାତ୍ରୀଙ୍କ ଭିତରେ ନିଷ୍ଠା, ଲକ୍ଷ, ସର୍ବପରି ପରିଶ୍ରମର ଆବଶ୍ୟକତା ରହିଥିବା ମଞ୍ଚସୀନ ଅତିଥିମାନେ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅଞ୍ଚଳର ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ପ୍ରଥମ ସ୍ଥାନ ପାଇଥିବା ମୋଟ ୩୨ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନ ଦେବା ସହ ସମ୍ବର୍ଦ୍ଧନା କରାଯାଇଥିଲା। ଅନ୍ୟପଟେ ଅଞ୍ଚଳ ପାଇଁ ସର୍ବ ପ୍ରଥମ ଛାତ୍ରୀ ତନିଶା ଅଗ୍ରୱାଲ ଯୁକ୍ତଦୁଇ ବାଣିଜ୍ୟରେ କଳାହାଣ୍ଡି ଟପ୍ପର ଓ ନବରଙ୍ଗପୁର ଜିଲ୍ଲା ତଥା ଦଣ୍ଡପାଟ ଅଞ୍ଚଳର ପ୍ରଥମ ଟପ୍ପର ହୋଇଥିବା ଛାତ୍ର ଦଳେନ୍ଦ୍ର ଦୁରିଆଙ୍କୁ ଯୁବ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା ସହ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧାପକ ଅକ୍ଷୟ କୁମାର ପଟ୍ଟନାୟକ ପରିଚାଳନା କରିଥିବାବେଳେ ଦଣ୍ଡପାଟ ଯୁବସେବା ସଂଗଠନ ସଦସ୍ୟମାନେ ସହଯୋଗ କରିଥିଲେ।

## ବାଇକ୍ ଚୋରି ଅଭିଯୋଗରେ ୫ ଗିରଫ

ନର୍ଲା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି ହେବା ଘଟଣା ଦୀର୍ଘ ଦିନ ଧରି ଲାଗି ରହିଥିଲା। ଚୋରି ଗାଡ଼ି ଓ ଚୋରଙ୍କୁ ଧରିବାରେ ନର୍ଲା ପୋଲିସ ସଫଳତା ହାସଲ କରିଛି। ଗତ ପାଞ୍ଚ ତାରିଖ ଦିନ ଲାଞ୍ଜିଗଡ଼ ରୋଡଠାରେ ନରେଶ ଜାଲଙ୍କ ବାଇକ୍ ଟିଭିଏସ୍ ଆପାଚି ୧୬୦ ଓଡି ୮୨-୨୧୯୫କୁ ଦୁର୍ବୃତ୍ତମାନେ ଚୋରି କରି ନେଇଥିଲେ।

ପୋଲିସ ଏ ଘଟଣାରେ ନର୍ଲା ବ୍ଲକ କୁଟେନ ଗ୍ରାମର ରୋମାଞ୍ଚଳ ସାହୁ (୨୫)ଙ୍କୁ ପୋଲିସ ଗିରଫ କରିବା ସହ ପରବର୍ତ୍ତୀ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ କେସିଙ୍ଗା ଦୁର୍ଗା ମଣ୍ଡପ ପଡାରୁ ଲିଙ୍ଗରାଜ ସୁନା (୨୧), ଗୌରୀଶଙ୍କର ମନ୍ଦିର ପଡ଼ାରୁ ଦୀପୁ ନାଏକ (୧୯), କୁରଲୁପଡା ଗ୍ରାମର ଅଭି ବାଗ(୨୧) ଓ ରୁପ୍ରା ଗ୍ରାମର ପିତାମ୍ବର ମେହେର (୩୨) ଚୋରକୁ ନର୍ଲା ପୋଲିସ ଧରିବାରେ ସଫଳତା ଲାଭକରି ପାଞ୍ଚୋଟି ବାଇକ, ତିନି ଗୋଟି ମୋବାଇଲ ଜବତ କରି ପାଞ୍ଚ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

ଏକ ପ୍ରେସ୍‌ମିଟ୍ ମାଧ୍ୟମରେ ନର୍ଲା ପୋଲିସ ଲୁଟତରାଜ, ରାହାଜାନୀ ଓ ଚୋରିରେ ସଂପୃକ୍ତ ଥିବା ଚୋର ବିଷୟରେ ସୂଚନା ଦେଇଛି। ନର୍ଲା ଆଇଆଇସି ଗଙ୍ଗାଧର ମେହେରଙ୍କ ସୂଚନା ଅନୁସାରେ କେସ ନଂ ୧୨୩/୫୬/୨୩ ଅନୁଯାୟୀ ଧାରା ୩୭୯ ଆଇପିସିରେ ସଂପୃକ୍ତ ଚୋରମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଧର୍ମଗଡ଼ ବ୍ଲକ୍ ବେହେରା ଲଖିରାମ ଅଗ୍ରୱାଲ ଯୁକ୍ତ ୨ ମହାବିଦ୍ୟାଳୟଠାରେ ମଙ୍ଗଳବାର ଦିନ ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦଣ୍ଡପାଟ ଯୁବସେବା ସଂଗଠନ ଓ ଭୁବନେଶ୍ୱର ବେହେରା ମେମୋରିଆଲ ଯୁଥ୍ ଅର୍ଗାନାଇଜେସନ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଶିକ୍ଷାବିତ ଡ଼ଃ ବିଜୟ କୁମାର ମିଶ୍ର, ମୁଖ୍ୟବକ୍ତା ଅଧାପକ ପଞ୍ଚାନନ୍ଦ ଦୁରିଆ, ସମ୍ମାନୀୟ ଅତିଥି ବେହେରା କଲେଜ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକ, ପ୍ରଧାନ ଶିକ୍ଷକ ରୂପେନ୍ଦ୍ର ବାଣୁଆ, ଅବସର ପ୍ରାପ୍ତ ଶିକ୍ଷକ ତଥା ଶିକ୍ଷାବିତ ଭକ୍ତ ଚରଣ ଭୋଇ, ମାରବଡୀ ମହିଳା ମୂର୍ଚ୍ଛା ସଭାନେତ୍ରୀ ସୁଶୀଳା ଅଗ୍ରୱାଲ, ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ଅର୍ଗାନାଇଜେସନ ସମ୍ପାଦକ ଅବିନାଶ ମୁଣ୍ଡ, ପୂର୍ବତନ ସରପଞ୍ଚ ସୁଚିତ୍ରା ଗୋପାଳ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବେହେରା ଦଣ୍ଡପାଟ ଯୁବ ସେବା ସଂଗଠନ ସଭାପତି ଭବେଶ ଗଇନ୍ଟା କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ସର୍ବ ପ୍ରଥମେ ବାଗ ଦେବୀ ମାଆ ସରସ୍ୱତୀଙ୍କ ଫୋଟ ମୂର୍ତ୍ତିରେ ପୂଜାର୍ଚ୍ଚନା ସହ ପ୍ରଦୀପ ପ୍ରଜ୍ୱନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅଞ୍ଚଳରେ ଶିକ୍ଷାର ବିକାଶ ଆଗେଇ ଚାଲିଛି। ତାର ଜ୍ୱଳନ୍ତ ଉଦାହରଣ ଭାବେ ପ୍ରକାଶିତ ଯୁକ୍ତ ଦୁଇ ଫଳାଫଳ ପ୍ରମାଣିତ କରେ। ତେବେ ଛାତ୍ରଛାତ୍ରୀଙ୍କ ଭିତରେ ନିଷ୍ଠା, ଲକ୍ଷ, ସର୍ବପରି ପରିଶ୍ରମର ଆବଶ୍ୟକତା ରହିଥିବା ମଞ୍ଚସୀନ ଅତିଥିମାନେ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅଞ୍ଚଳର ୧୪ଟି ବିଦ୍ୟାଳୟର ୧୬ ଜଣ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ସହ ସମ୍ମାନ କରାଯାଇଛି। ଅନ୍ୟପଟେ ଅଞ୍ଚଳ ପାଇଁ ସର୍ବ ପ୍ରଥମ ଛାତ୍ରୀ ତନିଶା ଅଗ୍ରୱାଲ ଯୁକ୍ତଦୁଇ ବାଣିଜ୍ୟରେ ରାଜ୍ୟରେ ୫ମ ସ୍ଥାନ ଓ କଳାହାଣ୍ଡି ଜିଲ୍ଲା ଟପ୍ପର ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଥିବା ଛାତ୍ରୀଙ୍କୁ ସ୍ୱତନ୍ତ୍ର ପୁରସ୍କୃତ କରିବା ସହ ସଂଗଠନ ସମ୍ବର୍ଦ୍ଧିତ କରିଥିଲା। ସେହିପରି ନବରଙ୍ଗପୁର ଜିଲ୍ଲା ତଥା ଦଣ୍ଡପାଟ ଅଞ୍ଚଳର ପ୍ରଥମ ଟପ୍ପର ହୋଇଥିବା ଛାତ୍ର ଦୋଳେନ୍ଦ୍ର ଦୁରିଆଙ୍କୁ ଯୁବ ସଂଗଠନ ପକ୍ଷରୁ ପୁରସ୍କୃତ ସହ ସମ୍ବର୍ଦ୍ଧନା ସହ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧାପକ ଅକ୍ଷୟ କୁମାର ପଟ୍ଟନାୟକ ପରିଚାଳନା କରିଥିବାବେଳେ ଅଧାପକ ସୁରେନ୍ଦ୍ର କୁମାର ସାହୁ ଅତିଥି ପରିଚୟ କରିଥିଲେ। ସଂଗଠନ ସଂଯୋଜକ ରଜତ ବଂଶଲ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଭିକାରୀ ଚରଣ ଗୋପାଳ, ତରେଶ ବିଶି, ତ୍ରିଲୋକସିଂ କ୍ଷୀରସିନ୍ଧୁ ବାଣୁଆ, ରୂପେଶ ନାଏକ, ଟିକେଶ୍ୱର ଭୋଇ, ହେମାଲ ବିଶି, ରୀଙ୍କୁ ବିଶି, ଈଶ୍ୱର ବାଣୁଆ, ରଙ୍ଗାଧର ନାଗ, ସିଲେଇ କେନ୍ଦ୍ର ପ୍ରଶିକ୍ଷିକା ସାବିତ୍ରୀ ନାଏକ, ଚାନ୍ଦନୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ବ୍ୟଙ୍ଗ କବିତା ସଙ୍କଳନ 'ଜଷ୍ଟ ଗୁଟେ' ଲୋକାର୍ପିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭବାନୀପାଟଣା ସହରର ଅନ୍ୟତମ ଯୁବକବି ରାଜେଶ ଦାଶଙ୍କ ବ୍ୟଙ୍ଗକବିତା ସଂକଳନ 'ଜଷ୍ଟ ଗୁଟେ'ର ଲୋକାର୍ପଣ ଉତ୍ସବ ସ୍ଥାନୀୟ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ସଭାଗୃହଠାରେ ଏକ ସାରସ୍ୱତ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବାବେଳେ ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଜୟନ୍ତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ମଞ୍ଚରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ସାମ୍ପ୍ରତିକ ପରିସ୍ଥିତିରେ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ହସର ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି, ଏ କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। କବି ଶ୍ରୀ ଦାଶଙ୍କ ହାସ୍ୟ ରସାତ୍ମକ ଭାବକୁ ନେଇ ଲେଖା ଯାଇଥିବା କବିତାଗୁଡିକ ପାଠକମାନଙ୍କୁ ନିଶ୍ଚିତ ହସର ଖୋରାକ ଯୋଗାଇବ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ବରିଷ୍ଠ କବି ସୋହନଲାଲ ଅଗ୍ରୱାଲଙ୍କ ସହ ସୁଦେଷ୍ଣା ପଣ୍ଡା, ଆନନ୍ଦିନୀ



ବେହେରା, କଳାହାଣ୍ଡି ଲେଖକ କଳା ପରିଷଦର ସଭାପତି ଉମେଶ ଚନ୍ଦ୍ର ପଣ୍ଡା, ଗୁରୁ ପ୍ରଭାସ ଚନ୍ଦ୍ର ମିଶ୍ର, ନାଟ୍ୟକାର ଡ. ଉମେଶ ଚନ୍ଦ୍ର ଶତପଥି, ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, ଡିଆଇପିଆର୍‌ଓ ମନୋଜ କୁମାର ବେହେରା, କେସିଙ୍ଗା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ ପାଢୀ, ଅଧାପକ ମନୋଜ ରଥ, ଅଧାପକ ଶୁଭେନ୍ଦୁ ମହାପାତ୍ର ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଧାନାନନ୍ଦ ପାତ୍ର, ଟିନା ଶାସିନୀ, ସନ୍ତୋଷ ଏବଂ କମ୍ବୁପାଣି ବାଗ ପ୍ରମୁଖ କବିମାନେ ବ୍ୟଙ୍ଗ କବିତା ପାଠ କରିଥିଲେ। କବି ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ବେଳେ ସୌରଭ ମହାପାତ୍ର, ଅମୀୟ ସାହୁ, ଗୁଡ୍ଡି ତ୍ରିପାଠୀ, ରିଷିତା ଦାଶ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଓ ଆଦିତ୍ୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକୃତି ପ୍ରେମୀ ପାଳିଲେ ବିଶ୍ୱ ପରିବେଶ ଦିବସ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): ଭାରତ ସରକାର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଲେଖାପାଳ ଶ୍ରୀ ଦୁତୀୟ ବନଛୋର ଓ ଜିଲ୍ଲା ଯୁବ ଅଧିକାରୀ ଶ୍ରୀମାନ ପ୍ରସନ୍ନ କୁମାର ମେହେର ତତ୍ତ୍ୱାବଧାନରେ କର୍ଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଯୋରାଡବରା ପଞ୍ଚାୟତ କୁସୁର୍ଲା (ହଜାରୀପଡ଼ା) ଗ୍ରାମରେ କଳାରୁଦ୍ର ଯୁବକ ସଂଘ ଓ ରାମଜୀ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ପ୍ରକୃତି ପ୍ରେମୀ ଶ୍ରୀ ସନତ କୁମାର ସାହୁଙ୍କ ବାଡି ବଗିଚାରେ କିଛି ବୃକ୍ଷ ରୋପଣ କରି ବିଶ୍ୱ ପରିବେଶ ଦିବସ ପାଳନ କରିଛନ୍ତି।



ବୃକ୍ଷ ଆମ ମନୁଷ୍ୟ ସମାଜ ତଥା ପୃଥିବୀରେ ବସବାସ କରୁଥିବା ସମସ୍ତ ପ୍ରାଣୀମାନଙ୍କ ପାଇଁ କେତେ ମୂଲ୍ୟବାନ ତାହା କେହିଲେ ନସରେ ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବାକୁ ହେଲେ ଆସନ୍ତୁ ଆମେ ସମସ୍ତେ ମିଳିମିଶି ବୃକ୍ଷ ରୋପଣ କରି ସମାଜକୁ ସୁସ୍ଥ ଓ ମୁକ୍ତ ଅମ୍ଳଜାନ ପ୍ରଦାନ କରିବାରେ ହାତ ମିଳାଇବା।

ଯଦି ଆମେ ସମସ୍ତେ ଗଛ ନ କାଟି ପ୍ରଚୁର ପରିମାଣରେ ଗଛ ଲଗାଇବା ତାହା ହେଲେ ଆମକୁ ହୁଏତ ଘରେ ଆଉ ପଙ୍ଖା, କୁଲର ଓ ଏସି ବ୍ୟବହାର କରିବାକୁ ପଡିବ ନାହିଁ। ଆମ ପରିବେଶକୁ ବଞ୍ଚାଇ ରଖିବା ଆମର ଦାୟିତ୍ୱ ବୃକ୍ଷ ହିଁ ଜୀବନ ବୃକ୍ଷ ଅଛିତ ଜୀବନ ଅଛି। ତାହା କହି ଲୋକମାନଙ୍କୁ ସଚେତନ କରିବା ସହ ସମସ୍ତେ ବୃକ୍ଷ ରୋପଣ କରିବା ପାଇଁ ଶପଥ ପାଠ କରିଥିଲେ।

ପରେ ସନତ କୁମାର ସାହୁଙ୍କୁ ଅତିଥିମାନେ ପ୍ରକୃତି ପ୍ରେମୀ ଭାବରେ ସମ୍ମାନିତ କରିଥିଲେ। ସାହୁ ହେଉଛନ୍ତି ପିତା ଧନପତି ସାହୁ ଓ ମାତା ଯୌବନୀ ସାହୁ ସୁପୁତ୍ର ତାଙ୍କୁ ସମ୍ମାନିତ କରିଥିବାରୁ ଉପସ୍ଥିତ ଥିବା ସମସ୍ତ ଅତିଥିମାନଙ୍କୁ ହୃଦୟର ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଶ୍ରୀମତୀ ମାହେନ୍ଦ୍ରି ସାହୁ କେସିଙ୍ଗା ଜୋନ୍ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ, ଟୁକୁ ଚନ୍ଦ୍ର ସାହୁ (ଆଧ୍ୟାତ୍ମିକ ଲେଖକ), ଟିକେମନ ଦୀପ (ଆଇନଜୀବୀ), ରାଜକୁମାରୀ ସରାପ (ସାମାଜିକ କର୍ମୀ), ଦେବାନନ୍ଦ ସରାପ (ଯୁବ ସଂଗଠକ), ସାରଦା ନାଏକ ସମାଜ ସେବୀ, କୁସୁର୍ଲା (ହଜାରୀପଡ଼ା) ଗାଁ ଗୌନ୍ତିଆ କୈଳାଶ ଚନ୍ଦ୍ର ସାହୁ, ରୋମାଞ୍ଚଳ ସାହୁ, ଠାକୁର ସାହୁ, ନୀଳକଣ୍ଠେଶ୍ୱର ସାହୁ, ତୁଷ୍ମନ୍ତ ସାହୁ ସହଯୋଗ କରିଥିଲେ।

## ରାଶିଫଳ


ଶୁକ୍ରବାର, ୦୯ ଜୁନ୍ ୨୦୨୩



**ମେଷ:** ସନ୍ତାନର ଭବିଷ୍ୟତ ପାଇଁ ଯୋଜନା କରି ପୁଞ୍ଜି ନିବେଶ କରିବେ। ଜାଗା, ଜମି, ବାସଗୃହ ଓ ଯାନବାହାନ କ୍ରୟ କରିବାର ସୁବିଧା ପାଇବେ। ହସଖୁସିରେ ସମୟ ବିତାଇବେ। ପରିବାରରେ ଯେତେ ସମସ୍ୟା ଥିଲେ ମଧ୍ୟ ଶାନ୍ତି ଅନୁଭବ କରିବେ। ଚାକିରୀ କ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇବା ସହ ସ୍ଥାନାନ୍ତର ମଧ୍ୟ ହୋଇ ପାରେ।




**ବୃଷ:** ଘରୋଇ ସଂସ୍ଥାରେ କର୍ମରତ ବ୍ୟକ୍ତିମାନେ ବିଶେଷ ଲାଭବାନହେବେ। ଇନ୍ଦ୍ରିୟପରାୟଣତା ଓ ବିଷୟବାସନା ଉପରେ ଅଧିକ ଗୁରୁତ୍ୱ ଦେବେ। ପାରିବାରିକ ସ୍ତରରେ ଭୁଲ ବୁଝାମଣା ଜନିତ ସମସ୍ୟା ସମାଧାନ ହୋଇ ଉନ୍ନତି ସହ ଶାନ୍ତି ଉପୁଜିବ। ଆତ୍ମୀୟମାନଙ୍କର ଉପଚାର ରୋଗ ନିବୃତ୍ତି ପାଇଁ ଅଧିକ ଅର୍ଥଖର୍ଚ୍ଚ ହୋଇଯିବ।




**ମିଥୁନ:** ଆଇନ ଅଦାଲତ କ୍ଷେତ୍ରରେ ବିଜୟୀ ହେବେ। ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ। ପାରିବାରିକ ସମସ୍ୟାକୁ ସମାଧାନ କରି ପରିବାରରେ ପ୍ରୀତିଭାଜନ ହେବେ। ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇ ପାରନ୍ତି। ଆନୁଷ୍ଠାନିକ କାମ ହାସଲ କରିବେ।



**କର୍କଟ:** ଅର୍ଥ ସମ୍ପର୍କୀୟ କଥାହେବା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ। ପ୍ରବାସରେ ମଧ୍ୟ କେତେକ କ୍ଷେତ୍ରରେ ଉନ୍ନତିକର ହେବ। ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ। ଅଧ୍ୟୟନ, ଅଧ୍ୟାପନା ତଥା ରଚନାତ୍ମକ କ୍ଷେତ୍ରରେ ଆଗ୍ରହ ବଢିବ। ଦାମ୍ପତ୍ୟ ସୁଖରେ ଫଳପ୍ରାପ୍ତି ହେବ।



**ସିଂହ:** ଦୂରଯାତ୍ରା କରିବା ଦ୍ୱାରା ବହୁତ ଲାଭ ମିଳିବ। ବ୍ୟାଙ୍କ, ବୀମା, ନିବେଶ ପରି ଆର୍ଥିକ ଗତିବିଧିରେ ବ୍ୟସ୍ତ ରହିବେ। ହଠାତ୍ ମତ ପରିବର୍ତ୍ତନ କରି ସମସ୍ତଙ୍କୁ ଚକିତ କରି ଦେବେ। ପରୀକ୍ଷା ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇ ଉଚ୍ଚଶ୍ରେଣୀ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚସ୍ଥିତି ରକ୍ଷା କରି ଚଳିବେ। ଆର୍ଥିକ ଦିଗର ଅଭିବୃଦ୍ଧି କାରଣରୁ ଶତ୍ରୁ ନାଶ ଯୋଗେ ନିରୁପଦ୍ରବ ଜୀବନଚର୍ଯ୍ୟାର ଅଧିକାରୀ ହେବେ। କର୍ମକ୍ଷେତ୍ରରେ ଶୁଭ ଫଳ ପାଇବେ।



**କନ୍ୟା:** ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ। କର୍ମକ୍ଷେତ୍ରରେ ଦୀର୍ଘଦିନର ଆଶା ପୂରଣ ହେବା ଫଳରେ ପ୍ରଶଂସିତ ହେବେ। ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତ୍କାରରେ ସଫଳ ହେବେ। ବକେୟା ଅର୍ଥ କିଛି ମିଳିବ ଓ ଆୟ ଉପାର୍ଜ୍ଜନର ବୃଦ୍ଧି ହେବ।




**ତୁଳା:** କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ। ଆୟ ବୃଦ୍ଧି ହୋଇ ଆର୍ଥିକ ଉନ୍ନତି ହେବା ସହ ଗୃହବାହାନ ପ୍ରାପ୍ତି ହେବ। କର୍ମ ନିଯୁକ୍ତି କ୍ଷେତ୍ରରେ ଆପ୍ରାଣ ଚେଷ୍ଟା କରି ସଫଳ ହେବେ। ବ୍ୟବସାୟକୁ ପ୍ରସାରିତ କରି ଏକ୍ସପୋର୍ଟ, ଇନ୍‌ପୋର୍ଟ, ହାଣ୍ଡିକ୍ରାଫ୍ଟ, ଫର୍ଣ୍ଣିଚର ଓ ସିଜିନ୍ ବ୍ୟବସାୟରେ ମଧ୍ୟ ଅତ୍ୟନ୍ତ ଲାଭାନ୍ୱିତ ହେବେ।



**ବିଛା:** ଶତ୍ରୁମାନେ ମିତ୍ରଭାବ ଆଚରଣ କରିବେ। ବ୍ୟବସାୟରେ ସଫଳତା ଅର୍ଜନ ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବାଦବିବାଦ, ମାଲିମୋକଦ୍ଦମା, ଖେଳକୁଦ, ପ୍ରତିଯୋଗିତାରେ ପ୍ରଶଂସା ପାଇବେ। ରାଜନୀତିରେ ସଫଳତା ମିଳିବ। କର୍ମକ୍ଷେତ୍ରଟି ସୁଦୃଢ଼ ହେବ ଓ ବ୍ୟୟ ଅପେକ୍ଷା ଆୟ ବୃଦ୍ଧି ହେବ। କର୍ମକ୍ଷେତ୍ରରେ ସହକର୍ମୀ ଓ ଉପରିସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ଶାନ୍ତି ବିରାଜମାନ କରିବ। ଶିକ୍ଷାକ୍ଷେତ୍ରରେ ପରୀକ୍ଷା ପରିଣାମ ଅନୁକୂଳ ହେବ।




**ଧନୁ:** ସାମାଜିକ କାର୍ଯ୍ୟରେ ସଫଳ ସିଦ୍ଧହେବେ। ପରିବାରରେ ଖୁସିର ବାତାବରଣ ସ୍ଥାୟୀ ରହିବ। ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ସେୟାର ବଜାରରେ ଲାଭ ମିଳିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇ ଯଶ, ମାନସମ୍ମାନ ପ୍ରତିଷ୍ଠା ମିଳିବ। ପାରିବାରିକ ସ୍ଥିତିରେ ଶାନ୍ତି ପାଇବେ। ଦୂରଯାତ୍ରାର ସୁଯୋଗ ମିଳିବ। ବିଦ୍ୟାକ୍ଷେତ୍ରରେ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତିହେବା ଫଳରେ ପ୍ରଶଂସିତ ହେବେ।




**ମକର:** ଶତ୍ରୁମାନେ ମୁଣ୍ଡ ନୁଆଇଁବେ। ପରିବାରରେ ଅପ୍ରିତିକର ପରିସ୍ଥିତି ଦେଖା ଦେଲେ ମଧ୍ୟ ତାହା କୌଶଳକ୍ରମେ ସମାଧାନ କରିବେ। ରାସ୍ତା ଘାଟରେ ଅତ୍ୟନ୍ତ ସତର୍କତା ସହ ଯାତାୟତ କରିବା ଉଚିତ୍। ଯାହାର ବେଶି ଉପକାର କରିଥିବେ ତାହାଦ୍ୱାରା ବେଶି ଆଘାତ ପାଇବେ। ଦାମ୍ପତ୍ୟ ସୁଖରେ ଫଳପ୍ରାପ୍ତି ହେବ। ବହୁତ ଦିନରୁ ରଖିଥିବା ଧନ ଭିନ୍ନ ବାଟରେ ଖର୍ଚ୍ଚ ହୋଇବ, ସ୍ଥାନାନ୍ତରର ସୂଚନା ପାଇ ପାରନ୍ତି।



**କୁମ୍ଭ:** ବ୍ୟବସାୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତିହେବ। ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଖୁସି ରହିବ। ରାଜନୈତିକ ଜୀବନ ଝଡଝଞ୍ଜାମୟ ହେବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ ପାଇଁ ସତର୍କ ରହିବା ଉଚିତ। ଈର୍ଷାପରାୟଣ ବ୍ୟକ୍ତିମାନେ କଟୁ ବଚନ ଶୁଣେଇବେ।



**ମୀନ:** ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତିହେବା ସହ ବ୍ୟବସାୟରେ ଭଲ ଲାଭହେବ ଓ ଋଣରୁ ମୁକ୍ତି ମିଳିବ। ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ ଅଚାନକ ଧନପ୍ରାପ୍ତି ହେବ। ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ ଓ ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ। ପାରିବାରିକ ସମସ୍ୟାକୁ ସମାଧାନ କରି ଅଧିକ ଭାଗ୍ୟବାଦି ହୋଇ ନିଜ ଗୋଡରେ ଠିଆ ହେବେ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋର୍ତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ନିକଟସ୍ଥ ସାପୁଆ ଡ୍ୟାମ୍ ଠାରେ ଜିଲ୍ଲା ୱେବ ସାମ୍ବାଦିକ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସଂଘ କୁ ମଜବୁତ୍ କରିବା ଏବଂ ସଦସ୍ୟ ମାନେ ନିର୍ଭୀକ ଭାବେ ଖବର ଉପସ୍ଥାପନା କରିବା ଆଦି ସଂପର୍କରେ ଆଲୋଚନା କରାଯାଇଥିଲା। ଏତଦବ୍ୟତୀତ ଜିଲ୍ଲା ୱେବ ସଂଘର ହିନ୍ଦୋଳ-ଓଡ଼ାପଡ଼ା ଶାଖା ତିଆରି କରାଯାଇଥିଲା। ଶ୍ରୀ ତ୍ରିନାଥ ବେହେରା ଙ୍କୁ ସର୍ବସମ୍ମତିକ୍ରମେ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ଉପସଭାପତି ଭାବେ ବର୍ଷା ମହାପାତ୍ର, ସଂପାଦକ ଭାବେ ରଙ୍ଗାଧର ସାହୁ ,ଯୁଗ୍ମ ସଂପାଦକ ଭାବେ ପ୍ରଶାନ୍ତ ନାଏକ ଏବଂ କୋଷାଧକ୍ଷ ଭାବେ ସୁମନ୍ତ ବେହେରା ଙ୍କୁ ମନୋନୀତ କରାଯାଇଥିଲା । ବୈଠକରେ ବିଜେଡ଼ି ର ରାଜ୍ୟ କାର୍ଯ୍ୟକାରିଣୀ ମହିଳା ସଂପାଦିକା ନମିତା ନାଏକ ଯୋଗଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ୱେବ ସଂଘର ସଭାପତି, ଉପସଭାପତି ଓ ସଂଯୋଜକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ଓଡ଼ିଶାରେ ଗରିବୀ କମିଛି
# ଅନୁକରଣ କରିବାକୁ ଅନ୍ୟ ରାଜ୍ୟକୁ ନୀତି ଆୟୋଗର ପରାମର୍ଶ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଗରିବୀ ହ୍ରାସ କରିବାରେ ଓଡ଼ିଶା ତାର ଟାର୍ଗେଟ ପୁରା କରିଛି । ଏଣୁ ଓଡ଼ିଶାର ଏହି ମଡେଲକୁ ଅନ୍ୟ ରାଜ୍ୟମାନେ ଆପଣେଇବା ପାଇଁ ନୀତି ଆୟୋଗ ପରାମର୍ଶ ଦେଇଛି । ଦେଶ ଓ ରାଜ୍ୟରୁ ଦାରିଦ୍ର୍ୟ ହ୍ରାସ କରିବା ପାଇଁ ସବୁ ରାଜ୍ୟ ସରକାରଙ୍କୁ ଦିଆଯାଇଛି ନିରନ୍ତର ବିକାଶ ଲକ୍ଷ୍ୟ । ଯାହାକୁ ଓଡ଼ିଶା ପୂରଣ କରିବା ସହ ରାଜ୍ୟରେ ଗରିବଙ୍କୁ ଭରପୁର ଖାଦ୍ୟ ସହିତ ବାସଗୃହ ଓ ଭୂମିହୀନଙ୍କୁ ଯାଗା ମିଶନ ଜରିଆରେ ଜମି ପ୍ରଦାନ କରାଯାଉଛି । ସୁବିଧା, ପୁଷ୍ଟିକର ସୁଷମ ଖାଦ୍ୟ, ମାଗଣା ସ୍ୱାସ୍ଥ୍ୟସେବା, ଗରିବ ପିଲାଙ୍କ ମୌଳିକ ଓ ଉଚ୍ଚତର ଶିକ୍ଷାପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟବସ୍ଥା କରିଛନ୍ତି । ଓଡ଼ିଶା ମିଲେଟ୍ ମିଶନ, କୃଷିର ବିକାଶ, ମହିଳା ସଶକ୍ତିକରଣ ପାଇଁ ମିଶନ ଶକ୍ତି, ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ ଓ ବିପର୍ଯ୍ୟୟ ମୁକାବିଲାରେ ଜିରୋ କାଜୁଆଲିଟି ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି । ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗର ନିରନ୍ତର ବିକାଶ ଲକ୍ଷ୍ୟ ମାନଦଣ୍ଡ ରିପୋର୍ଟକୁ ନୀତି ଆୟୋଗ ମଧ୍ୟ ପ୍ରଶଂସା କରିଛନ୍ତି । ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ପାଇଁ ୧୭ଟି ଟାର୍ଗେଟ ଧାର୍ଯ୍ୟ କରାଯାଇଛି । ୨୦୨୦ ମସିହାରୁ ଓଡ଼ିଶା ସରକାର ବାର୍ଷିକ ବଜେଟରେ ଏସଡିଜି ବଜେଟ୍ ଆରମ୍ଭ କରିଛନ୍ତି । ନିରନ୍ତର ବିକାଶ ଲକ୍ଷ୍ୟ କିପରି ହାସଲ ହେବ ନେ ସେଇ ରାଜ୍ୟ ସ୍ତରରେ ଜିଲ୍ଲା ଓ ବ୍ଲକ ତଥା ପଞ୍ଚାୟତ ସ୍ତରରେ ଜନପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ।

# ରେଳ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା

କୋରେଇ, (ଭାସ୍କର ନ୍ୟୁଜ୍): ଗତକାଲି ଯାଜପୁର ରୋଡ ରେ ଘଟିଥିବା ରେଳ ଦୁର୍ଘଟଣା ରେ ମୃତ୍ୟୁ ବରଣ କରିଥିବା ବନ୍ଧାଲୋ ପଞ୍ଚାୟତର ବାଲିଆପାଳ ଓ ଗମାରୀୟା ଗ୍ରାମର ୫ ଜଣ ଓ ମୁକୁନ୍ଦପୁର ପଞ୍ଚାୟତ ର ଓଷଳା ଗ୍ରାମର ଜଣେ ବେକ୍ତିଙ୍କ ର ଗତ କାଲି ରାତି ଓ ଆଜି ସକାଳୁ ସମସ୍ତ ଙ୍କର ଶେଷ କୃତ୍ୟ ଗାଁ ସ୍ମଶାନ ରେ ଶେଷ ହୋଇଛି ।ଏହି ଦୁଃଖଦ ସମୟ ରେ ସମସ୍ତ ମୃତକ ପରିବାର କୁ ଆଜି ବିଜେଡି ସାଙ୍ଗଠନିକ ସମ୍ପାଦକଙ୍କ ସହିତ ବିଜେଡି ର ଏକ ନେତୃମଣ୍ଡଳୀ ଭେଟିଥିଲେ ଏକ ଲକ୍ଷ ଟଙ୍କା ପ୍ରଦାନ କରିବା ସହିତ ସ୍ଥାନୀୟ ତହସିଲଦାର ଅଶୋକ ମାଝୀ ଜିଲ୍ଲା ରେଡ଼କ୍ରସ ପାଣ୍ଠି ରୁ କୋଡିଏ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହଯୋଗ କରିବା ସହିତ ସମସ୍ତ ପରିବାର କୁ ସମବେଦନା ଜଣାଇ ଥିଲେ. ଆଜି ଏହି ନେତୃ ମଣ୍ଡଳୀ ରେ କୋରେଇ ର ବିଧାୟକ ଅଶୋକ ବଳ, ଯାଜପୁର ଜିଲ୍ଲା ପରିଷଦ ଅଧକ୍ଷ୍ୟା ନଳିନୀ ପ୍ରଭା ଯେନା,ଉପାଧକ୍ଷ ଗଣେଶ୍ୱର ବରାଳ, ଯାଜପୁର ବିଜେଡି ଯୁବ ସଭାପତି ପ୍ରତାପ ମହାନ୍ତି, କୋରେଇ ବ୍ଲକ ଅଧକ୍ଷ୍ୟା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ୍ୟ ପ୍ରଫୁଲ୍ଲ ଦାସ,ଜିଲ୍ଲା ପରିଷଦ ସଭ୍ୟ ଉମାକାନ୍ତ ମାଝୀ,ଭିକାରୀ ବରାଳ,ବିଜେଡି ଯୁବ ନେତା ସୌଭାଗ୍ୟ ମହାନ୍ତି, ପ୍ରଶାନ୍ତ ମହାପାତ୍ର, ତାରକ ମହାନ୍ତି, ରାକେଶ ମହାନ୍ତି,ସୁରେଖା ସେଠୀ, ନୀଳାଦ୍ରି ଭୂଷଣ ସାହୁ, ଅଜୟ ମହାକୁଡ଼ ପ୍ରମୁଖ ବେକ୍ତି ମାନେ ଉପସ୍ଥିତ ଥିଲେ ।ଅନ୍ୟ ପଟେ କୋରେଇ କଂଗେସ ନେତା ହରେକୃଷ୍ଣ ସାହୁ, କୋରେଇ ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି,ବନ୍ଦିତା ପରିଡା, ଆଲୋକ ଜାଣ୍ଡାର ଦାସ,ବିଦ୍ୟାଧର ମହାନ୍ତି, ସି ପି ଆଇ ନେତା ଆଲୋକ ମହାନ୍ତି ଆଦି ବିଭିନ୍ନ ଦଳ ର ପ୍ରତିନଧି ମାନେ ଅସହାୟ ପରିବାର ମାନଙ୍କୁ ଭେଟି ସମବେଦନା ଜଣାଇ ଥିଲେ, କଂଗ୍ରେସ ନେତା ବିଦ୍ୟାଧର ମହାନ୍ତି ଓ ବନ୍ଧାଲୋ ର ସରପଞ୍ଚ ବିଷ୍ଣୁ ଚରଣ ରଥ ମୃତକ ଙ୍କ ପରିବାର କୁ ରେଳବାଇ ୨୦ ଲକ୍ଷ ଟଙ୍କା କ୍ଷେତି ପୂରଣ ସହିତ ପରିବାରର ଜଣକୁ ରେଳବାଇ ରେ ଚାକିରି ଦେବା ପାଇଁ ଦାବି କରିଛନ୍ତି।

**ZILLA PARISHAD, BOUDH**
**ADVERTISEMENT** i-162
No./ZP-MGNREGA-1410 Dt. 01.06.2023

Applications are invited from the eligible candidates to fill up 11 nos. of post of Gram Rozgar Sevaks (GRS) to be engaged in different Gram Panchayats in Boudh District on contractual basis under MGNREGA. The details regarding Application Form, eligible criteria, selection procedure, remuneration & documents to be required for submission along with applications are available in the Boudh district official website **www.boudh.nic.in**. Last date of submission of application is only through Registered Post or Speed Post is dt.30.06.2023 (1 PM).

Sd/-
OIPR 19234/11/0004/2324 CDO-cum-EO, ZP, Boudh

# ମୃତକଙ୍କ ସ୍ମୃତିରେ ମହମବତୀ ଶୋଭାଯାତ୍ରା

ଡେଲାଙ୍ଗ,(ଭାସ୍କର ନ୍ୟୁଜ୍):ବାଲେଶ୍ୱର ଜିଲ୍ଲା ବାହାନଗା ରେଳ ଷ୍ଟେସନରେ ଗତ ଶୁକ୍ରବାର ଦିନ ଘଟିଥିବା ହୃଦୟ ବିଦାରକ ରେଳ ଦୁର୍ଘଟଣାରେ ମୃତକଙ୍କ ଅମର ଆତ୍ମାର ସଦଗତି କାମନା ଉଦ୍ଦେଶ୍ୟରେ ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ପ୍ରଭାତ କ୍ଲବ୍ ପକ୍ଷରୁ ଏକ ମହମବତୀ ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କ୍ଲବର୍ ସମ୍ପାଦକ ପଦ୍ମନାଭ ବରାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବର୍ ଉପସଭାପତି ବ୍ରହ୍ମାନନ୍ଦ ପରିଡ଼ା,ସଦସ୍ୟ ପ୍ରଭାତ କୁମାର ଜେନା,ପରମାନନ୍ଦ ବରାଳ,ସୁକାନ୍ତ କୁମାର ସାହୁ, ଦୁର୍ଯ୍ୟୋଧନ ମାଝୀ,ଗଣେଶ କୁମାର ସ୍ୱାଇଁ, ରତ୍ନାକର ଜେନା, ହୃଷୀକେଶ ମହାରଣା, ଲିଙ୍ଗରାଜ ସ୍ୱାଇଁ,ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ,ସ୍ୱାଗତ ବରାଳ,ଗନ୍ଧର୍ବ ପ୍ରଧାନ ଓ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ସାମିଲ ହୋଇ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ ।ଏହି ଅବସରରେ ସ୍ଥାନୀୟ ଜନସାଧାରଣଙ୍କ ସମେତ କ୍ଲବର ସଦସ୍ୟମାନେ ହାତରେ ମହମବତୀ ଧରି ପ୍ରଭାତ କ୍ଲବ୍ ଠାରୁ ବାହାରି ଡେଲାଙ୍ଗ ଷ୍ଟେସନ ବଜାର ପରିକ୍ରମା କରିବା ପରେ ଥାନା ପରିସରରେ ଥିବା ବାବା ବିଶ୍ୱନାଥ ଦେବଙ୍କ ପୀଠରେ ପହଞ୍ଚି ସମୂହ ଦୀପଦାନ କରିଥିଲେ ।ସେଠାରେ ମୃତକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସେହିପରି ବିଭିନ୍ନ ଡାକ୍ତରଖାନାରେ ଏବେ ଚିକିତ୍ସିତ ହେଉଥିବା ଆହତମାନଙ୍କ ଆଶୁ ଆରୋଗ୍ୟ କାମନା ଉଦ୍ଦେଶ୍ୟରେ ବାବା ବିଶ୍ୱନାଥ ଏବଂ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। କ୍ଲବର ସଦସ୍ୟମାନେ ମୃତାହତଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏଭଳି ଦୁଃଖଦ ମୁହୂର୍ତ୍ତରେ ଧର୍ଯ୍ୟ ରଖିବାକୁ ନିବେଦନ କରିବା ସହ ସମବେଦନା ଜଣାଇଥିଲେ।

# ଧର୍ମପରାୟଣା ମହିଳାଙ୍କ ପରଲୋକ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ବଡକ୍ଷୀର ଗ୍ରାମପଂଚାୟତ ଗୋପପୁର ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ଅବସରପ୍ରାପ୍ତ କୃଷି କର୍ମଚାରୀ ପ୍ରଫୁଲ ଚନ୍ଦ୍ର ସ୍ୱାଇଁଙ୍କ ଧର୍ମପତ୍ନୀ ନିର୍ମଳା ସ୍ୱାଇଁଙ୍କର ତାଙ୍କ ଗୋପପୁରସ୍ଥିତ ବାସଭବନରେ ହୃଦଘାତ ଜନିତ ପରଲୋକ ହୋଇଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଜ୍ୟେଷ୍ଠ ପୁତ୍ର ପ୍ରିୟବ୍ରତ, ପୁତ୍ରବଧୂ , ଝିଅ ଜ୍ୱାଇଁ, ନାତିନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା । ତାଙ୍କର ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା । ତାଙ୍କର କନିଷ୍ଠ ପୁତ୍ର ସତ୍ୟବ୍ରତ ମୁଖାଗ୍ନି ଦେଇଥିଲେ । ତାଙ୍କର ବିୟୋଗରେ ପୂର୍ବତନ ସରପଂଚ କ୍ଷୀରୋଦ ଚନ୍ଦ୍ର ପଣ୍ଡା,ରମେଶ ଚନ୍ଦ୍ର ସ୍ୱାଇଁ, ପରିବାର ସଭାପତି ବଲ୍ଲଭ ଚରଣ ପଲେଇ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

### ବାହାନାଗା ହାଇସ୍କୁଲ ପରିଦର୍ଶନ କଲେ ଜିଲ୍ଲାପାଳ
# କହିଲେ ଭଙ୍ଗା ଯାଇ ପାରେ ସ୍କୁଲ ଘର

ଭୁବନେଶ୍ୱର (ଭାସ୍କର ନ୍ୟୁଜ):ବାଲେଶ୍ୱର ଜିଲ୍ଲାପାଳ ଦତାତ୍ରେୟ ଭାଉସାହେବ ସିନ୍ଦେ ଆଜି ବାହାନଗା ହାଇସ୍କୁଲ ପରିଦର୍ଶନ କରିଛନ୍ତି । ଏହା ପରେ ସ୍କୁଲର ପୁରୁଣା ଘର ଭଙ୍ଗା ଯାଇ ପାରେ ବୋଲି ସେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ସ୍କୁଲ ପରିଚାଳନା କମିଟି ସନ୍ଧ୍ୟା ଭିତରେ ଦାବି ଲିଖିତ ଆକାର ଦେବା ପରେ ସରକାରଙ୍କ ସହ ନିଷ୍ପତ୍ତି ପରେ ଆଗାମୀ ପଦକ୍ଷେପ ନିଆଯିବ । ଅନ୍ୟ ପକ୍ଷରେ ସ୍କୁଲ ବହୁ ପୁରୁଣା ହୋଇ ଯାଇଥିବାରୁ ସମ୍ପୂର୍ଣ୍ଣ ସ୍କୁଲ ଭାଙ୍ଗି ନୂଆ କରି ତିଆରି କରିବା ସହ ଆସବାବପାତ୍ର ବଦଳାଇବାକୁ ଲିଖିତ ଆକାରରେ ଜଣାଇବୁ ବୋଲି ସ୍କୁଲ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି ।

THE ODISHA AGRO INDUSTRIES CORPORATION LIMITED
(A Government of Odisha Undertaking)
95, SATYA NAGAR, BHUBANESWAR – 751 007.
CAD-886
EXPRESSION OF INTEREST

Sealed EOI in conformity with technical specification, terms & conditions in bid documents are invited from manufacturers for **"Supply of Polythene /Tarpaulin"**. For details, please visit website https://odishaagro.nic.in/ from **dt. 07.06.2023 to 21.06.2023.**

Sd/-
OIPR 01047/11/0018/2324 MANAGING DIRECTOR

**ପୂର୍ବ ତଟ ରେଳପଥ**
'ଇ' କ୍ରୟ ପ୍ରଣାଳୀ
ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/KUR/EP/2023-24/04, ତା.05.06.2023ରିଖ
କ୍ରମ ସଂ.01: ଟେଣ୍ଡର ସଂ.81235443 : ସାମଗ୍ରୀଗୁଡ଼ିକର ବିବରଣୀ : 200 VA ଟ୍ରାନ୍ସଫର୍ମର, ପରିମାଣ : 3184 ଗୋଟି ।
କ୍ରମ ସଂ.02: ଟେଣ୍ଡର ସଂ.81235462 : ସାମଗ୍ରୀଗୁଡ଼ିକର ବିବରଣୀ : ରୁଫ୍ ମାଉଣ୍ଟେଡ୍ AC ପ୍ୟାକେଜ୍, ପରିମାଣ : 05 ସେଟ୍ ।
କ୍ରମ ସଂ.03: ଟେଣ୍ଡର ସଂ.81235479 : ସାମଗ୍ରୀଗୁଡ଼ିକର ବିବରଣୀ : ଟ୍ରାକ୍ସନ ବ୍ରାକିଙ୍ଗ (Braking) ସୁଇଚ୍, ପରିମାଣ : 05 ସେଟ୍ ।
କ୍ରମ ସଂ.04: ଟେଣ୍ଡର ସଂ.81235480 : ସାମଗ୍ରୀଗୁଡ଼ିକର ବିବରଣୀ : ମାଇକ୍ରୋପ୍ରୋସେସର ବେସ୍ଡ ବାଲାସିଙ୍ଗ୍ (Balancing) ମେସିନ୍, ପରିମାଣ : 01 ଗୋଟି) ।
ବନ୍ଦ ହେବା ତାରିଖ ଓ ସମୟ : ତା.17.07.2023 ରିଖ 1500 ଘଟିକାରେ (କ୍ରମ.ସଂ.1 ପାଇଁ), ତା.03.07.2023 ରିଖ 1500 ଘଟିକାରେ (କ୍ରମ.ସଂ.2 ପାଇଁ), ତା.05.07.2023 ରିଖ 1500 ଘଟିକାରେ (କ୍ରମ.ସଂ.3 ପାଇଁ) ଏବଂ ତା.10.07.2023 ରିଖ 1500 ଘଟିକାରେ (କ୍ରମ.ସଂ.4 ପାଇଁ) ।
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍
PR-247/O/23-24

# ରଥଯାତ୍ରାରେ ମୁତୟନ ହେବେ ୧୮୦ ପ୍ଲାଟୁନ ଫୋର୍ସ

ପୁରୀ (ଭାସ୍କର ନ୍ୟୁଜ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଆଉମାତ୍ର କିଛିଦିନ ବାକି । ଏଥିପାଇଁ ରଥ ନିର୍ମାଣଠାରୁ ଆରମ୍ଭ କରି ସମସ୍ତ ପ୍ରକାର ପ୍ରସ୍ତୁତି ପର୍ବ ଜୋର ଧରିଛି । ଏହାସହ ସୁରୁଖୁରୁରେ ଯେପରି ରଥଯାତ୍ରା ସମ୍ପନ୍ନ ହେବ ସେ ନେଇ ଘନଘନ ବୈଠକ ମଧ୍ୟ ବସି ଆଲୋଚନା କରାଯାଉଛି । ଗୁରୁବାର ପୋଲିସ ଏଡିଜି ଅମିତାଭ ଠାକୁର ପୁରୀରେ ପହଞ୍ଚି ଏସ୍‌ପିଙ୍କ ଅଫିସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ । ଘୋଷଯାତ୍ରା ସମୟରେ ପୁରୀ ସହରରେ ୧୮୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ । ଏଥିସହ ଜନଗହଳି ନିୟନ୍ତ୍ରଣ ଓ ଟ୍ରାଫିକ ସୁପରିଚାଳନା ପାଇଁ ୪୫ ପ୍ଲାଟୁନ ଫୋର୍ସ ମୁତୟନ ସହ ଭକ୍ତଙ୍କ ସୁବିଧା, ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ଉପରେ ଶ୍ରୀ ଠାକୁର ଗୁରୁତ୍ୱ ଦେଇଥିଲେ । ଏହି ବୈଠକରେ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ, ଅତିରିକ୍ତ ଏସ୍‌ପି ଉମାଶଙ୍କର ଦାଶ, ଡିଆଇଜି ଅଖିଳେଶ୍ୱର ସିଂଙ୍କ ସମେତ ଜଗତସିଂହପୁର ଓ ପୁରୀ ଏସ୍‌ପି ଉପସ୍ଥିତ ଥିଲେ । ସେପଟେ ଶୃଙ୍ଖଳିତ ରଥଯାତ୍ରାପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ପରିଚାଳନା କମିଟି ସଦସ୍ୟ ଓ ସେବାୟତଙ୍କ ଉପସ୍ଥିତିରେ ଭକ୍ତଙ୍କ ସୁବିଧା ନିମନ୍ତେ ପାନୀୟଜଳ, ବିଶ୍ରାମସ୍ଥଳୀ, ଆଶୁ ଚିକିତ୍ସାକେନ୍ଦ୍ର ସହ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା ।

## ଅଣସର ପିଣ୍ଡିରେ ଚାଲିଛି ମହାପ୍ରଭୁଙ୍କ ଗୋପନ ନୀତି
# ଶ୍ରୀଜିଉଙ୍କ ଅଙ୍ଗଫିଟା ନୀତି ସମ୍ପନ୍ନ

ପୁରୀ(ଭାସ୍କର ନ୍ୟୁଜ): ସ୍ନାନ ବେଦୀରେ ୧୦୮ ଗରା ଜଳରେ ସ୍ନାନ ପରେ ମହାପ୍ରଭୁ ଜ୍ୱରରେ କମ୍ପୁଛନ୍ତି । ତାଙ୍କର ଆଶୁ ଆରୋଗ୍ୟ କାମନା କରି ଦଇତାପତି ସେବକମାନେ ଗୁପ୍ତ ସେବାରେ ଲାଗି ପଡ଼ିଛନ୍ତି । ଗୁରୁବାର ଶ୍ରୀ ବିଗ୍ରହଙ୍କ ଶ୍ରୀ ଅଙ୍ଗ ଫିଟା ନୀତି ସମ୍ପନ୍ନ କରାଯାଇଛି । ବର୍ଷ ତମାମ ଦାରୁଦିଅଁଙ୍କୁ ଲାଗି ହୋଇଥିବା ଚନ୍ଦନ ଓ କରାଳ ଖୋଲା ଯାଇଥିଲା । ୯ ତାରିଖ ଶୁକ୍ରବାର ମହାପ୍ରଭୁଙ୍କୁ ଫୁଲୁରୀ ତେଲ ଲାଗି କରାଯିବ । ଶନିବାରଠାରୁ ଓଷୁଅ ଲାଗି ଆରମ୍ଭ କରାଯିବ । ଏହାପରେ ମହାପ୍ରଭୁ ଚକାକୁ ଉଠିବେ । ସାଧାରଣତଃ ମଣିଷଙ୍କ ଭଳି ମହାପ୍ରଭୁଙ୍କୁ ପଥି, ପାଚନ ଓ ଔଷଧ ପ୍ରଦାନ କରାଯାଉଛି । ସ୍ୱତନ୍ତ୍ର ପଣା 'ପାଚନ ପାଣି' ପ୍ରସ୍ତୁତ କରି ଅର୍ପଣ କରାଯାଉଛି । ଏହି ପଣାରେ ସର, କର୍ପୁର ଆଦି ଦ୍ରବ୍ୟ ମିଶ୍ରଣ କରାଯାଇ ଥାଏ । ଅଣବସରରେ ପ୍ରତିଦିନ ଶ୍ରୀ ବିଗ୍ରହଙ୍କୁ ଦୁଇଥର ପଣା ଓ ଚକଟା ଭୋଗ ଅର୍ପଣ କରାଯାଉଛି । ଭୋଗରେ ଠାକୁରଙ୍କୁ କେବଳ ସର ଓ ଫଳମୂଳ ଲାଗି ହେଉଛି । ସ୍ନାନ ପୂର୍ଣ୍ଣିମା ବିଳମ୍ବିତ ରାତିରେ ମହାପ୍ରଭୁ ଅଣସର ପିଣ୍ଡିରେ ବିଜେ କରିବା ପରେ ଏହି ନୀତି ଜାରି ରହିଛି । ମହାପ୍ରଭୁ ଅଣସର ଘରେ ଥିବାରୁ ଶ୍ରଦ୍ଧାଳୁମାନେ ପଟିଦିଅଁଙ୍କୁ ଦର୍ଶନ କରି ନିଜକୁ ଧନ୍ୟମନେ କରୁଛନ୍ତି । ଫଳରେ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଗହଳିଚହଳି ପୂର୍ବଭଳି ଦେଖିବାକୁ ମିଳୁନାହିଁ । ମହାପ୍ରଭୁଙ୍କ ଦର୍ଶନ ବାରଣ କରାଯାଇଥିବାରୁ ସିଂହଦ୍ୱାର ଓ ବଡ଼ଦାଣ୍ଡ ମଧ ଖାଁ ଖାଁ ଲାଗୁଛି ।

## ଚତୁର୍ଭୁଜ ନାରାୟଣ ବେଶରେ ଅଲାରନାଥ



ବ୍ରହ୍ମଗିରି (ଭାସ୍କର ନ୍ୟୁଜ): ମହାପ୍ରଭୁ ଶ୍ରୀଜଗନ୍ନାଥ ଅଣସର ଘରେ ରହିଥିବାରୁ ଶ୍ରଦ୍ଧାଳୁମାନେ ବ୍ରହ୍ମଗିରିର ଅଲାରନାଥଙ୍କୁ ଦର୍ଶନ କରି ଭାବବିହ୍ୱଳ ହେଉଥିବାର ଦେଖିବାକୁ ମିଳୁଛି । ଗୁରୁବାର ଅଲାରନାଥଙ୍କ ପୀଠରେ ଶ୍ରଦ୍ଧାଳୁମାନେ ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ଚତୁର୍ଭୁଜ ନାରାୟଣଙ୍କୁ ଦର୍ଶନ କରିଛନ୍ତି । ଭକ୍ତଙ୍କ ପାଇଁ ସକାଳୁ ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି କରାଯାଇଥିଲା । ପରେ ତଡ଼ପଲାଗି, ଅବକାଶ, ବେଶ ଏବଂ ଗୋପାଳ ବଲ୍ଲଭ ଶେଷ ହେବା ପରେ ସକାଳ ୬ଟାରୁ ଭକ୍ତଙ୍କ ଦର୍ଶନ ଆରମ୍ଭ ହୋଇଥିଲା । ସୂଚନାଯୋଗ୍ୟ ଯେ ଦ୍ୱିତୀୟ ଶ୍ରୀକ୍ଷେତ୍ର ପାଲଟି ଥିବା ଅଲାରନାଥ ପୀଠକୁ ଭକ୍ତଙ୍କ ସୁଅ ଛୁଟିବାରେ ଲାଗିଛି ।

**ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org
ପତ୍ର ସଂଖ୍ୟା ୧୪୭ **ବିଜ୍ଞାପନ** ତା ୦୩.୦୨.୨୦୨୩

ଏତଦ୍ଦ୍ୱାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଡୁମୁଡୁମା ଚତୁର୍ଥ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ-ଏଲଆଇଜି-୪୩ **(LIG-43)** ଟିକୁ ଶେଖ୍ ମଶିଉର ରହମାନ, ପିତା- ୰ ଶେଖ୍ ହବିବର ରହମାନ, ସା/ପୋ- ଇଚାପୁର ନଓ୍ୱାବଗଞ୍ଜ, ଥା-ନଓ୍ୱାପରା, ଜିଲ୍ଲା- ୨୪ ପ୍ରଗଣା (ଉତ୍ତର) ପଶ୍ଚିମବଙ୍ଗ ନାମରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶେଖ ମଶିଉର ରହମାନ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ କଳ୍ପନା ଦେଇ, ସ୍ୱାମୀ- ଶ୍ରୀ ଚନ୍ଦ୍ରଶେଖର ରଣା, ସା/ପୋ- ସୁବର୍ଣ୍ଣପୁର, ଥା-ବାଙ୍କୀ, ଜି-କଟକଙ୍କ ନାମରେ ମାଲିକାନା ସତ୍ୱ ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦରଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା/- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥା
CAD-898 OIPR 13030/11/0160/2223

OFFICE OF THE SUPERINTENDING ENGINEER:RWSS DIVISION:BERHAMPUR
Near JaradaBunglow, Pin – 760004, Ph. 0680-2296344
eerwss_bam@nic.in rwssbam@gmail.com
Government of Odisha "e" Procurement Notice
**NATIONAL COMPETITIVE BIDDING**
Bid Identification No. **SERWSSBAM- 07/2023-24** O-201

The Executive Engineer, RWS&S Division, Berhampur, Ganjam on behalf of Governor of Odisha invites bids in Single Cover & Double cover system according to the norm of "e" Procurement system in online mode for Supply, drawing, design, construction, testing and commissioning and maintenance of different PWS Schemes and electrification works in Ganjam District from the eligible contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District. |
| 2 | No of Work (Tender) | 07 Nos. |
| 3 | Estimated cost (Approximate) | From Rs.6.01 Lahs to Rs 146.06 Lakhs |
| 4 | Period of completion | From 60 days to 360 days |
| 5 | Date & Time of availability of bid document in the Portal. | From 13-06-2023 at11.00 hrs to 28-06-2023 up to 17.00 hrs |
| 6 | Last date & time for seeking clarification | 23-06-2023 up to 17.00 hrs |
| 7 | Dt. of opening of Bid | 29-06-2023 at 11.00 hrs |
| 8 | Late date / Time for receipt of bids in the Portal | 28-06-2023 up to 17.00 hrs |
| 9 | Name & address of the Officer inviting tender. | Executive Engineer, RWSS Division, Near Jarada Bunglow, Berhampur-760004, Dist. Ganjam, Odisha. |

Further details can be seen from the e-procurement portal https://tendersorissa.gov.in

Sd/-Executive Engineer
RWS&S Division, Berhampur
OIPR 25035/11/0004/2324

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଉନ୍ନୟନମୂଳକ...

ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ ଏବଂ ତୁରନ୍ତ ସଂପୂର୍ଣ୍ଣ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ସେଠାରେ ଅବସ୍ଥାପିତ ଡାକ୍ତରମାନଙ୍କ ସହିତ ଆଲୋଚନା କରିବା ସହ ସେ ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ସେମାନଙ୍କ ଭୂମିକାକୁ ଭୁରିଭୁରି ପ୍ରଶଂସା କରିଥିଲେ । ଏହାପରେ କାଶୀପୁର ବ୍ଲକର ଖୁରିଗାଁସ୍ଥିତ ଆଦିଶକ୍ତି ମିଶନଶକ୍ତି ମା'ମାନଙ୍କୁ ଭେଟିଥିଲେ ଏବଂ ସେମାନଙ୍କ ଦ୍ୱାରା ପରିଚାଳିତ ଛତୁ ବିହନ କେନ୍ଦ୍ର ବୁଲି ଦେଖିଥିଲେ । ସେହିପରି କାଶୀପୁରରେ ଏକ କଲେଜ ଖୋଲିବା ନେଇ ରାଜ୍ୟ ସରକାର ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି ସେ କହିଥିଲେ । ଶ୍ରୀ ପାଣ୍ଡିଆନ ଏହାପରେ ବିଷମକଟକ ଯାଇ ମିଶନଶକ୍ତି ବ୍ଲକ ଲେବଲ ଫେଡେରେସନ ଦ୍ୱାରା ପରିଚାଳିତ ମିଶନଶକ୍ତି କାଫେ ବୁଲି ଦେଖିଥିଲେ ଏବଂ ମା'ମାନଙ୍କ ସହିତ ଆଲୋଚନା କରିଥିଲେ । ପରେ ସେ ଡଙ୍ଗରିଆ କନ୍ଧ ଭାଇଭଉଣୀମାନଙ୍କ ସହ ଜୀବନ ଜୀବିକା ନେଇ ଆଲୋଚନା କରିଥିଲେ । କନ୍ଧମାନଙ୍କ ଦ୍ୱାରା ପ୍ରସ୍ତୁତ କପଡ଼ା ଗୁଣ୍ଡ ଶାଲର ବିଶେଷ ଆଦର ରହିଥିବାରୁ ଏଥିରେ ଅଧିକ ଯୁବକ ଯୁବତୀଙ୍କୁ ସାମିଲ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ବିଷମକଟକ ଅଞ୍ଚଳର ଚାଟିକୋଣା ଶିବମନ୍ଦିର ପରିଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ ଏବଂ ମନ୍ଦିରର ସେବାୟତ ଓ ଟ୍ରଷ୍ଟ ବୋର୍ଡର ସଦସ୍ୟମାନଙ୍କ ସହିତ ଆଲୋଚନା ମଧ୍ୟ କରିଥିଲେ । ଏହାପରେ ଜଗନ୍ନାଥ ମନ୍ଦିର ଓ ନେଳିଆବନ୍ଧ ପରିଦର୍ଶନ କରି ଏହି ଦୁଇ ସ୍ଥାନର ବିକାଶ ପାଇଁ ଡିପିଆର ପ୍ରସ୍ତୁତ କରିବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ପଦ୍ମପୁର ବ୍ଲକର ସିଲାମୁଣ୍ଡାଠାରେ ଆରଏମସି ୟାର୍ଡରେ ଚାଷୀମାନଙ୍କୁ ଭେଟିଥିଲେ ଓ ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ । ଗୁଣୁପୁରଠାରେ ଥିବା ଶିବମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ । ଏହି ଗସ୍ତ ସମୟରେ କ୍ରୀଡ଼ା ସଚିବ ଆର.ଭିନିଲ କ୍ରିଷ୍ଣା, ରାୟଗଡ଼ା ଜିଲ୍ଲାପାଳ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଧୂଳିଝଡ଼ରେ...

ରାଜରାସ୍ତାରେ ଛାଇ ହୋଇଯାଇଥିଲା ତାତିର ପ୍ରଭାବ । ତେବେ ଅପରାହ୍ନ ୪ଟା ୧୫ ସମୟରେ ହଠାତ୍ ଆକାଶରେ ଘୋଟି ଆସିଥିଲା କଳାହାଣ୍ଡିଆ ମେଘ । ପ୍ରବଳ ବେଗରେ ବୋହିଥିଲା ପବନ । କେତେକ ସ୍ଥାନରେ ବଡ଼ ବଡ଼ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା । ଏପରିକି କେତେକ ଘରର ଆଜବେଷ୍ଟସ୍ ଓ ଛପର ଘର ଉଡି ଯାଇଥିଲା । ପ୍ରଦର୍ଶନୀ ପଡ଼ିଆରେ ଅଜନ୍ତା ସର୍କସର ଟେଣ୍ଟ ଉଡ଼ିବା ସହ ଭାଙ୍ଗି ଯାଇଥିଲା । ପ୍ରାୟ ୪୫ ମିନିଟ୍ ଧରି ଏପରି ତାଣ୍ଡବ ରଚିଥିଲା କାଳବୈଶାଖୀ । କିଛି ସ୍ଥାନରେ ଗଛ ପଡ଼ି ଘରର ପାଚେରୀ ଓ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଥିଲା । ଏପରିକି ବିଦ୍ୟୁତ ସରବରାହ ମଧ୍ୟ ଦୀର୍ଘ ସମୟ ଧରି ବାଧାପ୍ରାପ୍ତ ହୋଇଥିଲା । ସେହିପରି ଭୁବନେଶ୍ୱରର ତଳି ଅଞ୍ଚଳରେ ପାଣି ଭର୍ତ୍ତି ହୋଇଯାଇଥିଲା । ରାଜମହଲ ଛକଠାରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ରାସ୍ତା ପାଣିରେ ବୁଡ଼ି ରହିଥିଲା । ରାଜଧାନୀର ରାଜମହଲ, ଖଣ୍ଡଗିରି, ବମିଖାଲ, ପଟିଆ, ଡମଣା, ଓଲଡଟାଉନ୍ ଆଦି ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ବେଶ୍ ଅନୁଭୂତ ହୋଇଥିଲା । ସେହିପରି କଟକ ସହରରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖା ଦେଇଥିଲା । ବହୁ ସ୍ଥାନରେ ଦୁଇଚକିଆ ଓ ଚାରି ଚକିଆ ଗାଡ଼ି ଓଲଟି ପଡ଼ିଥିଲା । ପବନ କମିବା ପରେ ଏବେ ରାସ୍ତାରୁ ଗଛଗୁଡ଼ିକ ଉଠାଯାଉଥିବା ଦେଖିବାକୁ ମିଳିଛି ।

### କେରଳ ଛୁଇଁଲା...

ଜାହିର କରିଥିଲା । ସୂଚନାଯୋଗ୍ୟ ଯେ ମୌସୁମୀ କେରଳ ଛୁଇଁବାର ୧୦ ଦିନ ପରେ ସାଧାରଣତଃ ଓଡ଼ିଶା ଉପକୂଳ ଛୁଇଁଥାଏ । ତେଣୁ ଚଳିତ ମାସ ୧୯ ତାରିଖ ବେଳକୁ ମୌସୁମୀ ଓଡ଼ିଶାରେ ପ୍ରବେଶ କରିବ ବୋଲି ଏହି ବିଭାଗ ପକ୍ଷରୁ ଆଶା କରାଯାଇଥିଲେ ମଧ ନିର୍ଦ୍ଦିଷ୍ଟ ଭାବେ କେବେ ଛୁଇଁବ ସେନେଇ କୌଣସି ସୂଚନା ଦିଆଯାଇ ନାହିଁ । ସାଧାରଣତଃ ପ୍ରତିବର୍ଷ ମୌସୁମୀ ଜୁନ ୧୨ ତାରିଖ ସୁଧା ଓଡ଼ିଶା ଉପକୂଳରେ ପହଞ୍ଚିଥାଏ । ମାତ୍ର ଚଳିତ ବର୍ଷ କେରଳ ଉପକୂଳକୁ ଏହା ସପ୍ତାହେ ବିଳମ୍ବରେ ଆସିଥିବାରୁ ଓଡ଼ିଶାରେ ବି ଏହାର ପ୍ରବେଶ ଡେରି ହେବ ବୋଲି ପାଣିପାଗ ବିଜ୍ଞାନୀମାନେ କହୁଛନ୍ତି । ଚଳିତ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅତିଷ୍ଠ ହୋଇ ପଡ଼ିଛି । ଲୋକେ ବର୍ଷା କେବେ ହେବ ସେନେଇ ଆକାଶକୁ ଚାହିଁ ବସିଛନ୍ତି । ତେବେ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇ ନଥିବାରୁ ମୌସୁମୀ କେବେ ଓଡ଼ିଶାକୁ ପଶିବ ତାକୁ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇବାରେ ଲାଗିଛି ।

### ଭୀଷଣ ବାତ୍ୟାର...

ସମୁଦ୍ର ଭିତରେ ଘଣ୍ଟା ପ୍ରତି ୧୩୫ରୁ ୧୪୫ କି.ମି ବେଗରେ ପବନ ବୋହିବାରେ ଲାଗିଛି । ଜୁନ ୧୨ ସୁଧା ଏହା ଅତିଭୀଷଣ ବାତ୍ୟାର ରୂପ ନେବ ବୋଲି ଆକଳନ କରାଯାଇଛି । ବାତ୍ୟା ସମୟରେ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରି ଦିଆଯାଇଛି । ସେହିପରି ସମୁଦ୍ର ଭିତରେ ଥିବା ମତ୍ସ୍ୟଜୀବୀମାନେ ତୁରନ୍ତ କୂଳକୁ ଫେରି ଆସିବା ପାଇଁ ପରାମର୍ଶ ଦିଆଯାଇଛି । ଆରବସାଗରକୁ ଲାଗି ଥିବା ଓମାନ, ଇରାନ ଓ ପାକିସ୍ତାନ ଉପରେ ଏହି ବାତ୍ୟାର ପ୍ରଭାବ କ'ଣ ରହିବ ସେନେଇ ଆଇଏମଡି ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ ।

# ଏମସ୍ ରେ ରହିଛି ଆହୁରି ୮୨ ଟି ମୃତଦେହ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଗତ ଶୁକ୍ରବାର ବାହାନଗା ଟ୍ରେନ୍ ଦୁର୍ଘଟଣାରେ ୨୮୮ ଜଣ ପ୍ରାଣ ହରାଇଥିଲେ । ସେମାନଙ୍କ ମଧ୍ୟରୁ ଚିହ୍ନଟ ହୋଇପାରିନଥିବା ମୃତଦେହ ଗୁଡିକୁ ଭୁବନେଶ୍ୱର ଏମସ୍ ଅଣାଯାଇଥିଲା । ଚିହ୍ନଟ ହୋଇପାରିଥିବା ମୃତକଙ୍କ ସମ୍ପର୍କୀୟମାନଙ୍କୁ ଯାଞ୍ଚ ପରେ ମୃତଦେହ ପ୍ରଦାନ କରାଯାଉଛି । ଅନ୍ୟପକ୍ଷରେ ଗୋଟିଏ ମୃତଦେହର ଏକାଧିକ ଦାବିଦାର ଥିବା କିମ୍ବା ଚିହ୍ନଟରେ ଅସୁବିଧା ହେଉଥିବାରୁ ଡିଏନଏ ପରୀକ୍ଷା କରାଯାଉଛି । ଏମସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱର ଏମସ୍ କୁ ୧୬୨ ଜଣଙ୍କ ମୃତଦେହ ଅଣାଯାଇଥିଲା । ସେଥିମଧ୍ୟରୁ ୮୦ ଟିକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି । ଆଉ ୮୨ ଟିକୁ ସଂରକ୍ଷିତ କରି ରଖାଯାଇଛି । ୫୦ ଜଣ ଆବେଦନକାରୀଙ୍କ ଠାରୁ ଡିଏନଏ ସାମ୍ପୁଲ ସଂଗ୍ରହ କରାଯାଇଥିବା ବେଳେ ୨୯ଟି ସାମ୍ପଲ ଦିଲ୍ଲୀ ପଠାଯାଇଛି । ୭୦ଟି ମୃତଦେହକୁ ୪ ଟି କଣ୍ଟେନର ମଧ୍ୟରେ ରଖାଯାଇଥିବା ସୂଚନା ମିଳିଛି ।

# ହିଟ୍ ୱେଭ୍ ପାଇଁ ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଆଗାମୀ ୨ ଦିନ ପାଇଁ ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ପ୍ରକୋପ ରହିବ । ଏଥିପାଇଁ ଭୁବନେଶ୍ୱର ସ୍ଥିତ କିଛି ଜିଲ୍ଲାକୁ ହିଟ୍ ୱେଭ୍ ପାଇଁ ୱାର୍ଣ୍ଣିଂ ଜାରି କରାଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଶୁକ୍ରବାର ଝାରସୁଗୁଡା , ସମ୍ବଲପୁର, ସୁନ୍ଦରଗଡ, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଦେଖାଦେବ । ଏଥିନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟ ମଧ୍ୟରେ ମୟୁରଭଂଜ, ବାଲେଶ୍ୱର, ଭଦ୍ରକ ଗଂଜାମ ଓ ଗଜପତି ଜିଲ୍ଲାରେ କାଳବୈଶାଖୀର ସମ୍ଭାବନା ରହିଛି । ଏଥିପାଇଁ ଏ ସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଶନିବାର ଦିନ ଝାରସୁଗୁଡା , ସମ୍ବଲପୁର, ସୁନ୍ଦରଗଡ ଓ କେନ୍ଦୁଝର ଜିଲ୍ଲାରେ ହିଟ୍ ୱେଭ୍ ପାଇଁ ଚେତାବନୀ ଜାରି କରାଯାଇଛି ।

झारखण्ड सरकार ग्रामीण कार्य विभाग
मुख्य अभियंता का कार्यालय
102, द्वितीय तल्ला, अभियंत्रण भवन, कचहरी रोड, राँची

ई–अल्पकालीन पुनर्निविदा आमंत्रण सूचना
ई–अल्पकालीन पुनर्निविदा संख्या:- **01/RI/2023-24/RWD/SAHEBGANJ** दिनांक :- **08.06.2023**
मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1. | RWD/ SAHEBGANJ/ 26/SRPKG-04 /2022-23 | (i) ग्वालखोर से मिलिक पिपरा पटाल होते हुए बिन्दुपाड़ा तक पथ का विशेष मरम्मति कार्य (लं– 3.500 कि0मी0)<br>(ii) एन0एच0–80 से चापुजाम भाया गोपालपुर चांदपुर तक पथ का विशेष मरम्मति कार्य (लं– 6.100 कि0मी0)<br>(iii) एन0एच0–80 काटगोला भाया थोपग्राम होते हुए चकईटवाडंगा तक पथ का विशेष मरम्मति कार्य (लं– 3.000 कि0मी0)<br>(iv) कुसमा फाटक से कोटाल पोखर तक पथ का विशेष मरम्मति कार्य (लं– 2.400 कि0मी0)<br>(v) जलालपुर ब्रीज से मोहनपुर भाया ब्रीनाथपुर तक पथ का विशेष मरम्मति कार्य (लं– 1.500 कि0मी0) | **7,51,90,351.00** | सात करोड़ एकावन लाख नब्बे हजार तीन सौ एकावन रू0 मात्र | 09 माह | द्वितीय |

2. वेबसाईट में निविदा प्रकाशन की तिथि:– 14.06.2023
3. ई–निविदा प्राप्ति की अंतिम तिथि एवं समय:– 26.06.2023 अपराह्न 5.00 बजे तक।
4. (क) मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा (ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, साहेबगंज में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:– 27.06.2023 अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (27.06.2023 अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय:– 28.06.2023 अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001
8. ई–निविदा प्रकोष्ठ का दूरभाष सं0– 0651–2207818
9. निविदा शुल्क झारखण्ड राज्य में अवस्थित भारतीय स्टेट बैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंक ड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, साहेबगंज के पक्ष में एवं साहेबगंज में भुगतेय जमा करना होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

PR 299587 Rural Work Department(23-24)D नोडल पदाधिकारी ई–प्रोक्युर्मन्ट सेल

# ରାଜ୍ୟ ଖବର



କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନି କକ୍ଷରେ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକଙ୍କ ଅଧକ୍ଷତାରେ ଓଡିଶା ବନ୍ୟାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ପକ୍ଷରୁ ବାର୍ଷିକ ସମୀକ୍ଷା ବୈଠକ ୨୦୨୨-୨୩ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଆରସିସି ଏଫ ବାରିପଦାର ଡକ୍ଟର ଜି ପ୍ରକାଶ ଚାନ୍ଦ ଯୋଗ ଦେଇ ବୈଠକକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପାଞ୍ଚପିଡ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ପିଏ ଆଇଟିଡିଏ ଦେବଦତ୍ତ ମହାନ୍ତ, ଏଡିଏଚ ଆଶିଷ ରଞ୍ଜନ ମହାନ୍ତି ଓ ବିଶେଷଜ୍ଞଙ୍କ ଭାବେ ଡକ୍ଟର କୃଷ୍ଣ କୁମାର ନ୍ୟାଲଡା ଯୋଗ ଦେଇ ଉଜୁଡା ଜଙ୍ଗଲ ସୃଷ୍ଟି କରିବା ଏବଂ ସେଥିରୁ ଜୀବନ ଜୀବିକା ଉଠାଇବା ଉପରେ ବକ୍ତବ୍ୟ ଦେଇଥିଲେ। ପୂର୍ବ ବର୍ଷଠାରୁ ଏବର୍ଷ ପର୍ଯ୍ୟନ୍ତ କେଉଁ କେଉଁ ବିଭାଗରେ କେତେ ଉନ୍ନତି ହୋଇଛି ବା ଯଦି କୌଣସି ଅସୁବିଧା ହୋଇଛି ତାହାର ସାଧନ କରି ସେ ସବୁ କ୍ଷେତ୍ର ଗୁଡିକୁ ଆହୁରି କିପରି ଉନ୍ନତ ଏବଂ ତ୍ୱରାନ୍ୱିତ କରାଯାଇପାରିବ ଏବଂ ସମସ୍ତ ଏସଏସଜି ସଂସ୍ଥା ମାନଙ୍କରେ କାମକରୁଥିବା ମହିଳା ମାନଙ୍କୁ କିଭଳି ସ୍ୱାବଲମ୍ବି କରାଯାଇପାରିବ ତଥା ରୋଜଗାରକ୍ଷମ କରାହେବ ସେ ସମ୍ପର୍କରେ କହିଥିଲେ। କରଞ୍ଜିଆ ଏ ସି ଏଫ ଫାଲଗୁନି ବେହେରା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମରେ ରେଞ୍ଜର ପ୍ରବୀର ମୁର୍ମୁ, ପ୍ରଦୀପ ପୃଷ୍ଟି, କିଶୋର ପାଣିଗ୍ରାହୀ ପରିଚାଳନା କରିଥିଲେ। ନିଶିକାନ୍ତ ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଚିକିତ୍ସା ଅବହେଳାରୁ ଦନ୍ତାର ମୃତ୍ୟୁ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ହିନ୍ଦୋଳ ଉପଖଣ୍ଡରେ ମଣିଷ ସୁରକ୍ଷିତ ନା ଜଙ୍ଗଲୀ ଜୀବଜନ୍ତୁ, କେହି ବି ସୁରକ୍ଷିତ ନୁହଁନ୍ତି କାରଣ ସୁରକ୍ଷା ଦାୟିତ୍ୱରେ ଥିବା ବନବିଭାଗ କର୍ମଚାରୀ ମଣିଷ ଏବଂ ଜଙ୍ଗଲୀ ଜୀବଜନ୍ତୁ ଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ଫେଲ୍। ହିନ୍ଦୋଳରେ ବାରମ୍ବାର ହାତୀ ଆକ୍ରମଣରେ ନିରୀହ ଲୋକଙ୍କ ପ୍ରାଣହାନି ଘଟୁଥିଲେ ମଧ୍ୟ ବନବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ। ଅନେକ ଦିନ ଧରି ଦନ୍ତାହାତୀଟି ଅସୁସ୍ଥ ହୋଇଥିବା କଥା ପ୍ରକୃତରେ ବନବିଭାଗ ଜାଣିଥିଲା ନା ଜାଣି ନଜାଣିବାର ଅଭିନୟ କରୁଥିଲା ଯାହା ଫଳରେ ହାତୀଟିର ମୃତ୍ୟୁ ହେଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ଗୁରିଲୋ ଗ୍ରାମ କାଜୁ ଜଙ୍ଗଲ ନିକଟରେ ହାତୀ ଅସୁସ୍ଥ ହୋଇଥିବା ଗାଁ ଲୋକଙ୍କ ଠାରୁ ଖବର ପାଇ ବନବିଭାଗ କେବଳ ଧର୍ମକୁ ଆଖିଠାର ଭଳି ଚିକିତ୍ସା କରିଥିଲା। କିନ୍ତୁ ଗୁରୁବାର ସକାଳେ ଅସୁସ୍ଥ ଦନ୍ତା ହାତୀଟି ଗୁରିଲୋ କାଜୁ ଜଙ୍ଗଲ ନିକଟରେ ଥିବା ଏକ ଗାଡିଆ କୁ ପାଣି ପିଇବାକୁ ଆସିଥିବା ବେଳେ ସେଠାରେ ତାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ହାତୀଟି ଅନେକ ଦିନ ଧରି ଅସୁସ୍ଥ ଥିଲା ଏବଂ ତାର ଚିକିତ୍ସାରେ ଅବହେଳା କାରଣରୁ ହାତୀ ଟିର ମୃତ୍ୟୁ ହୋଇଛି ବୋଲି ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ତେବେ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ସଂପୃକ୍ତ କର୍ମଚାରୀ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ

ବାଲିପାଟଣା, (ଭାସ୍କର ନ୍ୟୁଜ୍): ଗତକାଲି ହୃଦଘାତ୍‌ରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବାଲିପାଟଣା ଥାନାରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ ନୟାଗଡ ଜିଲ୍ଲା ଗଣିଆ ଥାନା ଅନ୍ତର୍ଗତ କୁମ୍ଭାରିଖଣି ଗ୍ରାମର ସ୍ୱର୍ଗତ କୈଳାଶ ଚନ୍ଦ୍ର ବେହେରାଙ୍କ ପୁଅ ଭଗବାନ ବେହେରା(୩୬) ବାଲିପାଟଣା ଥାନା ଅନ୍ତର୍ଗତ ଅଠାନ୍ତର ଗ୍ରାମରେ ରହି ଏକ ଘରୋଇ ଗାଡିରେ ଡ୍ରାଇଭିଂ କରନ୍ତି। ଗତକାଲି ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରଙ୍କୁ ତାଙ୍କ ଶବ ହସ୍ତାନ୍ତର କରାଯାଇ ଥାନାରେ ଏକ ୧୩/୨୩ର ଏକ ଅପମୃତ ମାମଲା ରୁଜୁ କରାଯାଇଥିବା ଥାନା ସବ୍ ଇନ୍ସପେକ୍ଟର ମୌସୁମି ସାହୁ ସୂଚନା ଦେଇଛନ୍ତି।

## ଯାତ୍ରୀ ବିଶ୍ରାମଗାରରୁ ମୃତଦେହ ଉଦ୍ଧାର

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ଚୌଦ୍ୱାର ଥାନା ଅନ୍ତର୍ଗତ ବିରାଟ ବଜାରରେ ଥିବା ଯାତ୍ରୀ ବିଶ୍ରାମଗାରରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଚୌଦ୍ୱାର ପୁଲିସ୍ ପକ୍ଷରୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ସୂଚନାଥାଉକି, ମୃତବ୍ୟକ୍ତିଜଣକ କେ.ଦିଲ୍ଲିପ ବୋଲି ପରିଚୟ ମିଳିଥିବା ବେଳେ ସେ ଏଆରସିରେ ମାଳି ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଘର ତାଳେଚର ଡେରା ଅଂଚଳରେ ହୋଇଥିବା ବେଳେ ତାଙ୍କର ସ୍ତ୍ରୀ ଓ ଦୁଇ ଝିଅ ଥିବା ବେଳେ ଗତକାଲି ରାତିରେ କୌଣସି କାରଣରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଚୌଦ୍ୱାର ପୁଲିସ୍ ପକ୍ଷରୁ ମୃତଦେହକୁ ଉଦ୍ଧାର କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ଡାକ୍ତରଖନା ପଠାଇଯାଇଥିବା ଜଣାପଡ଼ିଛି।

## ଢେଙ୍କାନାଳ ଶିଶୁ ମନ୍ଦିରର ରୀତା ଗୁରୁମା'ଙ୍କ ଦେହାନ୍ତ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବରିଷ୍ଠ ଆଚାର୍ଯ୍ୟା ରୀତା ତ୍ରିପାଠୀଙ୍କର ଗତକାଲି ସଂଧ୍ୟାରେ କଟକ ଶାନ୍ତି ମେମୋରିଆଲ ଚିକିତ୍ସାଳୟରେ ଦେହାନ୍ତ ହୋଇଛି। ସେ ଅସୁସ୍ଥ ଥିବାରୁ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଗୁରୁମାଙ୍କ ମରଶରୀର ତାଙ୍କ ଶାଶୁଘର ଯାଜପୁରସ୍ଥିତ ଅପସରାପୁରରେ ଗତକାଲି ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଆଜି ତାଙ୍କ ଅକାଳ ବିୟୋଗରେ ଅପସରାପୁର ବାସଭବନକୁ ଶିଶୁ ମନ୍ଦିର ପରିଚାଳନା ସଦସ୍ୟ, ଗୁରୁଜୀଗୁରୁମା, ଅଭିଭାବକ ଓ ଶୁଭେଚ୍ଛୁ ପରିଦର୍ଶନ କରି ଶୋକାକୁଳ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଛନ୍ତି। ପ୍ରଥମେ ବାଲିଚନ୍ଦ୍ରପୁର ଶିଶୁ ମନ୍ଦିରରୁ କାର୍ଯ୍ୟ ଆରମ୍ଭ କରି ଅନୁଗୁଳ ଓ ପରେ ଢେଙ୍କାନାଳରେ ମୋଟ ୨୯ ବର୍ଷ ଧରି ଜଣେ ସରଳ, ନିଷ୍କପଟ, ସ୍ନେହଶୀଳା, ମେଳାପୀ, ଛାତ୍ରବତ୍ସଳ, ସଂଗଠନ ପ୍ରେମୀ, ଚଳଚଞ୍ଚଳା ଗୁରୁମା ଭାବେ ସେବା ଯୋଗାଇ ଥିଲେ। ଶିକ୍ଷା ବିକାଶ ସମିତି ଅଧୀନରେ ଢେଙ୍କାନାଳ ବିଭାଗର ଶିଶୁ ବାଟିକା ପ୍ରମୁଖ ଦାୟିତ୍ୱରେ ଥିଲେ। ଶିଶୁ ବାଟିକାରେ କୁନି କୁନି ଶିଶୁମାନଙ୍କର ସେ ମାଆ ପରି ଯତ୍ନ ନେବା ସହ ତାଙ୍କ ବିଭାଗର ବଡ ଭଉଣୀ ସଦୃଶ ଥିଲେ। ବିଦ୍ୟାଳୟ ଓ ସଂଗଠନକୁ ନିଜ ପରିବାର ଠାରୁ ଅଧିକ ଗୁରୁତ୍ୱ ଦେଉଥିଲେ। ତାଙ୍କ ବିୟୋଗରେ ଶିଶୁ, ଅଭିଭାବକ, ଗୁରୁଜୀ ଗୁରୁମା, ପରିଚାଳନା ସମିତି, ଶିକ୍ଷା ବିକାଶ ସମିତି,ସଂଘ କାର୍ଯ୍ୟକର୍ତ୍ତା ତଥା ନଗରର ବହୁ ଶୁଭେଚ୍ଛୁ ମାନଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି।

# ଅବହେଳିତ ସାନପଦର ସର୍ବ ପୁରାତନ ଜଗନ୍ନାଥ ମନ୍ଦିର



ବୋଲଗଡ, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାନପଦର ଗ୍ରାମରେ କାହିଁ କେଉଁ କାଳରୁ ବଡ଼ ମଠ ସାହି ଠାରେ ଜଗନ୍ନାଥ ମନ୍ଦିର ରହିଅଛି। ବିଭିନ୍ନ ପାଠ୍ୟ ପୁସ୍ତକରେ ସାନପଦର ଗ୍ରାମରର ଜଗନ୍ନାଥ ମନ୍ଦିର ସମ୍ପର୍କରେ ଉଲ୍ଲେଖ ଥିବା ବେଳେ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଅଛି। ରାଜା ରଜୁଡ଼ା ଅମଳରୁ ଚତୁର୍ଦ୍ଧାମୂର୍ତ୍ତି ପୂଜିତ ପାଉଥିବା ବେଳେ ନିକଟରେ ସାନ ମଠ ଓ ବଡ଼ ମଠ ରହିଅଛି। ସେତେବେଳେ ଏହି ମଠକୁ ରାଜସ୍ଥାନ ରାଜ୍ୟର ସାଧୁ ସମେତ ବିଭିନ୍ନ ରାଜ୍ୟରୁ ସାଧୁମାନେ ଓଟରେ ଆସି ରହୁଥିବା କଥା ଲୋକମାନେ ପ୍ରକାଶ କରିଅଛନ୍ତି। ଜଗନ୍ନାଥ ମନ୍ଦିରରେ ପର୍ବ ପର୍ବାଣୀ ମଧ୍ୟରେ ଶରତ ରାସ, ଝୁଲଣ, ମହା ସ୍ନାନ ଓ ପୁରୀ ଜଗନ୍ନାଥ ମନ୍ଦିରର ନୀତି କାନ୍ତି ଅନୁସାରେ ବିଭିନ୍ନ ପର୍ବ ପର୍ବାଣୀ ପାଳନ କରାଯାଉଛି। ପ୍ରାଚୀନ କାଳରୁ ଓଡ଼ିଆ ସଂସ୍କୃତି ଓ ପରମ୍ପରା ଅନୁସାରେ ଏହି ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ପୂଜା ପାଉଥିଲେ ମଧ୍ୟ ଆଜି ଅସ୍ତିତ୍ୱ ହରାଇବାକୁ ବସିଲାଣି। ବୋଲଗଡ ବ୍ଲକରେ ଯେତେ ଜଗନ୍ନାଥ ମନ୍ଦିର ରହିଛି ଏହି ଜଗନ୍ନାଥ ମନ୍ଦିରର ରହିଛି ସ୍ୱତନ୍ତ୍ରତା। ରାଜ୍ୟ ସରକାର ବିଭିନ୍ନ ମଠ ମନ୍ଦିରକୁ ଆର୍ଥିକ ସହାୟତାରେ ଉନ୍ନତି କରଣ କରୁଥିବାବେଳେ ଏହି ଜଗନ୍ନାଥ ମନ୍ଦିର ପ୍ରତି ନଜର ନପଡ଼ିବା ଜଗନ୍ନାଥ ପ୍ରେମୀଙ୍କ ମନରେ ଆଘାତ ସୃଷ୍ଟି ହୋଇଅଛି।ଏହି ମନ୍ଦିରର ରକ୍ଷଣ ବେକ୍ଷଣ ଅଭାବରୁ ମନ୍ଦିର ଗମ୍ଭୀର ଗୃହ, ଗରୁଡ଼ ସ୍ତମ୍ଭ, ମନ୍ଦିରର ବାହାର ପାର୍ଶ୍ୱ ଓ ପାଚେରୀ ଜରାଜୀର୍ଣ୍ଣ ଅବସ୍ଥା ରେ ପଡ଼ିରହିଛି। ଏହି ପୁରାତନ ଜଗନ୍ନାଥ ମନ୍ଦିରକୁ ଉନ୍ନତିକରଣ ପାଇଁ ରାଜ୍ୟ ସରକାର, ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଓ ଖୋର୍ଦ୍ଧା ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାନ ପଦର ଗ୍ରାମବାସୀମାନେ ଅନୁରୋଧ କରିଅଛନ୍ତି।

● ହଜିଗଲା ମାନବିକତା ●

# କ୍ଲବ୍ ପିଲା ଭାଙ୍ଗିଲେ ଦଳିତ ମହିଳାଙ୍କ ଘର

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ଅରିଲୋ ଗ୍ରାମରେ କ୍ଲବ ପିଲା ରାତି ଅଧରେ ମାଟି କାମ କରିବା ସହିତ ଟ୍ରାକ୍ଟର ମାଡ କରି ଜରେ ଦଳିତ ମହିଳାଙ୍କ ଘର ଭାଙ୍ଗିଥିବା ବେଳେ ପ୍ରତିବାଦ କରିବାରୁ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରି ଜାତିଆଣ ଆକ୍ଷେପ କରିବା ଘଟଣାରେ ନିମାପଡା ଥାନା ପୋଲିସ ଗୁରୁତର ଦଫାରେ ମାମଲା ରୁଜୁ କରି ଘଟରାର ଅନୁସନ୍ଧାନ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ ନିମାପଡା ଥାନା ଅରିଲୋ ଗ୍ରାମର ଅନିତା ମଲିକ ଅଭିଯୋଗ କରିଛନ୍ତି ବିଳମ୍ବିତ ରାତ୍ରରେ କ୍ଲବ ପିଲା ମାଟି ଟ୍ରାକ୍ଟର ଆଣି ତାଙ୍କ ଘରେ ମାଡ କରିବାରୁ ଘରଟି ଭାଙ୍ଗିଯାଇଥିଲା । ପ୍ରତିବାଦ କରିବାରୁ କ୍ଷତିପୁରଣ ଦେବେ କହି କ୍ଲବ ପିଲାମାନେ ଫାଙ୍କି ଚାଲିଥିଲେ। ମହିଳା ଏହାକୁ ପ୍ରତିବାଦ କରିବାରୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମହିଳାଙ୍କ ସ୍ୱାମୀଙ୍କୁ ଅଶ୍ଳିଳ ଭାଷା ପ୍ରୟୋଗ କରି ମାହ ମାରିଥିଲେ। ମହିଳା ସେଠାରେ ପହଞ୍ଚି ନିଜ ସ୍ୱାମୀଙ୍କୁ ଆକ୍ରମଣକାରୀଙ୍କ କବଳରୁ ରକ୍ଷା କରିବା ସମୟରେ ମହିଳାଙ୍କୁ ଟଣା ଓଟରା କରି ମାଡ ମାରିଥିଲେ। ଏପରି କାଣ୍ଡ ଭିଆଇଥିବା ଅଭିଯୁକ୍ତମାନଙ୍କ ନାମ ହେଉଛି ଗୁରୁ ଜେନା, ଗୁଡିଆ ଜେନା, ପୁନା ଜେନା ଓ ୭ ଜଣ ସହଯୋଗୀ । ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ଆଇପିସି ଧାରା ୩୪୧/୨୯୪/୩୨୩/୩୫୪/୫୦୬/୩୪ ଏବଂ ୩ ଦଳିତ ଆକ୍ଟରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି ।

## ମଦ୍ରାସାରେ ନାବାଳକଙ୍କୁ ଯୌନ ନିର୍ଯାତନା ମାମଲା: ଅଭିଯୁକ୍ତ କୋର୍ଟଚାଲାଣ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଥାନା ମଝିଖଣ୍ଡ ନଳିତାପାରି ବସ୍ତିରେ ଚାଲିଥିବା ମଦ୍ରାସାରେ ନାବାଳକଙ୍କୁ ଯୌନ ନିର୍ଯାତନା ଘଟଣାରେ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ଓଡିଶା ଭାସ୍କରରେ ଖବର ପ୍ରସାରଣ ପରେ ନିଆଳୀ ପୋଲିସ୍ ନିକଟରେ ଚାଇଲଡ୍ ହେଲପଲାଇନ ପକ୍ଷରୁ ଅଭିଯୋଗ କରାଯିବା ପରେ ନିଆଳୀ ଥାନା ଆଇ.ଆଇ.ସି. ବିଜୟ କୁମାର ମଲ୍ଲିକ ଘଟଣାକୁ ଗୁରୁତର ଭାବରେ ନେଇ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତ ହାପିଜ୍ ମହମ୍ମଦ ରିଆନଉଲ୍ଲାଦଙ୍କୁ ଗିରଫ କରିଛି। ନିଆଳୀ ଥାନାରେ କେଶ୍ ନଂ. ୨୧୯/୨୦୨୩ରେ ମାମଲା ରୁଜୁ କରି ଦଫା ୩୭୭, ୩୭୦, ୩୨୩ ଆଇପିସି ପୋକସୋ ଆକ୍ଟ ୨୦୧୨ରେ କୋର୍ଟ ଚାଲାଣ କରିଛି। ଏହି ଥାନା ଅଧିନରେ ଅନେକ ମାଦ୍ରାସା ଚାଲୁଥିବା ବେଳେ ନିଆଳୀ ଶିକ୍ଷା ବିଭାଗ ଅଧିକାରୀଙ୍କ ପାଖରେ କୌଣସି ସୂଚନା ନାହିଁ ବୋଲି ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରଧାନ କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ନିଆଳୀ ବଜାର ଠାରୁ ମାତ୍ର ୫୦୦ ମିଟର ଦୂରରେ ଏଭଳି ଘଟଣା ଘଟୁଥିବା ବେଳେ ଅନ୍ୟ ମାଦ୍ରାସାର ସ୍ଥିତି କିଭଳି ରହିଥିବା ତାହା ତଦନ୍ତ କଲେ ପ୍ରକୃତ ସତ୍ୟ ପଦାକୁ ଆସିବ। ଏପରିକି ଏଠାରେ ଦିର୍ଘଦିନ ଧରି କୁହାଯାଉଥିବା ଅନୁନ୍ୟ ୭ଟି ମାଦ୍ରାସା ଚାଲୁଥିବା ବେଳେ ନିଆଳୀ ପ୍ରଶାସନ କିଭଳି ଭାବେ ଏହା ଜାଣିପାରୁ ନାହିଁ ତାହା ଆଶ୍ଚର୍ଯ୍ୟ ଚକିତ କରିଛି। ଆଗାମୀ ଦିନରେ ଅନ୍ୟ ମାଦ୍ରାସା ଉପରେ ପ୍ରଶାସନ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବା ବାକି ରହିଲା। ଜିଲ୍ଲା ପ୍ରଶାସନ, ବିଭାଗୀୟ ମନ୍ତ୍ରୀ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏଠାରେ ସୂଚନା ଥାଉକି ଗତ ୩ ଦିନ ତଳେ ଉକ୍ତ ମାଦ୍ରାସାରେ ନିର୍ଯ୍ୟାତନା ସହି ନ ପାରି ୨ ଜଣ ନାବାଳକ ମାଦ୍ରାସା ଛାଡି ଫେରାର ହେଉଥିବା ବେଳେ ଅପୂଜା ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଚାଇଲଡ୍ ହେଲପଲାଇନକୁ ହସ୍ତାନ୍ତର କରିଥିଲେ। ଖବର ଅନୁଯାୟୀ ଉକ୍ତ ମାଦ୍ରାସାରେ ବିହାର ଓ ଝାଡଖଣ୍ଡ ଅଞ୍ଚଳର ୧୭ ଜଣ ନାବାଳକ ରହିଛନ୍ତି।

## ରାସ୍ତା ଉପରେ ପଡିଥିବା ହାଇୱା ଉଠିଲା

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ଥାନା ସମ୍ମୁଖ ପିଡିକେ ରାସ୍ତାରେ ଗତ ୧୫ଦିନ ଧରି ପଡି ରହିଥିବା ଦୁଇଟି ହାଇୱା ଟ୍ରକ୍ ଯୋଗୁଁ ଲୋକଙ୍କ ଯାତାୟତରେ ନାହିଁ ନ ଥିବା ବାଧା ସୃଷ୍ଟି ହେଉଥିଲା। ଏ ସଂକ୍ରାନ୍ତରେ ଦୈନିକ ଖବର କାଗଜ ଓଡ଼ିଶା ଭାସ୍କରରେ ଖବର ପ୍ରସାରଣ ପରେ ଡେଲାଙ୍ଗ ପୋଲିସ୍ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି ।ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ବିଳମ୍ବିତ ରାତିରେ ଏହି ହାଇୱା ଟ୍ରକ୍ ଦୁଇଟିକୁ ଥାନା ସମ୍ମୁଖ ରାସ୍ତା ପାର୍ଶ୍ୱରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଦିଗରେ ପୋଲିସ୍ ପଦକ୍ଷେପ ନେଇ ଥିବାରୁ ବୁଦ୍ଧିଜୀବୀମାନେ ବିଳମ୍ବରେ ହେଲେ ମଧ୍ୟ ଡେଲାଙ୍ଗ ପୋଲିସର ତତ୍ପରତା ପ୍ରତି ଉଚ୍ଚ ପ୍ରଶଂସା କରିଛନ୍ତି ।ସେହିପରି ଆଗାମୀ ଦିନରେ ଏତାଦୃଶ ଅବ୍ୟବସ୍ଥା ଦିଗରେ ପୋଲିସ୍ ସଚେତନ ହେବାକୁ ଜନସାଧାରଣ ଆଶା ପ୍ରକଟ କରିଛନ୍ତି।

'ଓଡ଼ିଶା ଭାସ୍କର' ପ୍ରଭାବ

## ଅଭିନବ ଢଙ୍ଗରେ ମଧ୍ୟପ୍ରଦେଶରୁ ଲକ୍ଷାଧିକ ଟଙ୍କାର ଶୁଖିଲା ଲଙ୍କା ଠକେଇ

ବାଲିପାଟଣା, (ଭାସ୍କର ନ୍ୟୁଜ୍): ଅଭିନବ ଢଙ୍ଗରେ ମଧ୍ୟପ୍ରଦେଶରୁ ଲକ୍ଷାଧିକ ଟଙ୍କାର ଶୁଖିଲା ଲଙ୍କା ଠକେଇ କରି ବାଲିପାଟଣା ଥାନା ଅନ୍ତର୍ଗତ ବନମାଳିପୁର କୁ ନେଇଯାଇଥିବା ଏକ ଠକକୁ ଗିରଫ୍ କରିବା ପାଇଁ ମଧ୍ୟପ୍ରଦେଶ ପୁଲିସ୍ ଏବଂ ଠକେଇର ଶିକାର ହୋଇଥିବା ବ୍ୟବସାୟୀ ବନମାଳିପୁର ରେ ଆଜି ପହଁଚିବା ନେଇ ବାଲିପାଟଣା ରେ ଆଲୋଡନ ସୃଷ୍ଟି କରିଛି। ଘଟଣା ଅନୁଯାୟୀ ମଧ୍ୟପ୍ରଦେଶ ଜିଲ୍ଲାର ରବି ବାନ୍ଦ୍ରାଙ୍କ ଶୁଖିଲା ଲଙ୍କା ହୋଲସ୍ଲେ ବେପାର କରନ୍ତି। ତାଙ୍କର ଗତ ମାସ ୨୫ ତାରିଖରେ ଏକ ଟ୍ରକରେ ପ୍ରାୟ ୧୨ ଲକ୍ଷ ଟଙ୍କାର ୧୦ ଟନ୍‌ରୁ ଉର୍ଦ୍ଧ ଶୁଖିଲା ଲଙ୍କା ବୋଝେଇ ହୋଇ ଗୋରଖପୁରକୁ ବାହାରି ଥିଲା କିନ୍ତୁ ବନମାଳିପୁରର ପ୍ରଶାନ୍ତ ସାହୁ ଉକ୍ତ ଟ୍ରକ ଡ୍ରାଇଭରକୁ ହାତ କରି ବନମାଳିପୁରକୁ ନେଇ ଆସିଥିଲା। ଗନ୍ତବ୍ୟ ସ୍ଥଳରେ ଗାଡି ନପହଁଚିବାରୁ ରବି ବାନ୍ଦ୍ରା ମଧ୍ୟପ୍ରଦେଶ ଥାନାରେ ଅଭିଯୋଗ କରି ପୁଲିସ୍ ସହାୟତାରେ ଡ୍ରାଇଭର ମୋବାଇଲ୍‌କୁ ଟ୍ରେସ୍ କରି ବନମାଳିପୁରରେ ଆଜି ପହଁଚିଥିଲେ। ବନମାଳିପୁର ଥାନା ପୁଲିସ୍ ପ୍ରଶାନ୍ତର ଦୋକାନ ଘରକୁ ପହଁଚିଥିଲେ କିନ୍ତୁ ପ୍ରଶାନ୍ତ ଫେରାର୍ ହୋଇଯାଇଥିଲା। ଖବର ଲେଖା ଯାଏଁ ତଦନ୍ତ ଜାରି ରହିଥିବା ସୂଚନା। ସୂଚନାଯୋଗ୍ୟ ଯେ ପ୍ରଶାନ୍ତ ପୂର୍ବରୁ ଏହିଭଳି ଅଭିନବ ଉପାୟରେ ବହୁ ବ୍ୟବସାୟୀକୁ ଠକିଥିବା ଅଭିଯୋଗ ହୋଇଛି।

## ନାବାଳିକାକୁ ଉଠାଇନେବା ଓ ପୋଲିସକୁ ଦୁର୍ବ୍ୟବହାର କରିବା ଘଟଣାରେ ୨ ଗିରଫ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ତାରସିଂ ଥାନା ଅନ୍ତର୍ଗତ ମାଙ୍କଡକୁମ୍ଭା ଗ୍ରାମରୁ ନାବାଳିକାକୁ କନ୍ଧମାଳ ଜିଲ୍ଲା ଫୁଲବାଣୀ ଥାନା ଅନ୍ତର୍ଗତ ନୂଆଁପଦର ଗ୍ରାମର ଜଗନ୍ନାଥ ନାଇକ ଉଠାଇ ନେଉଥିବା ବେଳେ ଜଗନ୍ନାଥ ଓ ନାବାଳିକାକୁ ଗ୍ରାମବାସୀ ଧରି ତାରସିଂ ପୁଲିସକୁ ହସ୍ତାନ୍ତର କରିଥିଲେ।ଏହି ଘଟଣାକୁ ନେଇ ତାରସିଂ ପୁଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ମାଙ୍କଡକୁମ୍ଭା ଗ୍ରାମର ବିଭୂତି ପରିଛା ଗାଳିଗୁଲଜ କରିବା ଘଟଣାରେ ବିଭୂତି ଓ ଜଗନ୍ନାଥକୁ ଗିରଫ କରି ତାରସିଂ ଥାନା କେସନଂ ୧୯୦,୧୯୨/୨୩ ଦୁଇଟି ମାମଲା ରୁଜୁକରି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଦିପ୍ତ କୁମାର ଦାସ କହିଛନ୍ତି। ଖବର ନେବାରେନୂଆଁପଦର ଗ୍ରାମର ଜଗନ୍ନାଥ ମାଙ୍କଡକୁମ୍ଭା ଗ୍ରାମର ଜୈନିକ ନାବାଳିକାଙ୍କ ମଧ୍ୟରେ ବହୁଦିନ ହେଲା ପ୍ରେମ ସଂପର୍କ ରହିଥିବା ବେଳେ ସେହି ଗ୍ରାମର ଜଣେ ଯୁବକ ଦୁହେଁଙ୍କୁ ସହଯୋଗ କରିଆସୁଥିଲେ। ବୁଧବାର ଭୋର ସମୟରେ ଜଗନ୍ନାଥ ଏକ ସ୍କୁଟି ଧରି ମାଙ୍କଡକୁମ୍ଭା ଗ୍ରାମରେ ପହଞ୍ଚି ନାବାଳିକାକୁ ସ୍କୁଟିରେ ବସାଇ ନେବାକୁ ଉଦ୍ୟମ କରୁଥିବା ବେଳେ ଉଭୟଙ୍କୁ ଗ୍ରାମବାସୀ ଧରି ତାରସିଂ ପୁଲିସକୁ ଜଣାଇବା ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚିବା ପରେ ଉଭୟଙ୍କୁ ଗ୍ରାମବାସୀ ହସ୍ତାନ୍ତର କରିଥିଲେ। ଏହି ଘଟଣାକୁ ନେଇ ସେହି ଗ୍ରାମର ବିଭୂତି ପରିଛା ଗ୍ରାମବାସୀଙ୍କୁ ଓ ପୁଲିସକୁ ଗାଳିଗୁଲଜ ଓ ଗଣ୍ଡଗୋଳ କରିବାରୁ ବିଭୂତିଙ୍କୁ ମଧ୍ୟ ପୁଲିସ ଗିରଫ କରିଥିଲା। ଏହି ଘଟଣାରେ ବ୍ୟବହୃତ ସ୍କୁଟିକୁ ମଧ୍ୟ ପୁଲିସ ଜବତ କରିଛି।

## ବୋହୂକୁ ନିର୍ଯାତନା

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ପ୍ରେମ ବିବାହ ଯୁବତୀଙ୍କ ପାଇଁ ମହଙ୍ଗା ସାବସ୍ତ୍ୟ ହୋଇଛି। ଶାଶୁ ଘର ପରିବାର ଲୋକେ ୨ଲକ୍ଷ ଯୌତୁକ ଟଙ୍କା ପାଇଁ ଅନ୍ତସତ୍ତ୍ୱା ମହିଳାଙ୍କୁ ନିର୍ଯାତନା ଦେଉଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ଗୁରୁତର ଦଫାରେ ମାମଲା ରୁଜୁ କରି ଘଟଣା ତଦନ୍ତ ଜାରି ରଖିଛି । ମିଳିଥିବା ସୂଚନା ଅନୁଯାୟୀ ଗତ ମାର୍ଚ୍ଚ ମାସରେ ସୋନାଲି ଦାସ ନାମକ ମହିଳା ରେଞ୍ଚ ଖେଲାର ଗ୍ରାମ ଆଶୁତୋଷ ବେହେରାଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ମହିଳା ପତ୍ନୀ ଭାବେ ନିଜ ଶାଶୁ ଘରେ ରହିଥିବା ବେଳେ ଦୁଇଲକ୍ଷ ଟଙ୍କା ଯୌତୁକ ପାଇଁ ଶାଶୁ ଜୋସ୍ନାରାଣୀ ଓ ନଣନ୍ଦ ମମତା ବେହେରା ମଲ୍ଲୁ ବେହେରା ମାଡ ମାରି ଖାଇବାକୁ ନଦେଇ ଗାଳିମନ୍ଦ କରିବା ସହ ବାପଘରୁ ୨ଲକ୍ଷ ଟଙ୍କା ଆଣିବା ପାଇଁ ଦାବି କରିବା ସହିତ ଯୌତୁକ ନଆଣିଲେ ଏଠାରୁ ପଳାଇବାକୁ ବାଧ କରୁଛନ୍ତି। ମହିଳା ଅନ୍ତସତ୍ତ୍ୱା ଥିଲେ ମଧ୍ୟ ଏହାକୁ ଭ୍ରୁକ୍ଷେପ ନକରି ଯୌତୁକ ଲୋଭୀ ଶାଶୁ ନଣନ୍ଦଙ୍କ ନିର୍ଯାତନା ସହିନପାରି ମହିଳା ତାଙ୍କ ବାପଘର ଟିକନା ଗ୍ରାମକୁ ପଳାଇଆସିଛନ୍ତି। ପରେ ଏ ସଂପର୍କରେ ନିମାପଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଉତ୍କଳ ଆୟୁର୍ବେଦିକ ଫାର୍ମାସିରେ ଦୁର୍ନୀତି: ଡିଆର୍‌ସିସିର ତଦନ୍ତ

ଆସିକା, (ଭାସ୍କର ନ୍ୟୁଜ୍): ଆସିକା ସ୍ଥିତ ଉତ୍କଳ ଆୟୁର୍ବେଦିକ ଫାର୍ମାସିରେ ନିର୍ଦ୍ଦେଶକମାନଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଏବଂ ଅର୍ଥ ହେରଫେର ସାଙ୍ଗକୁ କର୍ମଚାରୀଙ୍କ ଦରମା ବନ୍ଦର ପୁଞ୍ଜିଭୂତ ଅସନ୍ତୋଷ ଆଜି ଉଗ୍ରରୂପ ନେଇଛି। ପ୍ରବଳ ପାଟିତୁଣ୍ଡ, ଧସ୍ତାଧସ୍ତି ଏବଂ ବାଦ ବିବାଦ ମଧ୍ୟରେ ଆଲୋଚନା ବୈଠକ ସଫଳ ହୋଇ ପାରିଲାନି। ଫର୍ମାସୀର ଏସବୁ ତଦନ୍ତ ପରିସର ଭୁକ୍ତ ହେବା ଓ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ନେଇ ଅନୁସନ୍ଧାନ ମୂଳକ ରିପୋର୍ଟ ସମବାୟ ବିଭାଗ ପାଖରେ ହସ୍ତଗତ ହେବାପରେ ଫର୍ମାସୀ କୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରୟାସ ହୋଇଛି। ଏକ ପ୍ରକାର ଅଚଳ ଅସ୍ଥାରେ ପହଁଚି ଥିବା ସମବାୟ ଭିତ୍ତିକ ଉକ୍ତ ଫର୍ମାସୀ କୁ ଚଳାଇବା ନିମନ୍ତେ ତତ୍ପରତା ହୋଇଛି। ସମସ୍ତ ଅନିୟମିତାର ନଥିପତ୍ର ସାଙ୍ଗକୁ ପ୍ରମାଣ ସ୍ୱରୂପ ବ୍ରହ୍ମପୁର ସମବାୟ ଉପନିବନ୍ଧକ (ବ୍ରହ୍ମପୁର)ବିଶ୍ୱରଂଜନ ଦାସ ଉପଲବ୍ଧ କରିଥିଲେ।ତଥାପି ସେ ବହିଷ୍କୃତ ସଂପାଦକ ସ୍ଥାନରେ ନୂତନ ସମ୍ପାଦକଙ୍କୁ ଆର୍ଥିକ କ୍ଷମତା ପ୍ରଦାନ କରି ଫର୍ମାସିକୁ କାର୍ଯ୍ୟକ୍ଷମ କରିବା ଏବଂ କମିଟକୁ ନିର୍ବାଚିତ ସଦସ୍ୟଙ୍କ ମଧ୍ୟରେ ବୁଝାମଣା କରାଇବାକୁ ପ୍ରୟାସ କରିଥିଲେ।ହେଲେ ମଧ୍ୟ ତାହା ସଫଳ ହୋଇପାରିଲାନି। ଅନ୍ୟପଟେ ଦୀର୍ଘଦିନ ହେଲା କର୍ମଚାରୀ ଙ୍କ ଦରମା ବନ୍ଦ ଅନ୍ୟଏକ ସମସ୍ୟା ଉଠିଥିଲା। ନୂତନ ସମ୍ପଦକ ହାତରେ ଆର୍ଥିକ କ୍ଷମତା ନଥିବାରୁ କର୍ମଚାରୀଙ୍କ ଦରମା ପ୍ରଦାନ ଏବଂ ଫର୍ମାସିର କାରବାର ଉପରେ ଘୋର ପ୍ରଭାବ ପକାଇଛି।ଏସବୁର ସବିଶେଷ ରିପୋର୍ଟ ଉପରିସ୍ଥିତ ଅଧିକାରୀଙ୍କୁ ତାଙ୍କ ରିପୋର୍ଟ ପଠାଇବେ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି।ସ୍ୱାଧୀନତା ପୂର୍ବରୁ ପ୍ରତିଷ୍ଠିତ ଏହି ଫାର୍ମାସି ଓଡ଼ିଶା ସହିତ ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶରେ ଉତ୍ପାଦିତ ଔଷଧ ବିକ୍ରି କରୁଥିଲା।କିନ୍ତୁ ଏହି ଫାର୍ମାସି ନିଜର ପୂର୍ବ ଗରିମା ହରାଇବା ସହ ଦୁର୍ନୀତି ଏବଂ ଅନିୟମିତତାରେ ଉବୁଟୁବୁ ହେଉଛି। ଆଉ ନିଜର ଅସ୍ତିତ୍ୱ ପାଇଁ ସଂଘର୍ଷ କରିଆସୁଛି। ଫାର୍ମାସିରେ ଔଷଧ ପ୍ରସ୍ତୁତି ପାଇଁ କିଣାଯାଉଥିବା କଞ୍ଚାମାଲ୍ ଏବଂ ପାରଦ ଓ ଔଷଧ ବ୍ୟାପକ ଦୁର୍ନୀତି ଅଭିଯୋଗ ହୋଇଥିଲା

## ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପରିବାରକୁ ଭେଟିଲେ ବିଭିନ୍ନ ନେତୃ ମଣ୍ଡଳୀ

କୋରେଇ, (ଭାସ୍କର ନ୍ୟୁଜ୍): ଗତକାଲି ଯାଜପୁର ରୋଡ଼ରେ ଘଟିଥିବା ରେଳ ଦୁର୍ଘଟଣା ରେ ମୃତ୍ୟୁ ବରଣ କରିଥିବା ବନ୍ଧାଳୋ ପଞ୍ଚାୟତର ବାଲିଆପାଳ ଓ ଗମାରୀୟା ଗ୍ରାମର ୫ ଜଣ ଓ ମୁକୁନ୍ଦପୁର ପଞ୍ଚାୟତ ର ଓଷଳା ଗ୍ରାମର ଜଣେ ବ୍ୟକ୍ତିଙ୍କର ଗତକାଲି ରାତି ଓ ଆଜି ସକାଳୁ ସମସ୍ତଙ୍କର ଶେଷ କୃତ୍ୟ ଗାଁ ସ୍ମଶାନ ରେ ଶେଷ ହୋଇଛି।ଏହି ଦୁଖଃଦ ସମୟ ରେ ସମସ୍ତ ମୃତକ ପରିବାରକୁ ଆଜି ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହିତ ବିଜେଡିର ଏକ ନେତୃମଣ୍ଡଳୀ ଭେଟିଥିଲେ, ସବୁ ମୃତକଙ୍କ ପରିବାରକୁ ସାଙ୍ଗଠନିକ ସମ୍ପାଦକ ବେକ୍ତିଗତ ଭାବେ ଏକ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଦେବା ସହିତ ସ୍ଥାନୀୟ ତହସିଲଦାର ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ କୋଡିଏ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହଯୋଗ କରିବା ସହିତ ସମସ୍ତ ପରିବାର କୁ ସମବେଦନା ଜଣାଇ ଥିଲେ। ଆଜି ଏହି ନେତୃ ମଣ୍ଡଳୀରେ କୋରେଇର ବିଧାୟକ ଅଶୋକ ବଳ, ଯାଜପୁର ଜିଲ୍ଲା ପରିଷଦ ଅଧକ୍ଷ୍ୟା ନଳିନୀ ପ୍ରଭା ଯେନା, ଉପାଧକ୍ଷ ଗଣେଶ୍ୱର ବରାଳ,ଯାଜପୁର ବିଜେଡି ଯୁବ ସଭାପତି ପ୍ରତାପ ମହାନ୍ତି, କୋରେଇ ବ୍ଲକ ଅଧକ୍ଷ୍ୟା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ୍ୟ ପ୍ରଫୁଲ୍ଲ ଦାସ,ଜିଲ୍ଲା ପରିଷଦ ସଭ୍ୟ ଉମାକାନ୍ତ ମାଝୀ,ଭିକାରୀ ବରାଳ,ବିଜେଡି ଯୁବ ନେତା ସୌଭାଗ୍ୟ ମହାନ୍ତି, ପ୍ରଶାନ୍ତ ମହାପାତ୍ର, ତାରକ ମହାନ୍ତି, ରାକେଶ ମହାନ୍ତି,ସୁରେଖା ସେଠୀ, ନୀଳାଦ୍ରି ଭୂଷଣ ସାହୁ, ଅଜୟ ମହାକୁଡ଼ ପ୍ରମୁଖ ବେକ୍ତି ମାନେ ଉପସ୍ଥିତ ଥିଲେ।ଅନ୍ୟ ପଟେ କୋରେଇ କଂଗ୍ରେସ ନେତା ହରେକୃଷ୍ଣ ସାହୁ, ବିଦ୍ୟାଧର ମହାନ୍ତି, ସି ପି ଆଇ ନେତା ଆଲୋକ ମହାନ୍ତି ଆଦି ବିଭିନ୍ନ ଦଳ ର ପ୍ରତିନିଧି ମାନେ ଅସହାୟ ପରିବାର ମାନଙ୍କୁ ଭେଟି ସମବେଦନା ଜଣାଇ ଥିଲେ, କଂଗ୍ରେସ ନେତା ବିଦ୍ୟାଧର ମହାନ୍ତି ଓ ବନ୍ଧାଳୋ ର ସରପଞ୍ଚ ବିଷ୍ଣୁ ଚରଣ ରଥ ମୃତକ ଙ୍କ ପରିବାର କୁ ରେଳବାଇ ୨୦ ଲକ୍ଷ ଟଙ୍କା କ୍ଷେତି ପୂରଣ ସହିତ ପରିବାରର ଜଣକୁ ରେଳବାଇରେ ଚାକିରି ଦେବା ପାଇଁ ଦାବି କରିଛନ୍ତି।

## ବିଶୃଙ୍ଖଳିତ ଯୁବକ ଗିରଫ

କୁକୁଡାଖଣ୍ଡି, (ଭାସ୍କର ନ୍ୟୁଜ୍): ଦିଗପହଣ୍ଡି ଥାନା ଅଧିନ କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ମହୁଡା ଗ୍ରାମରେ ଗୁରବାର ସକାଳେ ଜଣେ ଯୁବକ ଗ୍ରାମରେ ପଶି କିଛି ଗ୍ରାମବାସୀଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇ ବିଶୃଙ୍ଖଳା ସୃଷ୍ଟି କରୁଥିଲା। ତେବେ ଗ୍ରାମବାସୀ ଏଥିରେ ଅତିଷ୍ଠ ହୋଇ ମହୁଡା ଦେଇ ଯାଇଥିବା ବ୍ରହ୍ମପୁର-ଚିକିଟିଘାଟି ରାସ୍ତା ଅବରୋଧ କରିଥିଲେ। ଫଳରେ ଉକ୍ତ ରାସ୍ତା ଦେଇ ଯାଉଥିବା ପଥଚାରୀ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ହଟହଟା ହୋଇଥିଲେ। ଏହି ଘଟଣା ସମ୍ପର୍କରେ ଖବର ପାଇ ଦିଗପହଣ୍ଡି ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ମଧ୍ୟ ରାସ୍ତାରୋକରୁ ହଟିନଥିଲେ। ବିଶୃଙ୍ଖଳା ଘଟଣାର ସ୍ଥାୟୀ ସମାଧାନ କରିବା ସହ ଅଭିଯୁକ୍ତ କୁ ଖୁବ ଶୀଘ୍ର ଗିରଫ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ଶେଷରେ ପୋଲିସ ଉପାୟ ଶୂନ୍ୟ ହୋଇ ଲାଠି ଗ୍ରାମର ପିଣ୍ଟୁ ଗୌଡ଼ ଓରଫ ପାଣ୍ଡା କୁ ପୋଲିସ ଗିରଫ କରିଛି ।ଗିରଫ ପରେ ରାସ୍ତା ଅବରୋଧ କରିଥିବା ଗ୍ରାମବାସୀ ରାସ୍ତା ଅବରୋଧରୁ ହଟିଥିଲେ।

## ଗୋଚର ଜମିରେ ହେଲ୍ଥ ସେଣ୍ଟର ନିର୍ମାଣ

### ଅଭିଯୋଗ ପରେ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଲେ ତହସିଲଦାର

ନିଆଳି, (ଭାସ୍କର ନ୍ୟୁଜ୍): ଉତ୍ତାରଣ ଗ୍ରାମରେ ହେଲ୍ଥ ସେଣ୍ଟର ନିମନ୍ତେ ନୂତନ ଘରର ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। କିନ୍ତୁ ଏଠାରେ ପୁରୁନା ହେଲ୍ଥ ସେଣ୍ଟର ଘର ରହିଥିବା ବେଳେ ଏହାକୁ ଭାଙ୍ଗି ଏଠାରେ ନୂତନ ଗୃହର ନିର୍ମାଣ କରାନଯାଇ ଗୋଚର ଜମିରେ ନିଆଳି ତହସିଲଦାର ବିଦ୍ୟାଧର ପତି କଣ୍ଠାପଡା ତହସିଲ ଦାୟୀତ୍ୱରେ ଥିବା ସମୟରେ ନିର୍ମାଣ କରିବାକୁ ଆଦେଶ




ଦେଇଥିଲେ, ଯାହାକୁ ସମ୍ପୂର୍ଣ୍ଣ ରୂପେ ବେଆଇନ ଅଟେ। ଗୋଚର ଜମିରେ କୌଣସି ସରକାରୀ ଘର ନିର୍ମାଣ କଲେ ଏହି ଜମିଟିକୁ ଅସଂରକ୍ଷଣ କରିବା ଆବଶ୍ୟକ ଅଟେ ଯାହାକି କରାଯାଇ ନାହିଁ। ଏ ପରିକି ପୁରୁଣା ହେଲ୍ଥ ସେଣ୍ଟର ପାଖରେ ପତିତ ଜମି ରହିଥିବା ବେଳେ ତହସିଲଦାର କିଭଳି ଭାବରେ ଗୋଚର ଜମିକୁ ହାସ୍ତାନ୍ତର କରିଥିଲେ। ଏ ନେଇ ଉତ୍ତାରଣ ଗ୍ରାମର ବହୁଲୋକ ବିରୋଧ କରିବା ସହିତ ତହସିଲଦାର, ବିଡିଓ ଓ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ତହସିଲଦାର ମିତାଞ୍ଜଳୀ ଦାସ ତୁରନ୍ତ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ନାରାୟଣୀ ଶାନ୍ତି କମିଟିର ସପ୍ତମ ବାର୍ଷିକୋତ୍ସବ

ବାଲିପାଟଣା, (ଭାସ୍କର ନ୍ୟୁଜ୍): ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ଆଇତଲଙ୍ଗ ମା ନାରାୟଣୀ ଶାନ୍ତି କମିଟିର ସପ୍ତମ ବାର୍ଷିକୋତ୍ସବ ଆଜି ମା' ନାରାୟଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ ସଭାପତି ଜଗନ୍ନାଥ ମହାନ୍ତିଙ୍କ ପ୍ରୟାସରେ ଗଠିତ ଏହି କମିଟି ଆଇତଲଙ୍ଗ ଗ୍ରାମ ସହିତ ଆଖପାଖ ଅଞ୍ଚଳର ବିଭିନ୍ନ ସମସ୍ୟାକୁ କୋର୍ଟ କଚେରି ପରିବର୍ତ୍ତେ କମିଟି ମାଧ୍ୟମରେ ସମାଧାନ କରିବାର ଲକ୍ଷ୍ୟ ନେଇ ୨୦୧୬ ମସିହାରେ ଗଠନ କରାଯାଇଥିଲା। ଏଥିସହିତ ବିଗତ ବର୍ଷ ଗୁଡିକରେ ଅନେକ ସମସ୍ୟାର ସଫଳ ସମାଧାନ କରିବା ସହିତ କେତେକ ପୁରୁଣା କେସ୍‌ର ମଧ୍ୟ ଏହି କମିଟି ଦ୍ୱାରା ସମାଧାନ ହୋଇପାରିଛି। ଏହି ଅବସରରେ ଆଜି ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଶଶୀଭୂଷଣ ପାତ୍ର ଅତିଥି ରୂପେ ଯୋଗଦାନ କରି କମିଟିର ଏପରି କାର୍ଯ୍ୟକୁ ପ୍ରଶଂସା କରିଥିଲେ ଏବଂ ଏହିପରି ଶାନ୍ତି କମିଟି ସମସ୍ତ ଗ୍ରାମରେ ପ୍ରତିଷ୍ଠା ହୋଇପାରିଲେ ଲୋକମାନେ କୋର୍ଟ କଚେରୀରେ ହେଉଥିବା ଅଯଥା ଖର୍ଚ୍ଚାନ୍ତରୁ ରକ୍ଷା ପାଇପାରିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅଞ୍ଚଳର ବରିଷ୍ଠ ନାଗରିକ ଏବଂ ଅବସରପ୍ରାପ୍ତ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କମିଟିର ସମ୍ପାଦକ ଚିତ୍ତରଞ୍ଜନ ଜେନା ସଭା ପରିଚାଳନା କରିଥିଲେ। ଶେଷରେ ପୂର୍ଣ୍ଣଚନ୍ଦ୍ର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଯୁବତୀଙ୍କ ଦୁଇ କିଡ୍‌ନୀ ଅଚଳ, ଚିକିତ୍ସାରେ ଅର୍ଥ ବାଧକ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ଗ୍ରାମପଂଚାୟତ ଦୁଇ ନମ୍ବର ୱାର୍ଡରେ ଥିବା ବିଶ୍ୱାଳ ସାହିର ଦିବ୍ୟାଙ୍ଗ ସୁକାନ୍ତ ବିଶ୍ୱାଳ ଓ ସ୍ୱର୍ଣ୍ଣଲତା ବିଶ୍ୱାଳଙ୍କର ଉଚ୍ଚ ଶିକ୍ଷିତା କନ୍ୟା ଇତିଶ୍ରୀ ବିଶ୍ୱାଳ(୨୪)ଙ୍କର ଦୁଇଟି କିଡନୀ ଅଚଳ ହୋଇ ପଡିଛି। ତାଙ୍କର ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ତାଙ୍କର ଚିକିତ୍ସା ନିମନ୍ତେ ସରକାରୀ ସହାୟତା ଯୋଗାଇ ଦିଆଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି। ନଟକାଇ ଗ୍ରାମର ସୁକାନ୍ତ ବିଶ୍ୱାଳ ଜଣେ ଦିବ୍ୟାଙ୍ଗ ଓ ବେକାର ବ୍ୟକ୍ତି ଅଟନ୍ତି। ତାଙ୍କର କନିଷ୍ଠା କନ୍ୟା ଇତିଶ୍ରୀ ଜଣେ ଉଚ୍ଚ ଶିକ୍ଷିତା ଓ ଅବିବାହିତା ଅଟନ୍ତି। ଇତିଶ୍ରୀଙ୍କର ଦେହ ଆକସ୍ମିକ ଭାବେ ଖରାପ ହୋଇପଡିବା କାରଣରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରୀକ୍ଷା ନିରୀକ୍ଷା ପରେ ତାଙ୍କର କିଡନୀ ଦୁଇଟି ଅଚଳ ହୋଇପଡିଥିବାର ଡାକ୍ତର ପ୍ରକାଶ କରିଥିଲେ। ତେବେ ତାଙ୍କର ଚିକିତ୍ସା ନିମନ୍ତେ ପରିବାର ବର୍ଗ ଘରେ ଥିବା ଧାନ ଚାଉଳ, ଆସବାପତ୍ର ବିକ୍ରୟ କରିବା ସହ ବିଭିନ୍ନ ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନଙ୍କ ଠାରୁ ଲକ୍ଷାଧିକ ଟଙ୍କା



କରଜ ସୂତ୍ରରେ ଆଣି ତାଙ୍କର ଚିକିତ୍ସାରେ ଖର୍ଚ୍ଚ କରିସାରିଲେଣି। ଏପରିକି ତାଙ୍କର ପିତା ଜଣେ ଦିବ୍ୟାଙ୍ଗ ଓ ବେକାର ହୋଇଥିବାରୁ ଝିଅର ଚିକିତ୍ସା ନିମନ୍ତେ ସେ ଚିନ୍ତାରେ ମାନସିକ ସ୍ତରରେ ଭାଙ୍ଗି ପଡିଛନ୍ତି। ଅପରପକ୍ଷରେ ତାଙ୍କର କିଡନୀ ପ୍ରତିରୋପଣ ନିମନ୍ତେ ପ୍ରାୟ ୨୦ ଲକ୍ଷ ଟଙ୍କାର ଆବଶ୍ୟକତା ଥିବାର ଡାକ୍ତର ପ୍ରକାଶ କରିଛନ୍ତି। ତେବେ ଏତେ ପରିମାଣର ଟଙ୍କା କେଉଁଠୁ ସଂଗ୍ରହ କରିବେ ଓ ଝିଅକୁ କିପରି ଭଲ କରିବେ ସେଥିନେଇ ପରିବାର ଲୋକେ ନା ନା ଚିନ୍ତାରେ ପଡିଛନ୍ତି। ଅପରପକ୍ଷରେ ଇତିଶ୍ରୀର ଚିକିତ୍ସା ନିମନ୍ତେ କୌଣସି ସରକାରୀ ସହାୟତା ପ୍ରଦାନ କରାଯାଇନଥିବାର ଜଣାଯାଇଛି। କୌଣସି ସହୃଦୟ ବ୍ୟକ୍ତି କିମ୍ବା ସ୍ୱେଚ୍ଛାସେବୀ ସଙ୍ଗଠନ ଇତିଶ୍ରୀଙ୍କ ଚିକିତ୍ସା ନିମନ୍ତେ ଆର୍ଥୀକ ସହାୟତାର ହାତ ବଢାଇବାକୁ ଚାହୁଁଥିଲେ ତାଙ୍କର ମୋବାଇଲି ନଂ ୭୦୬୪୮୮୫୩୩୭ ରେ ଯୋଗାଯୋଗ କରିବାକୁ ତାଙ୍କ ପରିବାର ତରଫରୁ ଅନୁରୋଧ କରାଯାଇଛି। ଅପରପକ୍ଷରେ ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବା ନିମନ୍ତେ ପୂର୍ବତନ ସରପଂଚ ଷ୍ଠାଲିନ ରାଉତ, ରମେଶ ଚନ୍ଦ୍ର ସ୍ୱାଇଁ,ସାମାଜିକ କର୍ମୀ ଅମୀୟ କୁମାର ବିଶ୍ୱାଳ, ସଞ୍ଜୟ କୁମାର ବେହେରା ପ୍ରମୁଖ ଦୃଢ ଦାବି କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ୩ ଗୁରୁତର

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଭଞ୍ଜନଗର ଥାନା ଅନ୍ତର୍ଗତ କୁଲାଡ ଗ୍ରାମରେ ଥିବା ଭୂୟାଣୀ ମନ୍ଦିର ନିକଟରେ ବାଇକ୍ ଦୁର୍ଘଟଣାରେ ୩ ଗୁରୁତର ।ସେମାନେ ହେଲେ କୃଷ୍ଣପଲ୍ଲୀ ଗ୍ରାମର ଯୋଗୀ ନାଇକ ଓ କଇରା ନାଇକ।ଖବର ନେବାରେ ଯୋଗୀ ଓ କଇରା ଦୁହେଁ ମିଶି ଏକ ବାଇକ୍ ବର ଯାତ୍ରୀରେ ଯୋଗ ଦେଇ ନିଜ ଗ୍ରାମ କୃଷ୍ଣପଲ୍ଲୀକୁ ଫେରୁଥିବା ବେଳେ ଜଣେ ବୃଦ୍ଧ ଚାଲିଚାଲି ଯାଉଥିବା ବେଳେ ବାଇକ୍ ଟି ଦ୍ରୁତଗତିରେ ଆସି ଭାରସାମ୍ୟ ହରାଇ ବୃଦ୍ଧକୁ ଧକ୍କା ଦେବା ଫଳରେ ବୃଦ୍ଧସହ ବାଇକ୍ ଚାଳକ ଓ ତାର ସହଯୋଗୀ ଛିଟିକି ହେଇ ପଡିବା ଫଳରେ ଗୁରୁତର ହେଇପଡିଥିଲେ ।୩ଜଣଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଧାର କରି ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ: ଫ୍ରାନ୍ସର ସିରିଆଇ ଶରଣାର୍ଥୀଙ୍କ ଜଘନ୍ୟ କାଣ୍ଡ। ପାର୍କରେ ବୁଲି ବୁଲି ସମସ୍ତଙ୍କୁ ଛୁରି ମାରିଲା। ଏଥିରେ ୯ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୮ ଜଣ ଶିଶୁ ଥିବା ବେଳେ ଜଣେ ବୟସ୍କ ଅଛନ୍ତି ବୋଲି ଫ୍ରାନ୍ସ ପୁଲିସ ସୂଚନା ଦେଇଛି। ଫ୍ରାନ୍ସର ଅଲସ୍ୱର ଏନେସୀ ଠାରେ ଏହି ଛୁରାମାଡ଼ ଘଟଣା ଘଟିଛି। ଫ୍ରାନ୍ସ ପୁଲିସ ଗୁରୁବାର ଏନଇ ଗଣାଧମକୁ ସୂଚନା ଦେଇଛି। ଆହତଙ୍କ ଶିଶୁଙ୍କ ବୟସ ଯଥାକ୍ରମେ ୩-୫ ବର୍ଷ ଭିତରେ ହେବ। ଆକ୍ରମଣକାରୀକୁ ଗିରଫ କରାଯାଇଛି ବୋଲି ଫ୍ରାନ୍ସ ଇଣ୍ଟେରିୟର ମନ୍ତ୍ରୀ ଗାରାଲ୍ଡ ଡର୍ମାନିନ କହିଛନ୍ତି। ଏନେଇ ସେ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ଫ୍ରାନ୍ସ ମିଡିଆ ବିଏଫ୍ଏମ୍ ଟିଭିର ରିପୋର୍ଟ ଅନୁସାରେ ଏକ ପାର୍କରେ ପିଲାମାନେ ଖେଳକୁଦ କରୁଥିବା ବେଳେ ଆକ୍ରମଣକାରୀ ଆସି ଛୁରିରେ ଆକ୍ରମଣ କରିଥିଲା। ପାର୍କ ସାରା ବୁଲି ଜଣଙ୍କ ପରେ ଜଣେ ଶିଶୁଙ୍କୁ ଛୁରି ଭୁସିଥିଲେ। ଜଣେ ବୟସ୍କ ଏଥିରେ ବାଧା ଦେବାରୁ ତାଙ୍କୁ ମଧ୍ୟ ଛୁରାମାଡ଼ କରିଥିଲା ଦୁର୍ବୃତ୍ତ। ତେବେ କାହିଁକି ଏହି ଛୁରାମାଡ଼ ହୋଇଥିଲା।

## ବିର୍ସା ମୁଣ୍ଡା ଆଦିବାସୀ ଚେତନାର ପ୍ରଣେତାଙ୍କ ମଧ୍ୟରୁ ଅନ୍ୟତମ: ବାଘେଲ



ରାୟପୁର: ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଆଦିବାସୀଙ୍କ ଉତ୍ଥାନ ପାଇଁ ଆଜୀବନ ସଂଘର୍ଷ କରିଥିବା ମହାନ୍ କ୍ରାନ୍ତିକାରୀ ଜନନାୟକ ବିର୍ସା ମୁଣ୍ଡାଙ୍କ ପୂଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମୁଣ୍ଡାଙ୍କୁ ପ୍ରଣାମ କରିବା ସହ କହିଥିଲେ ଯେ ବିର୍ସା ମୁଣ୍ଡା ଆଦିବାସୀ ଚେତନାର ପ୍ରଣେତାଙ୍କ ମଧ୍ୟରୁ ଅନ୍ୟତମ। ସେ ଆଦିବାସୀମାନଙ୍କୁ ଏକତ୍ରିତ କରି ଜଳ, ଜଙ୍ଗଲ ଓ ଜମି ଉପରେ ଅଧିକାର ପାଇଁ ଆନ୍ଦୋଳନ କରିଥିଲେ। ତାଙ୍କର ଶୌର୍ଯ୍ୟ ଓ ବଳିଦାନର ଗାଥା ଆଜି ବି କୋଟି କୋଟି ଜନମାନସକୁ ପ୍ରେରିତ କରୁଛି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ବିର୍ସା ମୁଣ୍ଡା ଆମକୁ ଶିଖାଇଛନ୍ତି ସାମୂହିକ ଇଚ୍ଛାଶକ୍ତି ମାରଣାସ୍ତ୍ର ଠାରୁ ଅଧିକ ବଳିୟାନ୍। ତାଙ୍କର ଅଦମ୍ୟ ସାହାସ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ। ଶ୍ରୀ ବାଘେଲ କହିଥିଲେ କି ଆଦିବାସୀଙ୍କୁ ତାଙ୍କ ଅଧିକାର ଦେବା ଓ ସ୍ୱାଭିମାନର ରକ୍ଷା କରିବା ବିର୍ସା ମୁଣ୍ଡାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ।

## ବୋରୱେଲରୁ ଉଦ୍ଧାର ହେଲା ଅଢ଼େଇ ବର୍ଷ ଝିଅର ମୃତଦେହ

ନୂଆଦିଲ୍ଲୀ : ବୋରୱେଲରୁ ଉଦ୍ଧାର ହେଲା ଅଢ଼େଇ ବର୍ଷ ଝିଅର ଶବ। ପ୍ରଶାସନର ସବୁ ଉଦ୍ୟମ ହୋଇଛି ବିଫଳ। ମଧ୍ୟପ୍ରଦେଶ ସିହୋର ଜିଲ୍ଲାରେ, ଖେଳୁଥିବା ସମୟରେ ବୋରୱେଲରେ ପଡ଼ିଯାଇଥିବା ଅଢ଼େଇ ବର୍ଷର ଝିଅର ମୃତ ଦେହ ଗୁରୁବାର ଉଦ୍ଧାର କରାଯାଇଛି। ବୋରୱେଲରୁ ଉଦ୍ଧାର କରିବା ପାଇଁ ତିନି ଦିନ ଧରି ରେସ୍କ୍ୟୁ ଅପରେସନ ଜାରି ରହିଥିଲା। ପାଇପ ଯୋଗେ ଅମ୍ଳଜାନ ପହଞ୍ଚାଯାଉଥିଲା। ହେଲେ ବଞ୍ଚିପାରିଲାନି ଶିଶୁଟିର ଜୀବନ। ସୂଚନାଯୋଗ୍ୟ, ଗତ ଜୁନ୍ ୬ ତାରିଖ ଅର୍ଥାତ୍ ମଙ୍ଗଳବାର ମୁଙ୍ଗାଭାଲି ଗ୍ରାମର ଏକ ଶିଶୁ କନ୍ୟା ବୋରୱେଲରେ ଖସିପଡ଼ିଥିଲା। ତେବେ ଘଟଣା ଜଣାପଡ଼ିବାପରେ ସେନା, ଏନଡିଆରଏଫ ଏବଂ ଏସଡିଆରଏଫ, ଏକ ରୋବଟ ଚାଳକ ବିଶେଷଜ୍ଞ ଟିମ୍ ଶିଶୁଟିର ମୃତ ଦେହ ଉଦ୍ଧାର କରିବାକୁ ପହଞ୍ଚିଥିଲେ। ଏକ ରୋବଟ୍ ଦ୍ୱାରା ବୋରୱେଲ ଭିତରେ ଫସିଥିବା ଶିଶୁର ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖାଯାଇଥିଲା। ଏହି ରେସ୍କ୍ୟୁ ଅପରେସନ ପ୍ରାୟ ୫୦ ଘଣ୍ଟା ଧରି ଚାଲିଥିଲା। ମିଳିଥିବା ସୂଚନା ଅନୁଯାୟୀ ପିଲାଟି ପ୍ରାୟ ୧୦୦ ଫୁଟ୍ ଭିତରକୁ ଖସିପଡ଼ିଥିଲା।

## ଗୁଳିମାଡ଼ରେ ଆହତ ଲକ୍ଷ୍ମୀର ଚିକିତ୍ସା ବିଷୟରେ ଅବଗତ ହେଲେ ଯୋଗୀ



ଲକ୍ଷ୍ନୌ: ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗୁରୁବାର ଦିନ କିଙ୍ଗ ଜର୍ଜ ମେଡିକାଲ ୟୁନିଭରସିଟି (କେଜିଏମୟୁ) ର ଟ୍ରମା କେନ୍ଦ୍ର ପରିଦର୍ଶନ କରି ଏଠାରେ ଏକ କୋର୍ଟ ପରିସରରେ ଗୁଳି ବିନିମୟରେ ଆହତ ହୋଇଥିବା ଦେଢ଼ ବର୍ଷର କୁନି ଝିଅର ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି। ବୁଧବାର ଘଟିଥିବା ଏହି ଘଟଣାରେ ଗ୍ୟାଙ୍ଗଷ୍ଟର-ରାଜନେତା ମୁଖ୍ତାର୍ ଅନସାରୀଙ୍କ ସହଯୋଗୀ ସଞ୍ଜିବ ମାହେଶ୍ୱରୀ ଜୀଭାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଆଦିତ୍ୟନାଥ ସେହି ୱାର୍ଡରେ ପହଞ୍ଚିଥିଲେ ଯେଉଁଠାରେ ଗୁଳିରେ ଆହତ ହୋଇଥିବା କୁନି ଝିଅ ଲକ୍ଷ୍ମୀଙ୍କୁ ବି ଭର୍ତ୍ତି କରାଯାଇଥିଲା ଏବଂ ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ଯୋଗୀ ପଚାରି ବୁଝିଥିଲେ। ଅମ୍ଳଜାନ ସହାୟତାରେ ଝିଅଟି ତାଙ୍କ ଆଡକୁ ଚାହିଁ ମଧ୍ୟ ତାଙ୍କ ସହ କଥା ହେବାକୁ ଚେଷ୍ଟା କରିଥିଲା। ମୁଖ୍ୟମନ୍ତ୍ରୀ ମଧ ତାଙ୍କ କପାଳକୁ ସ୍ପର୍ଶ କରି ଦେଇଥିଲେ ଏବଂ ଚକୋଲେଟ୍ ଦେଇଥିଲେ। ଚିକିତ୍ସା ଅଧୀକ୍ଷକ ସନ୍ଦୀପ ତିୱାରୀ କହିଛନ୍ତି ଯେ ସଂପୃକ୍ତ ଝିଅ ଏବଂ ଆହତ ଜଣେ ପୋଲିସ କନଷ୍ଟେବଲଙ୍କ ଅବସ୍ଥା ଏବେ ସ୍ଥିର ରହିଛି। 'ଝିଅଟି ଅମ୍ଳଜାନ ସହାୟତାରେ ଅଛି ଏବଂ ତାଙ୍କ ଅବସ୍ଥା ସ୍ଥିର ଅଛି। ଆଗାମୀ ୫-୬ ଘଣ୍ଟା ମଧ୍ୟରେ ଆମେ ତାଙ୍କ ଶରୀରରେ ଲାଗିଥିବା ବୁଲେଟ୍ ବାହାର କରିବା ପାଇଁ ଅପରେଟିଂ କରିବୁ। ଝିଅକୁ ମାଗଣା ଚିକିତ୍ସା ଯୋଗାଇ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ମଧ ତାଙ୍କୁ ସର୍ବୋତ୍ତମ ଚିକିତ୍ସା ଦିଆଯିବ ବୋଲି ତାଙ୍କ ପିତାମାତାଙ୍କୁ ଆଶ୍ୱାସନା ଦେଇଛନ୍ତି। ଚିକିତ୍ସା ପାଇଁ କିଛି ଆବଶ୍ୟକ ହେଲେ ସରକାରଙ୍କୁ ଜଣାଇବାକୁ ସେ ଡାକ୍ତରଙ୍କୁ ନିର୍ଦ୍ଦେଶ ଦେଇଥିବା ତିୱାରୀ କହିଥିଲେ।

## ମହାରାଷ୍ଟ୍ରରେ ତେଲେଙ୍ଗାନା ବିକାଶ ମଡେଲ ଅଭିଯାନ ଆରମ୍ଭ କରିବାକୁ କେସିଆର୍‌ଙ୍କ ପରାମର୍ଶ







ହାଇଦ୍ରାବାଦ: ମହାରାଷ୍ଟ୍ରର ସମସ୍ତ ୨୮୮ ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳର ସମ୍ପ୍ରସାରଣ ପାଇଁ ମୁଖ୍ୟ ଏଜେଣ୍ଡା ଭାବରେ ତେଲେଙ୍ଗାନା ବିକାଶ ମଡେଲର ଅଭିଯାନ ଆରମ୍ଭ କରିବାକୁ ବିଆର୍ଏସ୍ ନେତୃତ୍ୱକୁ ବିଆର୍ଏସ୍ ରାଷ୍ଟ୍ରୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ ପରାମର୍ଶ ଦେଇଛନ୍ତି। ସିଏମ୍ କେସିଆର୍ କହିଛନ୍ତି ଯେ, ସମସ୍ତ ବିଭାଗର ଲୋକଙ୍କ ଅଂଶଗ୍ରହଣରେ ପ୍ରତ୍ୟେକ ଗ୍ରାମରେ ୯ଟି କମିଟି ଗଠନ କରାଯିବା ଉଚିତ। ମହାରାଷ୍ଟ୍ରର ବିଭିନ୍ନ ଦଳ ତଥା ସାମାଜିକ ସଂଗଠନର ନେତାମାନେ ଗୁରୁବାର ଦିନ ପ୍ରଗତି ଭବନରେ ସିଏମ୍ କେସିଆର୍‌ଙ୍କ ଉପସ୍ଥିତିରେ ବିଆର୍ଏସ୍‌ରେ ଯୋଗ ଦେଇଥିଲେ। ବିଆରଏସ୍ ସୁପ୍ରିମୋ ସେମାନଙ୍କୁ ଗୋଲାପୀ ସ୍କାର୍ଫ୍ ପ୍ରଦାନ କରି ପାର୍ଟିକୁ ନିମନ୍ତ୍ରଣ କରିଥିଲେ। ଏହି ଅବସରରେ ସିଏମ୍ କେସିଆର୍ କହିଛନ୍ତି ଯେ, ତେଲେଙ୍ଗାନା ବିକାଶ ମଡେଲ ମୁଖ୍ୟତଃ ଲୋକ ଏବଂ କୃଷକଙ୍କ କଲ୍ୟାଣ ପତ୍ର, ବୁକଲେଟ୍, ସୋସିଆଲ ମିଡିଆ, ପୋଷ୍ଟର, ହୋର୍ଡିଂ ଆଦି ମାଧ୍ୟମରେ ବ୍ୟାପକ ଭାବରେ ବିସ୍ତାର କରାଯିବା ଉଚିତ। ବିଆର୍ଏସ୍ ମୁଖ୍ୟ କହିଛନ୍ତି ଯେ ରାଜ୍ୟ ପ୍ରଚୁର ଜଳ ସମ୍ପଦ ଦ୍ୱାରା ଆଶୀର୍ବାଦ ସତ୍ତ୍ୱେ ମହାରାଷ୍ଟ୍ରର ଚାଷୀଙ୍କୁ ଜଳସେଚନ ଜଳ ଯୋଗାଇବାରେ ସକ୍ଷମ ନୁହେଁ। ଅନେକ ନେତା ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ମନ୍ତ୍ରୀ ହୋଇଥିଲେ, କିନ୍ତୁ ମହାରାଷ୍ଟ୍ରର ଲୋକଙ୍କର ଯତ୍ନ ନିଆଯାଇ ନାହିଁ। ସିଏମ କେସିଆର କହିଛନ୍ତି ଯେ, ତେଲେଙ୍ଗାନା ସରକାର ଧରଣୀ ପୋର୍ଟାଲ ପ୍ରବର୍ତ୍ତନ କରିଛନ୍ତି ଏବଂ ରାଜସ୍ୱ ରେକର୍ଡର ଡିଜିଟାଇଜେସନ୍ ନିଆଯାଇଛି। ଦଶ ମିନିଟ୍ ମଧ୍ୟରେ ପଞ୍ଜୀକରଣ ପ୍ରକ୍ରିୟା ସମାପ୍ତ ହୋଇଛି ଏବଂ ଧରଣୀ ମାଧ୍ୟମରେ ଚାଷୀଙ୍କୁ ସ୍ୱଚ୍ଛ ସେବା ଯୋଗାଇ ଦିଆଯାଉଛି । ସିଏମ୍ କେସିଆର୍ ସ୍ପଷ୍ଟ କରିଛନ୍ତି ଯେ ମହାରାଷ୍ଟ୍ର କୃଷି ସମ୍ପ୍ରଦାୟକୁ ରିଥୁ ବନ୍ଧୁ, ରିଥୁ ଭୀମା, ୨୪ ଘଣ୍ଟା ମାଗଣା ବିଦ୍ୟୁତ୍ ଏବଂ ମାଗଣା ଜଳସେଚନ ଜଳ ପ୍ରବର୍ତ୍ତନ ସମେତ କୃଷି କ୍ଷେତ୍ରର ବିକାଶ ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ଏହି ଅବସରରେ ବିଆର୍ଏସ୍ ପାର୍ଟିରେ ଯୋଗ ଦେଇଥିବା ବ୍ୟକ୍ତିଙ୍କ ମଧ୍ୟରେ ବିଶିଷ୍ଟ ସାମାଜିକ କର୍ମୀ ଡକ୍ଟର ସୁଭାଷ ରାଠୋର, ସେନା ସଂଗଠନର ଉମେଶ ଚଭନ, ବିଜେପିର ସିଭିଲ ଇଞ୍ଜିନିୟର ଦୀପକ ପାୱାର, ଭରତ ପାୱାର, ଅକୋଲା ବଜାର ଉପ-ସରପଞ୍ଚ ଅଶୋକ ରାଠୋର, ଉପାଧ୍ୟାୟ ସଙ୍ଗଠନ ଯବତମାଲ ଜିଲ୍ଲାର ଅଜୟ ରାଠୋଡ ପ୍ରମୁଖ। ପୂର୍ବତନ ବିଜେପି ଜିଲ୍ଲା ସଭାପତି ପ୍ରକାଶ ରାଠୋର, ଶିବସେନା ସର୍କଲ ନେତା ରାଜେଶ ପାୱାର, ଶିବସେନା ସିନ୍ଦେ ଗୋଷ୍ଠୀର ପରଭିନ ଚଭନ ଏବଂ ଅନ୍ୟମାନେ। ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ବିଆର୍ଏସ୍ ନେତା ସଙ୍କରନ୍ନା ଡୋଣ୍ଡେ, ମାଣିକ କାଦମ, ଟିଏସ୍ଆଇଡିସି ଚେୟାରମ୍ୟାନ୍ ଭେନୁଗୋପାଳ ଚାରି, ହିମାଂଶୁ ତିୱାରୀ ଏବଂ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ।

## ୧୧୦୦ କୋଟି ଟଙ୍କାରେ ୮ ନୂତନ ସହର ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ଧାମିଙ୍କ ପ୍ରସ୍ତାବ

ଡେରାଡୁନ୍: ଉତ୍ତରାଖଣ୍ଡରେ କୁମାଓନ୍ ଡିଭିଜନର କାଶିପୁର ଏବଂ ଗରୱାଲ୍ ଡିଭିଜନରେ ଡୋଇୱାଲା ନିକଟରେ ଦୁଇଟି ନୂତନ ସହର ସ୍ଥାପନ ପାଇଁ କେନ୍ଦ୍ର ସରକାର ପ୍ରାଥମିକ ଅନୁମୋଦନ ଦେଇଛନ୍ତି। ଉତ୍ତରାଖଣ୍ଡ ସରକାରଙ୍କ ଗୃହ ବିଭାଗ ସୁସଜ୍ଜିତ ସହରର ଉପସ୍ଥାପନାକୁ କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟକୁ ପ୍ରଦାନ କରିଛି। ସମ୍ମତି ପରେ କେନ୍ଦ୍ରର ଟିମ୍ ଖୁବ ଶୀଘ୍ର ଆସି ଉଭୟ ସ୍ଥାନ ଯାଞ୍ଚ କରିବାକୁ ଯାଉଛନ୍ତି। ରାଜ୍ୟରେ



ଆଠଟି ନୂତନ ସହର ପ୍ରତିଷ୍ଠା ପାଇଁ ଯୋଜନା ଉପରେ ରାଜ୍ୟ ଗୃହ ବିଭାଗ କାର୍ଯ୍ୟ କରୁଛି। ନିକଟରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ୧୧୦୦ କୋଟି ଟଙ୍କା ପ୍ରସ୍ତାବ ଦେଇଥିବା ବେଳେ ଏ ସମ୍ପର୍କରେ କେନ୍ଦ୍ରକୁ ଅନୁରୋଧ କରିଛନ୍ତି। ଏହା ଅଧୀନରେ ଗୃହ ବିଭାଗ ଦୁଇଟି ସହର ପାଇଁ ଏକ ପ୍ରସ୍ତାବ ପ୍ରସ୍ତୁତ କରିଥିଲା। ଏହି ସହରଗୁଡିକ ମଧ୍ୟରୁ ଗୋଟିଏ ଇଣ୍ଡଷ୍ଟ୍ରିଆଲ୍ ସିଟି ନାମରେ କାଶିପୁରର ପାରାଗ୍ ଫାର୍ମର ୩୭୮.୫୦ ହେକ୍ଟର ଜମିରେ ନିର୍ମାଣ ହେବ । ଦ୍ୱିତୀୟଟି ଏରୋ ସିଟି ନାମରେ ୩୦୮୦.୮ ହେକ୍ଟର ଜମିରେ ଡୋଇୱାଲା ନିକଟ ଡୁନ୍-ହରିଦ୍ୱାର ରାଜପଥରେ ନିର୍ମାଣ ହେବ। ରାଜ୍ୟର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହାଉସିଂ ଆନନ୍ଦବର୍ଦ୍ଧନ୍ କହିଛନ୍ତି ଯେ "କେନ୍ଦ୍ରୀୟ ଦଳ ଉଭୟ ଟାଉନସିପ୍ ପାଇଁ ଖୁବଶୀଘ୍ର ଆସିବେ ଏବଂ ଏହା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୧୦ରେ ହେମନ୍ତ ସୋରେନ୍‌ଙ୍କ ନେତୃତ୍ୱରେ ଝାଡ଼ଖଣ୍ଡ ରାଜ୍ୟ ସମନ୍ୱୟ ସମିତିର ପ୍ରଥମ ବୈଠକ




ରାଞ୍ଚି: ୨୦୨୪ ସାଧାରଣ ନିର୍ବାଚନ ପାଇଁ ଏକ ବର୍ଷରୁ କମ୍ ସମୟ ରହିଛି। ସେହିପରି ୨୦୨୪ରେ ଝାଡ଼ଖଣ୍ଡରେ ବିଧାନସଭାସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ତଥା ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍)ର ନେତା ହେମନ୍ତ ସୋରେନଙ୍କ ନେତୃତ୍ୱରେ ତିନି ଦଳୀୟ ମହାମେଣ୍ଟ ଜୁନ୍ ୧୦ରେ ଝାଡଖଣ୍ଡ ରାଜ୍ୟ ସମନ୍ୱୟ ସମିତିର ପ୍ରଥମ ବୈଠକ ଆୟୋଜନ ହେବାକୁ ସ୍ଥିର ହୋଇଛି, ଯାହାକୁ ଜେଏମ୍ଏମ୍ ସୁପ୍ରିମୋ ତଥା ରାଜ୍ୟସଭା ସାଂସଦ ଶିବୁ ସୋରେନ୍ ଏହାର ସଭାପତି ଦାୟିତ୍ୱ ତୁଲାଇବେ। ନଭେମ୍ବର ୨୦୨୨ରେ ସ୍ଥାପିତ ହୋଇଥିବା ଏହି ମହାମେଣ୍ଟର ସମନ୍ୱୟ କମିଟି ହେଉଛି ଏକ ପରାମର୍ଶଦାତା ସଂସ୍ଥା ଯାହା ପାଖରେ କୌଣସି ବୈଧାନିକ କ୍ଷମତା ନାହିଁ କିନ୍ତୁ ସରକାରଙ୍କ ଦ୍ୱାରା ବିକାଶ କାର୍ଯ୍ୟର କାର୍ଯ୍ୟକାରିତାକୁ ତଦାରଖ କରିଥାଏ ଏବଂ ମିଳିତ ସହଯୋଗୀମାନଙ୍କର ଏହା ଏକ ମନିଟରିଂ ସଂସ୍ଥା । ତଦନୁସାରେ, ଜୁନ୍ ୧୦ରେ ବୈଠକରେ ବର୍ତ୍ତମାନର ସରକାରୀ ଯୋଜନାଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟକାରିତା ଉପରେ ତଦାରଖ କରିବା, ବେସରକାରୀ କମ୍ପାନୀଗୁଡିକ ଉପରେ ଚାପ ପକାଇବା ସହିତ ସ୍ଥାନୀୟ ଲୋକଙ୍କ ପାଇଁ ୪୦ହଜାର ଟଙ୍କା ପର୍ଯ୍ୟନ୍ତ ବେତନ ଥିବା ୭୫% ଚାକିରି ସଂରକ୍ଷଣ କରିବା, ବିଭିନ୍ନ ବିଲ୍ ପାସ୍ ପାଇଁ ରାଜ୍ୟପାଳଙ୍କ ସହିତ ସମନ୍ୱୟ ରକ୍ଷା କରିବା ଓ ବିସ୍ଥାପିତଙ୍କ ସମସ୍ୟା ଦୂର କରିବା ଆଦି କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ଶିବୁ ସୋରେନଙ୍କ ବ୍ୟତୀତ ଏହି କମିଟିର ପାଞ୍ଚଜଣ ସଦସ୍ୟ ଅଛନ୍ତି। ଝାଡଖଣ୍ଡ ପ୍ରଦେଶ କଂଗ୍ରେସ କମିଟି ସଭାପତି ରାଜେଶ ଠାକୁର, ଜେଏମଏମ ବିଧାୟକ ସରଫରାଜ ହମାଦ, ଜେଏମଏମ ନେତା ଫାଗୁ ବେସ୍ରା, ଯୋଗେନ୍ଦ୍ର ମହତୋ ଏବଂ ବିନୋଦ ପାଣ୍ଡେ। ଯୋଜନାର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ଏବଂ ଆଶା ପୂରଣ କରୁଛି କି ନାହିଁ ତାହା ଦେଖିବା ପାଇଁ ଏହି ବୈଠକ ଡକାଯାଇଛି। ତେବେ ସୂତ୍ରରୁ ପ୍ରକାଶ ଯେ ରାଜ୍ୟରେ କଂଗ୍ରେସର ବରିଷ୍ଠ ନେତାମାନେ ବିରୋଧୀଦଳର ସଙ୍କେତ ନେଇ ଚେତାବନୀ ଦେଇଛନ୍ତି, ଯାହା ବୈଠକରେ ମୁଖ୍ୟ ପ୍ରସଙ୍ଗ ହେବ। କଂଗ୍ରେସ ସଭାପତି ତଥା ସମନ୍ୱୟ କମିଟି ସଦସ୍ୟ ରାଜେଶ ଠାକୁର କହିଛନ୍ତି ଯେ ମତଦାନରେ ଦିଆଯାଇଥିବା ପ୍ରତିଶ୍ରୁତିର ସ୍ଥିତିକୁ ତଦାରଖ କରିବା ହେଉଛି ଏକ ପ୍ରମୁଖ ବିଷୟ।

# ବାଣିଜ୍ୟ




ନୂଆଦିଲ୍ଲୀ: ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ ଅଫ-ରୋଡର ଜିମ୍‌ନିର ଶୁଭାରମ୍ଭ କରାଯାଇଛି । ଏହାର ପ୍ରାରମ୍ଭିକ ମୂଲ୍ୟ ୧,୨୭୪,୦୦୦ଟଙ୍କା ରହିଥିବାବେଳେ ସାରା ଦେଶରେ ନେକ୍ସା ସୋରୁମମାନଙ୍କରେ ଏହା ଡେଲିଭରୀ ପାଇଁ ଉପଲବ୍ଧ ହୋଇଯାଇଛି । ଜିମନିରେ ରହିଛି ସବୁପ୍ରକାରର ରାସ୍ତାରେ ଯିବାର କ୍ଷମତା ଏବଂ ହାସଟାଗ ନେଭର ଟର୍ଣ୍ଣ ବ୍ୟାକ ସ୍ପିରିଟ । ଜିମନି (୫-ଡୋର) ଜେଟା ଓ ଆଲଫା ଭାରିଆଂଟରେ ଅଟୋମାଟିକ ଓ ମାନୁଆଲ ଟ୍ରାନ୍ସମିସନ ବିକଳ୍ପରେ ଉପଲବ୍ଧ ରହିଛି । ନେକ୍ସାର ଡିଜାଇନ କ୍ରାଫ୍ଟେଡ ଫ୍ୟୁଚରଜିମ ଦର୍ଶନକୁ ଆଗକୁ ବଢ଼ାଇ ଏହି ଜିମନି ନେକ୍ସାର ଏସୟୁଭି ପୋର୍ଟଫୋଲିଓରେ ଏକ ନୂଆ ଡିଜାଇନ ରୂପରେଖ ଉପରେ ଧ୍ୟାନ ଆକର୍ଷିତ କରିଛି । ଏହା ମଧ୍ୟ ତିନୋଟି ପ୍ରମୁଖ ସ୍ତମ୍ଭ ଯଥା ନେକ୍ସପ୍ରେସନ, ନେକ୍ସଟେକ ଏବଂ ନେକ୍ସପେରିଏନ୍ସକୁ ଅଂଭୁକ୍ତ କରିଛି। ଏଥିରେ ଏକ ପ୍ରମାଣିତ ୧.୫ଲି. କେ-ସିରିଜ ଇଜିନ ସହିତ ଆଇଡିଲ ଷ୍ଟାର୍ଟ ଷ୍ଟପ ଟେକ୍ନୋଲୋଜି ରହିଛି

## ରିଜର୍ଭ ବ୍ୟାଙ୍କର ସୂଚନା
## ରେପୋରେଟ୍ ୬.୫ ପ୍ରତିଶତରେ ଅପରିବର୍ତ୍ତିତ



ନୂଆଦିଲ୍ଲୀ: ରିଜର୍ଭ ବ୍ୟାଙ୍କ ତାର ରେପୋ ରେଟ୍ ବା ସୁଧ ହାରକୁ ୬.୫ରେ ଅପରିବର୍ତ୍ତିତ ରଖିଛି। ରିଜର୍ଭ ବ୍ୟାଙ୍କର ମନିଟାରୀ ପଲିସି କମିଟି ଏହି ନିଷ୍ପତ୍ତି ନେଇଥିବା ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ରେପୋ ରେଟ୍ ଅପରିବର୍ତ୍ତିତ ରଖିବା ପାଇଁ କମିଟି ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଆର୍ଥିକ ବର୍ଷ ୨୦୨୩-୨୪ରେ ମୁଦ୍ରାସ୍ଫିତି ୪ ପ୍ରତିଶତରୁ ସିମୀତ ରହିବ। ୨୦୨୪ରେ ଗ୍ରାହକ ଦର ସୂଚକାଙ୍କ ୫.୨ ପ୍ରତିଶତରୁ ହ୍ରାସ ପାଇ ୫.୧ ପ୍ରତିଶତ ରହିବାର ସମ୍ଭାବନା ରହିଛି। ସେହିପରି ୨୦୨୪ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୬.୫ ପ୍ରତିଶତ ରହିବାର ସମ୍ଭାବନା ରହିଛି ବୋଲି ସେ କହିଥିଲେ। ଶ୍ରୀ ଦାସ ଆହୁରି କହିଥିଲେ ଯେ ଆର୍ଥିକ ବର୍ଷ ୨୦୨୪ର ପ୍ରଥମ କ୍ୱାର୍ଟରରେ ଅଭିବୃଦ୍ଧି ୮ ପ୍ରତିଶତ ରହିବାର ଆଶା ରହିଥିବା ବେଳେ ଚତୁର୍ଥ କ୍ୱାର୍ଟରରେ ଏହା ୫.୭ ପ୍ରତିଶତକୁ ଖସି ଆସିବାର ଆଶଙ୍କା ରହିଥିବା ସେ କହିଥିଲେ। ଶ୍ରୀ ଦାସ କହିଥିଲେ ନିବେଶରେ ଏବେ ସୁଧାର ଆସିଛି। ଦର ବୃଦ୍ଧି ଉପରେ ରିଜର୍ଭ ବ୍ୟାଙ୍କ କଡ଼ା ନଜର ମଧ ରଖିଛି। ଗତ ମାସରେ ଆମଦାନୀ ହ୍ରାସ ପାଇବାରୁ ବ୍ୟବସାୟରେ ହେଉଥିବା କ୍ଷତିରେ ମଧ ସୁଧାର ଆସିଥିବା ସୂଚନା ଦେବା ସହ ବିଦେଶ ମୁଦ୍ରା ପାଣ୍ଠି ମଧ ଭଲ ସ୍ଥିତିରେ ରହିଛି ବୋଲି ସୂଚନା ଦେଇଥିଲେ। ଏପ୍ରିଲ ମାସରେ ଦେଶର ମୁଦ୍ରାସ୍ଫିତି ୮ ବର୍ଷର ରେକର୍ଡ ଭାଙ୍ଗି ୭.୭୯ ପ୍ରତିଶତ ରହିବା ନେଇ ବୈଠକରେ ମଧ ଆଲୋଚନା କରାଯାଇଥିଲା। ଏଥିରେ ସୁଧାର ଆଣିବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ସମ୍ପର୍କରେ ମଧ ତର୍ଜମା କରାଯାଇଥିଲା।

## ଆମାଜନ ପ୍ରାଇମ ପକ୍ଷରୁ 'ସଚ୍ ମେଁ ଠୁ ମଚ୍' କ୍ୟାମ୍ପେନର ଶୁଭାରମ୍ଭ

ନୂଆଦିଲ୍ଲୀ: ଆମାଜନ ପ୍ରାଇମ ହେଉଛି ଏକ ବହୁମୂଲ୍ୟ ସଦସ୍ୟତା, ଯାହା ପ୍ରତିଟି ଗ୍ରାହକଙ୍କ ଜୀବନରେ ଅଧିକର ଆନନ୍ଦ ପ୍ରଦାନ କରିବା ସୁନିଶ୍ଚିତ କରିଥାଏ । ଆମାଜନ ପ୍ରାଇମ, ସଦସ୍ୟମାନଙ୍କୁ ୪୦ଲକ୍ଷରୁ ଅଧିକ ଉତ୍ପାଦ ଉପରେ ଗୋଟିଏ ଦିନର ମାଗଣା ଡେଲିଭରୀ ସୁବିଧା ଉପଲବ୍ଧ କରିବା ଏବଂ ଫୋନ, ପୋଷାକ, ଗୃହସଜ୍ଜା ଉପକରଣ, ବିୟୁଟି ଭଳି ଅନେକ ଦୈନନ୍ଦିନ ଗୃହ ଉପକରଣଗୁଡ଼ିକ ଉପରେ 'ପ୍ରାଇମ ଅଫର୍ସ ଏଭ୍ରିଡେ' ସହିତ କିଣାକିଣି କରିବାକୁ ସକ୍ଷମ କରିଥାଏ। ଏହା ସମ୍ପର୍କରେ ଆମାଜନ ଇଣ୍ଡିଆର ଉପଭୋକ୍ତା ମାର୍କେଟିଙ୍ଗ ନିର୍ଦ୍ଦେଶକ ପ୍ରଜ୍ଞା ଶର୍ମା କହିଛଁ ଯେ, 'ଆମାଜନରେ ଆମେ ଆମ ଗ୍ରାହକଙ୍କୁ ସର୍ବଦା ଗୁରୁତ୍ୱ ପ୍ରଦାନ କରିଥାଉ ଏବଂ ସେମାନଙ୍କ ପାଇଁ ସର୍ବଦା କିଛି ନୂଆ କରିବାକୁ ପ୍ରୟାସ କରିଥାଉ । ହାସଟ୍ୟାଗ ସଚ୍ ମେଁ ଠୁ ମଚ୍ କ୍ୟାମ୍ପେନ ଏହାକୁ ଅନୁପାଳନ କରୁଛି । ଆମେ ଏହି ଗୋଟିଏ ମେମ୍ବରସିପରେ ଗ୍ରାହକମାନଙ୍କୁ ଅନେକଗୁଡ଼ିଏ ଲାଭ ପ୍ରଦାନ କରିଥାଉ ଯାହାଦ୍ୱାରା ସେମାନେ ଅଧିକ ଆନନ୍ଦ ଉପଭୋଗ କରିପାରିବେ । ଏହି କ୍ୟାମ୍ପେନ ମାଧ୍ୟମରେ ଆମେ ପ୍ରାଇମର ବିଭିନ୍ନ ଲାଭ ସମ୍ପର୍କରେ ସଚେତନତା ନିର୍ମାଣ କରିବା ଏବଂ ଗ୍ରାହକଙ୍କୁ ଏଗୁଡ଼ିକର ବ୍ୟବହାର କରିବା ଲାଗି ପ୍ରୋତ୍ସାହିତ କରିବାକୁ ଚାହୁଁଛୁ। ୨୦୧୬ରେ ଭାରତରେ ଏହାର ଶୁଭାରମ୍ଭ ପରଠାରୁ ଆମାଜନ ପ୍ରାଇମକୁ ବନ୍ଧୁ ଏବଂ ପରିଜନଙ୍କ ପାଇଁ ଏକ ୱାନ ଷ୍ଟପ ଡେଷ୍ଟିନେସନ ଭାବେ ପ୍ରସ୍ତୁତ କରାଯାଇଛି।

## ବ୍ଲଡ୍ ଡୋନେଶନ ଭ୍ୟାନ୍ ଦାନ କଲା ଜିକିତ୍ସା ହେଲ୍‌ଥକେୟାର ଲିଃ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡିଶାରେ ୧୦୮ ଆମ୍ବୁଲାନ୍ସ ସେବାର ପରିଚାଳନା ସଂସ୍ଥା, ଜିକିତ୍ସା ହେଲ୍‌ଥକେୟାର ଲିମିଟେଡ୍ (ଜେଡ୍ଏଚ୍ଏଲ୍), ଆମ୍ବୁଲାନ୍ସ ଆକ୍ସେସ ଫର୍ ଅଲ୍ (ଏଏଏ) ସହ ସହଭାଗିତାରେ ଏକ ଅତ୍ୟାଧୁନିକ ମୋବାଇଲ ବ୍ଲଡ୍ ଡୋନେଶନ ଭ୍ୟାନ୍‌ର ଶୁଭାରମ୍ଭ କରିଛି। ଏହି ଭ୍ୟାନ୍‌କୁ ଆଜି ଏନ୍ଏଚ୍ଏମ୍-ଓଡିଶାର ଏମ୍‌ଡି, ଆଇଏଏସ୍, ଡଃ ବୃନ୍ଦା ଡି'ଙ୍କ ଉପସ୍ଥିତିରେ ଔପଚାରିକ ଭାବେ ଓଡିଶା ବ୍ଲଡ୍ ସେଂଟର୍ ବିଏମ୍‌ସି ହସ୍ପିଟାଲକୁ ହସ୍ତାନ୍ତର କରାଯାଇଛି। ଡଃ ବୃନ୍ଦା ଏହି ସମାରୋହର ଉଦ୍‌ଘାଟନ କରିଥିବାବେଳେ ଏଠାରେ ବହୁସଂଖ୍ୟକ ଏନ୍ଏଚ୍ଏମ୍ ଓ ଜେଡ୍ଏଚ୍ଏଲ୍ ଅଧିକାରୀମାନେ ଉପସ୍ଥିତ ଥିଲେ। ନୂଆ କରି ଶୁଭାରମ୍ଭ ହୋଇଥିବା ଏହି ମୋବାଇଲ ଭ୍ୟାନ୍ ରକ୍ତଦାନ ପ୍ରକ୍ରିୟା ପାଇଁ ଆବଶ୍ୟକ ଅତ୍ୟାଧୁନିକ ସୁବିଧା, ଯେପରିକି ସଂଗ୍ରହ ଉପକରଣ, ଡୋନର ବେଡ୍ ଓ ସ୍ୱଳ୍ପାବଧି ଷ୍ଟୋରେଜ ସଲ୍ୟୁଶନ ସହ ସୁସଜ୍ଜିତ ରହିଛି। ଏହି ଅଭିଯାନ ରକ୍ତଦାନ କ୍ୟାମ୍ପେନ୍‌ଗୁଡିକର ପହଂଚକୁ ବିସ୍ତାର କରିବା ଏବଂ ସ୍ଥାନୀୟ ରକ୍ତ ସଂଗ୍ରହ ପ୍ରୟାସଗୁଡିକୁ ସୁଗମ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମ ସମୟରେ ଜିକିତ୍ସା ହେଲ୍‌ଥ କେୟାର ଲିମିଟେଡ୍‌ର ରାଜ୍ୟ ମୁଖ୍ୟ ଶ୍ରୀ ସବ୍ୟସାଚୀ ବିଶ୍ୱାଳ କହିଛନ୍ତି, ଗତ ୧୦ ବର୍ଷ ହେବ ଆମେ ସଫଳତାର ସହିତ ଓଡିଶାର ଲୋକମାନଙ୍କୁ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ପ୍ରଦାନ କରିଆସୁଛୁ। ଏକ ଦାୟିତ୍ୱସମ୍ପନ୍ନ ଜରୁରୀକାଳିନ ସେବା ପ୍ରଦାତା ଭାବେ ଜେଡ୍ଏଚ୍ଏଲ୍ ସ୍ଥାୟୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକାଧିକ ପଦକ୍ଷେପ ମାଧ୍ୟମରେ ଅଧିକରୁ ଅଧିକ ଲୋକଙ୍କ ଜୀବନ ବଂଚାଇବା ପାଇଁ ଏହାର ସାମାଜିକ ପ୍ରତିବଦ୍ଧ ରହିଛି। ଏହି ଅଭିଯାନ ସିଧାସଳଖ ଲୋକମାନଙ୍କ ନିକଟରୁ ରକ୍ତ ସଂଗ୍ରହ କରିବାରେ ନିସନ୍ଦେହ ଭାବେ ସାହାଯ୍ୟ କରିବ, ଅଧିକରୁ ଅଧିକ ଲୋକଙ୍କୁ ଆଗକୁ ଆସି ରକ୍ତଦାନ କରିବା ପାଇଁ ପ୍ରୋତ୍ସାହିତ

### ବାର୍ଷିକ ୫୦୦୦ ୟୁନିଟ୍ ରକ୍ତ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି

କରିବ। ଆମର ଲକ୍ଷ୍ୟ ହେଉଛି ବାର୍ଷିକ ୫୦୦୦ ୟୁନିଟ୍ ରକ୍ତ ସଂଗ୍ରହ କରିବା। ଜେଡ୍ଏଚ୍ଏଲ୍ ବିଗତ ବର୍ଷଗୁଡିକରେ ରକ୍ତଦାନଠାରୁ ଆରମ୍ଭ କରି ମହାମାରୀ ଦ୍ୱାରା ପ୍ରଭାବିତ ଆଗଧାଡ଼ିର କର୍ମଚାରୀଙ୍କ ପରିବାର ପାଇଁ ପାଣ୍ଠି ହାସଲ କରିବା, ବୃକ୍ଷରୋପଣ, ଜିଲ୍ଲା ହସ୍ପିଟାଲଗୁଡିକୁ ହ୍ୱିଲଚେୟାର କିମ୍ବା ଟ୍ରେଂଚର୍ ଦାନ କରିବା ପର୍ଯ୍ୟ' ଏକାଧିକ ସାମାଜିକ ଅଭିଯାନକୁ ସମର୍ଥନ କରିଆସିଛି, କାରଣ ଆମେ ସମାଜର ଉନ୍ନତିରେ ଯୋଗଦାନ ଦେବାରେ ଦୃଢତାର ସହ ବିଶ୍ୱାସ ରଖିଛୁ। ପ୍ରତିବଦ୍ଧତାକୁ ପୂରଣ କରିବା ଲାଗି ଆଗଧାଡିରେ ରହିଆସିଛି। ଆମେ ନିୟମିତ ଭାବେ ଭୁବନେଶ୍ୱର ଓ ଅନ୍ୟାନ୍ୟ ଜିଲ୍ଲାଗୁଡିକରେ ରକ୍ତଦାନ ଶିବିରର ଆୟୋଜନ କରିଆସୁଛୁ। ଆଜି ଏହି ଭ୍ୟାନ୍‌ର ଶୁଭାରମ୍ଭ ସହିତ ଆମେ ଓଡିଶାର ଲୋକମାନଙ୍କୁ ସେବା ଯୋଗାଇବା ପ୍ରତି ଆମର ସମର୍ପଣଭାବକୁ ସୁଦୃଢ କରିଛୁ। ଜେଡ୍ଏଚ୍ଏଲ୍‌ର ସହପ୍ରତିଷ୍ଠାତା ନରେଶ ଜୈନ୍ କହିଛନ୍ତି, 'ଜିକିତ୍ସା ହେଲ୍‌ଥ କେୟାର ଲିମିଟେଡ୍ ରାଜ୍ୟରେ ଜରୁରୀକାଳିନ ସ୍ୱାସ୍ଥ୍ୟ ସେବାଗୁଡିକୁ ଉନ୍ନତ କରିବା ପାଇଁ

## ଆର୍ଏସ୍‌ପିରେ ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ଷ୍ଟିଲ ମେକିଂ ସମ୍ବନ୍ଧୀୟ ଶିକ୍ଷାଲାଭ



ରାଉରକେଲା(ଭାସ୍କର ନ୍ୟୁଜ୍): ରାଉରକେଲା ଇସ୍ପାତ କାରଖାନାରେ ଚଳିତ ଗ୍ରୀଷ୍ମକାଳରେ ବିଭିନ୍ନ ବୈଷୟିକ ମହାବିଦ୍ୟାଳୟରେ ଭିନ୍ନଭିନ୍ନ ବ୍ରାଞ୍ଚରେ ଇଞ୍ଜିନିୟରିଂ ଅଧ୍ୟୟନ କରୁଥିବା କାରଖାନାର କର୍ମଚାରୀଙ୍କର ସମ୍ପର୍କୀୟ ପ୍ରାୟ ୩୩୦ ଜଣ ଛାତ୍ରଛାତ୍ରୀ ତୃତୀୟ ପର୍ଯ୍ୟାୟରେ କାରଖାନା ଦ୍ୱାରା ପ୍ରଦତ୍ତ ଷ୍ଟିଲ ମେକିଙ୍ଗ ସମ୍ବନ୍ଧୀୟ ଶିକ୍ଷା କାର୍ଯ୍ୟକ୍ରମର ସୁବିଧା ହାସଲ କରିଛନ୍ତି। ଏହି ବିଶାଳ ସମନ୍ୱିତ ଇସ୍ପାତ କାରଖାନାର ପ୍ରଯୁକ୍ତି ଜ୍ଞାନକୌଶଳ ଏବଂ ପରିଚାଳନା ଛାତ୍ରଛାତ୍ରୀମାନଙ୍କୁ ମାନସିକ ସ୍ତରରେ ପ୍ରଶସ୍ତ କରିବା ସହିତ ଏହା ସେମାନଙ୍କର ଚିନ୍ତନକୁ ଏକ ସୃଜନଶୀଳ ରୂପ ଦେବାରେ ସହାୟକ ହୋଇଛି। ଚଳିତ ବର୍ଷ ପ୍ରଥମ ବ୍ୟାଚ ଛାତ୍ରଛାତ୍ରୀ ମଇ ୮ ତାରିଖରେ ଯୋଗ ଦେଇଥିବାବେଳେ ଦ୍ୱିତୀୟ ବ୍ୟାଚ ଛାତ୍ରଛାତ୍ରୀ ମଇ ୨୨ ତାରିଖରେ ପ୍ରଶିକ୍ଷଣ ନିମନ୍ତେ ଯୋଗ ଦେଇଥିଲେ। ତୃତୀୟ ବ୍ୟାଚ ପାଇଁ ଗୋପବନ୍ଧୁ ପ୍ରେକ୍ଷାଳୟଠାରେ ଜୁନ ୮ ତାରିଖରେ ଅନୁଷ୍ଠିତ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ଏଚଆରଡ଼ି ବିଭାଗର ସିଜିଏମ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ଅଧ୍ୟକ୍ଷତା କରିଥିଲେ। ଏହି ଦିନବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନଙ୍କୁ ସମନ୍ୱିତ ଇସ୍ପାତ କାରଖାନାର ବିବିଧ କାର୍ଯ୍ୟଧାରା ସମେତ ପ୍ରଶିକ୍ଷଣ ସମୟରେ ଅନୁପାଳନୀୟ ଆବଶ୍ୟକୀୟ ସୁରକ୍ଷା ନିୟମ ସମ୍ବନ୍ଧରେ ଅବଗତ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ ଅଡିଓ ଭିଜୁଆଲ ଉପସ୍ଥାପନା ମାଧ୍ୟମରେ ଆରଏସପିର ଐତିହ୍ୟ, କାର୍ଯ୍ୟଧାରା, ସାମଗ୍ରୀ ସମୂହ ଏବଂ ସୁରକ୍ଷା ନିୟମ ଆଦି ତଥ୍ୟ ପ୍ରଦାନ କରାଯାଇଛି। ପରେପରେ ସେମାନଙ୍କୁ ବିଭିନ୍ନ ବିଭାଗକୁ ପ୍ରଶିକ୍ଷଣ ପାଇଁ ନିଆଯାଇଥିଲା।

# ଖେଳ ଖବର





ପୁଣେ: ଏଠାରେ ଚାଲିଥିବା ଓଡ଼ିଶା ୧୮ ବର୍ଷରୁ କମ ବାଳିକା ଜାତୀୟ ରଗବୀ ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ୫୨-୦ରେ ମହାରାଷ୍ଟ୍ରକୁ ହରାଇ ଚାମ୍ପିୟନ ହୋଇଛି । ୨୭ଟି ରାଜ୍ୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଗତ ସଂସ୍କରଣରେ ଓଡ଼ିଶା ରନର୍ସଅପ ହୋଇଥିଲା । ଗ୍ରୁପ ପର୍ଯ୍ୟାୟରେ ମଧ ଓଡ଼ିଶା ଟିମର ପ୍ରଦର୍ଶନ ପ୍ରଶଂସନୀୟ ରହିଥିଲା । ସେହିପରି କ୍ୱାର୍ଟର ଫାଇନାଲରେ ଉତରାଖଣ୍ଡକୁ ୫୬-୦ ଓ ସେମି ଫାଇନାଲରେ ବିହାରକୁ ୨୨-୧୭ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ । ଦଳର ପ୍ରଦର୍ଶନ ନେଇ କୋଚ ସଞ୍ଜୁକ୍ତା ମୁଣ୍ଡ ସନ୍ତୋଷ ବ୍ୟକ୍ତ କରିଛନ୍ତି । କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ, ଓଡ଼ିଶା ଓ ଓଡ଼ିଶା ରଗବୀ ଫୁଟବଲ ଆସୋସିଏଶନର ସହଯୋଗ ବିନା ଏହା ସମ୍ଭବପର ହୋଇ ନ ଥାନ୍ତା ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ଓଡ଼ିଶା ସରକାର ଜାତୀୟ ମହିଳା ଜୁନିୟର ଓ ସିନିୟର ଟିମକୁ ସ୍ପନସର କରୁଛନ୍ତି । ଆନ୍ତର୍ଜାତୀୟ ରଗବୀ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ପାଇଁ ୧୯ଜଣଙ୍କୁ ଇତି ମଧ୍ୟରେ ଚାକିରୀ ପ୍ରଦାନ କରିଛନ୍ତି । ଓଡ଼ିଶା ଟିମ ଏହା ପରେ ଉଭୟ ପୁରୁଷ ଓ ମହିଳାଜାତୀୟ ସିନିୟର ରଗବୀ ୭ରେ ଅଂଶଗ୍ରହଣ କରିବ ।

## ଇଣ୍ଟରକଣ୍ଟିନେଣ୍ଟାଲ କପ୍ : ଛେତ୍ରୀଙ୍କ ଉପରେ ସମସ୍ତଙ୍କ ନଜର



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍) : ହିରୋ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଠାରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ବ୍ୟତୀତ ଲେବାନନ, ଭାନୁଆଟୁ ଓ ମଙ୍ଗୋଲିଆ ଏଥିରେ ଅଂଶ ଗ୍ରହଣ କରୁଛନ୍ତି। ପ୍ରତିଯୋଗିତା ୯ ତାରିଖରେ ଆରମ୍ଭ ହୋଇ ୧୮ରେ ଶେଷ ହେବ। ସମସ୍ତ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ଭାରତୀୟ ଦଳର ଅଧିନାୟକ ସୁନୀଲ ଛେତ୍ରୀଙ୍କ ଫୁଟବଲ ଜୀବନ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ସେ ଏହି ଟୁର୍ଣ୍ଣାମେଣ୍ଟରେ ଭାରତକୁ ଟାଇଟଲ ବିଜୟୀ କରିପାରିବେ ବୋଲି ବିଶ୍ୱାସ। ସୂଚନାଯୋଗ୍ୟ ଯେ ସେ ଭାରତ ପାଇଁ ଆଜି ସୁଦ୍ଧା ୧୩୧ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୮୪ଗୋଲ ସ୍କୋର କରିଛନ୍ତି। ସମ୍ପ୍ରତି ଭାରତ ଫିଫା ମାନ୍ୟତାର ୧୦୧ ନମ୍ବର ସ୍ଥାନରେ ଥିବା ବେଳେ ଅନ୍ୟତମ ପ୍ରତିଦ୍ୱନ୍ଦି ଲେବାନନ ୯୯ତମ ସ୍ଥାନରେ ରହି ଶୀର୍ଷ ମାନ୍ୟତାପ୍ରାପ୍ତ ଦଳ ଭାବେ ଏହି ଟୁର୍ଣ୍ଣାମେଣ୍ଟ ଖେଳିବେ। ତେବେ ସୁନୀଲ ଛେତ୍ରୀ ସବୁବେଳେ ଭାରତ ପାଇଁ ସଂଘର୍ଷ କରି ଆସୁଥିବା ବେଳେ ଏହି ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରିବେ ବୋଲି ବଡ ଆଶା ରଖିଛନ୍ତି। ତେଣୁ ସମସ୍ତଙ୍କର ନଜର ତାଙ୍କ ଉପରେ ରହିଛି। ଗୁରୁବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଧିନାୟକ ଛେତ୍ରୀ କହିଛନ୍ତି ଯେ, ଏହି ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରିବା ପାଇଁ ମାନସିକ ସ୍ତରରେ ଜୋରଦାର ପ୍ରସ୍ତୁତି ଚଳାଇଛି। ସୂଚନାଯୋଗ୍ୟ ଯେ ସୁନୀଲ ଛେତ୍ରୀ ଇଣ୍ଟରକଣ୍ଟିନେଟର କପ୍ ଫୁଟବଲର ଗତ ୩ ସଂସ୍କରଣରେ ୧୧ଗୋଲ୍ ସ୍କୋର କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ଲେବାନନ ଓ ଭାନୁଆଟୁ ମୁକାବିଲା କରିବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚରେ ମଙ୍ଗୋଲିଆ ସହିତ ଖେଳିବ ଭାରତ। ୨୦୧୯ରେ ଅନୁଷ୍ଠିତ ସଂସ୍କରଣରେ ଉତ୍ତର କୋରିଆ ଚାମ୍ପିୟନ ହୋଇଥିଲା। ଫାଇନାଲରେ ଏହି ଦଳ ତାଜିକସ୍ତାନକୁ ପରାସ୍ତ କରିଥିଲା। ଏଥର ଆୟୋଜକ ଦଳଭାବେ ଭାରତ ଖେଳିବାକୁ ସୁଯୋଗ ପାଇଥିବାବେଳେ ଏସିଆନ୍ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି)ରୁ ଲେବାନନ ଓ ମଙ୍ଗୋଲିଆ ଏବଂ ଓସେନିଆ ଫୁଟବଲ କନ୍‌ଫେଡେରେଶନ (ଓଏଫ୍‌ସି)ରୁ ଭାନୁଆଟୁ ପ୍ରତିନିଧିତ୍ୱ କରିବାକୁ ଯାଉଛି। ରାଉଣ୍ଡ ରବିନ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ସହିତ ଖେଳିବାପରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ର ପ୍ରଥମ ସଂସ୍କରଣ ୨୦୧୮ରେ ମୁମ୍ବାଇରେ ଅନୁଷ୍ଠିତ ହୋଇଥିବା ବେଳେ ଭାରତ ଚାମ୍ପିୟନ ହୋଇଥିଲା। ଫାଇନାଲରେ କେନିୟାକୁ ୨-୦ ଗୋଲରେ ହରାଇ ଭାରତ ଟାଇଟଲ ଅର୍ଜନ କରିଥିଲା। ସୁନୀଲ ଛେତ୍ରୀ ୪ ମ୍ୟାଚରେ ୯ଟି ଗୋଲ ଦେଇଥିଲେ। ୨୦୧୯ରେ ଦ୍ୱିତୀୟ ସଂସ୍କରଣରେ ଭାରତର ପ୍ରଦର୍ଶନ ଆଶାନୁରୂପ ହୋଇ ନଥିଲା। ସଂଘର୍ଷପୂର୍ଣ୍ଣ ଫାଇନାଲରେ ଉତ୍ତର କୋରିଆ ଏକମାତ୍ର ଗୋଲରେ ତାଜିକିସ୍ତାନକୁ ହରାଇ ଟାଇଟଲ ଜିତିଥିଲା। ତେବେ ନିକଟ ଅତୀତରେ ଭାରତ ଭଲ ଥିବାରୁ ଦୀର୍ଘ ୫ ବର୍ଷ ପରେ ପୁଣି ଟାଇଟଲ ଜିତିବାର ସୁଯୋଗ ରହିଛି।

### ଜୁନିୟର ମହିଳା ଏସିଆକପ ହକି ଚାମ୍ପିଅନଶିପ

## ସେମିଫାଇନାଲରେ ଭାରତ



ନୂଆଦିଲ୍ଲୀ: ଜୁନିୟର ମହିଳା ଏସିଆ କପ ହକି ଚାମ୍ପିଅନଶିପରେ ଭାରତୀୟ ଦଳ ବିଜୟ ଧାରା ବଜାୟ ରଖି ସେମିଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛି। ସଂପ୍ରତି ଜାପାନର କାକାମିଗାହାରାଠାରେ ଚାଲିଥିବା ଏହି ଚାମ୍ପିଅନଶିପର ଗୁରୁବାର ଅନୁଷ୍ଠିତ ଶେଷ ଗ୍ରୁପ ପର୍ଯ୍ୟାୟ ଲିଗ ମ୍ୟାଚରେ ଭାରତୀୟ ମହିଳା ଦଳ ଦମଦାର ପ୍ରଦର୍ଶନ ସହିତ ଚାଇନିଜ ତାଇପେଇକୁ ୧୧-୦ ଗୋଲରେ ପରାସ୍ତ କରିଛି। ଏହି ବିଜୟ ସହିତ ଭାରତ ଗ୍ରୁପ ଏ ଟପ୍ପର ମଧ୍ୟ ହୋଇଛି। ଗ୍ରୁପ ପର୍ଯ୍ୟାୟରେ ଭାରତ ୩ ମ୍ୟାଚରେ ବିଜୟୀ ହୋଇ ଥିବା ବେଳେ ଗୋଟିଏ ମ୍ୟାଚ ଡ୍ର ରଖିଥିଲା। ତେଣୁ ଏ ପର୍ଯ୍ୟନ୍ତ ଭାରତ ଅପରାଜେୟ ରହି ସେମିଫାଇନାଲ ଖେଳିବା ପାଇଁ ସୁଯୋଗ ସୃଷ୍ଟି କରିଛି। ଚାଇନିଜ ତାଇପେଇ ବିପକ୍ଷ ମ୍ୟାଚରେ ଭାରତ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଧିପତ୍ୟ ଜାହିର କରି ଗୋଟିଏ ପରେ ଗୋଟିଏ ଗୋଲ ସ୍କୋର କରିବାରେ ସଫଳ ହୋଇ ଥିବା ବେଳେ ପ୍ରତିପକ୍ଷ ଦଳ ଆପ୍ରାଣ ଉଦ୍ୟମ କରି ଗୋଟିଏ ଗୋଲ ମଧ୍ୟ ପରିଶୋଧ କରି ପାରି ନ ଥିଲା। ଭାରତ ପକ୍ଷରୁ ଅନୁ ଓ ସୁନେଲିତା ଟପ୍ପୋ ପ୍ରତ୍ୟେକ ୨ ଲେଖାଏଁ ଓ ବୈଷ୍ଣବୀ ଭିତାଲଫାଲକେ, ଦୀପିକା, ରୁତୁଜା ଦାଦାସୋ ପିସାଲ, ନୀଲମ, ମଞ୍ଜୁ ଘୋରସିୟା, ଦୀପିକା ସୋରେଙ୍ଗ ଓ ମମତାଜ ଖାନ୍ ପ୍ରତ୍ୟେକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ସେମିଫାଇନାଲରେ ଭାରତ ଶନିବାର ଜାପାନ କିମ୍ବା କାଜାଖସ୍ତାନ ବିରୋଧରେ ଖେଳିବ।

## କଳାହାଣ୍ଡି କପ୍ ଉଦ୍‌ଯାପିତ : କଟକ 'ଏ' ଚାମ୍ପିଅନ୍




କଟକ (ଭାସ୍କର ନ୍ୟୁଜ୍) : ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ସିନିୟର ପୁରୁଷ ଆନ୍ତଜିଲ୍ଲା କଳାହାଣ୍ଡି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ରେଭେନ୍ସ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ଦୁଇ ଦିନିଆ ଫାଇନାଲ ମ୍ୟାଚ୍‌ରେ କଟକ ଏ' ସିନିୟର ପୁରୁଷ ଦଳ ଅବଶିଷ୍ଟ ଓଡ଼ିଶା-'ଡି' ସିନିୟର ପୁରୁଷ ଦଳକୁ ୧୭୩ରନ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଟସ୍ ଜିଣିବା ପରେ ଅବଶିଷ୍ଟ ଓଡ଼ିଶା 'ଡି' ଫିଲ୍ଡିଂ ନିଷ୍ପତ୍ତି ନେଇଥିବା ବେଳେ ପ୍ରଥମେ ବ୍ୟାଟିଂ କରି କଟକ 'ଏ' ୯୦ଓଭରରେ ୭ଓ୍ୱିକେଟ ହରାଇ ୩୬୧ କରିଥିଲା। ଦଳ ପକ୍ଷରୁ ସାଇଦୀପ ସର୍ବାଧିକ ୧୭୬ ଓ ସୌଭାଗ୍ୟ ମିଶ୍ର ୮୬ ରନ୍ କରିଥିବା ବେଳେ ଅବଶିଷ୍ଟ ଓଡ଼ିଶା ପକ୍ଷରୁ ସଫଳ ବୋଲରଭାବେ ଜାମଲା ବି ମହାପାତ୍ର ୩ ଓ ମିଳନ ସାମଲ ୨ ଓ୍ୱିକେଟ ଅକ୍ତିଆର କରିଥିଲେ। ପଛରେ ବ୍ୟାଟିଂ କରି ଅବଶିଷ୍ଟ ଓଡ଼ିଶା ଡି' ୯୦ଓଭରରେ ୮ଓ୍ୱିକେଟ ହରାଇ କରିଥିଲା ୧୮୮ରନ୍। ଦଳ ପକ୍ଷରୁ ଦେବେନ୍ଦ୍ର ଏସ୍ ୪୮, ଜାମଲା ୩୬ ଓ ଶୁଭମ ନାୟକ ୩୪ରନ୍ କରିଥିବା ବେଳେ କଟକ 'ଏ' ପକ୍ଷରୁ ଚମତ୍କାର ବୋଲିଂ କରି ରାମଚନ୍ଦ୍ର ବେହେରା ୩୦ରନ୍ ବିନିମୟରେ ୬ଓ୍ୱିକେଟ ଅକ୍ତିଆର କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ଟୁର୍ଣ୍ଣାମେଣ୍ଟର ପ୍ରିଲିମିନାରୀ ଦିନିକିଆ (୫୦ଓଭର) ମ୍ୟାଚ୍ ହ୍ୱାଇଟ ବଲ୍‌ରେ ମାର୍ଚ୍ଚ ୧୬ରୁ ମେ' ୧ତାରିଖ ପର୍ଯ୍ୟନ୍ତ ୩୭ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିମଧ୍ୟରୁ ୬ଦଳ ସୁପରଲିଗ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଥିଲେ। ସେହିପରି ଅବଶିଷ୍ଟ ଓଡ଼ିଶାର ୬ଦଳକୁ ନେଇ ସୁପରଲିଗ୍ ପର୍ଯ୍ୟାୟ (୫୦ଓଭର ଫର୍ମାଟ) ମେ' ୧୫ରୁ ୨୧ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହାପରେ ମେ' ୨୪ରୁ ଜୁନ୍ ୪ତାରିଖ ପର୍ଯ୍ୟନ୍ତ ରେଡ୍ ବଲରେ ଦୁଇ ଦିନିଆ ଫର୍ମାଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ବେଳେ ଏହି ୧୨ଦଳକୁ ନେଇ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଭଲ ପ୍ରଦର୍ଶନ କରି କଟକ 'ଏ' ଓ ଅବଶିଷ୍ଟ ଓଡ଼ିଶା-ଡି' ଫାଇନାଲ ଖେଳିଥିଲେ। ଗୁରୁବାର ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପ୍ରଫେସର ଡ. ସଞ୍ଜୟ କୁମାର ନାୟକ (ଭାଇସ୍ ଚାନ୍‌ସେଲର, ରେଭେନ୍‌ସା ବିଶ୍ୱବିଦ୍ୟାଳୟ) ମୁଖ୍ୟ ଅତିଥି ଓ ସୌଭିକ ବିଶ୍ୱାଳ (ବିଧାୟକ) ଏବଂ ଆଶୀର୍ବାଦ ବେହେରା (ସଂପାଦକ ଫାଓ ଏବଂ ଓଏଏ) ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଏମାନଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏସନ କର୍ମକର୍ତ୍ତାଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏମାନଙ୍କ ବ୍ୟତୀତ ଓସିଏର ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସଂପାଦକ ସଞ୍ଜୟ ବେହେରା, ଯୁଗ୍ମ ସଂପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନ୍‌ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଓସିଏର କର୍ମକର୍ତ୍ତାମାନେ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିଲେ। ଏଥିରେ ଉପସ୍ଥିତ ଥିବା ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ବିଶେଷ ମାନେ ହେଲେ ଓସିଏର ସଦସ୍ୟ ସୁଶାନ୍ତ କୁମାର ମହାନ୍ତି, ନୃସିଂହ ଚରଣ ଚୌଧୁରୀ, ଅଞ୍ଜନ କୁମାର ଖୁଣ୍ଟିଆ, ପ୍ରଦୀପ ସେଠୀ, ସାଗରନାଥ ମିଶ୍ର ଓ ଅମିତ ବେହେରା। ଏହି ଅବସରରେ ବାହାନାଗା ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

### ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍

## ଅଷ୍ଟ୍ରେଲିଆ ବୋଲିଂରେ ଭାରତ ଘାଇଲା

ଲଣ୍ଡନ : ସ୍ଥାନୀୟ ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଷ୍ଟିଭେନ ସ୍ମିଥ୍‌ଙ୍କ ୧୨୧, ଟ୍ରେଭିସ ହେଡ୍ ୧୬୩, ଆଲେକ୍ସ କେରେଙ୍କ ୪୮ ଏବଂ ଡେଭିଡ ଓ୍ୱାର୍ଣ୍ଣରଙ୍କ ୪୩ରନ୍ ବଳରେ ୪୬୯ରନ୍ କରି ଅଲ୍‌ଆଉଟ ହୋଇଯାଇଛି। ଭାରତ ପକ୍ଷରୁ ମହମ୍ମଦ ସିରାଜ ୪ ଓ ମହମ୍ମଦ ସାମି ଏବଂ ସାର୍ଦ୍ଦୁଳ ଠାକୁର ୨ଟି ଲେଖାଏଁ ଓ୍ୱିକେଟ ଅକ୍ତିଆର କରିଛନ୍ତି। ଭାରତ ପ୍ରଥମ ଇନିସଂ ବ୍ୟାଟିଂ ଆରମ୍ଭ କରି ଦ୍ୱିତୀୟ ଦିନ ଖେଳ ଶେଷ ବେଳକୁ ୫ଓ୍ୱିକେଟ ହରାଇ ୧୫୧ ରନ୍ କରିଛି। ରୋହିତ ଶର୍ମା ୧୫, ଶୁବମନ ଗିଲ୍ ୧୩, ଚେତେଶ୍ୱର ପୂଜାରା ୧୪, ବିରାଟ କୋହଲି ୧୪, ରବିନ୍ଦ୍ର ଜାଡେଜା ୪୮ରନ୍ କରି ଆଉଟ ହୋଇଥିବା ବେଳେ ଆଜିଙ୍କ୍ୟ ରାହେଣ ୨୯ ଓ ଓ୍ୱିକେଟକିପର ଶିଖର ଭରତ ୫ରନ୍ କରି ଅପରାଜିତ ଅଛନ୍ତି। ଆହୁରି ୩ଦିନ ଖେଳ ବାକି ଥିବା ବେଳେ ଭାରତ ଏହି ବିପର୍ଯ୍ୟୟରୁ ବର୍ତ୍ତିବା କାଠିର ପାଠ।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି : ନେଦରଲାଣ୍ଡ ଠାରୁ ଭାରତ ପରାସ୍ତ



ଇନ୍ଦୋଭେନ (ନେଦରଲାଣ୍ଡ) : ସମ୍ପ୍ରତି ୟୁରୋପ ଗସ୍ତରେ ଥିବା ଭାରତୀୟ ପୁରୁଷ ହକି ଦଳ ଗୁରୁବାର ଏଠାରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋଲିଗ୍ ହକି ମ୍ୟାଚରେ ଘରୋଇ ନେଦାରଲାଣ୍ଡ ଠାରୁ ୧-୪ଗୋଲରେ ପରାସ୍ତ ହୋଇଛି। ନିକଟରେ ଭାରତୀୟ ଦଳ ଲଣ୍ଡନରେ ଅନୁଷ୍ଠିତ ପ୍ରୋ ଲିଗ୍ ମୁକାବିଲାର ପ୍ରଥମ ମ୍ୟାଚ୍‌ରେ ବେଲ୍‌ଜିୟମ୍ ଓ ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଠାରୁ ହାରିଥିବା ବେଳେ ପାଲଟା ମ୍ୟାଚ୍‌ରେ ଏହି ଉଭୟ ଦଳକୁ ପରାସ୍ତ କରି ମନୋବଳ ଦୃଢ଼ କରିଥିଲା। ମାତ୍ର ଗୁରୁବାର ନେଦରଲାଣ୍ଡ ବିପକ୍ଷ ମ୍ୟାଚରେ ପୂର୍ବ ସଫଳତା ଦୋହରାଇ ପାରିଲା ନାହିଁ। ଭାରତ ହକିରୁ ଏକମାତ୍ର ସଫଳ ଖେଳାଳି ଭାବେ ଅଧିନାୟକ ହରମନପ୍ରୀତସିଂ ଏକମାତ୍ର ସାନ୍ତ୍ୱନାମୂଳକ ଗୋଲ୍ କରିଥିବା ବେଳେ ନେଦରଲାଣ୍ଡର ପେପିନ ରେୟେଙ୍ଗା, ବୋରିସ ବୁଖାରଡଟ ପ୍ରତ୍ୟେକ ଗୋଟିଏ ଲେଖାଏଁ ଓ ଡ୍ୟୁକୋ ଟେଲଗେନକାମ୍ପ ୨ଗୋଲ ସ୍କୋର କରିଥିଲେ। ଭାରତ ୧୧ତମ ମିନିଟରେ ଗୋଲ ସ୍କୋର କରି ଅଗ୍ରଣୀ ହୋଇଥିବା ବେଳେ ନେଦରଲାଣ୍ଡ ୧୭ତମ ମିନିଟ୍‌ରେ ଗୋଲଟିକୁ ପରିଶୋଧ କରିବା ପରେ ଭାରତ ଉପରେ ପ୍ରବଳ ଚାପ ସୃଷ୍ଟି କରିଥିଲା। ଭାରତ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ପ୍ରତିପକ୍ଷ ଦଳର ପ୍ରଭାବକୁ ପ୍ରତିହତ କରିବାରେ ସଫଳ ହୋଇପାରିଲା ନାହିଁ। ତେଣୁ ବିପୁଳ ଗୋଲ ବ୍ୟବଧାନରେ ପରାଜୟ ସ୍ୱୀକାର କରିଛି। ପରବର୍ତ୍ତି ମ୍ୟାଚରେ ଆର୍ଜେଣ୍ଟିନା ସହ ମୁକାବିଲା କରିବ ଭାରତ।

### ୯ରୁ କିଟ୍ ଓ କିସ୍‌ରେ ପ୍ରଥମ ଜନଜାତୀୟ ଖେଳ ମହୋତ୍ସବ

## ଭାଗନେବେ ୫ହଜାର ପ୍ରତିଯୋଗୀ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କିଟ୍ ଓ କିସ୍‌ରେ ଜୁନ ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରଥମ ଜନଜାତିୟ ଖେଳ ମହୋତ୍ସବ ଆୟୋଜିତ ହେଉଛି। ଏଥିପାଇଁ କିଟ୍‌ରେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଖେଳାଳି, କୋଚ ଓ ଅଫିସିଆଲଙ୍କ ରହଣି ଓ ଖାଦ୍ୟ ବ୍ୟବସ୍ଥା କିଟ୍‌ରେ କରାଯାଇଛି। ଭାରତର ୨୬ଟି ବିଭିନ୍ନ ରାଜ୍ୟରୁ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି ଏଥିରେ ଯୋଗ ଦେଉଛନ୍ତି। ଆଜିଠାରୁ ବିଭିନ୍ନ ପ୍ରାନ୍ତରୁ ଖେଳାଳି, କୋଚ୍ ଓ ଅଫିସିଆଲ ଆସି କିଟ୍‌ରେ ପହଞ୍ଚିବାରେ ଲାଗିଛନ୍ତି। ତୀରନ୍ଦାଜୀ, ଦୌଡ଼କୁଦ, ଫୁଟବଲ, ହକି, କବାଡ଼ି, ଖୋ ଖୋ, ରଗ୍‌ବୀ, ସନ୍ତରଣ, ଭଲିବଲ୍ ଓ ଯୋଗାସନ ଆଦି ବିଭିନ୍ନ ବର୍ଗରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରୁଛନ୍ତି। ଜନଜାତି ଛାତ୍ରଛାତ୍ରୀ ଓ ଖେଳାଳିଙ୍କ କ୍ରୀଡ଼ା ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ପ୍ରଥମ ଥର ଲାଗି ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି। କିଟ୍ ଓ କିସ୍ ଜନଜାତିଙ୍କ ଶିକ୍ଷା ଓ କ୍ରୀଡ଼ାକୁ ଯଥେଷ୍ଟ ଧ୍ୟାନ ଦେଉଥିବାରୁ କିଟ୍‌ରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ବିଗତ ୩୦ ବର୍ଷ ଧରି କିସ୍ ଜରିଆରେ ଜନଜାତିଙ୍କ ବିକାଶ କାର୍ଯ୍ୟ ଜାରି ରହିଛି। ଜାତୀୟସ୍ତରର ଏହି ପ୍ରତିଯୋଗିତା ପାଇଁ କେନ୍ଦ୍ର ସରକାର କିଟ୍ ଓ କିସ୍‌କୁ ଚୟନ କରିଥିବାରୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ଉଭୟ ଅନୁଷ୍ଠାନ ଏଥିପାଇଁ ଗର୍ବିତ ବୋଲି କହିଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ, ଓଡ଼ିଶା ସରକାର ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ପ୍ରଥମ ଜନଜାତୀୟ ଖେଳ ମହୋତ୍ସବ ଆୟୋଜନ କରାଯାଉଛି ବୋଲି ଶ୍ରୀ ସାମନ୍ତ ସୂଚନା ଦେଇଛନ୍ତି।

ଇ-ଟେଣ୍ଡର ନୋଟିସ୍ ନଂ. : ୧୬/ଇଏନ୍/ଡବ୍ଲୁଟି/୨୦୨୩-୨୪। ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ ବରିଷ୍ଠ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି) ଚକ୍ରଧରପୁର, ଓପନ ଟେଣ୍ଡର ପାଇଁ ଇ-ଟେଣ୍ଡର୍ସ ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ସକୁ ଅନୁମତି ମିଳିବ ନାହିଁ, ଏହି ପ୍ରକାର କୌଣସି ମାନୁଆଲ ଅଫର ପାଇଲେ ତାହା ଗ୍ରହଣଯୋଗ୍ୟ ହେବନାହିଁ। **କାର୍ଯ୍ୟର ନାମ :** ବିବିଏନ, ବିଏସ୍‌ପିଏକ୍ସ ଓ ଜେଆର୍‌ଏଲ୍‌ଆଇ ଠାରେ ଇଲେକ୍ଟ୍ରିକାଲ(ଜି) କାର୍ଯ୍ୟ ସହିତ ଗୁଡ୍ସ ସେଡ୍ ଡେଭଲପମେଣ୍ଟ, ଆପ୍ରୋଚ ରୋଡର ଉନ୍ନତିକରଣ, ଓ୍ୱାର୍ଫ ଏରିଆ, ଡ୍ରେନେଜ ସିଷ୍ଟମ ଓ ଗୁଡ୍ ଇଲ୍ୟୁମିନେସନ ଫାସିଲିଟି। **ଟେଣ୍ଡର ମୂଲ୍ୟ :** ଟ. ୫୦,୫୮,୧୮୮.୭୨, **ଇଏମ୍‌ଡି :** ଟ. ୧,୦୧,୨୦୦/-। **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ :** ଟ.୦। **ଟେଣ୍ଡର ଓପନିଂ ଓ କ୍ଲୋଜିଂ ତାରିଖ :** ୦୩.୦୭.୨୦୨୩। ଓ୍ୱେବ୍‌ସାଇଟ୍ **http://www.ireps.gov.in** ରେ ଟେଣ୍ଡର ଦେଖିପାରିବେ। ଟେଣ୍ଡରର/ବିଡର୍ସଙ୍କର କ୍ଲାସ୍-୩ ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ ଥିବ ଓ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରର / ବିଡର୍ସମାନେ ଇ-ଟେଣ୍ଡରିଂରେ ଅଂଶ ଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶ ଗ୍ରହଣ ବେଳେ ସମସ୍ତ ପ୍ରାସଙ୍ଗିକ ପେପର ଅପଲୋଡ୍ କରିବାକୁ ପଡିବ।
(PR-262)

ଦ.ପୂ. ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ ରେଲ୍‌ଓ୍ୱେ ମ୍ୟାନେଜର (ଇଞ୍ଜିନିୟରିଂ) ଚକ୍ରଧରପୁର ପକ୍ଷରୁ ଇ-ଟେଣ୍ଡର୍ସ ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ସକୁ ଅନୁମତି ମିଳିବ ନାହିଁ, ଏହି ପ୍ରକାର କୌଣସି ମାନୁଆଲ ଅଫର ପାଇଲେ ତାହା ଗ୍ରହଣଯୋଗ୍ୟ ହେବନାହିଁ। **କ୍ର.ନଂ. ଟେଣ୍ଡର ନୋଟିସ୍ ନଂ ଓ କାର୍ଯ୍ୟର ନାମ ନିମ୍ନରେ ପ୍ରଦତ୍ତ କରାଯାଇଛି: (୧) ସିକେପି-ଡବ୍ଲୁଟିଏସ୍‌ପି-୨୩-୨୪-୧୫।** ଏସ୍‌ଏସ୍‌ଇ (ଓ୍ୱାର୍କ୍ସ) ୨/ବିଏନ୍‌ଡିଏମ୍ ଅଧିନରେ ବିଏନ୍‌ଡିଏମ୍-ଏନ୍‌ଏକ୍ସଏନ୍ ମଧ୍ୟସ୍ଥ ଓ୍ୱେସାଇଡ୍ ଷ୍ଟେସନରେ ସର୍ଭିସ/ରେସିଡେନ୍‌ସିଆଲ ବିଲ୍ଡିଂ ପାଇଁ ଜୋନାଲ ଓ୍ୱାର୍କ୍ସର ଏକ୍ସିକ୍ୟୁସନ ସହିତ ଜଳ ଯୋଗାଣ ଇତ୍ୟାଦି ୩୦.୦୬.୨୦୨୫ (ଦ୍ୱିତୀୟ କଲ) ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ପଡିବ। **ଟେଣ୍ଡର ମୂଲ୍ୟ:** ଟ. ୧,୨୦,୦୦,୦୦୦/- **ଇଏମ୍‌ଡି :** ଟ. ୨,୧୦,୦୦୦/- **(୨) ସିକେପି-ଡବ୍ଲୁଟିଏସ୍‌ପି-୨୩-୨୪-୧୬।** ଏସ୍‌ଏସ୍‌ଇ (ଓ୍ୱାର୍କ୍ସ) / ରାଉରକେଲା ଅଧିନରେ ରାଉରକେଲା ସେଟଲମେଣ୍ଟଠାରେ ଜଳଯୋଗାଣ କାମ ପାଇଁ ଜୋନାଲ ଓ୍ୱାର୍କ୍ସ ଏକ୍ସିକ୍ୟୁସନ ୩୦.୦୬.୨୦୨୫ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ପଡିବ (ଦ୍ୱିତୀୟ କଲ)। **ଟେଣ୍ଡର ମୂଲ୍ୟ :** ଟ. ୧,୨୯,୯୯,୯୯୯.୯୮ **ଇଏମ୍‌ଡି :** ଟ. ୨,୧୫,୦୦୦/-। **ଟେଣ୍ଡର ଫର୍ମର ମୂଲ୍ୟ :** ଟ.୦ ପ୍ରତି ପାଇଁ। **ଓପନିଂ ତାରିଖ :** ୩୦.୦୬.୨୦୨୩ ପ୍ରତି ପାଇଁ। ଟେଣ୍ଡର **ଓ୍ୱେବ୍‌ସାଇଟ୍ : http://www.ireps.gov.in** ଦେଖିପାରିବେ। ଟେଣ୍ଡରର/ବିଡର୍ସଙ୍କର କ୍ଲାସ୍-୩ ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ ଥିବ ଓ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରର / ବିଡର୍ସମାନେ ଇ-ଟେଣ୍ଡରିଂରେ ଅଂଶ ଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶ ଗ୍ରହଣ ବେଳେ ସମସ୍ତ ପ୍ରାସଙ୍ଗିକ ପେପର ଅପଲୋଡ୍ କରିବାକୁ ପଡିବ। **ଦ୍ରଷ୍ଟବ୍ୟ :** ଇ-ଟେଣ୍ଡର ଫର୍ମ ସମସ୍ତ ଟେଣ୍ଡରର୍ସଙ୍କୁ ମାଗଣାରେ ଇସ୍ୟୁ କରାଯିବ। (ଅଥରିଟି-ରେଲବାଇ ବୋର୍ଡର ଚିଠି ନଂ-୨୦୨୦/ସିଇ-୧/ସିଟି/୩ଇ/ଜିସିସି/ପଲିସି ତାରିଖ : ୧୬.୦୭.୨୦୨୦।
(PR-261)

### ତ୍ରିଲୋଚନପୁର ପ୍ରିମିୟର ଲିଗ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଇଲେଭେନ୍ ଷ୍ଟାର ଚାମ୍ପିଅନ୍



କଣାସ (ଭାସ୍କର ନ୍ୟୁଜ୍) : କଣାସ ବ୍ଲକ ଅର୍ନ୍ତଗତ ତ୍ରିଲୋଚନପୁର ଗ୍ରାମପଞ୍ଚାୟତର ତ୍ରିଲୋଚନପୁର ଖେଳପଡିଆରେ ୬ଟି ଦଳକୁ ନେଇ ଚାଲିଥିବା ତ୍ରିଲୋଚନପୁର ପ୍ରିମିୟର ଲିଗ୍ ମ୍ୟାଚ ଆଜି ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ ଇଲେଭେନ୍ ଷ୍ଟାର ବରକେରା ଏବଂ ଗ୍ଲାଡିଏଟର ଆଙ୍କୁଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଇଲେଭେନ୍ ଷ୍ଟାର ଟସ୍ ଜିତି ପ୍ରଥମେ ବ୍ୟାଟିଙ୍ଗି କରି ନିର୍ଦ୍ଧାରିତ ୧୨ଓଭର ଖେଳି ୪ଟି ଓ୍ୱିକେଟ୍ ହରାଇ ୧୧୦ରନ୍ କରିଥିବାବେଳେ ତାହାର ଜବାବରେ ଗ୍ଲାଡିଏଟର ଦଳ ଦ୍ୱିତୀୟ ଇଂନିସ୍‌ରେ ନିର୍ଦ୍ଧାରିତ ୧୨ଓଭର ଖେଳି ୯ଟି ଓ୍ୱିକେଟ୍ ହରାଇ ୯୭ରନ୍ କରି ପରାଜୟବରଣ କରିଥିଲା। ଇଲେଭେନ୍ ଷ୍ଟାରର ସୁଧାକର ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ଉକ୍ତ ଦଳର ସତେନ୍ଦ୍ର ମାହାନ୍ତି ମ୍ୟାନ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ । ଗଣେଶ୍ୱର ସ୍ୱାଇଁ, ପିନାକ୍ଷୀ ଦାଶ ଖେଳ ପରିଚାଳନା କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ସମାଜସେବୀ ପ୍ରଭାତ କିଶୋର ଦାଶ, ସମାଜସେବୀ ଗୁଣନିଧି ପାତ୍ର, ସାମ୍ବାଦିକ ପ୍ରଶନ୍ନ ତ୍ରିପାଠୀ, ବିଭୂତି ଭୂଷଣ ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ। ବିଧାୟକ ଚାମ୍ପିଅନ୍ ଦଳକୁ ଟ୍ରଫି ସହ ଅର୍ଥ ଏବଂ ରନର୍ସଅପ୍ ଦଳକୁ ରନସ୍ କପ୍ ସହିତ ଅର୍ଥ ପ୍ରଦାନ କରିଥିଲେ। ତ୍ରିଲୋଚନପୁର ଗ୍ରାମର ଯୁବକମାନଙ୍କ ଦ୍ୱାରା ଏହି ପ୍ରିମିୟର ଲିଗ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା ।

### ୨୯ତମ ରାଜ୍ୟସ୍ତରୀୟ ଉଷୁ ଚାମ୍ପିଅନ୍‌ସିପ୍

## ସମବାୟ ବ୍ୟାଙ୍କ ପକ୍ଷରୁ ନୂଆ ଜର୍ସି ପ୍ରଦାନ




ଡେଲାଙ୍ଗ,(ଭାସ୍କର ନ୍ୟୁଜ୍): ଚଳିତ ମାସ ୯ ତାରିଖରେ ଅନୁଗୁଳଠାରେ ଖେଳାଯିବାକୁ ଥିବା ୨୯ ତମ ରାଜ୍ୟ ସ୍ତରୀୟ ଉଷୁ ଚାମ୍ପିୟନସିପ୍ ଖେଳ ପାଇଁ ଡେଲାଙ୍ଗ ସ୍ଥିତ ରାଧାକାନ୍ତ ବିଦ୍ୟାପୀଠରୁ ଛାତ୍ରଛାତ୍ରୀମାନେ ଜିଲ୍ଲା ତରଫରୁ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ଏହି ଖେଳାଳିମାନଙ୍କୁ ନୂଆ ଜର୍ସି ପ୍ରଦାନ ପୂର୍ବକ ଉତ୍ସାହିତ କରାଯାଇଛି । ରାଧାକାନ୍ତ ବିଦ୍ୟାପୀଠର କ୍ରୀଡା ଶିକ୍ଷକ ନଟବର ସେଠି ଖେଳରେ ଭଲ ପ୍ରଦର୍ଶନ କରି ଡେଲାଙ୍ଗ ତଥା ପୁରୀ ଜିଲ୍ଲା ପାଇଁ ଛାତ୍ରଛାତ୍ରୀ ଗୌରବ ଆଣି କୃତିତ୍ୱ ହାସଲ କରିବା ପାଇଁ ପରାମର୍ଶ ଦେଇଛନ୍ତି। ନୂଆ ଜର୍ସି ଡ୍ରେସ ପ୍ରଦାନ ସମୟରେ ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କର ଜିଲ୍ଲା ସଭାପତି କିଶୋର କୁମାର ଛୋଟରାୟ, ସମ୍ପାଦକ ସାରଥୀ ସତପଥି, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିତ୍ରସେନ ନିଶଙ୍କ ଏବଂ ଡେଲାଙ୍ଗ ଶାଖା ପରିଚାଳକ ସନ୍ତୋଷ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ସମେତ ବ୍ଲକର ସୁନାମ ଅର୍ଜନ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ବିବିଧବର୍ଣ୍ଣା




ଆପଣ ନିୟମିତ ଖାଉଛନ୍ତି କି ଅଙ୍ଗୁର ? ଏହି ସବୁ ରୋଗରୁ ମିଳିବ ମୁକ୍ତି। ରକ୍ତଚାପ, କର୍କଟ ରୋଗ ଭଳି ଆଶଙ୍କା କମାଇବା ପାଇଁ ଅାଙ୍ଗୁରରୁ ଫାଇଦା ମିଳେ। ଅଙ୍ଗୁର ଖାଇବା କାହିଁକି ଆବଶ୍ୟକ ଏବଂ ଏହାକୁ ଖାଇବାର ଲାଭ କ'ଣ ଚାଲନ୍ତୁ ଜାଣିବା । ଅଙ୍ଗୁର ଖାଇବାର ସ୍ୱାସ୍ଥ୍ୟ ଉପକାର- ହାଡ ଶକ୍ତ ରଖେ- ଅଙ୍ଗୁରରେ ଭିଟାମିନ୍ କେ ଥାଏ। ଯାହା ରକ୍ତ ଜମାଟ ବାନ୍ଧିବା ସମସ୍ୟାକୁ ଦୂର କରିବା ସହିତ ଶକ୍ତି ବୃଦ୍ଧି ପାଇଁ ମଧ୍ୟ କାମ କରିଥାଏ । ଅନ୍ୟ ପଟେ, ଯଦି ଆପଣ ପ୍ରତିଦିନ ଅଙ୍ଗୁର ଖାଆନ୍ତି, ତେବେ ଏହା ହାଡକୁ ଶକ୍ତିଶାଳୀ କରିଥାଏ । ଅଙ୍ଗୁରରେ ମାଙ୍ଗାନିଜ୍ ପରି ଉପାଦାନ ଥାଏ। ତେଣୁ ତାହା ଆପଣଙ୍କ ଶରୀରକୁ ସୁସ୍ଥ ରଖିବା ପାଇଁ କାର୍ଯ୍ୟ କରେ। ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ- ଅଙ୍ଗୁରରେ ପୋଟାସିୟମ୍ ପ୍ରଚୁର ଥାଏ। ଯାହା ଆପଣଙ୍କ ରକ୍ତଚାପକୁ ସଠିକ୍ ରଖିବାରେ ସାହାଯ୍ୟ କରେ। କୋଲେଷ୍ଟ୍ରଲ ନିୟନ୍ତ୍ରଣରେ ରୁହେ- ଯଦି ଆପଣ କୋଲେଷ୍ଟ୍ରଲ ସମସ୍ୟାରେ ପୀଡିତ। ତେବେ ଆପଣ ଅଙ୍ଗୁର ଖାଇପାରିବେ । ଆଖି ଏବଂ କେଶ ସୁସ୍ଥ ରହିଥାଏ- ଅଙ୍ଗୁରରେ ଅନେକ ଆଣ୍ଟିଅକ୍ସିଡାଣ୍ଟ ମିଳେ । ଯାହା ଶରୀରକୁ ଫ୍ରି ରେଡିକାଲ୍ ଏବଂ କୋଷର କ୍ଷତିକୁ ସୁସ୍ଥ କରିବାରେ ସାହାଯ୍ୟ କରିଥାଏ ।



## ବିମାନ ଯାତ୍ରାରେ ଫର୍‌ଫ୍ୟୁମ୍ ମନା



ବିମାନରେ ଯାତ୍ରା କରିବା ସମୟରେ ସୁରକ୍ଷା ଦୃଷ୍ଟିରୁ ଯାତ୍ରୀମାନଙ୍କୁ ଅନେକ ଜିନିଷକୁ ବାରଣ କରାଯାଇଥାଏ। ଯେମିତି କି ମୋବାଇଲକୁ ଫ୍ଲାଇଟ୍‌ମୋଡ କରିବା, ବିମାନର ଝରକା ନଖୋଲିବା ଆଦି ବିଭିନ୍ନ ଜିନିଷକୁ ବାରଣ କରାଯାଇଥାଏ। ଆପଣ ଜାଣିଛନ୍ତି କି ଫରଫ୍ୟୁମ୍‌କୁ ବି ଯାତ୍ରା ସମୟରେ ନେବା ପାଇଁ ମନା କରାଯାଇଥାଏ। ଡିଓଡ୍ରେଣ୍ଟ ତ ଲଗାଇବା ପାଇଁ ଅଧିକାଂଶ ଲୋକ ପସନ୍ଦ କରନ୍ତି। ଅତର କିମ୍ବା ପରଫ୍ୟୁମ୍‌କୁ ଶରୀରରେ ପକାଇବା ଦ୍ୱାରା ଦୁର୍ଗନ୍ଧରୁ ମୁକ୍ତି ମିଳିଥାଏ। ସେଥିନେଇ ଅନେକ ଲୋକ ଏହି ଜିନିଷକୁ ସାଂଗରେ ନେଇ ଯିବା ପାଇଁ ପସନ୍ଦ କରିଥାନ୍ତି। କିନ୍ତୁ ଏହି ଜିନିଷ ବିପଦ ଆଣିପାରେ। କାରଣ ପରଫ୍ୟୁମ ଏକ ଅତ୍ୟଧିକ ଜ୍ୱଳନ୍ତ ପଦାର୍ଥ। ଏଥିରେ ନିଆଁ ଲାଗିବାର ବିପଦ ରହିଥାଏ। ସୋସିଆଲ ମିଡିଆରେ ବହୁ ଭିଡିଓରେ ଆପଣ ଦେଖିଥିବେ ନିଆଁ ଲାଗିଥିବା ସ୍ଥାନରେ ପରଫ୍ୟୁମ ସ୍ପ୍ରେ କଲେ ନିଆଁ ଜୋରରେ ବ୍ୟାପିଥାଏ। ତେଣୁ ବିମାନରେ ଯାତ୍ରା ସମୟରେ ପରଫ୍ୟୁମ ନେବାକୁ ବାରଣ କରାଯାଇଥାଏ। ଯଦି କୌଣସି କାରଣରୁ ବିମାନରେ ନିଆଁ ଲାଗିଯାଏ, ତେବେ ସେଠାରେ ପରଫ୍ୟୁମ ଥିଲେ ନିଆଁ ଲାଗିବାର ଆଶଙ୍କା ରହିଥାଏ। ବିମାନ ଯାତ୍ରା ସହ ଏୟାରପୋର୍ଟରେ ମଧ୍ୟ ବ୍ୟାଗରେ ପରଫ୍ୟୁମ ନେବାକୁ ବାରଣ କରାଯାଇଥାଏ। ଇଣ୍ଡିଗୋ ଏବଂ ଏୟାର ଇଣ୍ଡିଆ ଏୟାରଲାଇନ୍ସର ଓ୍ୱେବସାଇଟରେ ଏନେଇ ସ୍ପଷ୍ଟ ଭାବରେ ଦର୍ଶାଯାଇଛି ଯେ, ଚେକ-ଇନ ବ୍ୟାଗ୍‌ରେ କିମ୍ବା ଲଗେଜ ବ୍ୟାଗ୍‌ରେ ପରଫ୍ୟୁମ ନିଆଯାଇ ପାରିବ ନାହିଁ।



## ଆଲିଆ ନାମ ବଦଳାଇଥିଲେ କିଆରା



ଆପଣ ଏହି ଫଟୋରେ ଦୁଇ କେରିଆ କରିଥିବା ଯେଉଁ ଝିଅଟିକୁ ଦେଖୁଛନ୍ତି ସେ ବଲିଉଡର ସବୁଠାରୁ ଦାମୀ ଅଭିନେତ୍ରୀ । କେବଳ ଏତିକି ନୁହେଁ ଏହି ଅଭିନେତ୍ରୀ ସବୁଠାରୁ ସୁନ୍ଦର ଏବଂ ଲୋକପ୍ରିୟ ହିରୋଙ୍କୁ ମଧ୍ୟ ବିବାହ କରିଛନ୍ତି। ଅଭିନେତ୍ରୀ ଜଣକ ଗୋଟିଏ ପରେ ଗୋଟିଏ ସୁପରହିଟ୍ ଫିଲ୍ମ ଦେଇଛନ୍ତି । ଦେଶର ପ୍ରସିଦ୍ଧ କ୍ରିକେଟରଙ୍କ ଜୀବନୀ ଉପରେ ଆଧାରିତ ଏହି ଚଳଚ୍ଚିତ୍ରରେ ତାଙ୍କ ପତ୍ନୀଙ୍କ ଭୂମିକାରେ ଅଭିନୟ କରି ଅଭିନେତ୍ରୀ ସବୁଠାରେ ପ୍ରଶଂସା ଲାଭ କରିଥିଲେ। ସେ ନିକଟରେ ବଲିଉଡର ଏକ ହ୍ୟାଣ୍ଡସମ୍ ହିରୋଙ୍କୁ ବିବାହ କରିଛନ୍ତି । ଏହି ଦମ୍ପତି ମଧ୍ୟ ଚର୍ଚ୍ଚାରେ ଅଛନ୍ତି । ଆପଣ ବର୍ତ୍ତମାନ ଏହି ଫଟୋକୁ ଚିହ୍ନିଛନ୍ତି କି ? ହଁ, ଏହି ଫଟୋ କିଆରା ଆଡଭାନୀଙ୍କ ପିଲାଦିନର। କିଆରା ଆଡଭାନୀଙ୍କ ପ୍ରକୃତ ନାମ ଆଲିଆ ଆଡଭାନୀ, କିନ୍ତୁ ଚଳଚ୍ଚିତ୍ରରେ ଡେବ୍ୟୁ କରିବା ପୂର୍ବରୁ ସେ ଏହି ନାମ ବଦଳାଇଥିଲେ, କାରଣ ପୂର୍ବରୁ ଏହି ନାମ ସହିତ ବଲିଉଡରେ ଜଣେ ସଫଳ ଅଭିନେତ୍ରୀ ଥିଲେ । ଅଧିକାଂଶ ଲୋକ ଜାଣନ୍ତି କିଆରା ୨୦୧୬ ଚଳଚ୍ଚିତ୍ର 'ଏମ୍.ଏସ୍'ରେ ଅଭିନୟ ଆରମ୍ଭ କରିଥିଲେ । ଏହା ପୂର୍ବରୁ ସେ ୨୦୧୪ରେ 'ଫୁଗ୍‌ଲି' ଫିଲ୍ମରେ ଅଭିନୟ କରିଥିଲେ । କିନ୍ତୁ ସେ ଫିଲ୍ମ ଏମ୍ ଏସ୍ ଧୋନି: ଦ ଅନଟୋଲ୍ଡ ଷ୍ଟୋରୀ, କ୍ରିକେଟର ମହେନ୍ଦ୍ର ସିଂ ଧୋନିଙ୍କ ପତ୍ନୀ ସାକ୍ଷୀ ଧୋନି ଭୂମିକାରେ ଅଭିନୟ କରିଥିଲେ। ନେଟଫ୍ଲିକ୍ସ ଫିଲ୍ମ ଲଷ୍ଟ ଷ୍ଟୋରୀରେ କିଆରା ତାଙ୍କ ବୋଲ୍ଡ ଷ୍ଟାଇଲ୍ ଏବଂ ସେକ୍ସୁଆଲ୍ ସିନ୍‌କୁ ନେଇ ଚର୍ଚ୍ଚାକୁ ଆସିଥିଲେ। ଏଥି ସହିତ ଫିଲ୍ମ କବୀର ସିଂରେ ପ୍ରୀତିଙ୍କ ଚରିତ୍ର ତାଙ୍କୁ ସଫଳତାର ନୂତନ ଆସନ ଦେଇଥିଲା। ଭୁଲ ଭୁଲାୟା- ୨, ଶେର୍ ଶାହା ଏବଂ ଗୁଡ୍ ନ୍ୟୁଜ୍ ଭଳି ହିଟ୍ ଫିଲ୍ମ ଦେଇ କିଆରା ଆଡଭାନି ଆଜି ବଲିଉଡରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଖୁବ୍ ଶୀଘ୍ର ତାଙ୍କ ଫିଲ୍ମ 'ସତ୍ୟ ପ୍ରେମ କି କଥା' ମଧ୍ୟ ରିଲିଜ୍ ହେବାକୁ ଯାଉଛି। କିଆରା ଆଡଭାନୀ ଚଳିତ ବର୍ଷ ଫେବୃଆରୀ ୭ ରେ ବଲିଉଡ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରାଙ୍କୁ ବିବାହ କରିଥିଲେ। ଶେର୍ ଶାହା ଫିଲ୍ମରେ ସେମାନେ ଏକାଠି ପରଦାରେ ନଜର ଆସିଥିଲେ ଏବଂ ପ୍ରଶଂସକମାନେ ମଧ୍ୟ ସେମାନଙ୍କ ଯୋଡିକୁ ବହୁତ ପସନ୍ଦ କରିଥିଲେ ।

## ମନ୍ଦିରରେ କ୍ରିତିଙ୍କ ଆପତ୍ତିଜନକ ଫଟୋ ଭାଇରାଲ



ଓମ୍ ରାଉତଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଆଦିପୁରୁଷ' କିଛି ଦିନ ହେବ ଚର୍ଚ୍ଚାରେ ଅଛି। 'ଆଦିପୁରୁଷ'ରେ ରାମଙ୍କ ଭୂମିକାରେ ସାଉଥ୍‌ଷ୍ଟାର ପ୍ରଭାସ ଅଭିନୟ କରିଥିବାବେଳେ କ୍ରିତି ସାନନ୍ ସୀତା ଭୂମିକାରେ ଅଭିନୟ କରିଛନ୍ତି। ନିକଟରେ ଫିଲ୍ମର ଟିମ୍ ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିରରେ ଦର୍ଶନ ପାଇଁ ପହଞ୍ଚିଥିଲେ। ଫିଲ୍ମର ଫାଇନାଲ ଟ୍ରେଲର ରିଲିଜ ହୋଇଥିଲା। ମଙ୍ଗଳବାର ଟ୍ରେଲର ଲଞ୍ଚ ପରେ ଅଭିନେତ୍ରୀ କ୍ରିତି ସାନନ୍ ଏବଂ ନିର୍ଦ୍ଦେଶକ ଓମ୍ ବୁଧବାର ବୁଧବାର ସକାଳେ ତିରୁପତି ବାଲାଜୀ ମନ୍ଦିରକୁ ଯାଇଥିଲେ। ସେଠାରେ ସେ ଭଗବାନ ଶ୍ରୀ ଭେଙ୍କଟେଶ୍ୱରଙ୍କୁ ଦର୍ଶନ କରିଥିଲେ । କନ୍ତୁ ମନ୍ଦିରରେ କ୍ରିତି ସାନନଙ୍କ ଆପତ୍ତିଜନକ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଥିରେ କ୍ରିତି ସାନନ୍ ଓମ୍ ରାଉତ ମନ୍ଦିରରେ ବାହାରକୁ ଗଲା ବେଳେ ଦୁହେଁ ପରସ୍ପରକୁ ଆଲିଙ୍ଗନ କରିଥିବା ନଜର ଆସିଛନ୍ତି। ପୁଣି ସେହି ସମୟରେ ଓମ୍ ରାଉତ କ୍ରିତିକୁ ଗାଲକୁ କିସ୍ ଦେଉଥିବା ଦେଖାଯାଇଛି। ତାଙ୍କର ଏହି କାର୍ଯ୍ୟକୁ ନେଇ ବର୍ତ୍ତମାନ ବିବାଦ ସୃଷ୍ଟି ହୋଇଛି। ମନ୍ଦିରରେ ଏଭଳି କାର୍ଯ୍ୟ ହେତୁ ଲୋକଙ୍କ ଭାବନା ଆଘାତ ପାଇବାରେ ଲାଗିଛି। ଏଭଳି ପରିସ୍ଥିତିରେ ଅନେକ ଲୋକ ନିର୍ଦ୍ଦେଶକଙ୍କ ଉପରେ କ୍ରୋଧ ପ୍ରକାଶ କରିବା ଆରମ୍ଭ କରି ଦେଇଛନ୍ତି। ବିଜେପିର ରାଜ୍ୟ ସଚିବ ରମେଶ ନାଇଡୁ ମଧ୍ୟ ଟ୍ୱିଟ୍ କରି ଲେଖିଛନ୍ତି 'ମନ୍ଦିର ପରି ପବିତ୍ର ସ୍ଥାନରେ ଏପରି କାର୍ଯ୍ୟ କରିବା ଆବଶ୍ୟକ କି ? ଭଗବାନ ଭେଙ୍କଟେଶ୍ୱରଙ୍କ ମନ୍ଦିରରେ ଏହିପରି ଚୁମ୍ବନ ଏବଂ ଆଲିଙ୍ଗନ ... ଏହା ଆଦୌ ଗ୍ରହଣୀୟ ନୁହେଁ। ଏହା ସଂପୂର୍ଣ୍ଣ ଅସମ୍ମାନ ଅଟେ । ତେବେ କିଛି ସମୟ ପରେ ରମେଶ ନାଇଡୁ ମଧ୍ୟ ତାଙ୍କ ଟ୍ୱିଟ୍‌କୁ ଡିଲିଟ କରିଥିବା ଦେଖାଯାଇଛି। ଏହି ଫଟୋକୁ ନେଇ ସମସ୍ତେ କ୍ରିତିଙ୍କୁ ସମାଲୋଚନା କରିବା ଆରମ୍ଭ କରିଛନ୍ତି।



## ପେଟ ପାଇଁ ହିତକର ଘୋଳ ଦହି



ବର୍ତ୍ତମାନ ପ୍ରବଳ ଗରମରେ ଆଉଟୁ ପାଉଟୁ ହେଉଛନ୍ତି ଲୋକେ। ପ୍ରାୟତଃ ସମସ୍ତେ ଥଣ୍ଡା ପାନୀୟ ଜାତୀୟ ଜିନିଷକୁ ପସନ୍ଦ କରୁଛନ୍ତି। କିଏ କୋଲ୍ଡ ଡ୍ରିଙ୍କ୍‌ସ ପିଉଛି ତ ଆଉ କିଏ ଦହି, ଲସି ପିଉଛି। ଆଜ୍ଞା ହଁ ଜାଣିଛନ୍ତି ଏହି ସମୟରେ ଘୋଳ ଦହି ପିଇଲେ ଶରୀରକୁ ଜଳର ଅଭାବ ହୋଇନଥାଏ ଓ ସୁସ୍ଥ ଲାଗିଥାଏ। ବାସ୍ତବରେ ଏହା ଏକ ଉତ୍ତମ ପାନୀୟ ଯାହା ଶରୀରକୁ ଥଣ୍ଡା ରଖିବା ସହିତ ଅନେକ ରୋଗ ଭଲ କରିଥାଏ। ଏହାର ବ୍ୟବହାର ଦ୍ୱାରା ଶରୀରରେ ଜଳର ଅଭାବ ଦେଖାଦିଏ ନାହିଁ। ଏହା ବ୍ୟତୀତ ଅନେକ ପୋଷକ ତତ୍ତ୍ୱ ମଧ୍ୟ ଉପଲବ୍ଧ ରହିଛି ଏହି ବଟରମିଲ୍କରେ। ଏହି ଘୋଳ ଦହିରେ ପୋଷକ ତତ୍ତ୍ୱ, ପୋଟାସିୟମ୍, ଭିଟାମିନ୍ ବି ୧୨, କ୍ୟାଲସିୟମ୍, ଆଇରନ୍, ଫାଇବର, ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି ବ୍ୟାକ୍ଟେରିଆ ଗୁଣ ରହିଛି। ଆପଣ ଦିନର ଯେକୌଣସି ସମୟରେ ଏହାକୁ ସେବନ କରିପାରିବେ। କିନ୍ତୁ ଖାଦ୍ୟ ଖାଇବା ପରେ ଏହା ସେବନ କରିବାର ସର୍ବୋତ୍ତମ ସମୟ। ଯଦି ଆପଣ ଖାଇବା ପରେ ବଟରମିଲ୍କ ପିଅନ୍ତି, ତେବେ ଏହା ପେଟକୁ ବହୁତ ଲାଭ ଦିଏ। ଏଥିରେ ସୁସ୍ଥ ଜୀବାଣୁ ଏବଂ ଲାକ୍ଟିକ୍ ଏସିଡ୍ ଥାଏ ଯାହା ହଜମ କରିବାରେ ସାହାଯ୍ୟ କରିଥାଏ। ଆମର ମେଟାବୋଲିଜିମ୍ କୁ ଉନ୍ନତ କରେ। ସେଥିପାଇଁ ଖାଇବା ପରେ ଏକ ଗ୍ଲାସ୍ ବଟରମିଲ୍କ ପିଇବା ବହୁତ ଭଲ। ଯଦି ଆପଣ ଖାଇବା ପରେ ବଟରମିଲ୍କ ପିଅନ୍ତି, ଏହା ପେଟରେ ଜଳୁଥିବା ସେନସ୍ୱେସ୍ କୁ ମଧ୍ୟ ହ୍ରାସ କରିଥାଏ ଏବଂ ଏସିଡିଟିରୁ ମଧ୍ୟ ଆରାମ ଦେଇଥାଏ। ଅନ୍ୟପଟେ, ଯଦି ଆପଣ ବହୁତ ଖାଦ୍ୟ ଖାଇଛନ୍ତି, ତେବେ ଖାଇବା ପରେ ଏକ ଗ୍ଲାସ୍ ବଟରମିଲ୍କ ମଧ୍ୟ ଆପଣଙ୍କ ଖାଦ୍ୟ ଶୀଘ୍ର ହଜମ କରିବାରେ ସାହାଯ୍ୟ କରିବ। ସେହିପରି ସନ୍ଧ୍ୟା କିମ୍ବା ରାତିରେ ବଟରମିଲ୍କ ପିଇବା ଠାରୁ ଦୂରେଇ ରୁହନ୍ତୁ। ଏହି ସମୟରେ ଘୋଳ ଦହି ସେବନ କଲେ ରୋଗ ହୋଇପାରେ। ଏହା ବ୍ୟତୀତ, ଆପଣଙ୍କର ଥଣ୍ଡା ସମସ୍ୟା ମଧ୍ୟ ହୋଇପାରେ। ଏହା ଆପଣଙ୍କ ନିଦ ଉପରେ ମଧ୍ୟ ପ୍ରଭାବ ପକାଇପାରେ। ସକାଳେ ଖାଲି ପେଟରେ ବଟରମିଲ୍କ ପିଇବା ଦ୍ୱାରା ଗ୍ୟାସ୍, ଅଦୃଶ୍ୟତା, କୋଷ୍ଠକାଠିନ୍ୟ ଭଳି ପେଟ ସମସ୍ୟାରୁ ମୁକ୍ତି ମିଳିଥାଏ।

## ଆଚାରି ଚିକେନ୍



ଆବଶ୍ୟକ ସାମଗ୍ରୀ: ଚିକେନ୍,କଟା ପିଆଜ, ପିଆଜ- ଅଦା-ରସୁଣ ବଟା, ଟମାଟୋ, କାଜୁ ପେଷ୍ଟ୍, ଗୋଟା ପାନ ମଧୁରି,କଳା ଜିରା, ମେଥି, ତେଲ, ଲବଙ୍ଗ, ଗୁଜୁରାତି, ଡାଲଚିନି, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ଜିରା ଗୁଣ୍ଡ, ଆମଚୁର ପାଉଡର, ଦହି, ଚାଟ୍ ମସଲା, ଆଚାର ଓ ଲୁଣ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକେନ୍‌କୁ ଭଲ ଭାବେ ଧୋଇ ସାରିବା ପରେ ଏକ ପାତ୍ରରେ ରଖନ୍ତୁ। ପରେ ଗୋଟା ପାନ ମଧୁରି,କଳା ଜିରା ଓ ଅଳ୍ପ ମେଥି ପକାଇ ଭାଜି ଦିଅନ୍ତୁ। ଏହା ଭାଜି ହୋଇଗଲା ପରେ ତାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ପରେ ଚିକେନରେ ଦହି, ଅଦା ରସୁଣ ପେଷ୍ଟ, ଲୁଣ, ହଳଦି ଗୁଣ୍ଡ ଓ ଗ୍ରାଇଣ୍ଡିଂ କରି ରଖିଥିବା ଗୁଣ୍ଡକୁ ପକାଇ ଭଲଭାବରେ ଗୋଳେଇ ମ୍ୟାରିନେଟ୍ କରି ରଖନ୍ତୁ। ଏକ କଡ଼େଇରେ ତେଲ ଗରମ କରି ଏଥିରେ ଲବଙ୍ଗ, ଗୁଜୁରାତି ଓ ଡାଲଚିନି ପକାଇ ଭାଜନ୍ତୁ। ପରେ ଏଥିରେ କଟା ପିଆଜ ପକାଇ କିଛି ସମୟ ଭାଜନ୍ତୁ। ଏଥିରେ ପିଆଜ, ଅଦା ଓ ରସୁଣ ବଟା ପକାଇ କିଛି ସମୟ କଷନ୍ତୁ। କିଛି ସମୟ କଷିବା ପରେ ଏଥିରେ ଟମାଟୋ, ଲଙ୍କା ଗୁଣ୍ଡ, ହଳଦି ଗୁଣ୍ଡ, ଧନିଆ ଗୁଣ୍ଡ, ଜିରା ଗୁଣ୍ଡ, ଏବଂ ଚାଟ୍ ମସଲା ପକାଇ ଆଉ କିଛି ସମୟ ଧୀମା ଆଞ୍ଚରେ କଷନ୍ତୁ। ମସଲା କଷି ହୋଇ ଆସିଲେ, ଏଥିରେ ମ୍ୟାରିନେଟ୍ ହୋଇ ରହିଥିବା ଚିକେନ୍, ଲୁଣ, ଆମଚୁର ପାଉଡର ଓ କାଜୁ ପେଷ୍ଟ୍ ପକାଇ ପୁଣି କଷନ୍ତୁ। ପରେ ଏହାକୁ ସିଝିବା ଲାଗି କିଛି ସମୟ ଘୋଡ଼ଣୀ ଦେଇ ଛାଡ଼ି ଦିଅନ୍ତୁ। ସିଝିଗଲା ପରେ ଏହାକୁ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଚଟ୍‌ପଟା ଆଚାରି ଚିକେନ୍। ଏହି ରେସିପିଟିକୁ ଆପଣ ରୁଟି, ନାନ୍, ପରଟା ସହିତ ଖାଆନ୍ତୁ ।


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik